

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ରାଜସ୍ୱ ବୃଦ୍ଧି ହାରରେ ଛତିଶଗଡ଼ ଅଗ୍ରଣୀ ରାଜ୍ୟ | ୬

ମନ୍ନତର ନବୀକରଣ ପାଇଁ ଆପାର୍ଟମେଣ୍ଟ ବିକିଲେ ଗୌରୀ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୩ Vol. 22 No-3 3 APRIL 2025 THURSDAY BHUBANESWAR ଗୁରୁବାର, ୩ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୫ବର୍ଷରେ ବିଦ୍ୟୁତ ଆଘାତରେ ୨୭ ହାତୀ ମୃତ

ଭୁବନେଶ୍ୱର, ୨।୪(ଭାସ୍କର ନ୍ୟୁଜ): ଗତ ୫ ବର୍ଷରେ ବିଦ୍ୟୁତ ସଂସ୍ପର୍ଶରେ ଆସି ୨୭ଟି ହାତୀଙ୍କର ମୃତ୍ୟୁ ଘଟିଛି। ଏ ନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କେ.ଭି. ସିଂହଦେଓ। ସେ କହିଛନ୍ତି, କେବଳ ପଶ୍ଚିମ ଓଡ଼ିଶାରେ ୧୭ଟି ହାତୀଙ୍କର ମୃତ୍ୟୁ ହୋଇଛି। ୨୦୨୪-୨୫ ବର୍ଷରେ ସର୍ବାଧିକ ୧୧ ହାତୀଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୨୩-୨୪ରେ ୨ଟି ହାତୀଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ୨୦୨୨-୨୩ରେ ଗୋଟିଏ, ୨୦୨୧-୨୨ରେ ୨ଟି ଓ ୨୦୨୦-୨୧ରେ ଗୋଟିଏ ହାତୀର ମୃତ୍ୟୁ ହୋଇଥିଲା।

### ବସ୍‌କୁ ଧକ୍କା ଦେଲା ବୋଲେରୋ, ୫ ମୃତ

ମୁମ୍ବାଇ, ୨।୪: ମହାରାଷ୍ଟ୍ରର ବୁଲଢାଣାରେ ଏକ ବସ୍‌କୁ ବୋଲେରୋ ଧକ୍କା ଦେବା ଫଳରେ ୫ଜଣଙ୍କର ମୃତ୍ୟୁ ଘଟିଛି। ୨୪ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ହସ୍ପିଟାଲ ପଠାଇବାର ବ୍ୟବସ୍ଥା କରିଥିଲା।

### ଆଇଏଏଫ ଫାଇଟର ଜେଟ୍ ଦୁର୍ଘଟଣାଗ୍ରସ୍ତ

ନୂଆଦିଲ୍ଲୀ, ୨।୪: ଆଇଏଏଫ ଫାଇଟର ଜେଟ୍ ବୁଧବାର ଜାମନଗରରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣା ଘଟିବା ପରେ ବିମାନର ଖଣ୍ଡ ଖଣ୍ଡ ଅଂଶ ମିଳିଛି। ତେବେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏଥିରେ ଜଣେ ପାଇଲଟ୍ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିବାବେଳେ ଅନ୍ୟ ଜଣକର କୌଣସି ପତ୍ତା ମିଳିପାରୁନଥିବା ଜଣାପଡ଼ିଛି।

ସେନ୍‌ସେକ୍ସ: ୭୬,୬୧୭.୪୪
ସର୍ବାଧିକ: ୩୪.୨ ଡିଗ୍ରୀ
ସର୍ବନିମ୍ନ: ୨୪.୮ ଡିଗ୍ରୀ

**୨।୪।୨୦୨୫ ର ମତାମତ**

ଓଡ଼ିଶା ଦିବସରେ ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ସମସ୍ତେ ପଦକ୍ଷେପ ନେବା ଉଚିତ୍ ନୁହେଁ କି?




**ଆଜିର ପ୍ରସଙ୍ଗ**

ମାଓ ସଂଗଠନ ପକ୍ଷରୁ ଦିଆଯାଇଥିବା ଶାନ୍ତି ପ୍ରସ୍ତାବ ସ୍ୱାଗତଯୋଗ୍ୟ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଏଣିକି କାର୍ଟୁନୁ ଆଙ୍କୁଛି ଘିବିଲି
ଖୁସି ରଜା ଠାରୁ ପ୍ରଜା,
ସୋସାଲ ମିଡିଆ ଛାଇ ଯାଉଅଛି
ସଭିଙ୍କୁ ଲାଗୁଛି ମଜା।
ହେଲେ ବାଜିଯିବ ବାଜା,
ଯେତେବେଳେ ତୁମ ପର୍ସନାଲ ଡାଟା
ଘିବିଲିରେ ଥିବ ତାଜା !!

## ଲୋକସଭାରେ ୱାକଫ୍ ସଂଶୋଧନ ବିଲ୍ ପାରିତ

# ଆଜି ରାଜ୍ୟସଭାରେ ଆସିବ ୱାକଫ୍ ବିଲ୍



- ବିଳମ୍ବିତ ରାତ୍ରିରେ ବିଲ୍ ପାରିତ
- ବିଲ୍ ଆଗତ କରିଥିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ
- ସପକ୍ଷରେ ୨୮୮, ବିପକ୍ଷରେ ୨୩୨ଭୋଟ୍

ନୂଆଦିଲ୍ଲୀ, ୨।୪: ଗୁରୁବାର ବିଳମ୍ବିତ ରାତ୍ରରେ ଲୋକସଭାରେ ୱାକଫ ସଂଶୋଧନ ବିଲ୍ ପାରିତ ହୋଇଛି। ଏହି ବିଲ୍‌କୁ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ଲୋକସଭାରେ ଆଗତ କରିଥିଲେ। ଦିନସାରା ଏହି ବିଲ୍ ବିଷୟରେ ଶାସକ ଦଳ ଏବଂ ବିରୋଧୀଙ୍କ ମଧ୍ୟରେ ବିତର୍କ ହୋଇଥିଲା। ବିଲ୍ ଉପରେ ଆଲୋଚନା ପାଇଁ ଲୋକସଭା କାର୍ଯ୍ୟକାଳ ମଧ୍ୟ ବୃଦ୍ଧି କରାଯାଇଥିଲା। ଶେଷରେ ବିଳମ୍ବିତ ରାତିରେ ୱାକଫ ସଂଶୋଧନ ବିଲ୍ ଉପରେ ଭୋଟିଂ ହୋଇଥିଲା ଏବଂ ବିଲ୍ ପାରିତ ହୋଇଥିଲା। ଲୋକସଭାରେ ୱାକଫ ସଂଶୋଧନ ବିଲ୍‌କୁ ପାରିତ କରିବା ପାଇଁ ହୋଇଥିବା ଚୂଡ଼ାନ୍ତ ଭୋଟିଂ ହୋଇଥିଲା। ଏହି ବିଲ୍ ଭୋଟିଂର ସପକ୍ଷରେ ମୋଟ ୨୮୮ ଭୋଟ ପଡ଼ିଥିଲା। ସେହିପରି ବିଲ୍ ବିପକ୍ଷରେ ୨୩୨ଟି ଭୋଟ ପଡ଼ିଥିଲା। ଏହା ସହିତ ବିରୋଧୀଙ୍କ ସମସ୍ତ ସଂଶୋଧନ ପ୍ରତ୍ୟାଖ୍ୟାନ କରାଯାଇଛି। ଏବେ ଏହି ବିଲ୍ ରାଜ୍ୟସଭାକୁ ପଠାଯାଇ ଏହା ଉପରେ ଆଲୋଚନା ହେବ ପରେ ଏହାକୁ ପାରିତ କରିବା ପାଇଁ ମଧ୍ୟ ଭୋଟିଂ ହେବ ବୋଲି ସ୍ପଷ୍ଟ ହୋଇଛି। ୱାକଫ ସଂଶୋଧନ ବିଲ୍ ପ୍ରସଙ୍ଗରେ ଏଆଇଏମ୍‌ଆଇଏମ୍ ଦଳର ମୁଖ୍ୟ ଅସଦୁଦ୍ଦିନ ଓୱେସି ଲୋକସଭାରେ କହିଛନ୍ତି ଯେ, ଏହି ବିଲ୍‌ରେ ଥିବା ୱାକଫ ଅଲ୍ ଆଉଲାଦ୍ ନିୟମ ଧାରା ୨୫ର ଉଲ୍ଲଂଘନ ହୋଇଛି। ୱାକଫ୍ ସଂଶୋଧନ ବିଲ୍ ଉପରେ ମିଳିତ ସଂସଦୀୟ କମିଟି (ଜେପିସି) ର ଅଧକ୍ଷ ଏବଂ ବିଜେପି ସାଂସଦ ଜଗଦମ୍ବିକା ପାଲ ଲୋକସଭାରେ ଚାଲିଥିବା ବିତର୍କ ସମୟରେ • ପୃଷ୍ଠା ୫ ଦେଖନ୍ତୁ

### ୱାକଫ୍ ସଂଶୋଧନ ବିଲ୍ ଉପରେ ଅମିତ ଶାହଙ୍କ ବକ୍ତବ୍ୟ

## ଭୋଟ୍ ବ୍ୟାଙ୍କ ସୃଷ୍ଟି ପାଇଁ ବିରୋଧୀ ଅପପ୍ରଚାର କରୁଛନ୍ତି



ନୂଆଦିଲ୍ଲୀ, ୨।୪: ମୁସଲମାନ ଭାଇମାନଙ୍କ ଧାର୍ମିକ କାର୍ଯ୍ୟକଳାପ ଓ ସେମାନଙ୍କ ପ୍ରଦତ୍ତ ଦାନ ସମ୍ବନ୍ଧୀୟ ଟ୍ରଷ୍ଟରେ ସରକାର ହସ୍ତକ୍ଷେପ କରିବାକୁ ଚାହାନ୍ତି ନାହିଁ। ତେବେ ବିରୋଧୀ ମୁସଲମାନଙ୍କ ଧାର୍ମିକ କାର୍ଯ୍ୟକଳାପ ଓ ସେମାନଙ୍କ ଦ୍ୱାରା ଦାନ କରାଯାଇଥିବା ସମ୍ପତ୍ତିରେ ସରକାର ହସ୍ତକ୍ଷେପ କରୁଛନ୍ତି ବୋଲି ଅପପ୍ରଚାର କରୁଛନ୍ତି। ବୁଧବାର ଲୋକସଭାରେ ୱାକଫ୍ ସଂଶୋଧନ ବିଲ୍ ଉପରେ ହୋଇଥିବା ଆଲୋଚନାର • ପୃଷ୍ଠା ୫ ଦେଖନ୍ତୁ



ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରୁଛନ୍ତି ଫ୍ରାନ୍ସର ରାଷ୍ଟ୍ରଦୂତ ଥିଏରୀ ମାଥୌ

### ନରମିଲା ମାଓ ସଙ୍ଗଠନ

## ଶାନ୍ତି ଆଲୋଚନା ପାଇଁ ସହମତ



ନୂଆଦିଲ୍ଲୀ, ୨।୪ (ଭାସ୍କର ନ୍ୟୁଜ୍): ଭୁଶୁଡୁଛି ମାଓ ସଙ୍ଗଠନ। ସୁରକ୍ଷାକର୍ମୀଙ୍କ ଘନଘନ ସର୍ଚ୍ଚ ଅପରେସନ ମାଓବାଦୀଙ୍କୁ କରୁଛି ଅଥୟ। କେତେବେଳେ ସୁରକ୍ଷା କର୍ମୀଙ୍କ ଗୁଳିରେ ବହୁ ସଂଖ୍ୟକ ମାଓବାଦୀଙ୍କ ମୃତ୍ୟୁ ଘଟୁଛି ତ ଆଉ କେତେବେଳେ ମାଓବାଦୀଙ୍କ ଗୁଳିରେ ଯବାନଙ୍କ ଜୀବନ ଯାଉଛି। ତେବେ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ସାରା ଦେଶରୁ ମାଓବାଦକୁ ବିଲୋପ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଘୋଷଣା କରିବା ପରେ ମାଓ ପ୍ରଭାବିତ ରାଜ୍ୟଗୁଡ଼ିକରେ ସୁରକ୍ଷାକର୍ମୀଙ୍କ ସର୍ଚ୍ଚ ଅପରେସନ ଜୋର ଧରିଛି। ଫଳରେ ମାଓ ସଙ୍ଗଠନ ଦୁର୍ବଳ ହୋଇଛି। ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ ଭୟରେ ଇତିମଧ୍ୟରେ ବହୁ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିସାରିଲେଣି। ଅନ୍ୟପକ୍ଷରେ ସିପିଆଇ (ମାଓବାଦୀ) କେନ୍ଦ୍ରୀୟ କମିଟି ପକ୍ଷରୁ ଶାନ୍ତି କଥାବାର୍ତ୍ତା ପାଇଁ ପ୍ରସ୍ତାବ ଦିଆଯାଇଛି। କେନ୍ଦ୍ରୀୟ କମିଟିର ମୁଖପାତ୍ର ଅଭୟଙ୍କ ପକ୍ଷରୁ ଜାରି ଏକ • ପୃଷ୍ଠା ୫ ଦେଖନ୍ତୁ

### ସିଏଜି ରିପୋର୍ଟ ଉପସ୍ଥାପନ କଲେ ଏଜି

## ଲଘୁ ଖଣିଜ ରାଜସ୍ୱ ୨୯୬୮.୭୫ କୋଟି



ଭୁବନେଶ୍ୱର, ୨।୪(ଭାସ୍କର ନ୍ୟୁଜ): ଓଡ଼ିଶାର ମହାଲେଖାକାର ଅତୁଲ ପ୍ରକାଶ ବୁଧବାର ସିଏଜି ରିପୋର୍ଟ ଉପସ୍ଥାପନ କରିଛନ୍ତି। ଏହି ରିପୋର୍ଟରେ ସେ ବିଭିନ୍ନ କ୍ଷେତ୍ରକୁ ନେଇ ବିସ୍ତୃତ ତଥ୍ୟ ମଧ୍ୟ ପ୍ରକାଶ କରିଛନ୍ତି। ଲଘୁ ଖଣିଜପଦାର୍ଥ ଖନନରୁ ପ୍ରାପ୍ତ ରାଜସ୍ୱ ଅଣଟିକସ ରାଜସ୍ୱର ମୁଖ୍ୟ ଉତ୍ସ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୧୫ ମସିହାରୁ ୨୦୨୨ ମସିହା ମଧ୍ୟରେ ଲଘୁ ଖଣିଜ ରାଜସ୍ୱ ୨୯୬୮.୭୫ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ୫୨୦ଟି ଲଘୁ ଖଣିଜ ଉତ୍ସ ମଧ୍ୟରୁ ୧୪୭ଟି କାର୍ଯ୍ୟକ୍ଷମ ହୋଇଛି। କିନ୍ତୁ ୩୭୩ଟି ଲଘୁ ଖଣିଜ ଉତ୍ସ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଅତୁଲ ପ୍ରକାଶ କହିଛନ୍ତି ଯେ ଖଣି କ୍ରୟ ଟ୍ରାଞ୍ଜିଟ୍ ପାସ୍ ନ ଦେବାରୁ ୮୬୪.୪୬ କୋଟି ଟଙ୍କାର ରାଜସ୍ୱ ବାଟମାରଣା ହୋଇଯାଇଛି। ଏପରିକି ଖଣି ଲିଜ୍‌ଧାରୀଙ୍କଠାରୁ ୩୯୬୬ କୋଟି ଟଙ୍କା ସରକାର ଆଦାୟ କରିନଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ନିୟମ ଉଲ୍ଲଂଘନ କରିଥିଲେ ଶତ ପ୍ରତିଶତ ଜରିମାନା ଆଦାୟ କରାଯିବ। ସୂଚନାଯୋଗ୍ୟ ଯେ ୧୩୧ ଖଣି ଲିଜ୍‌ଧାରୀଙ୍କଠାରୁ ୧୯ହଜାର ୧୭୮ କୋଟି ଟଙ୍କାର ଆଦାୟ ପାଇଁ ନିର୍ଦ୍ଦେଶ ରହିଥିଲା। ୬ ବର୍ଷ ମଧ୍ୟରେ ସେଥିମଧ୍ୟରୁ • ପୃଷ୍ଠା ୫ ଦେଖନ୍ତୁ

### ଶିଶୁଙ୍କ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

## ସ୍ମରଣୀୟ ହେବ ଶୈଶବ ଶିକ୍ଷା





- ଖଡ଼ିଛୁଆଁ ସହ ଚଳିତବର୍ଷ ପାଇଁ ନାମଲେଖା ଆରମ୍ଭ
- ପିଲାଙ୍କୁ ବ୍ୟାଗ ବାଣ୍ଟିଲେ, ମଧ୍ୟାହ୍ନ ଭୋଜନ ପରସିଲେ
- ପିଲାଙ୍କୁ ମିଳିବ ସର୍ବୋତ୍ତମ ଓ ଗୁଣାତ୍ମକ ଶିକ୍ଷା

ଭୁବନେଶ୍ୱର, ୨।୪ (ଭାସ୍କର ନ୍ୟୁଜ୍): ପିଲାଙ୍କୁ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଦ୍ୱାରା ସ୍ମରଣୀୟ ହେବ ସେମାନଙ୍କ ଶୈଶବ ଶିକ୍ଷା। ଶିଶୁମାନଙ୍କୁ ସର୍ବୋତ୍ତମ ଓ ଗୁଣାତ୍ମକ ଶିକ୍ଷା ମିଳିବ। ବୁଧବାର ଭୁବନେଶ୍ୱର ବଡ଼ଗଡ଼ ହାଇସ୍କୁଲରେ ଆୟୋଜିତ ପିଲାଙ୍କ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ବୁଧବାର ସକାଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଏହି କାର୍ଯ୍ୟକ୍ରମରେ ପିଲାଙ୍କୁ ଖଡ଼ି ଛୁଆଁଇଥିଲେ। ଏଥିସହ ପିଲାମାନଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ କରିବା ସହ ସେମାନଙ୍କୁ ମଧ୍ୟାହ୍ନ ଭୋଜନ ପରସିଥିଲେ। ଏହା ସହ ପିଲାମାନଙ୍କ ସହିତ କିଛି ସମୟ ଶ୍ରୀ ମାଝି ଭାବବିନିମୟ ମଧ୍ୟ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏଥିପାଇଁ ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ କରାଯାଉଛି। ନୂଆ କରି ପାଠ ଆରମ୍ଭ କରୁଥିବା ପିଲାମାନଙ୍କ ପାଇଁ ଶିଶୁ • ପୃଷ୍ଠା ୫ ଦେଖନ୍ତୁ

### ରାତି ସାରା ଚାଲିଲା ବିଧାନସଭା

## ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଉପରେ ଆଲୋଚନା ଜାରି

ଭୁବନେଶ୍ୱର, ୨।୪(ଭାସ୍କର ନ୍ୟୁଜ): ଦେଢ ଦଶନ୍ଧି ପରେ ରାତି ସାରା ଚାଲିଲା ବିଧାନସଭା। ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ ଉପରେ ହୋଇଥିଲା ଜୋରଦାର ଆଲୋଚନା। ବିଲ୍ ଆଗତ ପରେ ପାରିତ ନେଇ ଚାଲିଥିଲା ଆଲୋଚନା। ମୋଟ ୧୮ ଟି ଧାରାରୁ ୧୨ ଧାରା ସଂଶୋଧନ ପ୍ରସ୍ତାବ ଉପରେ ଆପତ୍ତି ଉଠାଇଛନ୍ତି ବିରୋଧୀ ଦଳ। ଏହି କ୍ରମରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁ, ଧ୍ରୁବ ଚରଣ ସାହୁ, ଗଣେଶ୍ୱର ବେହେରା, ସାରଦା ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ତେବେ ଗୃହରେ କଂଗ୍ରେସର କୌଣସି ବିଧାୟକ ଉପସ୍ଥିତ ନଥିଲେ। ଆଲୋଚନା ଚାଲୁଥିବାବେଳେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ପଏଣ୍ଟ ଅଫ ଅର୍ଡରବଳରେ ବିରୋଧୀ ଦଳର ବିଧାୟକମାନେ ଗୋଟିଏ କଥାକୁ ବାରମ୍ବାର ଦୋହରାଉଛନ୍ତି ବୋଲି ବାଚସ୍ପତିଙ୍କ ଦୃଷ୍ଟି • ପୃଷ୍ଠା ୫ ଦେଖନ୍ତୁ

### ବ୍ୟାପକ କୀଟନାଶକ ବ୍ୟବହାର ଯୋଗୁ ବ୍ୟାପୁଛି କର୍କଟ ରୋଗ

## ଜୈବିକ କୃଷି ଉପରେ ସରକାରଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୨।୪ (ଭାସ୍କର ନ୍ୟୁଜ): କୃଷି କ୍ଷେତ୍ରରେ ବ୍ୟାପକ କୀଟନାଶକ ବ୍ୟବହାର ଯୋଗୁ ବୃଦ୍ଧି ପାଉଛି କର୍କଟ ରୋଗ। ତେଣୁ ରାଜ୍ୟ ସରକାର ଜୈବିକ କୃଷି ଉପରେ ଗୁରୁତ୍ୱ ଦେଉଥିବା ରାଜ୍ୟ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି। ସେ କହିଛନ୍ତି, ବ୍ୟାପକ କୀଟନାଶକ ଓ ରାସାୟନିକ ସାରର ପ୍ରୟୋଗ ଚିନ୍ତାର କାରଣ ପାଲଟିଛି। ଏହାଫଳରେ ମାଟିର ଗୁଣବତ୍ତା ହ୍ରାସ ପାଉଛି ଓ କର୍କଟ ସମେତ ବିଭିନ୍ନ ଗମ୍ଭୀର ରୋଗ ସୃଷ୍ଟି ହେଉଛି। ଏହାର ଏକ ସ୍ଥାୟୀ ବିକଳ୍ପ ଭାବରେ ଜୈବିକ କୃଷି ଉପରେ ସରକାର ଗୁରୁତ୍ୱ ଦେବା ସହ ଏ ନେଇ କାର୍ଯ୍ୟ ଆରମ୍ଭ କରିଥିବା ସୂଚନା ଦେଇଥିଲେ। କୃଷିମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ ରାଜ୍ୟ ସରକାର ରାସାୟନିକ କୃଷି ସହିତ ଜଡ଼ିତ ବିପଦକୁ ହ୍ରାସ କରିବା ପାଇଁ ସକ୍ରିୟ ପଦକ୍ଷେପ ନେଉଛନ୍ତି। ବର୍ଦ୍ଧିତ ସ୍ୱାସ୍ଥ୍ୟ ଓ ପରିବେଶଗତ ଚିନ୍ତାକୁ ଦୂର କରିବା ପାଇଁ ସରକାର ବଳଭଦ୍ର ଜୈବିକ ମିଶନ କାର୍ଯ୍ୟକାରୀ କରିବାକୁ ପ୍ରାଥମିକତା ଦେଉଛନ୍ତି। ଯାହାର ଲକ୍ଷ୍ୟ ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ଏବଂ କୃତ୍ରିମ ସାର ଓ କୀଟନାଶକ ଉପରେ ନିର୍ଭରଶୀଳତା ହ୍ରାସ କରିବା। ଅନ୍ୟପକ୍ଷରେ ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ରାଜ୍ୟସାରା ଜୈବିକ କୃଷି କ୍ଷେତ୍ରକୁ ବିସ୍ତାର କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ କରାଯାଉଛି। ସରକାର ଆବଶ୍ୟକ ଆର୍ଥିକ ସହାୟତା, ତାଲିମ ଏବଂ • ପୃଷ୍ଠା ୫ ଦେଖନ୍ତୁ

### ଜାପାନରେ ଜୋରଦାର ଭୂକମ୍ପ ଝଟ୍‌କା

## ଭୟଭୀତ ଲୋକେ



ଟୋକିଓ, ୨।୪: ଭୂକମ୍ପରେ ଥରିଲା ଜାପାନ। ମ୍ୟାଁମାର ପରେ ଜାପାନରେ ଭୂକମ୍ପର ଜୋରଦାର ଝଟକା। ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୬.୦ ଥିବାବେଳେ ସଂଧ୍ୟା ୭ଟା ୩୪ ବେଳେ ଏହି ଭୂକମ୍ପ ଅନୁଭୂତ ହୋଇଛି। ତେବେ ଭୂକମ୍ପର କେନ୍ଦ୍ରସ୍ଥଳ ଜାପାନର କ୍ୟୁଶୁ ବୋଲି କୁହାଯାଉଛି। ଭୟଙ୍କର ଭୂକମ୍ପରେ ଏଯାଏଁ କୌଣସି ମୃତାହତଙ୍କ ଖବର ଆସି ନଥିବାବେଳେ ସୁନାମୀର ମଧ୍ୟ କୌଣସି ସତର୍କତା ଜାରି କରାଯାଇନାହିଁ। ତେବେ ଗତ ଶୁକ୍ରବାର ମ୍ୟାମାରରେ ୭.୭ ତୀବ୍ରତାର ଭୟଙ୍କର ଭୂକମ୍ପ ହୋଇଥିଲା। ୧୨ ମିନିଟ ଭିତରେ ଦୁଇ ଦୁଇଟି ପ୍ରଳୟଙ୍କାରୀ ଭୂକମ୍ପରେ ମ୍ୟାଁମାରରେ ପ୍ରାୟ ୩୦୦୦ ଲୋକଙ୍କ ପ୍ରାଣହାନୀ ହୋଇଥିଲା।



କଟକ(ଭାସ୍କର ନ୍ୟୁଜ): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଆନୁକୁଲ୍ୟରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଆଜି ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ସହ ଶିଶୁ ବାଟିକାର ଶୁଭାରମ୍ଭ କରାଯାଇଛି । ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ସମଗ୍ର ଶିକ୍ଷା ପକ୍ଷରୁ ବୁଧବାର ଖାନନଗର ସରକାରୀ ହାଇସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଏବଂ ଶିଶୁ ବାଟିକା ଶୁଭ ଉଦ୍‌ଘାଟିତ ହୋଇଯାଇଛି।। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂ ଓଡ଼ିଶାର ସଂସ୍କୃତି ପରମ୍ପରା ଏବଂ ଅସ୍ମିତା ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ମତବ୍ୟକ୍ତ କରିଥିଲେ। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଖଡି ଛୁଆଁ ଉତ୍ସବକୁ ସ୍ୱାଗତ କରିବା ସହ ଏହି ଉତ୍ସବ ଅନେକ ପିଲାଙ୍କୁ ବିଦ୍ୟାଳୟକୁ ଆସିବା ପାଇଁ ଆକର୍ଷିତ କରିବ ବୋଲି କହିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଡକ୍ଟର ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରିୟଙ୍କା ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅଭିଜିତା ଭାସ୍କର ପ୍ରମୁଖ ଯୋଗଦେଇ ଓଡ଼ିଆ ପକ୍ଷର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିବୃନ୍ଦ ଛାତ୍ରଛାତ୍ରୀମାନଙ୍କୁ ଖଡ଼ି ଛୁଆଁଇବା ସହିତ ସ୍ଲେଟ୍, ବହି ଓ ବ୍ୟାଗ୍ ବଣ୍ଟନ କରିଥିଲେ। ଏହି ଅବସରରେ ମେୟର ଶ୍ରୀ ସିଂ ଓ ବିଧାୟକ ଶ୍ରୀ ସେଠୀ ନଡ଼ିଆ ବାଡେଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ।

## ଛାତ୍ରଛାତ୍ରୀମାନେ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ମୂଳସ୍ତମ୍ଭ: ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୁଧବାର ଶିଶୁ ବାଟିକା ପାଇଁ ପ୍ରବେଶ ଉତ୍ସବ ଖଡ଼ିଛୁଆଁ ପର୍ବର ଶୁଭାରମ୍ଭ ହୋଇଛି। ଏହି ଅବସରରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏକ୍ସରେ କେନ୍ଦ୍ରମନ୍ତ୍ରୀ ଲେଖିଛନ୍ତି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତି ଅନୁସାରେ ଓଡ଼ିଶାରେ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ଶିଶୁ ବାଟିକା ପାଇଁ ପ୍ରବେଶ ଉତ୍ସବ 'ଖଡ଼ି ଛୁଆଁ - ୨୦୨୫' ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କରକମଳରେ ଶୁଭାରମ୍ଭ ହୋଇଛି । 'ଓଡ଼ିଆ ପକ୍ଷ' ପାଳନ ହେଉଥିବା ସମୟରେ ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ଏଭଳି ବିଶେଷ କାର୍ଯ୍ୟକ୍ରମର ଆୟୋଜନ ପାଇଁ ମୁଁ ମୁଖ୍ୟମନ୍ତ୍ରୀ ଏବଂ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି । ଛାତ୍ରଛାତ୍ରୀମାନେ ହେଉଛନ୍ତି 'ବିକଶିତ ଭାରତ' ଓ 'ବିକଶିତ ଓଡ଼ିଶା'ର ମୂଳ ସ୍ତମ୍ଭ ।

### ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

# ୧୩ ଜଣ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ରାଜଧାନୀ ଗୌରବ ସମ୍ମାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ରାଜଧାନୀ ଭୁବନେଶ୍ୱରର ୭୭ ତମ ପ୍ରତିଷ୍ଠା ଦିବସ ପାଳନ କରାଯିବା ଉପଲକ୍ଷେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେଏକଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ବୁଧବାର ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ମହାନଗର ନିଗମ କମିଶନର ରାଜେଶ ପ୍ରଭାକର ପାଟିଲ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି ସଂପର୍କରେପ୍ରସ୍ତାବ ଉପସ୍ଥାପନ କରିଥିଲେ । ଚଳିତ ବର୍ଷ ରାଜଧାନୀ ପ୍ରତିଷ୍ଠା ଦିବସକୁ ଏପ୍ରିଲ ୧୩ ଓ ୧୪ଦୁଇଦିନ ଧରି ମହା ସମାରୋହରେ ପାଳନ କରାଯିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଅପ୍ରେଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ଓଡ଼ିଆ ପକ୍ଷ' ପାଳନ କରାଯାଉଥିବା ବେଳେ ଏହି ପରିପ୍ରେକ୍ଷୀରେ ପ୍ରତି ଦିନ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ସ୍ଥିରୀକୃତ ହୋଇଛି । ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅପ୍ରେଲ ୧୩ ତାରିଖ ରବିବାର ପାରମ୍ପରିକ 'ଓଡ଼ିଆ ଖାଦ୍ୟ ପାଇଁ ଦିନଟିଏ' ଏବଂ ଅପ୍ରେଲ ୧୪ରେ 'ଓଡ଼ିଆ ନୂଆବର୍ଷ' ପାଳନ ହେବ । ଓଡ଼ିଆ ପକ୍ଷ ପାଳନ ଅବସରରେ ରାଜଧାନୀରେ ବିଭିନ୍ନ କାର୍ଯ୍ୟକ୍ରମ ହେଉଥିବାରୁ ୧୪ଦିନ ପର୍ଯ୍ୟନ୍ତ ରାଜଧାନୀରେ ଉତ୍ସବର ମାହୋଲ ରହିବ । ଏହାକୁ ଦୃଷ୍ଟିରେ ରଖି ଅପ୍ରେଲ ୧୩ ତାରିଖରେ ରାଜଧାନୀ ପ୍ରତିଷ୍ଠା ଦିବସ ପ୍ରଥମ ଦିବସ ସମାରୋହ ସହ ୧୪ ତାରିଖ ଦ୍ୱିତୀୟ ଦିନରେ ଓଡ଼ିଆ ନୂଆବର୍ଷ ପାଳନ ସମେତ ରାଜଧାନୀ ପ୍ରତିଷ୍ଠା ଦିବସକୁ ସାମିଲ କରାଯାଇ ଉତ୍ସବକୁ ଅଧିକ ଆକର୍ଷଣୀୟ ଭାବେ ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ରାଜଧାନୀ ପ୍ରତିଷ୍ଠା ଦିବସକୁ ଶାନ୍ତି, ଶୃଙ୍ଖଳା ଓ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ପାରମ୍ପରିକ ରୀତିରେ ଅପ୍ରେଲ ୧୩ ତାରିଖ ସକାଳେ ଓଡ଼ିଶା ବିଧାନସଭା ସୌଧ ସମ୍ମୁଖସ୍ଥ ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସ ଫଳକରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଅର୍ପଣ କରାଯିବ ।ଉତ୍ସବର ମୁଖ୍ୟ ଅତିଥି ରାଜଧାନୀ ପ୍ରତିଷ୍ଠା ଦିବସର ପତାକା ଉତୋଳନ କରିବେ । ବେସାମରିକ ପ୍ୟାରେଡ୍ ରବୀନ୍ଦ୍ର ମଣ୍ଡପରୁ ଜୟଦେବ ଭବନ ପର୍ଯ୍ୟନ୍ତ ପ୍ରଦର୍ଶନ ହେବ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବି.ଡି.ଏ) ଉପାଧକ୍ଷଡଃ.ଏନ୍.ଥିରୁମାଲା ନାୟକ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳରାଣା, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡଃ. ବିଜୟ କୁମାର ଉପାଧ୍ୟାୟ, ସୂଚନାଓଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ାଙ୍କ ସମେତପୂର୍ତ, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା ଆଦି ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ, ପୋଲିସ୍ ପ୍ରଶାସନର ଉଚ୍ଚ ପଦାଧିକାରୀ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ତଥା 'ଓଡିଶା ଭାସ୍କର' ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଏବଂ ସାଧାରଣ ସଂପାଦକ ସନତ ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।




## ରାଜଧାନୀରେ ପୁଣି ବୁଲିଲା ଖଣ୍ଡା, ୨ ଯୁବକ ଗୁରୁତର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପାତ୍ରପଡ଼ାରେ ୨ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। କମେଣ୍ଟ ମରା ଓ ପୂର୍ବ ଶତ୍ରୁତାରୁ କିଛି ଦୁର୍ବୃତ୍ତ ଖଣ୍ଡାରେ ୨ ଯୁବକଙ୍କୁ ଆକ୍ରମଣ କରିଥିବା ଜଣାପଡିଛି। ୨ ଗୁରୁତରଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଛି। ତମାଣ୍ଡୋ ପୋଲିସ ଛାନଭିନ୍ ଆରମ୍ଭ କରିଛି।

## ଅପହୃତ ଯୁବକ ଉଦ୍ଧାର, ପ୍ରେମିକା ସହ ୫ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୋମବାର ଠାରୁ ଅପହୃତ ଯୁବକଙ୍କୁ ଆଜି ଉଦ୍ଧାର କରାଯାଇଛି। ସମ୍ ହସ୍ପିଟାଲ ନିକଟରେ ଥିବା ଏକ ହୋଟେଲରୁ ଅପହୃତ ଯୁବକଙ୍କୁ ଉଦ୍ଧାର କରାଯାଇଛି। ଅପହରଣରେ ସଂପୃକ୍ତି ଅଭିଯୋଗରେ ଜଣେ ଯୁବତୀ ସହ ୫ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଯୁବତୀଙ୍କ ଅପହୃତ ଯୁବକଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା। ପ୍ରେମିକାକୁ ମାଡ଼ ମାରିବାରୁ ପ୍ରେମିକା ଅପହରଣ କରିଥିବା ଅଭିଯୋଗ ହୋଇଛି। ଝାରପଡା ଅଞ୍ଚଳରୁ ଯୁବକଙ୍କୁ ଅପହରଣ କରି ଅପହର୍ତ୍ତା୧୦ଲକ୍ଷ ଟଙ୍କା ଦାବି କରୁଥିବା ଥାନାରେ ଅଭିଯୋଗ ହୋଇଥିଲା।

## ଲାଞ୍ଚ ନେଇ ଧରାପଡିଲେ ରୁରାଲ ୱାର୍କ୍ସର ସହାୟକ ଯନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି ଭୁବନେଶ୍ୱର ରୁରାଲ ୱାର୍କ୍ସର ସହାୟକ ଯନ୍ତ୍ରୀ ନରେଶ କୁମାର ଦାସ । ଏକ ବିଲ୍ କ୍ଲିୟର କରିବା ପାଇଁ କଣ୍ଟ୍ରାକ୍ଟରଙ୍କ ଠାରୁ ୧ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଛି। ଅଭିଯୋଗ ଅନୁଯାୟୀ ୭ଲକ୍ଷ ଟଙ୍କାର ବିଲ୍ କ୍ଲିୟର ପାଇଁ ନରେଶ ୧ଲକ୍ଷ ଟଙ୍କା ଦାବି କରିଥିଲେ। ଅଭିଯୋଗକାରୀଙ୍କ ଠାରୁ ଏହି ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ତାଙ୍କ ନିକଟରୁ ୨ଲକ୍ଷ ୨୬ହଜାର ଟଙ୍କା ଜବତ କରିଛି ଭିଜିଲାନ୍ସ।

## ଖାଦ୍ୟ ମାନ ଯାଞ୍ଚ ନେଇ ଚଢଉ

କଟକ (ଭାସ୍କର ନ୍ୟୁଜ୍): କଟକରେ ଖାଦ୍ୟ ମାନ ଯାଞ୍ଚ ପାଇଁ ଚଢଉ ବେଳେ ଉତ୍ତେଜନା ପ୍ରକାଶ ପାଇଛି । କଟକ ମହାନଗର ନିଗମ ଅଧିନସ୍ଥ ହରିପୁର ରୋଡ଼ରେ ସଂଧ୍ୟାରେ ଖାଦ୍ୟ ମାନ ଯାଞ୍ଚ ବେଳେ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ଫୁଡ୍ ସେଫ୍ଟି ଅଧିକାରୀ, କର୍ମଚାରୀ ଉତ୍ତେଜନା ପ୍ରକାଶ ପାଇଥିଲା । ଏକ ଚିକେନ ପକୋଡା ଠେଲା ଗାଡିରେ ଖାଦ୍ୟର ମାନ ଯାଞ୍ଚବେଳେ ସମ୍ପୃକ୍ତ ବ୍ୟସାୟୀ ଓ ସିଏମ୍‌ସି ଅଧିକାରୀମାନଙ୍କ ମଧ୍ୟରେ ଉଚ୍ଚବାଚ ଓ ଠେଲାପେଲା ହୋଇଥିଲା। ସିଏମସି ଅଧିକାରୀ ଓ କର୍ମଚାରୀମାନେ ବ୍ୟବସାୟୀଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିବା ନେଇ ସମ୍ପୃକ୍ତ ବ୍ୟବସାୟୀ ଅଭିଯୋଗ କରିଛି । ସେପଟେ ଖାଦ୍ୟର ମାନ ଯାଞ୍ଚ ବେଳେ ଅପମିଶ୍ରଣ କଥା ଧରାପଡିବାରୁ ବ୍ୟବସାୟୀ ଜଣଙ୍କ ଉତ୍‌କ୍ଷିପ୍ତ ହୋଇ ଅଶାଳୀନ ଭାଷାରେ ଅଧିକାରୀମାନଙ୍କୁ ଗାଳି ଗୁଲଜ କରିବା ସହ କାମରେ ବାଧା ସୃଷ୍ଟି କରିଥିବା ସିଏମସି ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି । ପୁରୀଘାଟ ପୋଲିସ ଘଟଣାସ୍ଥଳରେ ପହଁଚି ସମ୍ପୃକ୍ତ ବ୍ୟବସାୟୀଙ୍କୁ ଥାନାକୁ ନେଇ ପଚରା ଉଚରା କରୁଛି।

## ଖ୍ରୀଷ୍ଟ କଲେଜରେ ଅଧାପିକା ଗାୟତ୍ରୀ ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କଟକ (ଭାସ୍କର ନ୍ୟୁଜ୍): ଖ୍ରୀଷ୍ଟ କଲେଜ ଶିକ୍ଷକ ସଂଘ ତରଫରୁ ଇତିହାସ ବିଭାଗ ମୁଖ୍ୟ ବରିଷ୍ଠ ଅଧାପିକା ଗାୟତ୍ରୀ ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲେଜର ଅଧକ୍ଷା ମଧୁମିତା ପାତ୍ର ସଭାପତିତ୍ୱ କରି ଶ୍ରୀମତୀ ମହାପାତ୍ରଙ୍କର ବନ୍ଧୁ ବତ୍ସଳତା, କାର୍ଯ୍ୟ ନିପୁଣତା, ସମୟାନୁବର୍ତିତା ସମ୍ପର୍କରେ କହିଥିଲେ। ଶିକ୍ଷକ ସଂଘର ସଂପାଦକ ଡଃ ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ ଅବସରରେ ଶ୍ରୀମତୀ ମହାପାତ୍ରଙ୍କ ଅଧାପନା ଓ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ଶ୍ରୀମତୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ସ୍ୱରୂପ ମାନପତ୍ର, ଉତ୍ତରୀୟ ଓ ବିଭିନ୍ନ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ପ୍ରାଧାପକ ଡଃ ଦୈତ୍ୟାରୀ ଶୁକ୍ଳ ମାନପତ୍ର ପାଠ କରିଥିଲେ। ଡଃ ଦେବଯାନୀ ଦାଶ, ଡଃ କ୍ଷଣପ୍ରଭା ନନ୍ଦ, ସୁମନ ରଏ, ଡଃ ଯୋଗଶଙ୍କର ମହାପ୍ରଶସ୍ତ, ଡଃ ପ୍ରଶାନ୍ତ କୁମାର ମହାନ୍ତି, ଦେବାଶୀଷ ମହାପାତ୍ର, ଶୋଭନ ପଣ୍ଡା, ଡଃ ଆଲୋକ ମିଶ୍ର, ନିବେଦିତା ଦାସ ପ୍ରମୁଖ ଶ୍ରୀମତୀ ମହାପାତ୍ରଙ୍କ ଗୁଣାବଳୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧାପକ ସୁବ୍ରତ ବଳ।

# ନିର୍ବାଚନ କମିଶନରଙ୍କ ସ୍ୱଷ୍ଟୀକରଣ ସନ୍ତୋଷଜନକ ନୁହେଁ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜୁ ଜନତା ଦଳ ତରଫରୁ ଗତ ନିର୍ବାଚନ ସମୟରେ କିଛି ଅନିୟମିତତା ଅଭିଯୋଗର ଉତ୍ତରରେ ନିର୍ବାଚନ କମିସନ ଦେଇଥିବା ଉତ୍ତର ସନ୍ତୋଷଜନକ ନୁହେଁ ଓ ଗ୍ରହଣୀୟ ମଧ୍ୟ ନୁହେଁ ବୋଲି ଦଳର ବରିଷ୍ଠ ନେତା ଓ ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ କହିଛନ୍ତି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଥିଲେ, ବିଜୁ ଜନତା ଦଳ ଏକ ଦାୟିତ୍ୱସଂପର୍ଣ୍ଣ ରାଜନୈତିକ ଦଳ । ଗତ ନିର୍ବାଚନ ଓ ପରେ ଭୋଟ ଗଣତି ସମୟରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ମିଳିଥିବା ତଥ୍ୟ ଅନୁଯାୟୀ ଅନେକ ତାରତମ୍ୟ ପରିଲକ୍ଷିତ ହୋଇଥିଲା, ଯାହାକୁ ଆମେ ଦଳ ତରଫରୁ ଦେଶର ନିର୍ବାଚନ କମିସନରଙ୍କ ନଜରକୁ ଆଣି ଏହାର ସ୍ୱଷ୍ଟୀକରଣ ଚାହିଁଥିଲୁ । ଗଣତନ୍ତ୍ରରେ ନିର୍ବାଚନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା । ସେହି କାରଣରୁ ନିର୍ବାଚନରେ ସ୍ୱଚ୍ଛତାର ଆବଶ୍ୟକତା ରହିଛି । ନିର୍ବାଚନ ସମୟରେ ଆମର ହସ୍ତଗତ ହୋଇଥିବା ଫର୍ମ ୧୭-ଉ ଓ ନିର୍ବାଚନ କମିସନରଙ୍କ ୱେବସାଇଡରେ ଫର୍ମ ୨୦ ରେ ଥିବା ଭୋଟ ସଂଖ୍ୟା ଭିତରେ ତାଳମେଳ ନାହିଁ । ସେହିପରି, ଅନେକ ବୁଥରେ ଲୋକ ସଭା ଓ ବିଧାନସଭା ଭୋଟରେ ମଧ୍ୟ ତାରତମ୍ୟ ରହିଛି । ନିର୍ବାଚନ ଶେଷ ହେବା ପରେ ରାତି ୧୧.୪୫ ମିନିଟ ସମୟରେ ନିର୍ବାଚନ କମିସନରଙ୍କ ତରଫରୁ ଦିଆ ଯାଇଥିବା ଭୋଟ ସଂଖ୍ୟା ଠାରୁ ଗଣତି ହୋଇଥିବା ଭୋଟ କିପରି ଅଧିକ ରହୁଛି, ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଦେଶରେ ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ଠାରୁ ନେଇ ଭୋଟ ଗଣତି ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାର ଏକ ଅଡିଟ କରିବା ପାଇଁ ବିଜୁ ଜନତା ଦଳ ଦାବୀ କରିଛି । ନିର୍ବାଚନ ପ୍ରକ୍ରିୟାର ଅଡିଟ ବ୍ୟବସ୍ଥା ଅନ୍ୟ ଦେଶ ମାନଙ୍କରେ ରହିଛି, କିନ୍ତୁ ଭାରତରେ ନାହିଁ । ସେହିପରି ଭିଭିପ୍ୟାଡ଼ରେ ଥିବା ତଥ୍ୟ ସହିତ ଭୋଟର ତାଳମେଳ ରହିବା ନିହାତି ଆବଶ୍ୟକ । ତେଣୁ ସମସ୍ତ ଭୋଟ ପାଇଁ ଏହି ବ୍ୟବସ୍ଥା ହେବା ଆବଶ୍ୟକ ।




# ୧୬ ଲକ୍ଷ ମେଟ୍ରିକ ଟନ୍ ଅଧିକ ଧାନ କିଣିଛନ୍ତି ସରକାର: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଗତ ବର୍ଷ ଅପେକ୍ଷା ୧୬ ଲକ୍ଷ ମେଟ୍ରିକ ଅଧିକ ଧାନ କିଣିଛନ୍ତି । ବିଧାନସଭାରେ ଆଜି ଏହି ସୂଚନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ଆଜି ପ୍ରଶ୍ନକାଳରେ ଯୋଗାଣ ବିଭାଗ ସମ୍ପର୍କିତ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନ ଉପରେ ଆଲୋଚନା ବେଳେ ଅତିରିକ୍ତ ପ୍ରଶ୍ନର ଉତର ଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ରାଜ୍ୟ ସରକାର ଚଳିତ ବର୍ଷ ୭୪ ଲକ୍ଷ ମେଟ୍ରିକ ଟନ ଧାନ କିଣିଛନ୍ତି । ସେ କହିଛନ୍ତି ଯେ ପ୍ରତ୍ୟେକ ବର୍ଷ ୨୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଏଫସିଆଇ ନିଏ । କିନ୍ତୁ ଏଥର କିନ୍ତୁ ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ଆଉ ଅଧିକ ୨୦ ଲକ୍ଷ ମେଟ୍ରିକ ଟନ ଚାଉଳ ଉଠାଇବାକୁ କେନ୍ଦ୍ର ସରକାର ରାଜି ହୋଇଛନ୍ତି । ଅର୍ଥାତ ଏଫସିଆଇ ଚଳିତ ବର୍ଷ ୪୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ନେବ। ତାପରେ ବି ୧୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ବଳକା ରହୁଛି । ୧୦ ଲକ୍ଷ ମେଟ୍ରିକ ଟନ ଚାଉଳ ରଖିବାକୁ ସରକାର ଗୋଦାମ କରୁଛନ୍ତି। ଏଥି ପାଇଁ ଟେଣ୍ଡର ସରିଛି । ବଳକା ଚାଉଳକୁ ମଧ ଫ୍ରି ସେଲ କରିବାକୁ ବ୍ୟବସ୍ଥା କରାଯାଉଛି ।

# ସୂଚନା ଓ ଲୋକ ସମ୍ପର୍କ ବିଭାଗ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆଟେଣ୍ଡାଣ୍ଟ ଦୁର୍ଯ୍ୟୋଧନ ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସେ ୧୯୯୧ ମସିହାରେ ବିଭାଗରେ ଯୋଗଦେଇ ବିଭିନ୍ନ ଉପବିଭାଗରେ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି। ଏହି ଅବସରରେ ଆୟୋଜିତ ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ବିଭାଗୀୟ ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପରିଡା, ବିଭାଗୀୟ ଅଧିକାରୀ ସ୍ୱର୍ଣ୍ଣମୟୀ ସାହୁ, କର୍ମଚାରୀ କଲ୍ୟାଣ କମିଟିର ସମ୍ପାଦକ ଗିରିଜା ନାୟକ ପ୍ରମୁଖ ଯୋଗଦେଇ ଶ୍ରୀ ବେହେରାଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରିବା ସହ ଅବସର ଜୀବନ ସୁଖମୟ ହେଉ ବୋଲି କାମନା ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି।

# ସିଟିଜେନସ୍ ଫୋରମର ବାର୍ଷିକ ଉତ୍ସବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍କଳ ଦିବସ ଅବସରରେ ଗୁରୁ କେଳୁ ଚରଣ ଓଡିଶୀ ଗବେଷଣା କେନ୍ଦ୍ର ଅଡିଟୋରିଅମ୍‌ରେ ସିଟିଜେନସ୍ ଫୋରମ ଗ୍ରେଟର ଗାଡକଣର ୧୦ମ ବାର୍ଷିକ ଉତ୍ସବ ଓ ୯୦ ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଫୋରମର ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ମୁଖ୍ୟ ଅତିଥୀ ଓ 'ଓଡିଶା ଭାସ୍କର' ମୁଖ୍ୟ ସଂପାଦକ ପଦୋଷ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆଜିର ଦିବସରେ ଓଡିଶାକୁ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସଙ୍କଳ୍ପ ନେବା ଆବଶ୍ୟକ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଲେଖକ ବାଗ୍ମୀ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ଯୋଗ ମଧୁବାବୁଙ୍କ ଉକ୍ତି ମନେ ପକାଇ କହିଥିଲେ ଯେ, ଓଡିଶାକୁ ଯିଏ ଭଲପାଏ ସେ ହିଁ ପ୍ରକୃତ ଓଡିଆ । ଉତ୍ସବରେ ୨୦୨୫ ବର୍ଷ ପାଇଁ ସିଟିଜେନ୍‌ସ ଲିଜେଣ୍ଡ ଆୱାର୍ଡ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କୁ ମୁଖ୍ୟ ଅତିଥି ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ମୁଖପତ୍ର 'ଅଗ୍ରଗାମୀ'କୁ ଅତିଥୀମାନେ ଉନ୍‌ମୋଚନ କରିଥିଲେ । ଫୋରମର ସମ୍ପାଦକ ଜଗବନ୍ଧୁ ପାଣି ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଅନୁସୂୟା ସାହୁ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମିଡିଆ ସେଲର ଆବାହକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା, ଯୁଗ୍ମ-ସମ୍ପାଦକ ଜଗବନ୍ଧୁ ନାୟକ, କୋଷାଧକ୍ଷ ସିଲା କେଶବ ପାତ୍ର, ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଉପ-ସଭାପତି ପ୍ରଦୀପ କୁମାର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ ।






" ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। "

-ସ୍ୱାମୀ ବିବେକାନନ୍ଦ



" ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ
ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ। "

-ମଧୁସୂଦନ ରାଓ



## ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ଶୁଳ୍କନୀତି

# ବିଶ୍ୱ ଅର୍ଥନୀତିରେ ସଙ୍କଟର ସୂଚନା

ଡୋନାଲ୍ଡ ଟ୍ରମ୍ପ୍ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ହେବା ପରେ ଏଭଳି ଗୋଟିଏ ଗୋଟିଏ ପଦକ୍ଷେପ ନେଉଛନ୍ତି, ଯାହା ସମଗ୍ର ବିଶ୍ୱବାସୀଙ୍କ ନିଦ ହଜାଇଛି। ବିଶ୍ୱର ବାଣିଜ୍ୟ କ୍ଷେତ୍ରରେ ବୁଧବାର ଦିନ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି। ଭାରତ ସମେତ ବିଶ୍ୱର ଅନେକ ଦେଶ ଉପରେ ଟ୍ରମ୍ପ ପ୍ରଶାସନ ଶୁଳ୍କ ବୋଝ ଲଦି ଦେବା ଆର୍ଥିକ କ୍ଷେତ୍ରରେ ଆଲୋଡ଼ନ ସୃଷ୍ଟି କରିଛି। ଟ୍ରମ୍ପଙ୍କ ନୂଆ ଶୁଳ୍କନୀତି ଯୋଗୁ ଅନେକ ଦେଶରେ ଅଭିବୃଦ୍ଧି ବ୍ୟାହତ ହେବା ସହିତ ମୁଦ୍ରାସ୍ଫୀତି ଓ ଦରଦାମ ତେଜିବାର ଆଶଙ୍କା ଦେଖାଦେଇଛି। ଏଥିସହିତ ୧.୪ ଟ୍ରିଲିୟନ୍ ଡଲାରର ଏକ ବାଣିଜ୍ୟ ଯୁଦ୍ଧ ସାରା ବିଶ୍ୱକୁ କବଳିତ କରିବାର ସମ୍ଭାବନା ଦେଖାଦେଇଛି। ନିକଟରେ ଆମେରିକା କଂଗ୍ରେସର ଯୁଗ୍ମ ଅଧିବେଶନରେ ଉଦ୍‌ବୋଧନ ଦେବା ବେଳେ ଟ୍ରମ୍ପ୍ କହିଥିଲେ, ଭାରତ ଆମ ଉପରେ ଶହେ ପ୍ରତିଶତରୁ ଅଧିକ ଶୁଳ୍କ ଲଦି ଦେଇଛି ଏବଂ ଏହା କଦାପି ନ୍ୟାୟସଙ୍ଗତ ନୁହେଁ। ଯେସାକୁ ତେସା ନୀତିରେ ଭାରତ ଆମ ଉପରେ ଯେତିକି ଶୁଳ୍କ ଲଗାଉଛି, ଆମେ ମଧ୍ୟ ସମାନ ଶୁଳ୍କ ଲଗାଇବାକୁ ଯାଉଛୁ ବୋଲି ଟ୍ରମ୍ପ୍ ସ୍ପଷ୍ଟ କରି ଦେଇଥିଲେ। ଆମେରିକାର ଅଟୋ ମୋବାଇଲ୍ କ୍ଷେତ୍ର ଉପରେ ଭାରତର ୧୦୦ ପ୍ରତିଶତରୁ ଅଧିକ ଆମଦାନି ଶୁଳ୍କ ଆଦୌ ଗ୍ରହଣୀୟ ନୁହେଁ ବୋଲି ରାଷ୍ଟ୍ରପତି ମତ ରଖିଥିଲେ। ଟ୍ରମ୍ପଙ୍କ ଏହି ଆକ୍ରମଣାତ୍ମକ ଶୁଳ୍କ ନୀତି ସମଗ୍ର ବିଶ୍ୱ ବଜାରରେ ଚହଳ ସୃଷ୍ଟି କରିଛି। ତାଙ୍କର ନୂଆ ଶୁଳ୍କନୀତି କେବଳ ଭାରତକୁ କ୍ଷତିଗ୍ରସ୍ତ କରିବ ନାହିଁ, କାନାଡ଼ା ଓ ଚୀନ୍ ବଜାରକୁ ମଧ୍ୟ ଏହା ପ୍ରଭାବିତ କରିବ। ଆମେରିକାର ଏହି ଶୁଳ୍କ ଯୁଦ୍ଧ ଫଳରେ ବିଶ୍ୱର ବିଭିନ୍ନ ସ୍ଥାନରେ ସେୟାର ବଜାରଗୁଡ଼ିକ ଧରାଶାୟୀ ହେବାକୁ ଯାଉଛି ଏବଂ ଭାରତୀୟ ଇକ୍ୱିଟି ବଜାର ମଧ୍ୟ ଏଥିରୁ ବର୍ତ୍ତି ପାରିବ ନାହିଁ। ମିଳିଥିବା ସୂଚନା ଅନୁଯାୟୀ ଆମେରିକାର ଯେସାକୁ ତେସା ଆମଦାନି ଶୁଳ୍କ ନୀତି ଯୋଗୁ ପ୍ରତିବର୍ଷ ଭାରତ ରପ୍ତାନି ବାବଦରେ ୬୦ ହଜାର କୋଟି ଟଙ୍କାରୁ ଅଧିକ କ୍ଷତି ସହିବାକୁ ଯାଉଛି। ଅର୍ଥନୀତି ବିଶାରଦଙ୍କ ମତରେ ଆମେରିକୀୟ ସାମଗ୍ରୀ ଉପରେ ଭାରତ ଯେତିକି ଆମଦାନି ଶୁଳ୍କ ଲଗାଉଛି, ତାହା ଭାରତୀୟ ସାମଗ୍ରୀ ଉପରେ ଆମେରିକା ଶୁଳ୍କ ତୁଳନାରେ ୧୦ ପ୍ରତିଶତରୁ ଅଧିକ। ଟ୍ରମ୍ପଙ୍କ ନୂଆ ନିଷ୍ପତ୍ତି ଭାରତର ଅଟୋ ଶିଳ୍ପ ଠାରୁ ଆରମ୍ଭ କରି କୃଷି, କେମିକାଲ୍, ଧାତବ ଉତ୍ପାଦ, ଗହଣା, ଫାର୍ମା ଓ ଖାଦ୍ୟ ସାମଗ୍ରୀ କ୍ଷେତ୍ରକୁ ସର୍ବାଧିକ ପ୍ରଭାବିତ କରିବ। ଗତବର୍ଷ ଅର୍ଥାତ୍ ୨୦୨୪ରେ ଭାରତ ଆମେରିକା ବଜାରକୁ ପ୍ରାୟ ୭ ହଜାର ୪୦୦କୋଟି ଡଲାର୍ ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିଲା। ଏଥିମଧ୍ୟରେ ୮୫୦ କୋଟି ଡଲାର୍ ମୂଲ୍ୟର ମୋତି, ରତ୍ନପଥର ଓ ଗହଣା ପଠାଯାଇଥିବା ବେଳେ ୮୦୦ କୋଟି ଡଲାର୍ ମୂଲ୍ୟର ଫାର୍ମା ଉତ୍ପାଦ ସାମଗ୍ରୀ ମଧ୍ୟ ରପ୍ତାନି ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ନେଇ ଆଲୋଚନା କରିଥିଲେ। ଏହାପରେ ଶୁଳ୍କ ବିବାଦର କିଛିଟା ଅନ୍ତ ଘଟିବ ବୋଲି ଆଶା କରାଯାଉଥିଲା। ମାତ୍ର ଏହି ଆଶା ଏବେ ସମ୍ପୂର୍ଣ୍ଣ ମଉଳି ଯାଇଛି ଏବଂ ଟ୍ରମ୍ପ୍ ଅଧିକ ଆକ୍ରମଣାତ୍ମକ ହୋଇ ଉଠିଛନ୍ତି। ଆମେରିକାର ନୂଆ ଶୁଳ୍କନୀତି ଏବଂ ସମ୍ଭାବ୍ୟ ବାଣିଜ୍ୟିକ ଯୁଦ୍ଧର ମୁକାବିଲା କରିବାକୁ ଚୀନ୍, ମେକ୍ସିକୋ ଓ କାନାଡ଼ା ଅଣ୍ଟା ଭିଡ଼ିଥିବା ବେଳେ ଭାରତ ବର୍ତ୍ତମାନ ସୁଦ୍ଧା ନିରବ ରହିଛି। ଏହି ଶୁଳ୍କନୀତି ଲାଗୁ ହେବା ପରେ ଭାରତ ଏହାର ପାରମ୍ପରିକ ଶତ୍ରୁଦେଶ ଚୀନ୍ ସହ ବାଣିଜ୍ୟ କ୍ଷେତ୍ରରେ ସମ୍ପର୍କ ବୃଦ୍ଧି କରିବାର ସମ୍ଭାବନା ଉଜ୍ଜ୍ୱଳ ହୋଇ ଉଠିଛି। ମିଳିଥିବା ସୂଚନା ଅନୁଯାୟୀ ଟ୍ରମ୍ପଙ୍କ ନିଷ୍ପତ୍ତି ଯୋଗୁ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେଉଥିବା ଚୀନ୍ ଏଣିକି ଭାରତୀୟ ବଜାରରୁ ଅଧିକ ସାମଗ୍ରୀ କ୍ରୟ କରିବାକୁ ପଦକ୍ଷେପ ନେଇଛି। ସେହିପରି ଦକ୍ଷିଣ କୋରିଆ, ଜାପାନ ଓ ଚୀନ୍ ଆମେରିକା ବିରୋଧରେ ଏକଜୁଟ୍ ହୋଇ ବାଣିଜ୍ୟ କ୍ଷେତ୍ରରେ ପରସ୍ପର ସହଯୋଗ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଆଗାମୀ ଦିନରେ ମୋଦି ସରକାର ନୂଆ ଶୁଳ୍କନୀତି ନେଇ କିଭଳି ଆଭିମୁଖ୍ୟ ଗ୍ରହଣ କରୁଛନ୍ତି, ତା'ଉପରେ ସମସ୍ତଙ୍କର ନଜର କେନ୍ଦ୍ରୀଭୂତ ହୋଇଛି।

# ମୋ ମାତୃଭାଷା, ମୋ ଗର୍ବ



ଶ୍ରୁତକୀର୍ତ୍ତି ତ୍ରିପାଠୀ
ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

ଜୀବନର ସବୁଠାରୁ ସୁନ୍ଦର ମୁହୂର୍ତ୍ତ ହେଉଛି, ସେହି ସମୟ ଯେତେବେଳେ ଆପଣ ଆପଣଙ୍କ ପିଲାକୁ କଥା କହିବା, ନିଜକୁ ପ୍ରକାଶିତ କରିବା ଶୁଣିବେ। ବ୍ୟକ୍ତି ଜୀବନରେ ନିଜକୁ ପ୍ରକାଶିତ କରିବା ହିଁ ସବୁଠାରୁ ଅଧିକ ଗୁରୁତ୍ୱ ରଖେ। ଏହା ତା'ର ସାମଗ୍ରିକ ବିକାଶକୁ ପ୍ରଭାବିତ କରେ। ଦେଖାଯାଏ ଛୋଟ ଛୋଟ ପିଲାମାନେ ନୂଆ ନୂଆ ଭାଷା ଶିଖିବାକୁ ବହୁତ ଆଗ୍ରହୀ ହୁଅନ୍ତି ଏବଂ ଖୁବ ଶୀଘ୍ର ସେମାନେ ସେ ଭାଷା ଶିଖି ମଧ୍ୟ ଯାଆନ୍ତି। ଜନ୍ମ ହେବା ପରଠୁ ଭାଷା ଶିଖିବାର ତାଙ୍କ ଭିତରେ ଏକ ଆନ୍ତରିକ ଦକ୍ଷତା ରହିଥାଏ। ଯେଉଁ ପିଲା ତା' ମାତୃଭାଷାରେ ଯେତେ ଦକ୍ଷ, ସେ ଯେକୌଣସି ଅନ୍ୟ ଭାଷାକୁ ଶିଖିବାରେ, ବ୍ୟବହାର କରିବାରେ ସେତେ ସହଜ। ପିଲାମାନେ ଜ୍ଞାନ, ଦକ୍ଷତା, କୌଶଳ ଆହରଣ କରିବା କ୍ଷେତ୍ରରେ ଭାଷା ଏକ ସେତୁ ଭଳି କାମ କରେ। ନିଜ ମାତୃଭାଷାରେ ପ୍ରାଥମିକ ସ୍ତରରେ ସେ ଯାହା ଶିଖେ, ତାହା ପରେ ତାକୁ ବିଦ୍ୟାଳୟରେ କିମ୍ବା ଅନ୍ୟ କୌଣସି ସ୍ଥାନରେ ନୂଆ ଭାଷାକୁ ବୁଝିବାରେ ସହାୟକ ହୁଏ। ଅର୍ଥାତ, ଯଦିଓ ସେ ଭାଷାର ଆକ୍ଷରିକ ଅର୍ଥ ସମ୍ପୂର୍ଣ୍ଣ ରୂପେ ବୁଝିପାରେ ନାହିଁ, ମୋଟାମୋଟି ଭାବରେ ଭାଷାର ସମ୍ୟକ ଅର୍ଥ ବା ଭାବକୁ ବୁଝିପାରେ।

ଏମିତି ବେଳେବେଳେ ହୁଏ ଯେ ଆମେ ଅନେକ ଶବ୍ଦର ବାସ୍ତବ ଅର୍ଥ ଜାଣି ନଥାଉ, କିନ୍ତୁ ସେ ଶବ୍ଦର ବ୍ୟବହାର ଆମେ କରିପାରୁ। ତେବେ ଆମର ପ୍ରକୃତ ଲକ୍ଷ୍ୟ ତ ସେଇଠି ପୁରା ହୋଇଗଲା; ଆଉ ବାକି ରହିଲା, ତା'ର ଆକ୍ଷରିକ ଅର୍ଥ ଜାଣିବା, ବ୍ୟାପକ ଭାବରେ ଦେଖିଲେ ପିଲାମାନେ ସେହି ଭାଷାକୁ ଅଧିକରୁ ଅଧିକ ବ୍ୟବହାର କଲେ ସମୟକ୍ରମେ ସେଥିରେ ଦକ୍ଷତା ହାସଲ କରିବେ, ସେଥିରେ ସନ୍ଦେହ ନାହିଁ। ଏଣୁ ଅଭିଭାବକ ବା ବାପାମାଆ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀମାନେ ପିଲାଙ୍କୁ ନିଜ ମାତୃଭାଷା ପ୍ରତି ଆକର୍ଷିତ କରିବାକୁ ହେବ। ତାଙ୍କୁ ନିଜ ଭାଷାକୁ ଭଲ ପାଇବାକୁ ଶିଖେଇବାକୁ ହେବ। ଏସବୁ ସେତେବେଳେ ସମ୍ଭବ ହେବ, ଯେବେ ଆମେ ସେମାନଙ୍କ ସହ ମିଶି ଏ ଦିଗରେ କାମ କରିବା। ଛୋଟ ଛୋଟ ପଦକ୍ଷେପ, ଯେମିତିକି ପିଲାଙ୍କୁ ଓଡ଼ିଆ ବହିଟିଏ ପଢ଼ି ଶୁଣେଇବା, ତା' ସହିତ କୌଣସି ନିର୍ଦ୍ଦିଷ୍ଟ ବିଷୟ ଉପରେ ଓଡ଼ିଆରେ ଆଲୋଚନା କରିବା, ଗପଟିଏ ବା କିମ୍ବା କିଛି ଧାଡ଼ି ଭାବି ମନରୁ କହିବାକୁ ଉତ୍ସାହିତ କରିବା। ଖାଲି ଏତିକି ଯଥେଷ୍ଟ ନୁହେଁ, ଏହା ସହିତ ପିଲାଙ୍କୁ ଅନ୍ୟ ଭାଷା ଶିଖିବା ପାଇଁ ଉତ୍ସାହିତ କରିବା। ବେଳେବେଳେ ପିଠି ଥାପୁଡ଼େଇ, ସାବାସୀ ଦେଇ 'ଭଲ କହିଲୁ' ବୋଲି ପ୍ରଶଂସା କଲେ, ନିଜ ମାତୃଭାଷା ପ୍ରତି ସେମାନଙ୍କର ଆଗ୍ରହ ବଢ଼ିବ।

ପ୍ରସଙ୍ଗ ଯେବେ ଉଠିଛି, ତେବେ ମାତୃଭାଷା ଶିକ୍ଷାର ଉପାଦେୟତା ବିଷୟରେ ଆଲୋଚନା ନ କଲେ ଏହାର ଗୁରୁତ୍ୱ ବୁଝାପଡିବ ନାହିଁ। ମାତୃଭାଷା ହିଁ ସର୍ବୋତ୍କୃଷ୍ଟ ଯୋଗାଯୋଗର ମାଧ୍ୟମ ହୋଇଥାଏ। ଜଣେ ନିଜ ମାତୃଭାଷାରେ ହିଁ ଅନ୍ୟମାନଙ୍କ ସହ ଠିକ ରୂପେ କଥା ହୋଇପାରିବ। ନିଜକୁ ସର୍ବୋତ୍ତମ ଭାବରେ ପରିପ୍ରକାଶ କରିବାର ସୁଯୋଗ ମାତୃଭାଷା ହିଁ ଦିଏ। ନିଜ ରାଜ୍ୟ ଛାଡ଼ି ଅନ୍ୟ ରାଜ୍ୟକୁ ଯାଆନ୍ତୁ, ସେଠି ତାଙ୍କ ଭାଷାରେ ତାଙ୍କୁ ବୁଝେଇବାକୁ ଚେଷ୍ଟା କରନ୍ତୁ, ଆପଣ କ'ଣ କହିବାକୁ ଚାହୁଁଛନ୍ତି, ତା'ପରେ ଜାଣିପାରିବେ ନିଜ ମାତୃଭାଷାର ସହଜତା ଓ ମଧୁରତା। ଲୋକଦେଖାଣିଆ ହିନ୍ଦୀ ଓ ଇଂରାଜୀ କହିବାର ଅସଲ ମଜା ସେବେ ପାଇବେ, ଯେବେ ଏଇ ଦୁଇ ଭାଷା ବୁଝିପାରୁ ନଥିବା ବ୍ୟକ୍ତିଟିଏ ସହ ଆପଣ କିଛି ସମୟ ବିତେଇବା। ଅସନ୍ତୋଷ ଓ ବ୍ୟସ୍ତତାରେ ଅସ୍ତବ୍ୟସ୍ତ ଯଦି ନହୋଇଛନ୍ତି ମୋତେ କହିବେ। ସେତେବେଳେ ଭାରି ମନେ ପଡୁଥିବ, ଯେ ନିଜ ମାତୃଭାଷା କେତେ ସରଳ ଓ ନିଜର!

ବ୍ୟକ୍ତିର ସାମୂହିକ ବିକାଶ ପାଇଁ ମାତୃଭାଷାରେ ଦକ୍ଷତା ଅତ୍ୟନ୍ତ ଆବଶ୍ୟକ। ଏହି ଭାଷାରେ ସେ ଯେତେ ସହଜରେ ବୁଝିପାରେ, ସେତେ ସହଜରେ ନିଜର କଳ୍ପନା, ଚିନ୍ତନ, ଅନୁଭବ ଜରିଆରେ ସଫଳତା ହାସଲ କରିପାରେ। ଏକ ଚରମ ଆତ୍ମସନ୍ତୋଷ ଭରିଯାଏ ମାତୃଭାଷାରେ କଥା ହୋଇ, ଭାବର ଆଦାନ ପ୍ରଦାନ କରି ନିଜ ଲୋକଙ୍କ ସହ କିଛି ସମୟ ବିତେଇଲେ। ମନ ପ୍ରଫୁଲ୍ଲ ଏବଂ ଶାନ୍ତ ରହିଲେ ବିକାଶର ପଥ ଯେ ଆପେ ଖୋଲିଯାଏ, ଏକଥା କାହାକୁ ଅଜଣା!

ମାତୃଭାଷା ବ୍ୟକ୍ତିକୁ ତା'ର ମୂଳ ସହିତ ଯୋଡ଼ି ରଖେ, ତା'ର ଐତିହ୍ୟ, ସଂସ୍କୃତି, କଳା, ପରମ୍ପରାକୁ ଭଲ ଭାବରେ ଜାଣିବାରେ ସାହାଯ୍ୟ କରେ। ଏହା ଦ୍ୱାରା ସମାଜରେ ତା'ର ଗୋଟିଏ ପରିଚୟ ସୃଷ୍ଟି ହୁଏ। ଏଭଳି ପରିଚୟ, ଯାହା ପାଇଁ ସେ ଗର୍ବ କରେ। ମାତୃଭାଷାରେ ନିଜ ରାଜ୍ୟ ବିଷୟରେ ଯେତିକି ଜ୍ଞାନ ଓ ସୂଚନା ସଂଗ୍ରହ କରିହେବ, ତାହା ଅନ୍ୟ କୌଣସି ଭାଷାରେ ସମ୍ଭବ ନୁହେଁ। ଆଉ ମଧ୍ୟ ଶିଶୁଟିଏକୁ ବଡ଼ କରିବାରେ ତା'ର ଜେଜେ, ଜେଜେମା', ଅଜା, ଆଈ ଆଦି ବୟସ୍କ ବ୍ୟକ୍ତିମାନଙ୍କର ଏକ ବଡ଼ ଭୂମିକା ରହିଥାଏ। ସତ କଥା ହେଉଛି ସେମାନଙ୍କ ଭିତରୁ ଅଧିକାଂଶ, ନିଜ ମାତୃଭାଷା ବ୍ୟତୀତ ଆଉ କୌଣସି ଭାଷାରେ ସହଜ ନଥାନ୍ତି। ଏଣୁ ଏମାନଙ୍କ ସହ ପିଲାଟି ଯୋଗାଯୋଗ କରିବାର ଏକମାତ୍ର ମାଧ୍ୟମ ହେଉଛି, ସେମାନଙ୍କ ମାତୃଭାଷା। ପିଲାମାନେ ଯଦି ମାତୃଭାଷାକୁ ଭଲ ଭାବରେ ଆୟତ୍ତ କରିବେ, ସେମାନେ ଆଗାମୀ ଜୀବନ ପାଇଁ ଅନେକ ଅନୁଭୂତି ଓ ଶିକ୍ଷା ତାଙ୍କର ବୟସ୍କ ପିଢ଼ିଙ୍କ ଠାରୁ ଶିଖିପାରିବେ ଏବଂ ତାକୁ କାମରେ ମଧ୍ୟ ଲଗେଇପାରିବେ।

ଏତେ ବର୍ଣ୍ଣନା ପରେ ଆମେ ଯଦି ପିଲାଙ୍କୁ ମାତୃଭାଷା ଶିଖେଇବାର କିଛି କୌଶଳ ବା ପଦ୍ଧତି ବିଷୟରେ ଆଲୋଚନା ନକଲେ, ତା'ହେଲେ ଏହି ଆଲେଖ୍ୟର କିଛି ମୂଲ୍ୟ ରହିଯାଏ ନାହିଁ। ବର୍ତ୍ତମାନ ପରିସ୍ଥିତିରେ ପିଲାଙ୍କୁ ମାତୃଭାଷା ପ୍ରତି ଆସକ୍ତ ଏବଂ ସ୍ନେହଶୀଳ କରେଇବା ସଂଘର୍ଷମୂଳ ହେଲାଣି। କାରଣ ତାଙ୍କ ଚାରିପଟେ ସେମାନଙ୍କ ମାତୃଭାଷାକୁ ଛାଡ଼ି ଅନ୍ୟସବୁ ଭାଷାକୁ ବେଶୀ ପ୍ରାଧାନ୍ୟ ଦିଆଯାଉଛି। ସେମାନେ ପସନ୍ଦ କରୁଥିବା କାର୍ଟୁନ୍ କିମ୍ବା ଚଳଚ୍ଚିତ୍ର ହିନ୍ଦୀ କିମ୍ବା ଇଂରାଜୀରେ ପ୍ରଦର୍ଶନ ହେଉଛି, ଯାହା ସେମାନଙ୍କୁ ସେହିସବୁ ଭାଷାର ଅଧିକ ବ୍ୟବହାର ପ୍ରତି ଆକୃଷ୍ଟ କରୁଛି। ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପିଲା ଇଂରାଜୀରେ ସବୁ ବିଷୟ ପଢୁଛନ୍ତି, ତେଣୁ ଇଂରାଜୀ ଶିଖିବା, କହିବା ଓ ଲେଖିବା ପାଇଁ ସେମାନେ ସହଜତା ଅନୁଭବ କରୁଛନ୍ତି, ପରିଣାମ ଇଂରାଜୀ ଭାଷା ପ୍ରତି ସେମାନଙ୍କ ଢଳିବା ସ୍ୱାଭାବିକ ମନେହୁଏ। ଏଭଳି କ୍ଷେତ୍ରରେ ଯଦି ଘରେ ପରିବାରର ସଦସ୍ୟ ଓ ଅଭିଭାବକମାନେ ଇଂରାଜୀ ବା ହିନ୍ଦୀରେ କଥୋପାକଥନ କଲେ, ତା'ହେଲେ ମାତୃଭାଷାଟି ମରି ଯାଉନାହିଁ କି?

ଉପରୋକ୍ତ ସମସ୍ୟାର ସମାଧାନ ପାଇଁ କିଛି ପଦକ୍ଷେପ ନେବା ନିହାତି ଜରୁରି ମନେହୁଏ। ଯେପରିକି ଅନ୍ୟ କାହାକୁ ଦୋଷ ନଦେଇ ନିଜେ ପିଲାଙ୍କୁ ମାତୃଭାଷା ଶିକ୍ଷା ଦେବା ଆରମ୍ଭ କରିବାକୁ ହେବ। ସେ ଅନିଚ୍ଛା ପ୍ରକାଶ କଲେ ତାକୁ ଗପ, ଗୀତ, ଚିତ୍ରର ସାହାଯ୍ୟ ନେବାକୁ ହେବ। ଖାଇବା କିମ୍ବା ଶୋଇବା ବେଳେ ପିଲାକୁ ଓଡ଼ିଆରେ ଗପଟିଏ କହିବା ଏବଂ ତାକୁ ନିଜ ମନରୁ ଗପଟିଏ ତିଆରି କରିବାକୁ ଉତ୍ସାହିତ କରିବାକୁ ହେବ। ପିଲାଙ୍କ ସହ ପିଲାମନ ନେଇ, ପିଲାଙ୍କ ଭଳି ବ୍ୟବହାର କରି ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ହେବ। ଧୀରେ ଧୀରେ ଏହାର ବ୍ୟବହାର, ବ୍ୟାକରଣଗତ ଦିଗ ଉପରେ ଧ୍ୟାନ ଦେଲେ ପିଲାମାନେ ସ୍ୱତଃ ଏହାକୁ ଭଲ ପାଇ ବସିବେ।

ଧରିନିଆଯାଉ ପିଲାଟି ଓଡ଼ିଆ ପ୍ରତି ଆଗ୍ରହୀ ହେଉନି କି ଓଡ଼ିଆ ପଢ଼ି ପାରୁନି, ତାକୁ ଇଂରାଜୀ କିମ୍ବା ହିନ୍ଦୀ ଗପ ବହିଟିଏ ଦେଇ ତା'ର ଅନୁବାଦ କରି ପଢ଼ିବାକୁ କୁହାଯାଇପାରେ। ଏହା ଯଦିଓ ସମୟସାପେକ୍ଷ, ଏହାଦ୍ୱାରା ପିଲାଟି ସୃଜନଶୀଳ ହେବା ସହିତ ନିଜ ଭାଷାରେ ଗପଟି ବୁଝି ଆନନ୍ଦିତ ହେବ। ମାତୃଭାଷାକୁ ଯଥେଷ୍ଟ ସମ୍ମାନ ଦେଉଥିବା ଅର୍ଥାତ ସମାନ ଚିନ୍ତାଧାରା ରଖୁଥିବା ବ୍ୟକ୍ତିଙ୍କୁ ନେଇ ସମୟ ସମୟରେ ଏକାଠି ମାତୃଭାଷା ଉପରେ ଆଲୋଚନା କରିବାକୁ ହେବ। ଯାହା ପିଲା ଏକୁଟିଆ କରିବାକୁ ଭଲ ପାଏନି, ସାଙ୍ଗସାଥୀ ମେଳରେ କିମ୍ବା ସାମୂହିକ ଭାବରେ ଶିକ୍ଷାଗ୍ରହଣ କଲେ ତାହା ଅଧିକ ଫଳପ୍ରଦ ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଧିକରୁ ଅଧିକ ଓଡ଼ିଆ ଭାଷାର ବ୍ୟବହାର ହିଁ ମାତୃଭାଷା ପ୍ରୀତି ଜାଗ୍ରତ କରିବ। ନିଜ ମାତୃଭାଷାରେ ଗଭୀର ଜ୍ଞାନ ପିଲାଙ୍କୁ ଜୀବନରେ ବହୁତ କିଛି ଉପଲବ୍ଧି ଆଣିବାରେ ସାହାଯ୍ୟ କରେ। ମାତୃଭାଷା ପ୍ରଦତ୍ତ ପ୍ରତିଟି ବିଷୟ ତାକୁ ଆଜୀବନ ବୁଦ୍ଧିମନ୍ତ କରେ। ଦେଖିବାକୁ ଗଲେ ମାତୃଭାଷା ହିଁ ବ୍ୟକ୍ତିର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ। ଯେପର୍ଯ୍ୟନ୍ତ ଆମେ ଓଡ଼ିଆକୁ ଜ୍ଞାନର ଭାଷା, ରୋଜଗାରର ଭାଷା, ଗୌରବର ଭାଷା ବୋଲି ମାନି ନେଇନାହୁଁ, ସେ ପର୍ଯ୍ୟନ୍ତ ମାତୃଭାଷାକୁ ଆମେ ଉଚିତ ମର୍ଯ୍ୟାଦା ଦେଇନାହୁଁ ବୋଲି ଧରାଯିବ।

# ମାନେକଶା-ଭାରତର ପ୍ରଥମ ଫିଲଡ୍ ମାର୍ସଲ



ତପନ କୁମାର ପାଲ
ଦେଉଳ ସାହି, ତୁଳସୀପୁର, କଟକ
ମୋ : ୯୯୩୭୬୫୮୩୬୨

ଅଦ୍ୟାବଧି ମାତ୍ର ଦୁଇ ଜଣ ଭାରତୀୟ ସେନା ବିଭାଗୀୟ ଉଚ୍ଚ ପଦାଧିକାରୀ ଫିଲଡ୍ ମାର୍ସଲ ପଦବୀକୁ ଉନ୍ନୀତ ହୋଇଥିବା ଜଣାଯାଏ। ସେମାନେ ହେଉଛନ୍ତି ସାମ ହୋମୁସଜୀ ଫ୍ରେମଜୀ ଜାମଶେଦଜୀ ମାନେକଶା ଓ କୋଡ଼ଣ୍ଡେରା ମଡ଼ପ୍ପା କରିଅପ୍ପା। ମାନେକଶା ଭାରତର ପ୍ରଥମ ଫିଲଡ୍ ମାର୍ସଲ। କରିଅପ୍ପା ବୟୋଜ୍ୟେଷ୍ଠ ହୋଇଥିଲେ ହେଁ ଅବସର ଗ୍ରହଣର ପ୍ରାୟ ତିରିଶ ବର୍ଷ ପରେ (୧୯୮୬)ରେ ଫିଲଡ୍ ମାର୍ସଲ ଉପାଧି ପାଇଥିଲେ। ଫିଲଡ୍ ମାର୍ସଲ ମାନେକଶା ସାମ ବାହାଦୂର ଭାବେ ମଧ୍ୟ ଜଣାଶୁଣା। ନିଜର ଚାରି ଦଶନ୍ଧିର ସୈନିକ ଜୀବନରେ ଫିଲଡ୍ ମାର୍ସଲ ମାନେକଶା ପାଞ୍ଚଟି ଯୁଦ୍ଧ ଲଢ଼ି ଥିଲେ। ବ୍ରିଟିଶ ଇଣ୍ଡିଆନ୍ ଆର୍ମି ପକ୍ଷରୁ ସେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଲଢ଼ିଥିଲେ। ୧୯୬୯ରେ ସେ ଭାରତର ଅଷ୍ଟମ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଭାବେ ନିଯୁକ୍ତି ପାଇଥିଲେ ଏବଂ ତାଙ୍କ ନେତୃତ୍ୱରେ ୧୯୭୧ରେ ଭାରତ, ପାକିସ୍ତାନ ଉପରେ ବିଜୟ ହାସଲ କରିଥିଲା। ଏହାର ସୁଫଳ ସ୍ୱରୂପ ବାଙ୍ଗଲାଦେଶ ଜନ୍ମ ହୋଇଥିଲା। ୧୯୭୩ ଜାନୁଆରୀ ପହିଲାରେ ତାଙ୍କୁ ଫିଲଡ୍ ମାର୍ସଲ ଉପାଧିରେ ଭୂଷିତ କରାଯାଇଥିଲା। ଏହାଛଡ଼ା ତାଙ୍କୁ ମିଲିଟାରୀ କ୍ରସ୍, ପଦ୍ମ ଭୂଷଣ, ଓ ପଦ୍ମ ବିଭୂଷଣ ମଧ୍ୟ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ବର୍ମାରେ ଜାପାନୀ ସେନା ସହ ଲଢୁଥିବା ବେଳେ ତାଙ୍କ ପେଟରେ ମେସିନ୍ ଗନ୍‌ର ଗୁଳି ବାଜିଥିଲା ଏବଂ ସେ ଗୁରୁତର ଭାବେ ଆହତ ହୋଇଥିଲେ। ବ୍ରିଟିସ ସେନା ପକ୍ଷରୁ ଯୁଦ୍ଧ ପରିଚାଳନା କରୁଥିଲେ ମେଜର୍ ଜେନେରାଲ ଡିଟି କୋୱାନ୍। ମାନେକଶାଙ୍କ ଅବସ୍ଥା ଓ ତାଙ୍କ ଦମ୍ଭ ଦେଖି ସେ ସଙ୍ଗେ ସଙ୍ଗେ ରଣାଙ୍ଗନରେ ହିଁ ତାଙ୍କୁ ମିଲିଟାରୀ କ୍ରସ ପ୍ରଦାନ କରି କହିଥିଲେ ମୃତ ସୈନିକକୁ ଏହା ଦିଆଯାଏ ନାହିଁ। ନିଅ, ଜୀବନ ଥାଉ ଥାଉ ଗ୍ରହଣ କର। ହେଲେ ସେ ବର୍ତ୍ତି ଯାଇଥିଲେ।

ତାଙ୍କ ବ୍ୟକ୍ତିଗତ ପରିଚାରକ ଶେର ସିଂହ ଗୋଳା ବର୍ଷକୁ ଖାତିର ନକରି, ତାଙ୍କୁ ରେଙ୍ଗୁନସ୍ଥିତ ସେନା ହସ୍‌ପିଟାଲରେ ପହଞ୍ଚାଇଥିଲେ। ସେଠାରେ ଡାକ୍ତରମାନେ ମାନେକଶାଙ୍କ ପେଟ, ଫୁସ୍‌ଫୁସ୍, ବୃକକ୍ ଆଦିରୁ ସାତଟି ଗୁଳି ବାହାର କରିଥିଲେ। ଅସ୍ତ୍ରୋପଚାର ବେଳେ କ'ଣ ହୋଇଛି ପଚାରିବାରୁ ସେ କହିଥିଲେ ଗଧଟିଏ ନାତ ମାରିଦେଇଛି। ଫିଲଡ୍ ମାର୍ସଲ ମାନେକଶା ଥିଲେ ଗୁଜୁରାଟ ଅନ୍ତର୍ଗତ ବଲ ସହରର ମୂଳ ବାସିନ୍ଦା। ତାଙ୍କ ପିତା ଥିଲେ ଜଣେ ପାରସୀ ଡାକ୍ତର। ସେ ପଞ୍ଜାବର ଅମୃତସରରେ କାମ କରୁଥିଲେ। ଫିଲଡ୍ ମାର୍ସଲ ମାନେକଶା ପ୍ରଥମେ ପିତାଙ୍କ ପରି ଡାକ୍ତର ହେବାକୁ ଚାହୁଁଥିଲେ। ହେଲେ ଲଣ୍ଡନରେ ଡାକ୍ତରୀ ପଢ଼ିବା ପାଇଁ ପିତା ଅନୁମତି ନ ଦେବାରୁ କାହାକୁ କିଛି ନକହି ଦେହରାଦୂନର ଇଣ୍ଡିଆନ୍ ମିଲିଟାରୀ ଏକାଡ଼େମୀରେ ଭର୍ତ୍ତି ହୋଇଥିଲେ। ଭାରତୀୟ ସେନାର ଅପୂର୍ବ ବୀରତ୍ୱ ଗାଥାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମାନେକଶା। ତାଙ୍କ ଜୀବନ କାଳ ଭିତରେ ପ୍ରତିକୂଳତା ସହ ଲଢ଼େଇ କରି ଭାରତ ବିଜୟର ଜୟଯାତ୍ରାକୁ ସେ ଯେଉଁ ସ୍ଥାନକୁ ନେଇଛନ୍ତି ତାହା ବର୍ତ୍ତମାନର ସମୟରେ ଚିନ୍ତାର ବାହାରେ। ସୀମାନ୍ତ କ୍ଷେତ୍ର ଠାରୁ ହିମ ବରଫ କ୍ଷେତ୍ର ବା ମରୁ ଅଞ୍ଚଳ ସବୁଠାରେ ସେନାବାହିନୀର ପରାକ୍ରମର ଯେଉଁ କାହାଣୀ ଗାଥା ଜଡ଼ିତ ସେ ସବୁ ପଛରେ ସ୍ମରଣୀୟ ସ୍ମୃତି କିନ୍ତୁ ସମସ୍ତଙ୍କର ରହିଛି ପ୍ରାତଃ ବନ୍ଦନୀୟ ମାନେକଶାଙ୍କ ପାଖରେ। ଆମ ଭାରତର ସେନାବାହିନୀର ବିଭିନ୍ନ କମାଣ୍ଡ କ୍ଷେତ୍ରର ଯୁଦ୍ଧ ସ୍ମାରକୀ, ଜାତୀୟ ସଂଗ୍ରାହାଳୟ ଓ ପ୍ରତିରକ୍ଷା ସଂଗ୍ରହାଳୟରେ ମାନେକଶାଙ୍କ ସ୍ମୃତି ଓ ତାଙ୍କ ବ୍ୟବହୃତ ସେନା ସରଞ୍ଜାମ ପ୍ରଦର୍ଶିତ ହେଉଛି। ଭାରତୀୟ ସେନାବାହିନୀ ପକ୍ଷରୁ ତାଙ୍କ ବୀରତ୍ୱ ଗାଥାକୁ ନେଇ ପ୍ରାମାଣିକ ଚିତ୍ର ବି ପ୍ରସ୍ତୁତ ହୋଇଛି। ୧୯୧୪ ଏପ୍ରିଲ ୩ ତାରିଖ ଦିନରେ ଅମୃତସରରେ ସେ ଜନ୍ମ ହୋଇଥିଲେ।



# ଜଗତସିଂହପୁର ମାଟିର କଥା ଓ ଗାଥା



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ଜଗତସିଂହପୁର ମାଟି କଥା କୁହା ମାଟି। ଏ ମାଟିରେ ଟେକାଟିଏ ପଡିଲେ ସେ କଥା କୁହେ। ସୃଜନଶୀଳତାର ସୁନାର ଫସଲ ଠାରୁ ଆରମ୍ଭ କରି ସ୍ୱାଧୀନତା ସଂଗ୍ରାମର କଣ୍ଟକିତ ପଥ, କଳା, ସଂସ୍କୃତି ଐତିହ୍ୟର ଉଜ୍ଜ୍ୱଳ ପରମ୍ପରା ଠାରୁ ଆରମ୍ଭ କରି ରାଜନୀତି ଓ ଶିକ୍ଷାର ବୃହତ୍ତର କ୍ଷେତ୍ର ପର୍ଯ୍ୟନ୍ତ ସବୁଠି ଏ ମାଟିର ବାସ୍ନା ବେଶ୍ ବାରିହୋଇପଡ଼େ। କେବଳ ଆମ ରାଜ୍ୟ ନୁହେଁ ସାରା ଦେଶରେ ଏ ମାଟିର କୀରତି ଗାଥା ଗୁଞ୍ଜରିତ ହୁଏ।

ଆମର ଭାଷା, ଆମ ସାହିତ୍ୟ ଓ ଆମ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ହିଁ ଆମର ପରିଚୟ। ଭାଷାକୁ ଭିତ୍ତିକରି ପ୍ରଥମ ରାଜ୍ୟ ଭାବରେ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା। ଓଡ଼ିଆ ଭାଷାକୁ ନୂତନ ଦିଶା ଦେବାରେ ଏ ମାଟିର ମହାକବି ସାରଳା ଦାସଙ୍କ ସାଧନାସିକ୍ତ ସାରସ୍ୱତ ଅବଦାନ ଯଥାର୍ଥରେ ଅତୁଳନୀୟ। ସମସାମୟିକ ସମାଜରେ ସଂସ୍କୃତ ଭାଷାର ପ୍ରାଧାନ୍ୟକୁ ପ୍ରତିହତ କରି ଓଡ଼ିଆ ଭାଷାରେ ସଂସ୍କୃତ ସମକକ୍ଷ କାବ୍ୟ ରଚନା କରି ସେ ଓଡ଼ିଆ ଭାଷାର ଯେଉଁ ମୂଳଦୁଆ ପକାଇଥିଲେ ପରବର୍ତ୍ତୀ ସମୟରେ ଭାଷା ଭିତ୍ତିକ ପ୍ରଦେଶ ପାଇବାରେ ଆମେ ସମର୍ଥ ହୋଇଥିଲେ। ପରବର୍ତ୍ତୀ ସମୟରେ ଏ ମାଟିର ବହୁ ସାରସ୍ୱତ ପ୍ରତିଭା ସ୍ୱୀୟ ଲେଖନୀ ଚାଳନା କରି ଓଡ଼ିଆ ଭାଷାକୁ ବୁଦ୍ଧିମନ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଜ୍ଞାନପୀଠ ପୁରସ୍କାର ବିଜୟିନୀ ଔପନ୍ୟାସିକା ଡଃ. ପ୍ରତିଭା ରାୟ, ଶିଶୁ ସାହିତ୍ୟିକ ଡଃ. ମହେଶ୍ୱର ମହାନ୍ତି, ବିଷୁବ ପୁରସ୍କାର ବିଜେତା ସମାଲୋଚକ ପ୍ରଫେସର ନିତ୍ୟାନନ୍ଦ ଶତପଥୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ଔପନ୍ୟାସିକ ବିଭୂତି ପଟ୍ଟନାୟକ, ସୁସାହିତ୍ୟିକ ପରମାନାନ୍ଦ ଅଧିକାରୀ, ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସଂସ୍କୃତ ପଣ୍ଡିତ ସୁଦର୍ଶନ ଆଚାର୍ଯ୍ୟ, ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକା ପ୍ରଜ୍ଞା ପାରାମିତା ଶତପଥୀ ଓ ଆହୁରି ଅନେକ ନିଜସ୍ୱ ରଚନାରେ ସେମାନେ ପ୍ରତିଷ୍ଠିତ ହେବା ସହ ରାଜ୍ୟ ଓ ଜାତୀୟ ସ୍ତରରେ ସମ୍ମାନିତ ହୋଇ ଏ ମାଟି ପାଇଁ ଗୌରବ ଆଣିଛନ୍ତି।

ଭାରତର ମୁକ୍ତି ସଂଗ୍ରାମକୁ ଜଗତସିଂହପୁରର ଅବଦାନ ଅତୁଳନୀୟ। ଦେଶର ଅନ୍ୟ ରାଜ୍ୟ ଭଳି ଓଡ଼ିଶା ବିଶେଷ କରି ଜଗତସିଂହପୁରର ବହୁ ସଂଗ୍ରାମୀ ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ଲାଠିମାଡ଼ ଖାଇଛନ୍ତି ଓ କାରାବରଣ କରିଛନ୍ତି। ଏ ମାଟିର ସୁଯୋଗ୍ୟ ସନ୍ତାନ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଭାଗିରଥୀ ମହାପାତ୍ର, ପଣ୍ଡିତ ପ୍ରାଣକୃଷ୍ଣ ପଡିଆରୀ, ନାରାୟଣ ବୀରବର ସାମନ୍ତ, ଗୌରଙ୍ଗ ଚରଣ ଦାସ, ହରେକୃଷ୍ଣ ବିଶ୍ୱାଳ, ଜାତୀୟ କବି ବୀରକିଶୋର, ଉଦୟନାଥ ଷଡଙ୍ଗୀ, ଗୌରୀଶ୍ୟାମ ନାୟକ ଓ ଆହୁରି ଅନେକ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ଏଥିସହିତ ଏ ମାଟିର ମହୀୟସୀ ମହିଳାମାନଙ୍କ ଯୋଗଦାନ କୌଣସି ଗୁଣରେ କମ୍ ନଥିଲା। ସେମାନଙ୍କ ମଧ୍ୟରେ ରମାଦେବୀ, ମାଳତୀ ଚୌଧୁରୀ, ସରଳା ଦେବୀ ଓ ଅନ୍ନପୂର୍ଣ୍ଣା ମହାରଣା ଆଗ୍ରଗଣ୍ୟା।

ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ଏ ମାଟିର ମହକ ଆନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ପରିବ୍ୟାପ୍ତ। ସେମାନଙ୍କ ମଧ୍ୟରେ ଅଛନ୍ତି ବିଶ୍ୱବିଖ୍ୟାତ ବୈଜ୍ଞାନିକ ଡଃ. ପ୍ରାଣକୃଷ୍ଣ ପରିଜା, ପ୍ରଜ୍ଞାପୁରୁଷ ଡଃ. ଶ୍ରୀରାମଚନ୍ଦ୍ର ଦାଶ, ବୈଜ୍ଞାନିକ ବଂଶୀଧର ପରିଜା, ସୁଦର୍ଶନ ସାସମଲ, ପ୍ରଫେସର ହୃଦାନନ୍ଦ ରାୟ, ଶିକ୍ଷାବିତ୍ ସୂର୍ଯ୍ୟକାନ୍ତ ଦାସ, ଯୋଗେନ୍ଦ୍ରନାଥ ଦାଶ, ନୃସିଂହ ଚରଣ କାନୁନ୍‌ଗୋ, ବୈକୁଣ୍ଠନାଥ ଆଚାର୍ଯ୍ୟ, ସୁରପ୍ରସାଦ ମହାପାତ୍ର, ସଂସ୍କୃତ ବିଦ୍ୱାନ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପଣ୍ଡିତ ସୁଦର୍ଶନ ଆଚାର୍ଯ୍ୟ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର ଓ ଅନ୍ୟାନ୍ୟ ପ୍ରତିଭାଦୀପ୍ତ ବରେଣ୍ୟ ବ୍ୟକ୍ତିଗଣ। ସେହିପରି କଳା ନାଟକ କ୍ଷେତ୍ରରେ ଜଗତସିଂହପୁର ଅବଦାନ ପ୍ରଣିଧାନ ଯୋଗ୍ୟ। ଏ ମାଟିର ପ୍ରମୁଖ ଯାତ୍ରାଦଳ ଓଡ଼ିଶା ତଥା ଓଡ଼ିଶା ବାହାରେ ସୁନାମ ଅର୍ଜନ କରିଛନ୍ତି। ଖାଲି ସେତିକି ନୁହେଁ ଅନେକ ନାଟ୍ୟକାର ଉନ୍ନତମାନର ନାଟକ ରଚନା କରି ଏ ଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି। ସେମାନଙ୍କ ମଧ୍ୟରେ ଗୀତିନାଟ୍ୟକାର କବି ବାଳକୃଷ୍ଣ ମହାନ୍ତି, ରାମଚନ୍ଦ୍ର ସ୍ୱାଇଁ ତଥା ନାଟ୍ୟକାର ସୁଧାକର ଦ୍ୱିବେଦୀ, ଇଂ. କିଶୋର ମହାପାତ୍ର, ଜଗଦୀଶ ତ୍ରିପାଠୀ, ଉତ୍ତମ ଦାସ, କୈଳାଶ ମଲ୍ଲିକ, ହର ବାରିକ ଓ ଆଶୁତୋଷ ମହାପାତ୍ରଙ୍କ ନାମ ଉଲ୍ଲେଖଯୋଗ୍ୟ। ଅଭିନୟ ପ୍ରଦର୍ଶନରେ ମଧ୍ୟ ଏ ମାଟିର ଚମକ ଅନନ୍ୟ। ଆର୍ତ୍ତବନ୍ଧୁ ରାଉତରାୟଙ୍କ ଠାରୁ ଆରମ୍ଭ କରି ଉତ୍ତମ ପାଳ, ଶଙ୍କର୍ଷଣ ପଣ୍ଡାଙ୍କ ଠାରୁ ଆରମ୍ଭ କରି ଦେବୀ ରଥ ଏପରିକି ଚଳଚ୍ଚିତ୍ର ଜଗତର ଦୁଃଖିରାମ ସ୍ୱାଇଁଙ୍କ ପର୍ଯ୍ୟନ୍ତ ସବୁଠି ସେଇ କଳାର ମଣିଷମାନଙ୍କର ଅଭୁଲା ଅଭିନୟର ଚର୍ଚ୍ଚା।

ରାଜନୀତି କ୍ଷେତ୍ରରେ ମଧ୍ୟ ଓଡ଼ିଶା ମାନଚିତ୍ରରେ ଏ ମାଟି ବିଶେଷ ସ୍ଥାନର ଅଧିକାରୀ। ସ୍ୱାଧୀନତା ପୂର୍ବରୁ ୧୯୩୭ ମସିହାରେ ତିର୍ତ୍ତୋଲ-ଏରସମା ନିର୍ବାଚନ ମଣ୍ଡଳୀରୁ ବିପ୍ଳବୀ ଜନନାୟକ ନବକୃଷ୍ଣ ଚୌଧୁରୀ ନିର୍ବାଚିତ ହୋଇ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ପରେ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରିଥିଲେ। ସ୍ୱାଧୀନତା ପରେ ପରବର୍ତ୍ତୀ ସମୟରେ ନିଶାମଣି ଖୁଣ୍ଟିଆ, ପ୍ରତାପ ଚନ୍ଦ୍ର ମହାନ୍ତି, ଲୋକନାଥ ଚୌଧୁରୀ, ବିପିନ ବିହାରୀ ଦାସ, ନିତ୍ୟାନନ୍ଦ କାନୁନ୍‌ଗୋ, ବୈକୁଣ୍ଠ ମହାନ୍ତି, ବସନ୍ତ ବିଶ୍ୱାଳ, ବିଷ୍ଣୁ ଦାସ, ନିତ୍ୟାନନ୍ଦ ସାମନ୍ତରାୟ ଓ ଲକ୍ଷ୍ମଣ ମଲ୍ଲିକଙ୍କ ସମେତ ଅନେକ ରାଜନୀତିରେ ପଦାର୍ପଣ କରି ବହୁ ସୁନାମ ଅର୍ଜନ କରିଯାଇଛନ୍ତି। ସେହିପରି ଗତବର୍ଷ ଦିବଂଗତ ହୋଇଥିବା ପ୍ରବୀଣ ରାଜନୀତିଜ୍ଞ ଡାକ୍ତର ଦାମୋଦର ରାଉତ ସରକାରୀ ଚାକିରି ଛାଡି ଓଡ଼ିଶା ରାଜନୀତିରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ପରିଚୟ ସୃଷ୍ଟି କରିଯାଇଛନ୍ତି। ଏଥିସହିତ ଦେବାଶିଷ ସାମନ୍ତରାୟ, ଚିରଞ୍ଜୀବ ବିଶ୍ୱାଳ, ରଞ୍ଜୀବ ବିଶ୍ୱାଳ, ଡାକ୍ତର କୁଳମଣୀ ସାମଲ, ଡାକ୍ତର ରାଜଶ୍ରୀ ମଲ୍ଲିକ, ପ୍ରଶାନ୍ତ କୁମାର ମୁଦୁଲି, ରଘୁନନ୍ଦନ ଦାସ, ସମ୍ବିତ ରାଉତରାୟ, ବିଜୟ ଶଙ୍କର ଦାସ ଓ ଆହୁରି ଅନେକ ରାଜନୀତିରେ ପାଦ ଥାପି ସଫଳ ହୋଇଛନ୍ତି। ଏବେ ଗତ ନିର୍ବାଚନରେ ବିଜୟୀ ହୋଇଥିବା ସାଂସଦ ବିଭୂପ୍ରସାଦ ତରାଇ, ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ଅମରେନ୍ଦ୍ର ଦାସ, ବିଧାୟକ ଡାକ୍ତର ରମାକାନ୍ତ ଭୋଇ,ବିଧାୟକ ଶାରଦାପ୍ରସନ୍ନ ଜେନା ସଗର୍ବେ ରାଜନୀତିରେ ପାଦଥାପିଛନ୍ତି।

ଜଗନ୍ନାଥ ସଂସ୍କୃତି ହିଁ ଏଇ ଜାତିର ପରିଚୟ। ଏ ଜାତିର ଆରାଧ୍ୟ ଦେବତା ସେ। ବିଗତ ନବକଳେବର ସମୟରେ ବଡଠାକୁର ପ୍ରଭୁ ବଳଭଦ୍ର, ଜଗତରନାଥ ଶ୍ରୀଜଗନ୍ନାଥ ଓ ମା'ସୁଭଦ୍ରାଙ୍କ ତିନି ଦାରୁ ଏହି ଜିଲ୍ଲାରୁ ହିଁ ମିଳିଥିଲା। ଜଗନ୍ନାଥମୟ ହୋଇଯାଇଥିଲା ଏ ମାଟି। ଯାହା ଏଇ ମାଟିକୁ ସମଗ୍ର ବିଶ୍ୱରେ ଏକ ନିଆରା ପରିଚୟ ଦେଇଛି। ମା'ସାରଳାଙ୍କ ପୀଠ ଏ ମାଟି ବାଣୀକ୍ଷେତ୍ର ରୂପେ ସୁପରିଚିତ ଯାହାଙ୍କ ଅପାର କରୁଣାରୁ ସିଦ୍ଧେଶ୍ୱର ପରିଡା ଏଠି ସାରଳାଦାସ ହୋଇଥିଲେ। ଏ ମାଟିର ମହିମା ସତରେ ଅନନ୍ୟ। ଏପ୍ରିଲ ପହିଲାରେ ଜଗତସିଂହପୁର ଜିଲ୍ଲାର ମାନ୍ୟତା ପାଇଲା ଓ ୩ ତାରିଖରେ ପ୍ରବାଦ ପୁରୁଷ ବିଜୁପଟ୍ଟନାୟକ ଜଗତସିଂହପୁର ଜିଲ୍ଲା ପ୍ରତିଷ୍ଠାର ଶୁଭ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ପ୍ରତିଷ୍ଠାର ୩୨ ବର୍ଷ ପୂରଣ ହେବାକୁ ଯାଉଛି। ଏବେ ଆତ୍ମସମୀକ୍ଷା କରିବାର ବେଳ ଆସିଛି। ପ୍ରେରଣା ପାଇଁ ଅତୀତର ଗୌରବ ଓ ଐତିହ୍ୟର ସ୍ମୃତିଚାରଣ, ବର୍ତ୍ତମାନ ତ୍ରୁଟି-ବିଚ୍ୟୁତିର ସମୀକ୍ଷା ଓ ଭବିଷ୍ୟତକୁ ଆହୁରି ସରସ ସୁନ୍ଦର କରିବାର ସଂକଳ୍ପ ଆମକୁ ନେବାକୁ ହେବ।

# ଚିକିତ୍ସା ଦ୍ୱାରା ଭଲ ହୋଇପାରିବ ଅଟିଜମ୍

ଡା. ଗୁରୁପଦ ମିଶ୍ର
ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

ଅଟିଜମ୍ ହେଉଛି ଏକ ମାନସିକ ବିକୃତି, ଯାହାକି ଶିଶୁ ଠାରେ ଦେଢ଼ରୁ ଦୁଇବର୍ଷ ବୟସ ମଧ୍ୟରେ ଦେଖାଯାଇଥାଏ। ଏହା ଦ୍ୱାରା କଥା କହିବା, ବୁଝିବା ଓ ଅନ୍ୟ ସହ ଭାଷାର ବ୍ୟବହାର କରି ସାମାଜିକ ସମ୍ପର୍କ ସ୍ଥାପନ କରିବାରେ କଷ୍ଟ ହୋଇଥାଏ। ପ୍ରାକୃତିକ ଖାଦ୍ୟର ଅଭାବ ଓ ଅନିୟମିତ ଖାଦ୍ୟ ଗ୍ରହଣ ଯୋଗୁ ଶିଶୁଙ୍କ ଠାରେ ଏହା ଦେଖାଯାଇଥାଏ। ଠିକ୍ ଭାବେ ଚିକିତ୍ସା କଲେ ଏହା ଆରୋଗ୍ୟ ସାଧ୍ୟ ହୋଇପାରିବ ଏବଂ ଏଥିପାଇଁ ବ୍ୟାପକ ସଚେତନତା ଲୋଡ଼ା ବୋଲି ଚିକିତ୍ସକମାନେ ମତ ଦିଅନ୍ତି। ସେମାନଙ୍କ ସୂଚନା ଅନୁଯାୟୀ ଏହି ମାନସିକ ବିକୃତି ଦେଖାଯିବା ପରେ ଅନେକ ଏହା ଭଲ ହେବ ନାହିଁ ବୋଲି ଭାବି ନିଅନ୍ତି। ଫଳରେ ଚିକିତ୍ସା ଅଭାବରୁ ଏହା ବଢ଼ିବା ସହ ଆରୋଗ୍ୟ ହେବାର ସମ୍ଭାବନା କମିଯାଏ। ଅଟିଜମ୍‌ର ଲକ୍ଷଣ ହେଉଛି ଶିଶୁଟି ନିଜ ଦୁନିଆ ଭିତରେ ରହିବାକୁ ଚେଷ୍ଟା କରେ। ସାଙ୍ଗସାଥୀମାନଙ୍କ ସହ ଖେଳ ବୁଲ ନକରି ଏକା ରହିବାକୁ ଚାହିଁଥାଏ। କୌଣସି ଖେଳଣା ପସନ୍ଦ ହୋଇଗଲେ ବେଶି ସମୟ ସେହି ଖେଳଣା ସହ କାଟିବାକୁ ପସନ୍ଦ କରେ। ବିଶେଷ ଭାବାବେଗ ଶିଶୁଠାରେ ଦେଖାଯାଏ ନାହିଁ। ଦୁଃଖରେ କାନ୍ଦିବା କିମ୍ବା ସୁଖରେ ହସିବା ଭଳି ପରିପ୍ରକାଶ କରେ ନାହିଁ। ପ୍ରଥମରୁ ଚିକିତ୍ସା କଲେ ଏହା ଭଲ ହୋଇପାରିବ ନିଶ୍ଚୟ। ଏହା ଏପରି ଏକ ମାନସିକ ବ୍ୟାଧି, ଯାହାର ଚିକିତ୍ସା ସମ୍ଭବ। ଏହା ଭୋଗୁଥିବା ଶିଶୁ ସାଧାରଣତଃ ନିଜ ଭିତରେ ବିଲୀନ ରହନ୍ତି। ଆତ୍ମବିମୋହତାକୁ ଏକ ରୋଗ ନକହି ଏକ ଦୋଷ କହିବା ଠିକ୍ ହେବ। ଗର୍ଭାବସ୍ଥାରେ ମାଆ ନିଶାଯୁକ୍ତ ପାନୀୟ, କୋକେନ୍ ସେବନ କରିଥିଲେ ବା ରୁବେଲା ଭୋଗିଥିଲେ, ଶିଶୁ ଅଟିଜିମ୍‌ର ଶିକାର ହୁଏ। ସଂପ୍ରତି ଅଟିଜିମ୍ ଭୋଗୁଥିବା ଶିଶୁଙ୍କ ସଂଖ୍ୟା ତିନି କୋଟିରୁ ଅଧିକ। ଭାରତରେ ୨ ପ୍ରତିଶତ ଲୋକ ଏବେ ମସ୍ତିଷ୍କ ବିକୃତିର ଶିକାର। ଏହାର ନିରାକରଣ କରାନଗଲେ ଭବିଷ୍ୟତରେ ଏହି ସଂଖ୍ୟା ଦେଶ ପ୍ରତି ଜଟିଳ ସମସ୍ୟା ସୃଷ୍ଟି କରିବ। ତେଣୁ ଏବେଠାରୁ ଏଥିପ୍ରତି ସଚେତନ ହେବା ଦରକାର। ଅଟିଜମ୍ ନିରାକରଣ ପାଇଁ ନୀଳ ରଙ୍ଗକୁ ଏହାର ପ୍ରତୀକ ଭାବେ ବ୍ୟବହାର କରାଯାଉଥିବାରୁ ନୀଳ ରଙ୍ଗକୁ ବ୍ୟବହାର କରାଯାଇ ବିଭିନ୍ନ ସ୍ଲୋଗାନ ମାନ ଲେଖାଯାଇଥାଏ। ପ୍ରତିବର୍ଷ ଏପ୍ରିଲ ୨ ତାରିଖକୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ଭାବେ ପାଳନ କରାଯାଇ ଆସୁଛି। ତେବେ ଜାତିସଂଘର ସାଧାରଣ ପରିଷଦ ବୈଠକରେ ଏ ସଂକ୍ରାନ୍ତରେ ଏକ ପ୍ରସ୍ତାବ ୬୨/୧୩୯ ଗତ ୨୦୦୭ ଡିସେମ୍ବର ୧୮ରେ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବ ପ୍ରଥମେ କାତାର ପ୍ରତିନିଧି ଆଗତ କରିଥିଲେ ଏବଂ ଏହାକୁ ସବୁ ସଦସ୍ୟ ରାଷ୍ଟ୍ର ସମର୍ଥନ କରିଥିଲେ। ପ୍ରସ୍ତାବରେ ଚାରିଟି ମୁଖ୍ୟ ପ୍ରସଙ୍ଗ ସ୍ଥାନ ପାଇଥିଲା। ପ୍ରଥମତଃ ଏପ୍ରିଲ ୨କୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ଭାବେ ଘୋଷଣା କରିବା। ଦ୍ୱିତୀୟରେ ଜାତିସଂଘ, ସବୁ ସଦସ୍ୟ ରାଷ୍ଟ୍ର, ସ୍ୱେଚ୍ଛାସେବୀ ସଂଗଠନ, ଘରୋଇ ଓ ସର୍ବସାଧାରଣ ସଂଗଠନ ବିଶ୍ୱ ଅଟିଜିମ୍ ଦିବସ ପାଳନ କରିବା, ତୃତୀୟତଃ ସମାଜର ସବୁସ୍ତରରେ ଏହିଦିନ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିବା ଜଣେ ଶିଶୁ ତିନିବର୍ଷରେ ପଦାର୍ପଣ କରିବା ପୂର୍ବରୁ ଏହି ସମସ୍ୟା ଲକ୍ଷଣ ପ୍ରକାଶ ପାଏ। ପ୍ରାପ୍ତ ବୟସରେ ପହଞ୍ଚିବା ପରେ ମଧ୍ୟ ଏହି ସମସ୍ୟାରେ ଶିକାର ହୋଇ ଅନେକ ଶିଶୁ ସ୍ୱାଧୀନ ଭାବେ ଜୀବନ ଧାରଣ କରିପାରନ୍ତି ନାହିଁ। ଏହି ମାନସିକ ବିକୃତି ଦେଖାଯିବା ପରେ ଅନେକ ଏହା ଭଲ ହେବ ନାହିଁ ବୋଲି ଭାବି ନିଅନ୍ତି। ଫଳରେ ଚିକିତ୍ସା ଅଭାବରୁ ଏହା ବଢ଼ିବା ସହ ଆରୋଗ୍ୟ ହେବାର ସମ୍ଭାବନା କମିଯାଏ।

ଅଟିଜମ୍‌ର ଲକ୍ଷଣ ହେଉଛି ଶିଶୁଟି ନିଜ ଦୁନିଆ ଭିତରେ ରହିବାକୁ ଚେଷ୍ଟା କରେ। ସାଙ୍ଗସାଥୀମାନଙ୍କ ସହ ଖେଳ ବୁଲ ନକରି ଏକା ରହିବାକୁ ଚାହିଁଥାଏ। କୌଣସି ଖେଳଣା ପସନ୍ଦ ହୋଇଗଲେ ବେଶି ସମୟ ସେହି ଖେଳଣା ସହ କାଟିବାକୁ ପସନ୍ଦ କରେ। ବିଶେଷ ଭାବାବେଗ ଶିଶୁଠାରେ ଦେଖାଯାଏ ନାହିଁ। ଦୁଃଖରେ କାନ୍ଦିବା କିମ୍ବା ସୁଖରେ ହସିବା ଭଳି ପରିପ୍ରକାଶ କରେ ନାହିଁ। ଅଟିଜମ୍‌ର ଶିକାର ହୋଇଥିବା ପିଲାମାନଙ୍କୁ ନେଇ ସେମାନଙ୍କ ଅଭିଭାବକ ଓ ନିକଟ ସମ୍ପର୍କୀୟମାନେ ସେପରି ଭୟଭୀତ ହେବା ଉଚିତ ନୁହେଁ। ଆଜିକାଲି ସରକାର ଏ ଚିକିତ୍ସାକୁ ଅତ୍ୟନ୍ତ ଗୁରୁତ୍ୱ ପ୍ରଦାନ କରି ରାଜ୍ୟର ବଡ଼ ଡାକ୍ତରଖାନା, ଶିଶୁ ଭବନ ସମେତ ଜିଲ୍ଲାସ୍ତରୀୟ ଡାକ୍ତରଖାନାର ମଧ୍ୟ ଏ ସବୁ ସୁବିଧା ବ୍ୟବସ୍ଥା ରହିଛି। ଏହାର ସୁଯୋଗ ନେବା କଥା ଏବଂ କୌଣସି ପରିସ୍ଥିତିରେ ଗୁଣୀ ଗାରେଡ଼ି ବା ଦେଶୀ ପଦ୍ଧତିର ଚିକିତ୍ସା କରନ୍ତୁ ନାହିଁ। କୌଣସି ପରିସ୍ଥିତିରେ ପିଲାମାନଙ୍କୁ ମାରଧର କରି ବା ଧମକ ଚମକ ଦେଇ ସେମାନଙ୍କୁ ସୁଧାରିବାକୁ ଚେଷ୍ଟା କରନ୍ତୁ ନାହିଁ। ପିଲାଟି ନିଶ୍ଚିନ୍ତ ଆରୋଗ୍ୟସାଧ୍ୟ ହେବ ଏବଂ ତା' ଜୀବନର ପରିବର୍ତ୍ତନ ନିଶ୍ଚିନ୍ତ ସମ୍ଭବପର ହୋଇପାରିବ। ଡାକ୍ତରଙ୍କ ଉପରେ ଭରଷା ରଖିବେ, ପିଲାଙ୍କ ସହ ସାଙ୍ଗଭଳି ସମ୍ପର୍କ ରକ୍ଷା କରନ୍ତୁ ଏବଂ ତା' ପାଇଁ ଖାଦ୍ୟ, ପାନୀୟ ଏବଂ ବିଶ୍ରାମ ନେଇ ଏକ ଭଲ ରୁଟିନ୍ ପ୍ରସ୍ତୁତ କରନ୍ତୁ। ପିଲାଟି ପ୍ରାଥମିକ ଅବସ୍ଥାରୁ ଚିକିତ୍ସା ପାଇପାରିଲେ ନିଶ୍ଚିନ୍ତ ଭାବରେ ଆରୋଗ୍ୟ ଲାଭ କରିବ।



ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ପୋର୍ଟ ଡିଏଲଆର୍ସ ଆଣ୍ଡ କଣ୍ଟ୍ରାକ୍ଟ ୱାର୍କମେନ ଆସୋସିଏସନ ପକ୍ଷରୁ ଡ଼ିଏଲଆର ମାନଙ୍କ ବିଭିନ୍ନ ଦାବୀ ପୂରଣ ପାଇଁ ୬ ଶହରୁ ଉର୍ଦ୍ଧ୍ୱ ସଭ୍ୟଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ମଙ୍ଗଳବାର ଦିନ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦଙ୍କୁ ପ୍ରଦାନ କରାଯାଇଛି। ଡିଏଲଆର ଆସୋସିଏସନର ସଭାପତି ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ସାଧାରଣ ସମ୍ପାଦକ ପରେଶ ମୁର୍ମୁ ପ୍ରମୁଖଙ୍କ ସମେତ ଏକ ପ୍ରତିନିଧି ଦଳ ବନ୍ଦର ଅଧକ୍ଷଙ୍କୁ ଭେଟି ଡ଼ିଏଲଆର କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ସୂଚନା ଥାଉକି ପୂର୍ବରୁ ଏହିପରି ଏକ ଦାବିପତ୍ର ବନ୍ଦରାଧକ୍ଷଙ୍କୁ ପ୍ରଦାନ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ ଏଥିରୁ କୌଣସି ସୁଫଳ ମିଳିନାହିଁ। ତେବେ ଡିଏଲଆରଙ୍କ ସମସ୍ତ ସମସ୍ୟା ସମାଧାନ ପାଇଁ ୬ଶହରୁ ଉର୍ଦ୍ଧ୍ୱ ଡିଏଲଆର କର୍ମଚାରୀ ଶ୍ରମିକ ଦସ୍ତଖତ ମାଧ୍ୟମରେ ନେତା ପ୍ରକାଶ ତ୍ରିପାଠୀ, ଅଭିମନ୍ୟୁ ବେହେରା ଓ ପରେଶ ମୁର୍ମୁଙ୍କୁ ଆମର୍ଥନ କରି ଦାୟିତ୍ୱ ପ୍ରଦାନ କରିଛନ୍ତି। ହେଲେ ଅନ୍ୟ ପ୍ରମୁଖ ଶ୍ରମିକ ସଂଘରେ ଡିଏଲଆର କର୍ମଚାରୀ ସଦସ୍ୟ ନଥାଇ ସେମାନଙ୍କ ପାଇଁ ଦାବୀ କରିବା ଘଟଣା ବନ୍ଦର ପ୍ରଶାସନକୁ ବିଭ୍ରାନ୍ତ କରୁଥିବା ନେଇ ଅଭିଯୋଗ କରିଛି ଡିଏଲଆର ସଂଘ। ତେବେ ଡିଏଲଆରଙ୍କ ସମସ୍ତ ସମସ୍ୟା ସମ୍ପର୍କରେ ବୈଧତା ଥିବା ପ୍ରକାଶଙ୍କ ନେତୃତ୍ୱରେ ପରିଚାଳିତ ଡିଏଲଆର ସଂଘ ସହିତ ବନ୍ଦର ପ୍ରଶାସନ ସମସ୍ତ ଆଲୋଚନା କରିବାକୁ ବନ୍ଦରାଧକ୍ଷଙ୍କୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି।



# ଜାତୀୟ ସ୍ୱପରାୟଣତା ସମ୍ମିଳନୀ ସଚେତନତା ଦିବସ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର ଲୋକସେବା ଭବନ ବିଶ୍ୱ ସ୍ୱପରାୟଣ ସଚେତନତା ଦିବସ ପାଳନରେ ସ୍ୱପରାୟଣତା ଉପରେ ଜାତୀୟ ସମ୍ମିଳନୀ ଆୟୋଜନ କରିଥିଲା। ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ (ଏସ୍.ଏସ୍.ଇ.ପି.ଡି.) ଦ୍ୱାରା ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ ସାଇନ୍ସେସ (ଆଇ.ଏଚ୍.ଏସ୍.) ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ ସରକାରୀ ଅଧିକାରୀ, ଡାକ୍ତରୀ ବିଶେଷଜ୍ଞ ଏବଂ ଭିନ୍ନକ୍ଷମ ଅଧିକାର କର୍ମୀମାନେ ଏକତ୍ର ହୋଇ ବର୍ଦ୍ଧିତ ସଂଖ୍ୟକ ଅଟିଜିମ ମାମଲା ଏବଂ ଉନ୍ନତ ସହାୟତା ବ୍ୟବସ୍ଥାର ଜରୁରୀ ଆବଶ୍ୟକତାକୁ ଚର୍ଚ୍ଚା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାରତୀୟ ପୁନର୍ବାସ ପରିଷଦ (ଆରସିଆଇ)ର ଅଧକ୍ଷ ଡକ୍ଟର ଶରଣଜିତ କୌର ଚିକିତ୍ସା ପୁନର୍ବାସରେ ତାଲିମପ୍ରାପ୍ତ ପେସାଦାରଙ୍କ ବିଶ୍ୱସ୍ତରୀୟ ଅଭାବ ବିଷୟରେ ଚର୍ଚ୍ଚା କରିଥିଲେ। ପୁନର୍ବାସ ବିଜ୍ଞାନ କ୍ଷେତ୍ରରେ ଉଚ୍ଚଶିକ୍ଷା କାର୍ଯ୍ୟକ୍ରମର ସମ୍ପ୍ରସାରଣର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ଏବଂ ଏହି କ୍ଷେତ୍ରରେ ଲାଭଦାୟକ କ୍ୟାରିଅର ସୁଯୋଗ ଉପରେ ଆଲୋକପାତ



କରିଥିଲେ। ମୁଖ୍ୟବକ୍ତା ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ତାଙ୍କର ବ୍ୟାପକ ଅଭିଜ୍ଞତା ଏବଂ ଦିବ୍ୟାଙ୍ଗମାନଙ୍କ ଅଧିକାରକୁ ଆଗକୁ ବଢାଇବା ପାଇଁ ମିଳିତ ପଦକ୍ଷେପ ପାଇଁ ଆହ୍ୱାନ କରିଥିଲେ। ଆଇଏଚ୍ଏସର ପ୍ରତିଷ୍ଠାତା ପ୍ରଫେସର ସତ୍ୟ ମହାପାତ୍ର ସ୍ୱାଗତ ଭାଷଣ ଦେଇ ଅଟିଜିମ ବର୍ଦ୍ଧିତ ସଂଖ୍ୟା ଏବଂ ଚିକିତ୍ସା ସେବାକୁ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆଇଏଚ୍ଏସର ଚାଲୁଥିବା ଗବେଷଣା ଏବଂ ଭିନ୍ନକ୍ଷମ ପୁନର୍ବାସ, ପୁନର୍ବାସ ବିଜ୍ଞାନରେ ମାନବସମ୍ବଳ ବିକାଶ ଏବଂ ଆନୁସଙ୍ଗିକ ସ୍ୱାସ୍ଥ୍ୟସେବା ପ୍ରତି ଏହାର ପ୍ରତିବଦ୍ଧତା ଉପରେ ମଧ ଆଲୋକପାତ କରିଥିଲେ। ୨୬ବର୍ଷରୁ ଅଧିକ ଅଭିଜ୍ଞତା ସହିତ, ଆଇଏଚଏସ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଉନ୍ନତ ସୁଯୋଗ ସୃଷ୍ଟିକରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଛି। ଏହି କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ଏବଂ ଆଇଏଚ୍ଏସ୍ର ଅଡିଓଲୋଜିର ସହକାରୀ ପ୍ରଫେସର ଡକ୍ଟର ସୁଭାସ୍ମିତା ସାହୁ ସଂଯୋଜନା କରିଥିଲେ। ପଟ୍ଟନାୟକ ତାଙ୍କର ଅଭିଭାଷଣରେ ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ସମସ୍ତଙ୍କୁ ସ୍ୱାଗତ କରି ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ବିଭିନ୍ନ ପଦକ୍ଷେପ ଗୁଡିକ ବିଷୟରେ ଅବଗତ କରାଇ ଥିଲେ। ଏହି ବୈଷୟିକ ଅଧିବେଶନରେ ନ୍ୟସନାଲ ଇନଷ୍ଟିଚ୍ୟୁଟ ଫର ଦି ଏମ୍ପାୱାରମେଣ୍ଟ ଅଫ୍ପର୍ସନ୍ସ ୱିଥ ଇଣ୍ଟେଲେକଚୁଆଲ ଡିସେବିଲିଟିଜ୍ (ସିକନ୍ଦରାବାଦ) ରଡ. (ପ୍ରଫେସର) ସରୋଜ ଆର୍ଯ୍ୟ, ଡ. ନିର୍ମାଲ୍ୟ ମୁଖାର୍ଜୀ (କୋଲକାତା) ଏବଂ ଡ. ନେହା ତିୱାରୀ (ଲକ୍ଷ୍ନୌ)ଙ୍କ ସମେତ ବିଶିଷ୍ଟ ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ। ସେମାନେ ଶୀଘ୍ର ଚିହ୍ନଟ ଏବଂ ସ୍ୱପରାୟଣତାର ସମ୍ପୂର୍ଣ୍ଣ ଚିକିତ୍ସା ଏବଂ ପୁନର୍ବାସ ପାଇଁ ଏକ ବହୁବିଷୟୀକ ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ବରିଷ୍ଠ ଅଧିକାରୀ ଆର୍ଥିକ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ଅତିରିକ୍ତ ଶାସନ ସଚିବ ସୋନିଆ ବେହେରା, ଅତିରିକ୍ତ ଶାସନସଚିବ ଭାସ୍କର ରାଇତ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଇଏଚଏସର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ନଳିନୀ ମହନ୍ତି ସମସ୍ତ ଅଂଶଗ୍ରହଣକାରୀ ଏବଂ ବକ୍ତାମାନଙ୍କୁ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସମାପ୍ତ କରିଥିଲେ।

# ପଣ୍ୟ ପରିଚାଳନା କ୍ଷେତ୍ରରେ ଏକ ନମ୍ବର ସ୍ଥାନରେ ପାରାଦୀପ ବନ୍ଦର




ପାରାଦୀପ, (ଭାସ୍କର ନ୍ୟୁଜ୍): ୨୪-୨୫ ଆର୍ଥିକ ବର୍ଷରେ ୧୫୦.୪୧ ମିଲିୟନ ମେଟ୍ରିକ ଟନ (ଏମଏମଟି) ପଣ୍ୟ ପରିଚାଳନା କରି ଲଗାତାର ଦ୍ୱିତୀୟ ବର୍ଷ ପାଇଁ ପାରାଦୀପ ବନ୍ଦର ଭାରତୀୟ ବୃହତ ବନ୍ଦର ମଧ୍ୟରେ ପୁନର୍ବାର ଏକ ନମ୍ବର ସ୍ଥାନ ବଜାୟ ରଖିଛି। ଆଇରନ ଓର ଏବଂ ଜାଳେଣି କୋଇଲା ରପ୍ତାନିରେ ମାନ୍ଦାବସ୍ଥା ସତ୍ତ୍ୱେ ପାରାଦୀପ ବନ୍ଦର ପଣ୍ୟ ପରିଚାଳନା କ୍ଷେତ୍ରରେ ଏହି ସ୍ଥାନ ଅଧିକାର କରିପାରିଛି। ସମୁଦାୟ ପଣ୍ୟ ପରିଚାଳନାରେ ଉପକୂଳ ପଣ୍ୟ ପଣ୍ୟ ୪୨.୩୬ ପ୍ରତିଶତ ରହିଥିବା ବେଳେ ଏହା ୬୩.୭୧ ଏମଏମଟି ରେ ପହଞ୍ଚିବା ସହ ଏଥିରେ ୭.୬୫ ଅଭିବୃଦ୍ଧି ଘଟିଛି। ସେହିପରି କଣ୍ଟେନର ପଣ୍ୟ ପରିଚାଳନାରେ ୧୧ ପ୍ରତିଶତ ବୃଦ୍ଧି ପାଇ ଚଳିତ ଆର୍ଥିକ ବର୍ଷରେ ଅବିଶ୍ୱସନୀୟ ୩୨ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଗତ ଆର୍ଥିକ ବର୍ଷରେ ପଣ୍ୟ ବୋଝେଇ ରେଳ ପରିଚାଳନା ରେ ପାରାଦୀପ ବନ୍ଦର ରେକର୍ଡ ସୃଷ୍ଟି କରିବା ସହ ରେଳ ରେକରେ ୮୧.୦୧ଏମଏମଟି ପଣ୍ୟ ପରିଚାଳନା କରି ୫.୨୧ % ଅଭିବୃଦ୍ଧି ଘଟି ବୃହତ ବନ୍ଦର କ୍ଷେତ୍ରରେ ଇତିହାସ ସୃଷ୍ଟି କରିଛି। ସେହିପରି ଗତ ବର୍ଷ ଏକଜିମ କଣ୍ଟେନର ପରିଚାଳନାରେ ୧୨.୭୧୧ ଟିଇୟୁ ଅଭିବୃଦ୍ଧି, ବର୍ଷରେ ଦୈନିକ ରେକର୍ଡ ୩୪.୨୮୩ ମେଟ୍ରିକ ଟନ ପଣ୍ୟ ପରିଚାଳନା କ୍ଷମତା, ଯାନ୍ତ୍ରିକ ଟର୍ମିନାଲ କୋଇଲା ପରିଚାଳନାରେ ୧୨.୫୩ % ଅଭିବୃଦ୍ଧି ଘଟି ପାରାଦୀପ ବନ୍ଦର ଏକ ନମ୍ବର ସ୍ଥାନରେ ପହଞ୍ଚି ପାରିଛି। ପାରାଦୀପ ବନ୍ଦରର ୨୫ ଏମଏମଟିପିଏ ୱେଷ୍ଟର୍ଣ୍ଣ ଡ଼କ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ୨୦୨୬ ରେ ସମ୍ପୂର୍ଣ୍ଣ ହେଲେ ନୂତନ ଗ୍ରୀନ ହାଇଡ୍ରୋଜେନ ବା ଆମୋନିଆ ଏକ୍ସପୋର୍ଟ ଟର୍ମିନାଲ ପାଇପଲାଇନ କାର୍ଯ୍ୟକ୍ଷମ ହୋଇ ବନ୍ଦରର କାରବାରରେ ଦ୍ରୁତ ଅଭିବୃଦ୍ଧି ଘଟିବ। ତେବେ ବନ୍ଦରର ଏହି ସଫଳତା ପାଇଁ ବନ୍ଦର ଅଧକ୍ଷ ପି.ଏଲ. ହରନାଦ ବନ୍ଦର ଅଧିକାରୀ, କର୍ମଚାରୀଙ୍କ ସମେତ ସମସ୍ତ ସହଯୋଗକାରୀ ସମସ୍ତ ରପ୍ତାନିକାରୀ ଓ ଆମଦାନକାରୀ ସଂସ୍ଥା, ବନ୍ଦରର ସମସ୍ତ ଅଧିକାରୀ, ଶ୍ରମିକ ସଂଘ, ପିପିଏ ଅପରେଟର, ଷ୍ଟିଭେଡୋର୍ସ, ସିପିଙ୍ଗ ଏଜେଣ୍ଟ ପ୍ରମୁଖଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା ପାଇଁ ବନ୍ଦରାଧକ୍ଷ ହରନାଦ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଓ ଶାନ୍ତନୁ ଠାକୁରଙ୍କ ମାର୍ଗଦର୍ଶନ ପାଇଁ ତାଙ୍କୁ କୃତଜ୍ଞତା ଜଣାଇବା ସହ ରେଳ ମନ୍ତ୍ରଣାଳୟ, ଓଡ଼ିଶା ରାଜ୍ୟ ସରକାର ଓ କଷ୍ଟମ ବିଭାଗ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ବନ୍ଦର ପ୍ରଶାସନିକ ଭବନ ସଭା ଗୃହରେ ବୁଧବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବନ୍ଦରାଧକ୍ଷ ହରନାଦ ପାରାଦୀପ ବନ୍ଦରର ସଫଳତା ବିଷୟରେ ଉଲ୍ଲେଖ କରିବା ସହ କେକ୍ କାଟି ବରିଷ୍ଠ ଅଧିକାରୀମାନଙ୍କ ସହ ସଫଳତାର ଉତ୍ସବ ପାଳିଥିଲେ।

## ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ

ପାରାଦୀପ, (ଭାସ୍କର ନ୍ୟୁଜ୍): ପବିତ୍ର ଉତ୍କଳ ଦିବସ ଅବସରରେ ପାରାଦ୍ୱୀପ ସ୍ଥିତ ବିଜୁ ମେମୋରିଆଲ ହସ୍ପିଟାଲରେ ବିଭିନ୍ନ ସ୍ଥାନରୁ ଚିକିତ୍ସିତ ହେବା ପାଇଁ ଆସୁଥିବା ବ୍ୟକ୍ତିଙ୍କ ଗ୍ରୀଷ୍ମପ୍ରବାହ ପାଇଁ ବିବେକାନନ୍ଦ ୟୁଥ୍ କ୍ଲବ୍ ପକ୍ଷରୁ ଜଳଛତ୍ର କେନ୍ଦ୍ର ଉଦଘାଟିତ ହୋଇଯାଇଛି।ଏହି ଉଦଘାଟନି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଚିକିତ୍ସକ ନିର୍ମାଲ୍ୟ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ କାର୍ତ୍ତିକେଶ୍ୱର ମତ୍ସ୍ୟ ବ୍ୟବସାୟୀ ସଂଘର ବରିଷ୍ଠ ସଭ୍ୟ ପରେସ ମଣ୍ଡଳ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଜଳଛତ୍ର କେନ୍ଦ୍ରକୁ ଉଦଘାଟନ କରି କ୍ଲବର ଆୟୋଜକମାନଙ୍କୁ ଏପରି ଏକ ଉଦ୍ୟମ ପାଇଁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିବେକାନନ୍ଦ ୟୁଥ୍ କ୍ଲବ୍ର ସଭାପତି ଜଗନ୍ନାଥ ହାଲଦାର, କୋଷାଧକ୍ଷ ଜୟଦେବ ମାନ୍ନା, କାର୍ଯ୍ୟକରି ସଭାପତି ଅଜୟ ମିସ୍ତ୍ରୀ, ସାନୁଦାସ, ଉପଦେଷ୍ଟା କାମିନୀ ମିର୍ଦ୍ଧା ପରିଚାଳନା କରୁଥିବା ବେଳେ ସମସ୍ତ ସଭ୍ୟ ଏଥିରେ ସକ୍ରିୟା ସହଯୋଗ କରିଥିଲେ।

# ମଣ୍ଡଳସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ



ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ବିଦ୍ୟାବନ୍ତ ବିଦ୍ୟାର୍ଥୀ ବିକଶିତ ଓଡିଶା ଶିଶୁବାଟିକାର ଶୁଭ ଅବସରରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ମଣ୍ଡଳସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ବୁଧବାର ବିଦ୍ୟାଳୟର ପ୍ରଧାନଶିକ୍ଷକ ହିମାଂଶୁ ଶେଖର ମହାପାତ୍ରଙ୍କ ପୌରହିତ୍ୟରେ ସ୍ଥାନୀୟ ମଧୁସୁଦନପୁର ସରକାରୀ ପ୍ରାର୍ଥମିକ ଓ ଉଚ୍ଚପ୍ରାର୍ଥମିକ ବିଦ୍ୟାଳୟ ପରିଷରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ବ୍ଲକ ଉପାଧକ୍ଷ ଦେବାଶିଷ ତ୍ରିପାଠୀ ଯୋଗଦେଇ ସରକାରଙ୍କ ବହୁମୁଖୀ ଯୋଜନା ଉପରେ ଟିପଣୀ ରଖିଥିଲେ। ସମ୍ମାନୀତ ଅତିଥି ପ୍ରକାଶ ମଲ୍ଲିକ, ଜଗନ୍ନାଥପୁର ସରପଞ୍ଚ ଜଗବନ୍ଧୁ ମଲ୍ଲିକ, ସମିତିସଭ୍ୟା ପ୍ରମିଳା ବେହେରା, ମଣ୍ଡଳଶିକ୍ଷା ଅଧିକାରୀ ବିଜୟ କୁମାର ସ୍ୱାଇଁ, ମଣ୍ଡଳ ସହ ଶିକ୍ଷାଅଧିକାରୀ ଆଶୁତୋଷ ବାନାର୍ଜୀ, ସହ ଶିକ୍ଷାଅଧିକାରୀ ରଜନୀ କାନ୍ତ ରାୟ, ସିଆରସିସି ଦିଲିପ କୁମାର ସ୍ୱାଇଁ, ସୁକାନ୍ତ କୁମାର ଦ୍ୱିବେଦୀ, ବିରୁପାକ୍ଷ ସେଠୀ, ପ୍ରଶାନ୍ତ କୁମାର ରାଉତ, ଚତୁର ଭୁଜ ନାୟକ, ଚିନ୍ମୟ ରଥ, ପ୍ରମୁଖ ଯୋଗଦେଇ ସରକାରଙ୍କ ଖଡିଛୁଆଁ କାର୍ଯ୍ୟକ୍ରମ ବିଷୟରେ ଭାଷଣ ମାଧ୍ୟମରେ ମତପୋଷଣ କରିଥିଲେ। ଏହାକୁ ମହାବୀର ପ୍ରସାଦ ଦାସ ଶିକ୍ଷକନେତା ଦେବାଶିଷ ବେହେରା, ଯଜ୍ଞ ବଳକ ମିଶ୍ର, ବିଶ୍ୱନାଥ ଦାସ, ଜ୍ଞାନରଂଜନ ଦାସ, ଦିବାକର ମହଲା, ରୁବି ମହାନ୍ତି, କବିତା ରାଉତରାୟ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ପରିଚାଳନା କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାସ୍କର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅତିଥିମାନେ ପ୍ରବେଶ ଓ ଖଡିଛୁଆଁ ଉତ୍ସବରେ ମଧୁସୁଦନ ପୁର ପ୍ରାଥମିକ ବିଦ୍ୟାଳୟର ୭ ଜଣ ନବ କଳିକାମାନଙ୍କୁ ପ୍ରବେଶ କରାଇବା ସହିତ ଏହି ଉପଲକ୍ଷେ ଏକ ଶିକ୍ଷା ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ।

# ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମଣ୍ଡଳସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଉଦ୍‌ଘାଟିତ




ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅଂଚଳରେ ମଣ୍ଡଳ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତି ପ୍ରଭାତି ପରିଡ଼ା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟକ ଅଭିଭାବକ ଯୋଗ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ବୁଧବାର ସକାଳ ୮ ଘଣ୍ଟିକା ସମୟରେ ସ୍ଥାନୀୟ ଦିଘାଲୋ ନୀଳକଣ୍ଠେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟିତ କରିଥିଲେ। ଜାତୀୟ ଶିକ୍ଷାନୀତି- ୨୦୨୦ ଓଡ଼ିଶା ସରକାରଙ୍କ ଦ୍ୱାରା ଏହି ଶିକ୍ଷା ବର୍ଷ ୨୦୨୫-୨୬ରେ ପୂର୍ଣ୍ଣ କାର୍ଯ୍ୟକାରୀ କରାଯିବ। ଶିକ୍ଷା କାର୍ଯ୍ୟ ଆରମ୍ଭରେ ବିଦ୍ୟାଳୟରେ ଶିଶୁ ବାଟିକା ପିଲାମାନଙ୍କୁ ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ୫ ବର୍ଷ ହୋଇଥିବା ଆବଶ୍ୟକ। ସେମାନଙ୍କୁ ବିଦ୍ୟାଳୟରେ ନାମ ଲେଖା ନିର୍ଦ୍ଦେଶ ରହିଛି। ଏହି କ୍ରମରେ ଏପ୍ରିଲ ୨ ତାରିଖ ଠାରୁ ୫ ତାରିଖ ମଧ୍ୟରେ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ କରାଯାଇଛି। ପ୍ରତ୍ୟେକ ବିଦ୍ୟାଳୟକୁ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶା ସରକାରଙ୍କ ତତ୍ତ୍ୱାବଧାନରେ ଏହାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା ଦିଘାଲୋ ନୀଳକଣ୍ଠେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଯୋଗ ଦେଇ ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ପର୍କରେ ଆଲୋଚନା କରାଯାଇ ଥିଲା। ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ପ୍ରାଚୀନ ନୀତି ଓ ଆଦର୍ଶକୁ ପ୍ରଚଳନ କରିବା ସହ ପିଲାମାନଙ୍କୁ ଆଦର୍ଶ ଶିକ୍ଷାଦାନ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନିମାପଡ଼ା ଶିକ୍ଷା ମଣ୍ଡଳ ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଗୋପ ବ୍ଲକ୍ ଅଧକ୍ଷା ଟୁନୁ ମଲ୍ଲିକ, ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦ ଅଧକ୍ଷା ସସ୍ମିତା ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ସାଂସଦ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଓଝା, ମୀନଲତା ମହାନ୍ତି, ତେରୁଣ୍ଡିଆ ସରପଞ୍ଚ ନିରୂପମା ପ୍ରଧାନ, ସମିତି ସଭ୍ୟା ତିଳୋତମା ବାରିକ, ସୁନୀଲ କୁମାର ବ୍ରହ୍ମା, ନିମାପଡ଼ା ଶିକ୍ଷା ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରୀ ପ୍ରତିଭା ମହାନ୍ତି, ସୁଦର୍ଶନ ଭୋଇ ଯୋଗ ଦେଇଥିବା ବେଳେ ନିମାପଡ଼ା-ଗୋପ ସମସ୍ତ ସିଆରସିସି, ବିଦ୍ୟାଳୟର ଶିକ୍ଷକ/ ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲା କମ୍ୟୁନିଷ୍ଟ ପାର୍ଟି

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଦିଘାଲୋ ବିଦ୍ୟୁତ୍ ବିଭାଗ ଡ଼ିଭିଜନ୍ କାର୍ଯ୍ୟାଳୟକୁ ଘେରିଲା କମ୍ୟୁନିଷ୍ଟ ପାର୍ଟି। ଉପଭୋକ୍ତାମାନଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବୁଧବାର ପୂର୍ବାହ୍ନରେ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ଦାବୀକୁ ନେଇ ବିକ୍ଷୋଭ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ ଭାରତୀୟ ଜନତା ପାର୍ଟି ପୁରୀ ଜିଲ୍ଲା ପକ୍ଷରୁ ଲୋକମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ଉପଭୋକ୍ତା ମହାସଂଘ, ଓଡ଼ିଶାଙ୍କ ଦାବୀଗୁଡ଼ିକ ଯଥାର୍ଥ ଥିବାରୁ ଅଧିକାରୀଙ୍କ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିକ୍ଷୋଭ କରାଯାଇଛି। ଦାବୀ ମଧ୍ୟରେ ଜନ ବିରୋଧୀ ପ୍ରି-ପେଡ଼ ସ୍ମାର୍ଟ ମିଟର ସଂଯୋଗ କରିବା ବନ୍ଦ କରାଯିବା, ନିର୍ବାଚନ ସମୟରେ ସରକାର ଦେଇଥିବା ପ୍ରତିଶ୍ରୁତି ୩ଶହ ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ଼ କରିବା, ଓଡ଼ିଆ ଭାଷାରେ ବିଦ୍ୟୁତ୍ ବିଲ୍ ପ୍ରଦାନ କରାଯିବା, କୃଷି କ୍ଷେତ୍ରକୁ ମାଗଣା ବିଦ୍ୟୁତ୍ ଯୋଗାଇବା, ଟାଟା କମ୍ପାନୀ ବିଦ୍ୟୁତ୍ ବିତରଣ ନେବା ପୂର୍ବରୁ ଥିବା ବକେୟା ବିଲ୍ ଛାଡ଼୍ କରାଯିବା, ଓଇଆରସି ଏବଂ ଟାଟା କମ୍ପାନୀରର ଗ୍ରାହକଙ୍କୁ ଶୋଷଣ ବନ୍ଦ କରାଯିବା ସଂପର୍କରେ କମ୍ୟୁନିଷ୍ଟ ପାର୍ଟି ଦାବୀ ରଖିଥିଲା। ଏହି କାର୍ଯ୍ୟ ସଂପର୍କରେ ବିଚାର କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସୂଚନା ଦିଆଯାଇଛ

# କଲେଜରୁ ଲକ୍ଷାଧିକ ଟଙ୍କାର ଗଛ କାଟି ଲୁଟିନେଲେ ଦୁର୍ବୃତ୍ତ

ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ସଦର ମହକୁମାର ସୁନାମ ଧନ୍ୟ ବହୁ ପୁରାତନ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ବିଦ୍ୟାଳୟଗଢି ଉଠି ଥିଲା ପରବର୍ତ୍ତି ସମୟରେ ସଂସ୍କୃତ ମହା ବିଦ୍ୟାଳୟରେ ପରିଣତ ହୋଇ ଖ୍ୟାତି ଅର୍ଜନ କରିପାରିଥିଲା। କିନ୍ତୁ କାଳକ୍ରମେ ଏଠାରେ ପିଲାଙ୍କ ସଂଖ୍ୟା କମିଯାଇଛି। ଲୋକମାନଙ୍କ କହିବା ଅନୁଯାୟୀ ଏହାର ଏକ ମାତ୍ର କାରଣ ହେଉଛି ଅନୁଷ୍ଠାନରେ ଅନୀୟମିତ କାର୍ଯ୍ୟ। ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ସେଠାରେ ରହୁଥିବା ଜଣେ ଶିକ୍ଷକଙ୍କ ପ୍ରୋତ୍ସାହନରେ ଅସାମାଜିକ ବ୍ୟକ୍ତିଙ୍କର ମଦର ଆସର ଜମେ, କେତେ ବେଳେ ଅଣଛାତ୍ରମାନେ ସେଠାରେ ଆସର ଜମାଇ ଅନିୟମିତ କାର୍ଯ୍ୟ କରିବାକୁ ପଛାଉ ନଥିବା ବେଳେ ସ୍ଥାନୀୟ ତଳ କର୍ମଚାରୀଙ୍କ ସହଯୋଗ ଥିଲେବି ପ୍ରିନ୍ସିପାଲ ଜାଣି ଅଜଣା ଥିବା ଅଭିଯୋଗ ହେଉଛି। ୫ଟି ନାମରେ କ୍ଲାସ୍‌ରୁମ ଦୁଇଟି ନବିକରଣ କରାଗଲା ତାହା କେବଳ ଘରର ପୁରୁଣା ପ୍ଲାଷ୍ଟର ଛଡାଇ ପୁନଃପ୍ଲାଷ୍ଟର କରିବା ସହ ପୁରୁଣା ଭଲ ଆଜେବେଷ୍ଟ କଢ଼ାଯାଇ ରଙ୍ଗୀନ ଆଜବେଷ୍ଟ ଲଗାଗଲା, ମାତ୍ର ସେହି ଘରୁ ବାହାରିଥିବା କାଠକୁ କଳା ମାରି ଆଜବେଷ୍ଟ ପକାଇ ଜେଇ ଅର୍ଥ ଲୁଟିନେଲେ ବୋଲି ଅଭିଯୋଗ ହୋଇଛି। କିନ୍ତୁ ପୁରୁଣା ଘରୁ ସବୁ ବାହାରିଥିବା କାଠ ଓ ଆଜବେଷ୍ଟକୁ ଲକ୍ଷାଧିକ ଟଙ୍କାରେ ବିକ୍ରି ହୋଇ ରାତିରେ ବୁହା ଯାଇଥିଲା। ଏନେଇ ଅଭିଯୋଗ ପାଇବା ପରେ ଅନୁଷ୍ଠାନର ପ୍ରୀନ୍ସିପାଲ ବିକ୍ରମ ବାବୁଙ୍କୁ ପଚାରିବାରୁ ସେ କହିଥିଲେ କାଠ ଓ ଆଜବେଷ୍ଟ ଏକକାଳିନ ନୋଟିସ ହୋଇ ନିଲାମ ହେବ ବୋଲି ସଫେଇ ଦେଇଥିଲେ। ହେଲେ ଏହା ଭିତରେ ଫରେଷ୍ଟ ବିଭାଗର ବିନା ଅନୁମତିରେ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ବୃହତକାୟ ଚାଖୁଣ୍ଡା ଗଛ, ଓସ୍ତ ଗଛ, ସମେତ ବହୁ ପୁରୁଣା ଶୋଭା ପାଉଥିବା କୃଷ୍ଣଚୁଡା ଗଛ ଓ ନଡିଆଗଛକୁ ମଧ କାଟି ବିକ୍ରୀ କରିଥିବା ଅଭିଯୋଗ ହେଉଛି। ବଜାର ସଦର ମହକୁମାରେ ନିଳପାଲ ଟାଣି ଗଛ କଟାଯାଉଥିବା ଯାତାୟତ କରୁଥିବା ବନ ବିଭାଗ ଜାଣିପାରି ନାହିଁ ନାଜାଣି ଅଜଣା ଅଛନ୍ତି ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଯୋର ଧରିଛି। ଏନେଇ ପୁନଶ୍ଚ ପ୍ରିନ୍ସିପାଲଙ୍କୁ ପଚାରିବାରୁ ସେ କହିଥିଲେ ଆମକୁ ନ ପଚାରୀ ଠିକାଦାର ଗଛ କାଟିଦେଇଛନ୍ତି, ସେହି ଗଛ ବିକ୍ରୀ କରି ଗଛ କଟାଳିଙ୍କୁ ଟଙ୍କା ଦିଆଯିବ ବୋଲି ଠିକାଦାର କହିଛନ୍ତି। ଏହା ବ୍ୟତୀତ ବଡ଼ବଡ଼ ପ୍ରାୟ୩/ ୪ଫୁଟ ଗୋଲେଇ ଓ ୭/୮ଫୁଟ ଲମ୍ବର ୪ଟା ଚାକୁଣ୍ଡା ଗଣ୍ଡିକୁ ଟ୍ରାକ୍ଟରେ ଲଦି କ୍ରେତା ରବିବାର ଦିନ ପ୍ରାୟ୧୧.୨୦ରେ ନେଇଥିବା ଅଭିଯୋଗ ହୋଇଛି। ସେଦିନ ଥିଲା ମାସ ଶେଷ ବଜାର ବନ୍ଦ ଏପଟେ ମୁଖ୍ୟମନ୍ତ୍ରୀଙ୍କ ଅନ୍ତ୍ୟୋଦୟ ଗୃହଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ହାଇସ୍କୁଲ ପଡିଆରେ, ଲୋକମାନଙ୍କ ଯାତାୟତ ବିଶେଷ ନଥିଲା ଏହି ସୁଯୋଗ ଦେଖି ଟୋଲରୁ କାଠ ନେଇ କ୍ରେତା ପାର ହୋଇଯାଇଛି, କେବଳ ଅନୁଷ୍ଠାନରେ ଏତିକି ଅଭିଯୋଗ ନାହିଁ ନିର୍ଦ୍ଧିଷ୍ଟ ଶିକ୍ଷକ ଓ ତଳ କର୍ମଚାରୀ ବର୍ଷକୁ ନଡିଆ ଗଛରୁ ପାଉଥିବା ଅର୍ଥକୁ ଅଣଛାତ୍ର ସହ ମିଶି ଅନୁଷ୍ଠାନରେ ମଦର ଆସର ଜମାଇ ଥିବା ସ୍ଥାନୀୟ ଦୋକାନୀ ଓ ବାଟୋଇ, ଦେଖାଣାହାରି ଏପରି ସାଂଘାତିକ ଅଭିଯୋଗ ଆଣି କହିଛନ୍ତି ଏଥି ପାଇଁ ଆମେ ଝିଅମାନଙ୍କୁ ଏଠାକୁ କ୍ଲାସ କରିବାକୁ ଛାଡୁ ନାହୁଁ। ଅନୁଷ୍ଠାନରେ ଏପରି ଆଚରଣ ପାଇଁ ପିଲାମାନଙ୍କର କ୍ଲାସ କରିବା କମ୍ ହୋଇଯାଉଛି। ତେଣୁ ଏହି ପୁରାତନ ଶିକ୍ଷା ଅନୁଷ୍ଠାନକୁ ତା'ର ମାନମର୍ଯ୍ୟାଦା ରକ୍ଷା କରିବାକୁ ପ୍ରଶାସନ ଦୃଷ୍ଟି ଦେବାକୁ ପୁରାତନ ଛାତ୍ରମାନଙ୍କ ପକ୍ଷରୁ ଦାବୀ ହେଉଛି। ତେଣୁ ଫରେଷ୍ଟ ବିଭାଗ ଏ ଗଛକଟା ଉପରେ କି ପଦକ୍ଷେପ ନେଉଛି ନା ସମ୍ପୃକ୍ତି ନେଇ ନିରବ ରହୁଛି ଦେଖିବାକୁ ବାକି ଅଛି।

# ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ସୁନାଅଳଙ୍କାର ଓ ଟଙ୍କା ଲୁଟ୍

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ସାହାପୁର ବଜାରରେ ରହୁଥିବା ବାମନବିନ୍ଧା ପଞ୍ଚାୟତ ଅଧୀନ ବିଲବାମନବିନ୍ଧା ଗ୍ରାମର ଚିତ୍ତରଂଜନ ପାଢ଼ୀଙ୍କ ଘରେ ସୋମବାର ବିଳମ୍ବିତ ରାତିରେ ପଶି ଦୁର୍ବୃତ୍ତମାନେ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ କ୍ରମେ ପୁଲିସ ୮୪/ ୨୫ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ମଙ୍ଗଳବାର ଅପରାହ୍ଣରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡ଼ିଛି। ଅଭିଯୋଗରୁ ପ୍ରକାଶ ଯେ, ବିଲବାମନବିନ୍ଧା ଗ୍ରାମର ନିରଂଜନ ପାଢ଼ୀ ସାହାପୁର ବଜାରରେ ଘର କରି ରହୁଥିଲେ। ସୋମବାର ରାତିରେ ୬ଜଣ ଦୁର୍ବୃତ୍ତ ମୁହଁରେ କଳା କପଡ଼ା ବାନ୍ଧି ଘରର ପଛରୁ ଏକ ସିଢ଼ି ସହାୟତାରେ ଛାତ ଦେଇ ଘରକୁ ପ୍ରବେଶ କରିଥିଲେ। ଚିତ୍ତରଂଜନ ଓ ତାଙ୍କ ପତ୍ନୀ ଶୋଇଥିବା ଘରର କବାଟ ଖୋଲା ଥିବାରୁ ଦୁର୍ବୃ□ମାନେ ଘରକୁ ପ୍ରବେଶ କରି ତାଙ୍କ ମୋବାଇଲକୁ କଚାଡ଼ି ଭାଙ୍ଗି ଦେଇଥିଲେ। ଦମ୍ପତ୍ତିଙ୍କ ବେକରେ ବନ୍ଧୁକ ଓ ମାରଣାସ୍ତ୍ର ଲଗାଇ ଆଲମୀରା ଚାବିକାଠି ମାଗିଥିଲେ। ଡ୍ରେସିଂ ଟେବୁଲ ଡ୍ରୟାରରେ ଥିବା ଚାବିକାଠି ଆଣି ଆଲମୀରାରେ ଥିବା ନଗଦ ୩ଲକ୍ଷ ଟଙ୍କା ଓ ସୁନା ଗହଣା ଲୁଟି ନେଇଥିଲେ। ପରେ ଚିତ୍ତରଂଜନଙ୍କ ପତ୍ନୀ ଶାନ୍ତିଲତା ପିନ୍ଧିଥିବା ସୁନା ଅଳଙ୍କାର ଲୁଟି ନେବା ସହିତ ତାଙ୍କ ମା' ବାସନ୍ତୀ ଶୋଇଥିବା ଘରକୁ ଯାଇଥିଲେ। ସେଠାକୁ ଯାଇ ସେ ପିନ୍ଧିଥିବା ସୁନା ଗହଣା ଲୁଟି ନେଇ ସମସ୍ତଙ୍କୁ ସେହି ଘରେ ପୁରାଇ ବାହାର ପଟୁ କବାଟ ବନ୍ଦ କରି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ପରେ ବାସନ୍ତୀ ତାଙ୍କ ମୋବାଇଲରେ ଘଟଣା ସମ୍ପର୍କରେ ଗାଁ'ରେ ରହୁଥିବା ଦେଢ଼ଶୁର ଓ ଦିଅରଙ୍କୁ ଜଣାଇବା ପରେ ସେମାନେ ଆସି କବାଟ ଖୋଲି ସମସ୍ତଙ୍କୁ ଉଦ୍ଧାର କରିଥିଲେ। ସେହିଦିନ ରାତିରେ ଚିତ୍ତରଂଜନ ଏ ନେଇ ପୀରହାଟ ଥାନାରେ ଅଭିଯୋଗ କରିଥିଲେ।

# ଓଡ଼ିଆ ଭାଷାର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ

ଉମରକୋଟ, (ଭାସ୍କର ନ୍ୟୁଜ୍): ଓଡ଼ିଆ ଭାଷାର ସରକାରୀ ଓ ବେସରକାରୀ ସ୍ତରରେ ବ୍ୟବହାର ଦିନକୁଦିନ କମିଯିବାରୁ ଓଡ଼ିଶା ଭାଷା ଆଇନ-୧୯୫୪ର କାର୍ଯ୍ୟକାରିତାରେ ସରକାର ଓ ପ୍ରଶାସନର ଆନ୍ତରିକତା ଅଭାବରୁ ଓଡ଼ିଆ ଭାଷା ଏବେ ଶଙ୍କଟରେ। ଏହାର ନିରାକରଣ ପାଇଁ ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ସାହିତ୍ୟ ସଂଗଠନ 'ଉତ୍କଳ ପୂଜ୍ୟପୂଜା ପରିଷଦ' ପକ୍ଷରୁ 'ଓଡ଼ିଶା ଦିବସ' ଅବସରରେ ମୁଖ୍ୟମନ୍ତ୍ରୀ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କୁ ୩୬ ଦଫା ସମ୍ବଳିତ ଏକ ପ୍ରସ୍ତାବ ପତ୍ର ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ଜରିଆରେ ଏହାର ପ୍ରତିଷ୍ଠାତା ବରିଷ୍ଠ ସମାଜସେବୀ ସମୀର କୁମାର ପ୍ରଧାନ ପ୍ରଦାନ କରିଛନ୍ତି। ଏହି ପ୍ରସ୍ତାବରେ କୁହାଯାଇଛି ଯେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଭାଷା ଆଇନ ବିଧାନ ସଭାରେ ଆସିବା ଆବଶ୍ୟକ। ପୁନଶ୍ଚ ଓଡ଼ିଆ ଭାଷାକୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟରେ ବାଧ୍ୟତାମୂଳକ



ବ୍ୟବହାର କରିବା, ଓଡ଼ିଆ ଭାଷା ପ୍ରତିଷ୍ଠାନକୁ ସ୍ୱୟଂ ଶାସିତ କରିବା, ବିଦ୍ୟାଳୟରେ ଭାଷା ଶିକ୍ଷକ ନିଯୁକ୍ତି ସହିତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଖାଲି ପଡିଥିବା ଓଡ଼ିଆ ଅଧାପକ ପଦବୀ ପୂରଣ, ଓଡ଼ିଶା ସାହିତ୍ୟ ଏକାଡ଼େମୀର କାର୍ଯ୍ୟଧାରାରେ ଆମୂଳଚୁଳ ପରିବର୍ତ୍ତନ, ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ସୁରକ୍ଷା, କାଳଜୟୀ ଓଡ଼ିଆ ପୁସ୍ତକର ସଂରକ୍ଷଣ ସହିତ ବିଭିନ୍ନ ଭାରତୀୟ ଓ ଆନ୍ତର୍ଜାତୀୟ ଭାଷାରେ ଅନୁବାଦ, ଓଡ଼ିଆ ଭାଷା ସମ୍ପର୍କରେ ବ୍ୟାପକ ଗବେଷଣା ଓ ଦଲିଲିକରଣ ସମେତ ଓଡ଼ିଶା ସରକାରଙ୍କ ସମସ୍ତ ୱେବସାଇଟର ଢାଞ୍ଚାଗତ ପରିବର୍ତ୍ତନ ସହିତ ଏହାକୁ ସୂଚନା ଓ ତଥ୍ୟ ଆଧାରିତ କରିବା ପାଇଁ ପ୍ରଧାନ ଦାବି କରିଛନ୍ତି। ପ୍ରକାଶ ଥାଉକି ପ୍ରଧାନ ଭାରତ ସରକାରଙ୍କ ତରଫରୁ ସମାଜସେବା ଓ ସଂସ୍କୃତି ସୁରକ୍ଷା କ୍ଷେତ୍ରରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି ଓ ରାଜ୍ୟ ସମାଜ ସେବା ପୁରସ୍କାରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି।

# ସରକାରୀ ଜମିରେ ଘର କରି ଦଲାଲ ଦେଉଛନ୍ତି ଭଡ଼ା

ନିଆଳି, (ଭାସ୍କର ନ୍ୟୁଜ୍): ସରକାରୀ ଜମି ଜବରଦଖଲ ଯୋଗୁଁ କଟକ ଜିଲ୍ଲା ନିଆଳି ବଜାର ଓ ଆଖପାଖ ଅଞ୍ଚଳ ଶଙ୍କୁଚିତ ହେବା ସହିତ ଦୁର୍ଘଟଣା ବଢୁଛି ଏବଂ ରାସ୍ତା ଜାମ ଯୋଗୁଁ ପୋଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଅନ୍ୟପଟେ ନିଆଳି ତହସିଲ ପକ୍ଷରୁ ଉଚ୍ଛେଦ ପକ୍ରିୟା ଆରମ୍ଭ ହୋଇଥିଲେ ସୁଦ୍ଧା କଚ୍ଛପ ଗତି ଯୋଗୁଁ ପଥଚାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମିଳିଥିବା ଅଭିଯୋଗ ଅନୁସାରେ କଟକ ଜିଲ୍ଲାର ଫୁଲନଖରା ଓ ଚାରିଛକ ରାସ୍ତା ୬୦ ନମ୍ବର ରାଜ୍ୟପଥ ମାନ୍ୟତା ପାଇଛି ସତ କିନ୍ତୁ ରାସ୍ତାର ସମ୍ପ୍ରସାରଣ ଏପର୍ଯ୍ୟନ୍ତ ନହେବା ଫଳରେ ରାସ୍ତା ଜାମ ସାଙ୍ଗକୁ ଦୃର୍ଘଟଣା ବଢିବାରେ ଲାଗିଛି। ନିଆଳି ବଜାର ଠାରୁ ଜଲ୍ଲାରପୁର ଆର.ଆଣ୍ଡ.ବି ରାସ୍ତାର ଉଭୟ ପାର୍ଶ୍ୱ ସରକାରୀ ଜମି ଜବରଦଖଲ କବଳରେ ବର୍ଷ ବର୍ଷ ଧରି ଅବରୋଧ ସାଙ୍ଗକୁ ସରକାରୀ ଜମିରେ କୋଠା ଓ ଦୋକାନ ନିର୍ମାଣ କରି କିଛି ମୁଷ୍ଟିମେୟ ଲୋକ ଭଡ଼ା ସୂତାରେ ଦେଇ ମାସିକ ଭଲ ରୋଜଗାର କରୁଥିବା ଅଭିଯୋଗ ହୋଇଛି। ଫଳରେ ନିଆଳି ଓ ଜଲ୍ଲାରପୁର ରାସ୍ତା ଏବଂ ଆଖପାଖ ସଂଯୋଗ କରିଥିବା ରାସ୍ତା ଉଭୟକଡ଼ରେ ଏକର ଏକର ସରକାରୀ ଜମି ଜବରଦଖଲ ହୋଇସାରିଛି। ଫଳରେ ପଥଚାରୀ ଠାରୁ ଆରମ୍ଭ କରି ରୋଗୀ ଏବଂ ଛାତ୍ରଛାତ୍ରୀ ଓ ଗାଡ଼ିମଟର ଯିବା ଆସିବାରେ ଘୋର ସମସ୍ୟା ସୃଷ୍ଟି ହୋଇଛି। ଏପରିକି ଦୃର୍ଘଟଣା ବଢୁଛି। ନିଆଳି ବଜାର ଗୁରୁବାର ଓ ରବିବାର ବ୍ୟତୀତ ଅନ୍ୟ ସବୁଦିନ ଭିଡ଼ ହେଉଛି। ନିଆଳି ବଜାର ଦେଇ କୋଣାର୍କ, କାକଟପୁର, ଅସ୍ତରଙ୍ଗ,ପୁରି, ପାରାଦ୍ୱୀପ ଭଳି ସ୍ଥାନକୁ ପ୍ରତ୍ୟେକ ଦିନ ହଜାର ହାଜର ବସ୍, ଟ୍ରକ ଓ କାର ଏବଂ ମଟର ସାଇକଲ ଭଳି ଯାନ ଯିବାଆସିବା କରିଥାଏ। ନିଆଳି ବଜାର ଓ ଆଖପାଖ ଅଞ୍ଚଳରେ ଥିବା ସରକାରୀ ଜମି ଜବରଦଖଲ ଯୋଗୁଁ ଗାଡି ପାର୍କିଂ ବ୍ୟବସ୍ଥା ମଧ୍ୟରେ ଅସୁବିଧା ସୃଷ୍ଟି ହୋଇଛି। ବିଭିନ୍ନ ସମୟରେ ଅବରୋଧ ମୁକ୍ତ ପାଇଁ ବିଭିନ୍ନଆଡୁ ଦାବି ହୋଇଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ଅବରୋଧ ମୁକ୍ତ ହୋଇନଥିବା ଅଭିଯୋଗ ହୋଇଛି। ନିଆଳି ତହସିଲ ପକ୍ଷରୁ ନିଆଳି ବାହାରଣା ରାସ୍ତା ଅବରୋଧ ହଠାଇବା ପାଇଁ ଅବରୋଧକାରୀଙ୍କୁ ଚିଠି ମାଧ୍ୟମରେ ଜଣାଇବା ପରେ ଅବରୋଧ ହଟିବା ଆରମ୍ଭ ହୋଇଛି। କିନ୍ତୁ ନୂଆଗାଁ, ମଝିଖଣ୍ଡ, ନିଆଳି ଓ ଜଲ୍ଲାରପୁର ପର୍ଯ୍ୟନ୍ତ ଆର ଆଣ୍ଡ ବି ରାସ୍ତା ଅବରୋଧ ଉଭୟ ପାର୍ଶ୍ୱରେ ବଳବତ୍ତର ରହିଛି। କିଏ ସରକାରୀ ଜମିରେ ବ୍ୟବସାୟ ପ୍ରତିଷ୍ଠାନ କରିଛନ୍ତି ତ ଆଉ କିଏ ମଣ୍ଡପ ତିଆରି କରି ରୋଜଗାର ପନ୍ଥା ଆପଣେଇଛନ୍ତି। ଫଳରେ ଦୁର୍ଘଟଣା ବଢିବାରେ ଲାଗିଛି। ଖାଲି ଅଭିଯୋଗ ଏତିକିରେ ସୀମିତ ନାହିଁ ସରକାରୀ ସ୍କୁଲ ଜମି ବି ଅବରୋଧ ହୋଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ରାଜ୍ୟ ସରକାର, ନିଆଳି ବିଧାୟକ, କଟକ ଜିଲ୍ଲାପାଳ, ନିଆଳି ତହସିଲଦାର ଏହି ଘଟଣାର ତଦନ୍ତ କରି ନିଆଳି ଓ ଆଖପାଖ ଅଞ୍ଚଳରେ ସରକାରୀ ଜମି ଚିହ୍ନଟ କରି ଜବରଦଖଲ ମୁକ୍ତ କରିବା ସହିତ ଦୁର୍ଘଟଣାକୁ ରୋକିବା ପାଇଁ ବ୍ୟବସ୍ଥା କରିବା ପାଇଁ ଦାବି ହୋଇଛି।

# ଓଡ଼ିଶା ଦିବସ ପାଳିତ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଓଡ଼ିଶା ଦିବସ ପାଳନ କରାଯାଇଛି। ଏହି ଅବସରରେ ସମସ୍ତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ଓ ଏକ ସାଧାରଣ ବୈଠକ ସିପି ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଜେଡିର ଉପସଭାପତି ଦୀପ୍ତି ଦାସ ସଭାପତିତ୍ୱ କରିଥିଲେ। ଏଥିରେ ଜିଲ୍ଲାପରିଷଦ ସଭାପତି ମନୋଜ କୁମାର ଭୋଇ, ବ୍ଲକ ଅଧକ୍ଷା କନକ ପ୍ରଭା ଲେଙ୍କା, ଜିଲ୍ଲାପରିଷଦ ସଭ୍ୟ ବିବେକାନନ୍ଦ ବେହେରା, ପ୍ରିୟବ୍ରତ ମହାପାତ୍ର, ଅଦେଇତ୍ୟ ଜେନା, ରାତିରଞ୍ଜନ ବେହେରା, ପ୍ରଶାନ୍ତ ମଲ୍ଲିକ, ସୁନୀଲ ମାଟିଆ, ପ୍ରଶାନ୍ତ ବେହେରା, କାଳନ୍ଦୀ ପତି, ରାଜୀବ ଲୋଚନ ବେହେରା, ଇତୁ ବାବୁ, ସମ୍ବିତ ମହାନ୍ତି, ସମସ୍ତ କାଉନସିଲର, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଓ ଅନ୍ୟାନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।




କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝରର ସଦର ମହକୁମା ରାଙ୍କି ସ୍ଥିତ ଏକଲବ୍ୟ ଆବାସିକ ମଡେଲ ସ୍କୁଲର ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ବାର୍ଷିକ ସମାରୋହ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ କେନ୍ଦୁଝର ଉପ-ଜିଲ୍ଲାପାଳ ଉମାଶଙ୍କର ଦଳାଇ ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ସେ ସ୍କୁଲର ନାମ ଏବଂ ଖ୍ୟାତି ବଜାୟ ରଖିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କଲ୍ୟାଣ ଅଧିକାରୀ ପ୍ରବୀର କୁମାର ଦେଓ ଛାତ୍ରଛାତ୍ରୀମାନଙ୍କୁ ମୂଲ୍ୟବାନ ପରାମର୍ଶ ଏବଂ ଆଶୀର୍ବାଦ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ସୁଧା ଦାଶ ଏବଂ ଜଣେ ଜଣାଶୁଣା କବି ଆଲିଚିକି ଲିପିର ପ୍ରଖ୍ୟାତ ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ପ୍ରସିଦ୍ଧ ସାନ୍ତାଳ କବି ଭାବରେ ସମ୍ମାନିତ କରି ଆଦିବାସୀ ଲୋକଙ୍କ ସମୃଦ୍ଧ ସଂସ୍କୃତି ଏବଂ ପରମ୍ପରା ବିଷୟରେ ବ୍ୟାଖ୍ୟା କରିଥିଲେ। କେନ୍ଦୁଝର ରାଙ୍କି ଏକଲବ୍ୟ ଆବାସିକ ମଡେଲ ସ୍କୁଲର ଅଧ୍ୟକ୍ଷ ରବିଶଙ୍କର ଚୌଧୁରୀ ବାର୍ଷିକ ରିପୋର୍ଟ ପାଠ କରିଥିଲେ ଏବଂ ବିଦ୍ୟାଳୟର ଦୈନନ୍ଦିନ କାର୍ଯ୍ୟକଳାପ ଉପରେ ସଂକ୍ଷେପରେ ବ୍ୟାଖ୍ୟା କରିଥିଲେ। କାର୍ଯ୍ୟକ୍ରମର ଶେଷ ଭାଗରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଲୋକନୃତ୍ୟ, ସ୍କଟ୍ ଏବଂ ଯୋଗ ପ୍ରଦର୍ଶନ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ପ୍ରମାଣପତ୍ର ଏବଂ ପୁରସ୍କାର ପ୍ରଦାନ କରିଥିଲେ।ଏହି ଅବସରରେ ଏକଲବ୍ୟ ମଡେଲ ଆବାସିକ ସ୍କୁଲ ଗିଧବାସର ର ଅଧ୍ୟକ୍ଷ ପଞ୍ଚାନନ ପ୍ରଧାନ ଏବଂ ଏକଲବ୍ୟ ମଡେଲ ଆବାସିକ ସ୍କୁଲ ପାଟଣାର ଅଧ୍ୟକ୍ଷ ମୁକେଶ କୁମାର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଶୁଖିଲା ପଡିଛି ଭାସ୍କେଲ ନଦୀ, ଚାଷ ନଷ୍ଟ ହେବା ଆଶଙ୍କାରେ ଚାଷୀ



କୋଷାଗୁମୁଡା, (ଭାସ୍କର ନ୍ୟୁଜ୍ ) : ଦିନ ଥିଲା ଭାସ୍କେଲ ନଦୀର ପାଣିକୁ ଉପଯୋଗ କରି ଅଞ୍ଚଳର ଚାଷୀମାନେ ହଜାର ହଜାର ହେକ୍ଟର ଜମିରେ ଚାଷକରି ଭଲ ଅମଳ ପାଉଥିଲେ। ହେଲେ ବର୍ତ୍ତମାନ ଶୁଖିଲା ପଡିଛି ଭାସ୍କେଲ ନଦୀ। ନଦୀର ଉଭୟ ପାର୍ଶ୍ୱରେ ଧାନ, ମକା, ପନିପରିବା ଆଦି ଚାଷ କରିଥିବା ଚାଷୀମାନେ ଚାଷ ପାଇଁ ପାଣି ନମିଳିବାରୁ ମୁଣ୍ଡରେ ହାତଦେଲେଣି ଚାଷୀ। ପାଣି ଅଭାବ ଯୋଗୁଁ କିଛି ଚାଷୀଙ୍କ ବିଲର ଗଛ ସବୁ ଶୁଖିଗଲାଣି ତ ଆଉ କିଛି ଚାଷୀଙ୍କ ବିଲରେ ଥିବା ଶସ୍ୟଗଛର ପତ୍ରସବୁ ଝାଉଁଳି ଗଲାଣି। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ଜୀବନରେଖା କୁହାଯାଉଥିବା ଭାସ୍କେଲ ନଦୀ ଏବେ ସମ୍ପୂର୍ଣ୍ଣ ଶୁଷ୍କ। ଆଗରୁ ନଦୀରେ ଭରପୁର ପାଣି ରହୁଥିଲା ଓ ନଦୀର ଉଭୟ ପାର୍ଶ୍ୱରେ ଜମିଥିବା ଚାଷୀମାନେ ଖରାଟିଆ ଚାଷ କରି ଭଲ ଅମଳ ପାଉଥିଲେ। ହଜାର ହଜାର ହେକ୍ଟର ଜମିରେ ଖରାଟିଆ ଚାଷ ହେଉଥିଲା। ହେଲେ ଚଳିତବର୍ଷ ନଦୀରେ ପାଣି ମୁହାଏ ନାହିଁ। ପୂର୍ବରୁ ଲୋକେ ଚାଷ ବ୍ୟତୀତ କୌଣସି ସାମାଜିକ କାର୍ଯ୍ୟ ଯେମିତି କି କାହାର ମୃତ୍ୟୁ ହେଲେ ଦଶକ୍ରିୟା କରିବା, ଗାଇ, ମଇଁଷି, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁମାନଙ୍କୁ ପାଣି ପିଆଇବା, ଗାଧୋଇବା ଭଳି ସମସ୍ତ କାର୍ଯ୍ୟ ପାଇଁ ଏହି ନଦୀ ପାଣି ହିଁ ଏକମାତ୍ର ଭରଷା ଥିଲା। ହେଲେ ନଦୀପଠାରୁ ବାରମ୍ବାର ବାଲି କାଢ଼ିବା ଦ୍ୱାରା ନଦୀର ଏଭଳି ଅବସ୍ଥା ହୋଇଥିବା ଚାଷୀ ମହଲରେ ଚର୍ଚ୍ଚା ହେଉଛି। ବାଲି ମାଫିଆମାନେ ପ୍ରତିଦିନ ନଦୀରୁ ଶହ ଶହ ଟିପର ବାଲି ଉଠାଉଛନ୍ତି ଫଳରେ ନଦୀର ଜଳ ଶୁଖିଯାଉଥିବା ଚଟାଣ ସବୁ ବାହାରି ଆସିଥିବା ଚାଷୀମାନେ ଅଭିଯୋଗ ଆଣୁଛନ୍ତି। ନଦୀଜଳକୁ ଭରସା କରି ଯେଉଁ ଚାଷୀମାନେ ନିଜ ନିଜ ଜମିରେ ଧାନ, ମକା ଓ ବିଭିନ୍ନ ପନିପରିବା ଚାଷ କରିଥିଲେ। ଏବେ ଜଳାଭାବ ଦେଖା ଦେବାରୁ ମୂଳ ବୁଡିଯିବା ଆଶଙ୍କାରେ ଚିନ୍ତାରେ ପଡିଛନ୍ତି। ଶହ ଶହ ହେକ୍ଟର ଜମିର ଚାଷ ଏବେ ନଷ୍ଟ ହେବା ଅବସ୍ଥାରେ ।ପ୍ରଶାସନ ଯଦି ଏହି ବାଲି ମାଫିଆ ମାନଙ୍କ ଉପରେ ଅଙ୍କୁଶ ଲଗେଇବା ସହ ନଦୀରେ କେତୋଟି ଚେକଡ୍ୟାମ ନିର୍ମାଣ କରିଦିଅନ୍ତେ ତେବେ ହୁଏତ ଅଞ୍ଚଳର ଚାଷୀମାନେ ଉପକୃତ ହୋଇପାରନ୍ତେ ବୋଲି ଚାଷୀମହଲରେ ଦାବି ହେଉଛି।

# ଧରଣୀଧର ବିଶ୍ୱ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ଶିବିର



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲା ତଥା ଓଡିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଧରଣୀଧର ବିଶ୍ୱ ବିଦ୍ୟାଳୟ, କେନ୍ଦୁଝରର ସ୍ନାତକୋତ୍ତର ଜାତୀୟ ସେବା ଯୋଜନା ୟୁନିଟ୍ ଆନୁକୂଲ୍ୟରେ ମାର୍ଚ୍ଚ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ଶିବିର ଅନୁଷ୍ଠିତ ହୋଇଯାଇଛି। ଧରଣୀଧର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍‌ଡ଼ି ଧନରାଜ, ମୁଖ୍ୟବକ୍ତା ଭାବେ ନିରୋଦ ବରଣ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡକ୍ଟର ପ୍ରଭୁପ୍ରସାଦ ଦାସ, ପ୍ରୋଗ୍ରାମ କୋର୍ଡିନେଟର, ଜାତୀୟ ସେବା ଯୋଜନା ବ୍ୟୁରୋ ଡକ୍ଟର ସରିତା ନାୟକ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ସୁନୀଲ କୁମାର ସାହୁ ଯୋଗଦେଇ ଜାତୀୟ ସେବା ଯୋଜନାର ୯୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ସେବା ଯୋଜନାର ସଫଳତା ପାଇଁ ମାର୍ଗଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧରଣୀଧର ବିଶ୍ୱ ବିଦ୍ୟାଳୟର ଡେଭଲପମେଣ୍ଟ ଅଫିସର ଡକ୍ଟର ୱାଇ.ଏନ୍. ସିଙ୍ଗ ବାବୁ, ସମ୍ମାନୀତ ଅତିଥି ଭାବେ ଓଡିଶା ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ ତଥା କେନ୍ଦୁଝର ସିଟିଜେନ ଫୋରମର ବରିଷ୍ଠ ସଦସ୍ୟ ଭକ୍ତବତ୍ସଳ ମହାନ୍ତି, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୀତବାସ ଦାସ, କ୍ରୀଡା ସଂପାଦକ ଡକ୍ଟର ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଓ ଶିବିରରେ ଉପସ୍ଥିତ ଥିବା ସମସ୍ତ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ୨୪ଟି ମହାବିଦ୍ୟାଳୟରୁ ଯୋଗ ଦେଇଥିବା ଶିବିରାର୍ଥୀମାନେ ଶିବିର କାଳ ମଧ୍ୟରେ ସାମୂହିକ ଶ୍ରମଦାନ କରିଥିଲେ। ଶିବିର କାଳ ମଧ୍ୟରେ ଜାତୀୟ ସେବା ଯୋଜନାର ଲକ୍ଷ୍ୟ, ଉଦ୍ଦେଶ୍ୟ, ଯୁବ ନେତୃତ୍ୱ ବିକାଶ, ଜଳ ପରିଚାଳନା, ଶିବିର ପରିଚାଳନା, ବାଲ୍ୟ ବିବାହ ନିଷେଧ, ନିଶା ନିବାରଣ, ଜୈବ ବିବିଧତାର ସୁରକ୍ଷା, ବୃକ୍ଷରୋପଣ, ଜଳ ସଂରକ୍ଷଣ ଓ ପରିଚାଳନା, ଦକ୍ଷତା ବିକାଶ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ନେହେରୁ ଯୁବକେନ୍ଦ୍ର ଅଧିକାରିଣୀ ବସୁନ୍ଧରା ସାହୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା, ନେହେରୁ ଯୁବକେନ୍ଦ୍ରର କାର୍ଯ୍ୟ ବର୍ଣ୍ଣନା କରିଥିଲେ। କେନ୍ଦ୍ର ସରକାରଙ୍କ ଯୁବ ଅଧିକାରୀ ବିଶାଳ ଜୟସ୍ୱାଲ ଯୁବକ ଯୁବତୀଙ୍କ ପାଇଁ ଆତ୍ମନିଯୁକ୍ତି ସୁଯୋଗ ଓ ସ୍କିଲ ଇଣ୍ଡିଆ ବିଷୟରେ କହିଥିଲେ। ଶିବିର ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଧରଣୀଧର ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଦିନେଶ ମହାରଣା ଶିବିର ପରିଚାଳନା କରିଥିଲେ। ୧୨ ଜଣ ଦକ୍ଷ ଜାତୀୟ ସେବା ଯୋଜନା ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କ୍ୟାମ୍ପ ଫାୟାର ମାଧ୍ୟମରେ ଶିବିର ସମାପ୍ତ ହୋଇଥିଲା ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ୩୩ତମ ବାର୍ଷିକ ଉତ୍ସବ




ବାଲିମେଳା, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ବାଲିମେଳା ନଗର ଅନ୍ତର୍ଗତ ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୩୩ତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବାଲିମେଳା ନଗରପାଳ ପ୍ରଦୀପ କୁମାର ନାୟକ, ମୁଖ୍ୟବକ୍ତା ରାଷ୍ଟ୍ରୀୟ ସୋୟଂ ସେବକ ସଙ୍ଘ ସଦସ୍ୟ ଦେବୀ ପ୍ରସାଦ କର, ସମ୍ମାନିତ ଅତିଥି ଭାବରେ ବି ଏଚ ପି ସିର ବରିଷ୍ଠ ସାଧାରଣ ପରିଚାଳକ ଦିଲୀପ କୁମାର ସ୍ୱାଇଁ, ବିଦ୍ୟାଳୟ ସଭାପତି ସୂର୍ଯ୍ୟକାନ୍ତ ପ୍ରଧାନ, ସମ୍ପାଦକ ଶରତ କୁମାର ବେହେରା, ଲଳିତ ମୋହନ ବେହେରା ପ୍ରମୁଖ ଯୋଗଦେଇଥିଲେ । ସର୍ବ ପ୍ରଥମେ ବିଦ୍ୟାଦାତ୍ରୀ ମା'ସରସ୍ୱତୀଙ୍କ ତୈଳ ଚିତ୍ରରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇଥିଲା। ସଭା କାର୍ଯ୍ୟ ଆରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା ଏହାପରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ପୂର୍ବବର୍ଷ ଶିଶୁ ମାନଙ୍କର ବିଭିର୍ଣ୍ଣ କ୍ଷେତ୍ରରେ ଯଥା ଶିକ୍ଷା ଓ କ୍ରୀଡ଼ାରେ କେବଳ ଜିଲ୍ଲା ନୁହେ ରାଜ୍ୟ ସ୍ତରରେ ନିଜର କୃତିତ୍ୱ ହାସଲ କରିଛନ୍ତି । ପରେ ବିଏଚପିସିର ବରିଷ୍ଠ ସାଧାରଣ ପରିଚାଳକ ଶ୍ରୀ ସ୍ୱାଇଁ ନିଜ ବକ୍ତବ୍ୟରେ କହିଥିଲେ ଯେ କେବଳ ଚାକିରୀ ପାଇଁ ପାଠ ପଢିବା ସେ ଶିକ୍ଷା କେବଳ ପଇସା ଅର୍ଜନ କରିବା ଛଡା ଆଉ କିଛି ନୁହେଁ କିନ୍ତୁ ପ୍ରକୃତ ଶିକ୍ଷା ହେଉଛି ଯିଏ ଗୋଟିଏ ଭଲ ମଣିଷ ହୋଇ ନିଜର ନୁହେଁ ଦେଶ ଓ ଜାତିର ଉନ୍ନତି ପାଇଁ କାର୍ଯ୍ୟ କରିଥାଏ। ମୁଖ୍ୟବକ୍ତା ଶ୍ରୀ କର ନିଜ ବକ୍ତବ୍ୟରେ କହିଥିଲେ ଯେ ଶିକ୍ଷାର ପ୍ରଣାଳୀ ହେଉଛି ଏକ ଉତ୍ତମ ଛାତ୍ରର ଭବିଷ୍ୟତ ନିର୍ମାଣ କରିବା । ତେଣୁ ଶିକ୍ଷାର ପଦ୍ଧତି ଶ୍ରଦ୍ଧା ଓ ବିଶ୍ୱାସରେ କରାଯାଇଥାଏ। ଶିଶୁଟି ହେଉଛି ଏକ ମାଟି ପିଣ୍ଡୁଳା ସଦୃଶ ତେଣୁ ଶିଶୁ ଟିକୁ ଯେଉଁ ଭଳି ଗଢିବା ସେ ସେଭଳି ହେବ। ତେଣୁ ଉଚିତ ଶିକ୍ଷା ହେଉଛି ସଂସ୍କାରିତ ଭବିଷ୍ୟତ ଗଢିବାରେ ସାହାଯ୍ୟ କରିଥାଏ। ସଭାକାର୍ଯ୍ୟ ଶେଷରେ ସଭାପତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ଶିଶୁ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଆସିଥିବା ଶତାଧିକ ଅଭିଭାବକ ଉପସ୍ଥିତ ଥିଲେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା ସମିତି ଓ ଗୁରୁଜୀ ଗୁରୁମା ମାନେ ସହଯୋଗ କରିଥିଲେ । ଏବଂ ମଞ୍ଚ ପରିଚାଳନା କରିଥିଲେ ବିଦ୍ୟାଳୟ ବରିଷ୍ଠ ଆଚାର୍ଯ୍ୟ ଗୌରାଙ୍ଗ ଚରଣ ମହାପାତ୍ର ।

## କନକଲତା ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଫୁଲନଖରା, (ଭାସ୍କର ନ୍ୟୁଜ୍ ) : କଟକ ସଦର ଥାନା ଗଙ୍ଗେଶ୍ୱରଗଡ଼ର ଧର୍ମପରାୟଣା ମହିଳା କନକଲତା ପାତ୍ରଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ମନୋରଞ୍ଜନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ସାହିତ୍ୟିକା ପ୍ରତିଭା ରାୟ, ମାନବାଧିକାର ଆୟୋଗ ନିର୍ଦ୍ଦେଶକ ତଥା ଷ୍ଟାଫ ସିଲେକ୍ସନ କମିଶନ'ର ପ୍ରାକ୍ତନ ଅଧ୍ୟକ୍ଷ ଲଳିତ କୁମାର ଦାସ, ପ୍ରାଧ୍ୟାପିକା ଆଦ୍ୟାଶା ଦାସ, ଆଇନଜୀବୀ ଅଭିରାମ ପାତ୍ର, ସମିତି ସଭ୍ୟସତ୍ୟବ୍ରତ ଜେନା, ଆରାଧ୍ୟା କଲଚରାଲ ଏକାଡ଼େମୀ ମୁଖ୍ୟ ଅଜୟ କୁମାର ପାତ୍ର, ଖଗେଶ୍ୱର ପାତ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଉତ୍କଳ ଦିବସ ସହିତ ପୋଲିସ ପ୍ରତିଷ୍ଠା ଦିବସ ପାଳିତ

ଉମରକୋଟ, (ଭାସ୍କର ନ୍ୟୁଜ୍ ) : ସାରା ରାଜ୍ୟରେ ଉତ୍କଳ ଦିବସ ସହ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନବରଙ୍ଗପୁର ସ୍ଥିତ ରିଜର୍ଭ ପୋଲିସ ପଡିଆରେ ୯୦ ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପୋଲିସ କର୍ମଚାରୀ ମାନଙ୍କୁ ନେଇଁ ରିଜର୍ଭ ପୋଲିସ ପଡିଆରେ ପ୍ୟାରେଡ ଅନୁଷ୍ଠିତ ହୋଇଥିଲା। ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ ଏଥି ସହିତ ୫ ଜଣ ପୋଲିସ କର୍ମଚାରୀଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥିଲା ଓ ଦୁଇ ଜଣ ପୋଲିସ କର୍ମଚାରୀ ଅବସର ନେଇଁ ଥିବା ବ୍ୟକ୍ତିଙ୍କୁ ବି ପୁରସ୍କୃତ କରାଯାଇଥିଲା। ପୁରସ୍କୃତ ପାଇଥିବା ପୋଲିସ ଅଫିସରଙ୍କ ମଧ୍ୟରେ ଉମରକୋଟ ଥାନାରେ କାର୍ଯ୍ୟରତ ସବ ଇନ୍ସପେକ୍ଟର ଶିବଜି ପଣ୍ଡାଙ୍କୁ ବେଷ୍ଟ ସବ ଇନ୍ସପେକ୍ଟର ପୁରସ୍କାର ଆରକ୍ଷୀ ଅଧିକ୍ଷକ ମିହିର ପଣ୍ଡା ପୁରସ୍କୃତ କରିଥିଲେ। ଅପରପକ୍ଷେ ସହରରେ ପୋଲିସର ସକ୍ରୀୟତା ଯୋଗୁଁ ଶାନ୍ତି ବଜାୟ ରହୁଥିବା ଏବଂ ସମାଜରେ ପୋଲିସର ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ନବରଙ୍ଗପୁର ଜିଲ୍ଲାବାସୀଙ୍କ ସହିତ ନବରଙ୍ଗପୁର ପୋଲିସ କର୍ମଚାରୀ ପରିବାରଙ୍କୁ ଉତ୍କଳ ଦିବସ ସହ ପୋଲିସ ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଛନ୍ତି ଏସ. ପି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଜିଲ୍ଲାପାଳ ଡ଼ଃ ଶୁଭଙ୍କର ମହାପାତ୍ରଙ୍କ ସମେତ ବରିଷ୍ଠ ପୋଲିସ ବିଭାଗ ବିଭିନ୍ନ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ଉପଖଣ୍ଡସ୍ତରୀୟ ଓଡିଶା ଦିବସ ପାଳିତ



ଗୁଣପୁର, (ଭାସ୍କର ନ୍ୟୁଜ୍ ) : ଗୁଣପୁର ଠାରେ ଉପଖଣ୍ଡସ୍ତରୀୟ ଓଡିଶା ଦିବସ ପାଳିତ ହୋଇଯାଇଛି। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସକାଳୁ ଏକ ଶୋଭାଯାତ୍ରା ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ର ଠାରୁ ଆରମ୍ଭ କରାଯାଇ ସହର ପରିକ୍ରମା କରିଥିଲା। ସହରର ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରତିଶ୍ରୁତି ସିଂ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଅପରାହ୍ନ ସମୟରେ ଟାଉନ ହଲ ଠାରେ ଏକ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗୁଣପୁର ଉପ ଜିଲ୍ଲାପାଳ ସୁଶ୍ରୀ କିରନ ଦୀପ କୌର ସହତା, ସମ୍ମାନିତ ଅତିଥିଭାବେ ଗୁଣପୁର ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼ ଯୋଗ ଦେଇଥିଲେ। ଅତିଥିମାନେ ଭାଷା ଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଗଠନରେ ଓଡିଶା ପ୍ରଥମ ହୋଇଥିବା ବେଳେ ରାଜ୍ୟ ଗଠନ ନିମନ୍ତେ ବଳିଦାନ ଦେଇଥିବା ବରପୁତ୍ର ମାନଙ୍କ ସ୍ମୃତି ଚାରଣ କରିଥିଲେ। ଓଡିଶା ଦିବସ ପାଳନ ନିମନ୍ତେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗୀଙ୍କୁ ପ୍ରଶଂସା ପତ୍ର, ପୁରସ୍କାର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପରେପରେ ବିଭିନ୍ନ ବିଦ୍ୟାଳୟ, ସାଂସ୍କୃତିକ ଅନୁଷ୍ଠାନର ଛାତ୍ର ଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଭାରତୀୟ ସଂରକ୍ଷିତ ବାହିନୀ ଦୁର୍ଗପତି ବ୍ରଜ ମୋହନ ନାୟକ, ଓଡ଼ିଆ କଣ୍ଠଶିଳ୍ପୀ ସର୍ମିଳା ସାମନ୍ତରା, ଓକିଲ ସଂଘ ସଭାପତି ଗୌରୀ ଶଙ୍କର ଦାସ, ସମେତ ବିଭିନ୍ନ ବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟକ୍ଷା, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ସାମ୍ବାଦିକ ପ୍ରମୁଖ ଯୋଗ ଦେଇଥିଲେ । ଅନନ୍ତ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବିଦ୍ୟାରମ୍ଭ ସଂସ୍କାର କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍ ) : ୨ ତାରିଖ, ବୁଧବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ, ନୂତନ ଶିକ୍ଷା ବର୍ଷ ୨୦୨୫-୨୬ ଶୁଭାରମ୍ଭ ଅବସରରେ ପ୍ରଥମ ଦିନ ଉତ୍ସବ ତଥା ବିଦ୍ୟା ଆରମ୍ଭ ସଂସ୍କାର କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରେ ଗାୟତ୍ରୀ ଯଜ୍ଞ ଆୟୋଜନ କରାଯାଇଥିଲା। ପିଲାମାନେ ଶୁଦ୍ଧବସ୍ତ୍ର ପରିଧାନ କରି ଫୁଲ, ଧୂପ, ଦୀପ ଧରି ବିଦ୍ୟାଳୟକୁ ଆସିଥିଲେ। ଗାୟତ୍ରୀ ପରିବାରର ଉମାଚରଣ ପଟ୍ଟନାୟକ ତଥା କର୍ମକର୍ତ୍ତା ଦେବୀ ପ୍ରସାଦ ପଟ୍ଟନାୟକ ସହଯୋଗରେ ବିଦ୍ୟାଳୟରେ ଗାୟତ୍ରୀ ହୋମ ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା ଏଥିରେ ବିଦ୍ୟାଳୟର ଅଭିଭାବକ ଗୋପିନାଥ ଅଧିକାରୀ ଓ ତାଙ୍କ ଶ୍ରୀମତୀ ମଧୁମିତା ମହାନ୍ତି ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ତତ୍ୱାବଧାନ ତଥା ଶିଶୁ ବାଟିକା ପ୍ରମୁଖ ମମତା ମହାପାତ୍ରଙ୍କ ନେତୃତ୍ୱରେ ଓ ଅନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ସଫଳ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ନୂତନ ଶିକ୍ଷାନୀତି ଅନୁସାରେ ବିଦ୍ୟାଳୟରେ ଅରୁଣ, ଉଦୟ ଓ ଏକ ନୂତନ ଶ୍ରେଣୀ ପ୍ରଭାତର ଶୁଭାରମ୍ଭ ହୋଇଥିଲା।

# ବିଭିନ୍ନ ସ୍ଥାନରେ ଖଡ଼ିଛୁଆଁ କାର୍ଯ୍ୟକ୍ରମ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ): ଓଡିଆ ଅସ୍ମିତାକୁ ବଜାୟ ରଖିବା ପାଇଁ ଏପ୍ରିଲ୍ ପହିଲାରୁ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ସାରା ରାଜ୍ୟରେ ପାଳନ କରାଯାଉଛି ଓଡ଼ିଆ ପକ୍ଷ। ଓଡ଼ିଆ ପକ୍ଷ ପାଳନ ନେଇ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ପାଳନ କରାଯାଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ଏପ୍ରିଲ ୨ ରୁ ୫ ପର୍ଯ୍ୟନ୍ତ ଚାରି ଦିନ ଧରି ପ୍ରତ୍ୟେକ ପଞ୍ଚାୟତ ଭ୍ରମଣ କରି ପ୍ରାଥମିକ ବିଦ୍ୟାଳୟରେ ଶିଶୁଙ୍କ ଖଡ଼ି ଛୁଆଁ ଲାଗି ସଚେତନତା ସୃଷ୍ଟି କରିବ। ଜିଲ୍ଲାର ସମସ୍ତ ବ୍ଲକ୍‌ରେ ସାତ ଗୋଟି ରଥର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ବୁଟିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରବେଶ ଉତ୍ସବରେ ଯୋଗ ଦେଇ ଶିଶୁଙ୍କୁ ପରମ୍ପରା ଅନୁସାରେ ଖଡ଼ି ଛୁଆଁଇଥିଲେ। ସେହିପରି ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ଚାଲାଣଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରୟ ସିନ୍ଧ୍ରିମାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର ଚିତ୍ରକୋଣ୍ଡା ଟେମ୍ପରାରି କଲୋନୀସ୍ଥିତ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷା ବିଭାଗ ପକ୍ଷରୁ ନୂତନ ଭାବେ ବିଦ୍ୟାଳୟରେ ପ୍ରବେଶ କରିଥିବା କୁନି ଶିଶୁ ମାନଙ୍କୁ ଶିକ୍ଷା ଉପକରଣ ବଣ୍ଟନ କରାଯାଇଥିଲା। ସମସ୍ତ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଉମା ପ୍ରସାଦ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ସମଗ୍ର ଶିକ୍ଷା ଅଭିଯାନ କନିଷ୍ଠ ଯନ୍ତ୍ରୀ ସରୋଜ ସାମନ୍ତରାୟ, ଶୈକ୍ଷିକ ସଂଯୋଜକ ଶେଷ ଶଙ୍କର ମହାଲିକ, ଶୈକ୍ଷିକ ପରାମର୍ଶଦାତା ସୀତାରାମ ଗୌଡ, ବ୍ଲକ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ଧର, ବ୍ଲକ ସାଧନ କେନ୍ଦ୍ର ସଂଯୋଜକ ଓ ପଞ୍ଚାୟତ ସାଧନ କେନ୍ଦ୍ର ସଂଯୋଜକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସମଗ୍ର ଶିକ୍ଷା ଅଭିଯାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍ ): ଓଡ଼ିଆ ପକ୍ଷ,୨୦୨୫ ପାଳନର ପ୍ରଥମ ଦିନରେ ଓଡ଼ିଶା ଦିବସ ସମାରୋହ ଆୟୋଜିତ ହେବା ପରେ ଦ୍ୱିତୀୟ ଦିନରେ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମ ଅନୁଯାୟୀ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତବର୍ଷ ନୂତନ ଶିକ୍ଷାନୀତି ଆରମ୍ଭ କରାଯାଇଛି। ଏହି ଅବସରରେ ଶିଶୁ ବାଟିକାରେ ନାମ ଲେଖେଇବାକୁ ସ୍କୁଲ ଆସିଛନ୍ତି କୁନି କୁନି ଶିଶୁ ବୟସର ପିଲାମାନେ। ନୂଆକରି ପାଠପଢ଼ା ଆରମ୍ଭ କରୁଥିବା ପିଲାମାନଙ୍କ ପାଇଁ ବିଦ୍ୟାଳୟସ୍ତରରେ ଶିଶୁ ବାଟିକା ବ୍ୟବସ୍ଥାର ଶୁଭାରମ୍ଭ କରାଯାଉଛି। ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ନିମନ୍ତେ 'ପ୍ରବେଶ ଉତ୍ସବ' ଏବଂ 'ଖଡ଼ି ଛୁଆଁ' କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି। ପିଲାମାନଙ୍କୁ ସର୍ବୋତ୍ତମ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ସକାଶେ ଗଞ୍ଜାମ ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ହୋଇ ଏହି କାର୍ଯ୍ୟକ୍ରମକୁ ପ୍ରାଥମିକତା ଭିତ୍ତିରେ ଆଗେଇ ନେଇଛନ୍ତି। ଶିଶୁ ବାଟିକାର ଭିତ୍ତି ଉପରେ ନୂଆପିଢ଼ିର ଭବିଷ୍ୟତ ଗଠନ କରି ପିଲାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟ ଗ୍ରହଣ କରି ଆଧୁନିକ ଏବଂ ଆତ୍ମନିର୍ଭରଶୀଳ ଭବିଷ୍ୟତ ପ୍ରଦାନ କରିବ ବୋଲି ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ନିଜ ବକ୍ତବ୍ୟରେ ଜଣାଇଛନ୍ତି । ଗଞ୍ଜାମ ଜିଲ୍ଲାରେ ୨୬୧୩ ସ୍କୁଲରେ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଜିଲ୍ଲାର ୧୬୭୧ ପ୍ରାଥମିକ ବିଦ୍ୟାଳୟ ଓ ୯୪୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ହୋଇଛି। ନିଜେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଛତ୍ରପୁର ପୁତିଗୋପାଳପୁର ସ୍ଥିତ ସ୍କୁଲ ବୁଲି ତଦାରଖ କରିବା ସହ ଶିଶୁ ବାଟିକାରେ ନାମ ଲେଖାଇଥିବା ପିଲାମାନଙ୍କୁ ଖଡ଼ିଛୁଆଁଇବା ସହ ପିଲାମାନଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ କରିଥିଲେ।

# କୋଟିଆରେ ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳିତ




କୋରାପୁଟ, (ଭାସ୍କର ନ୍ୟୁଜ) : କୋଟିଆରେ ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନ କରିଛି ଜିଲ୍ଲା ପ୍ରଶାସନ। ଏଥିପାଇଁ ଗୋଟିଏ ମଂଚରେ ଏକାଠି ହୋଇଥିଲେ ପ୍ରମୁଖ ଦଳର ନେତା । ଭାଷାର ପ୍ରଚାର ସହ କୋଟିଆ ପାଇଁ ଲଢେଇ କରିବାକୁ ସମସ୍ତେ ସଂକଳ୍ପ ନେଇଥିଲେ। ଆନ୍ଧ୍ରକୁ ଜବାବ ଦେବାକୁ ପ୍ରସ୍ତୁତ ବୋଲି ପ୍ରଶାସନ ପକ୍ଷରୁ ସିଧାସଳଖ ବାର୍ତ୍ତା ଦିଆଯାଇଛି। ଓଡିଶା ଦିବସ କାର୍ଯ୍ୟକ୍ରମରେ କୋଟିଆ ପଂଚାୟତର ବିଭିନ୍ନ ଗାଁରୁ ହଜାରେରୁ ଅଧିକ ଲୋକ ଯୋଗଦେଇଥିଲେ । ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ପୂର୍ବତନ ବିଧାୟକ ପ୍ରଫୁଲ ପାଙ୍ଗି, ବରିଷ୍ଠ ନେତା ଜୟରାମ ପାଙ୍ଗି, ପୂର୍ବତନ ତଥା ଆମ କୋଟିଆ ଅଧ୍ୟକ୍ଷ ଗଦାଧର ପରିଡା, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ସରପଞ୍ଚ ଲିୟୁ ଗେମେଲ, ଜିଲ୍ଲା ପରିଷଦ ସଭ୍ୟା ଟିକାଇ ଗେମେଲ, ଜିଲ୍ଲା ପରିଷଦ ସଭ୍ୟ ଲଇଚନ ଖରା, ସିଡିଓ ବେଣୁଧର ଶବର ଓ ସାସଂଦଙ୍କ ପ୍ରତିନିଧି ଶୁକ୍ରା ଖରା ପ୍ରମୁଖ ଯୋଗ ଦେଇଥିଲେ । ସୀମାନ୍ତ ଗ୍ରାମବାସୀଙ୍କୁ ଏକାଠି କରି ଓଡିଆ ଭାଷା, ସଂସ୍କୃତିର ସୁରକ୍ଷା ସହ କୋଟିଆ ପାଇଁ ଲଢ଼ିବୁ , ଆଦୌ ଛାଡିବୁ ନାହିଁ ବୋଲି ଉପସ୍ଥିତ ନେତା ଓ ପ୍ରଶାସନିକ ଅଧିକାରୀ କହିଥିଲେ। ଆନ୍ଧ୍ରର ଅନୁପ୍ରବେଶ ରୋକ ଲଗାଇବା ପାଇଁ ନିଷ୍ପତି ନିଆଯାଇଥିଲା। କୋଟିଆର ବିକାଶ ଲାଗି ସରକାର ଗୁରୁତ୍ୱ ଦେଉଛନ୍ତି । ଆନ୍ଧ୍ର ଯାହା ବି କରୁଛି ଲୁଚିଛପି କରୁଛି । ଯାହାର ଜବାବ ଦେବାକୁ ପ୍ରଶାସନ ସବୁବେଳେ ପ୍ରସ୍ତୁତ ରହିଛି ବୋଲି ଜିଲ୍ଲାପାଳ କହିଥିଲେ । ସେହିପରି କଂଗ୍ରେସ ବିଧାୟକ ଦଳର ନେତା ଶ୍ରୀ କାଡାମ ଓଡିଆ ଅସ୍ମିତାର ବାର୍ତା। କୋଟିଆ ମାଟିରୁ ଯାଉ । ପଡୋଶୀ ରାଜ୍ୟର ଅନୁପ୍ରେବଶକୁ ଆମେ ବରଦାସ୍ତ କରିବୁ ନାହିଁ, ଓଡିଆ ଭାଷା ଓ ସ୍ୱାଭିମାନକୁ ବଂଚାଇବା ପାଇଁ ଆମେ ଆଜି କୋଟିଆରେ ଏକାଠି ହୋଇଛୁ। ଯଦି ଆନ୍ଧ୍ର ଦାଦାଗିରି ଦେଖାଇବ ତେବେ ପାଣି ବନ୍ଦ କରିଦେବୁ । କିନ୍ତୁ ଆମେ କଠୋର ହେବାକୁ ଚାହୁଁନୁ ବୋଲି କହିଥିଲେ । ଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସେହିପରି କୋରାପୁଟ ଜିଲ୍ଲା ସଦର ମହକୁମାରେ ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କୋରାପୁଟର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ସଂଗ୍ରାମୀ ଓ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସ୍ଥାନିୟ ଏସ୍‌ପି ବାସଭବନ ନିକଟରେ ଥିବା ବରପୁତ୍ର କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା । ଏଥିରେ ବିଧାୟକ ରଘୁରାମ ମାଛ, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରନ ସେଠୀ, ଜିଲ୍ଲାପାଳ ଭି କୀର୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ଦେବୀପ୍ରସାଦ ମହାନ୍ତି, ସିଡିଓ ବେଣୁଧର ଶବର, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ସାମାଜିକର୍ମୀ ରୁପକ ତୁରୁକ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ସେହିପରି ସନ୍ଧ୍ୟାରେ ସ୍ଥାନିୟ ସଂସ୍କୃତି ଭବନରେ ଓଡିଶା ଦିବସ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ସମ୍ମିଳନୀ ଏବଂ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଓଡିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି, କେନ୍ଦୁଝର ଜିଲ୍ଲା ଶାଖାର ୧୯ତମ ସମ୍ମିଳନୀ ରୋଟାରୀ ଭବନ କେନ୍ଦୁଝରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ମୁଖ୍ୟ ଅତିଥି କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ନାୟକ ଉଦ୍ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇଥିଲେ । ଏଥିସହ ସମନ୍ୱୟ ସମିତିର ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ସାଧାରଣ ସଂପାଦକ ସୁଜିତ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ସୀତା ଭୋଲ, ଲେଡି ମେଟ୍ରୋନ ମହାସଂଘର ସଭାପତି ଝରଣା ମହାନ୍ତ ଏବଂ ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର ଉପସଭାପତି ସୁତାପା ହାଜାରା ଯୋଗଦାନ କରିଥିଲେ। ପବିତ୍ର ପାତ୍ର ଓ ପୁଷ୍ପଲତା ମହାନ୍ତ ସଂପାଦକ ବିବରଣୀ ପାଠ କରିବା ସହିତ ଦାବୀ ଗୁଡିକ ଉପସ୍ଥାପନ କରିଥିଲେ । ଏନ୍‌ପିଏସ୍/ୟୁପିଏସ୍ ବାତିଲ କରି ପୁରୁଣା ପେନସନ ଦେବା, ଠିକା, ଆଉଟସୋର୍ସିଂ, ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା, ଖାଲି ପଡିଥିବା ସମସ୍ତ ପଦବୀ ପୂରଣ କରିବା, ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡିକର ଘରୋଇକରଣ ବନ୍ଦ କରିବା, ଅଷ୍ଟମ ବେତନ କମିଶନଙ୍କ ସଭ୍ୟ ମାନଙ୍କ ନାମ ଘୋଷଣା କରିବା ଏବଂ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, କେରଳ ଭଳି ଆମ ରାଜ୍ୟରେ ୫ବର୍ଷରେ ଥରେ ବେତନ ସଂଶୋଧନ କମିଟି ବସାଇବା, ସ୍ଥଗିତ ହୋଇଥିବା ୧୮ ମାସର ମହଙ୍ଗା ଭତ୍ତା ତୁରନ୍ତ ପ୍ରଦାନ କରିବା, ସ୍ୱାସ୍ଥ୍ୟବୀମା ଯୋଜନାକୁ ବ୍ୟାପକ ଭାବରେ କାର୍ଯ୍ୟକାରୀ କରି ରାଜ୍ୟର ସମସ୍ତ ସରକାରୀ କର୍ମଚାରୀ, ଚୁକ୍ତିଭିତ୍ତିକ କର୍ମଚାରୀ ଓ ପେନସନରଙ୍କୁ ସେଥିରେ ଅନ୍ତର୍ଭୁକ୍ତ କରିବା, ସମ୍ବିଧାନର ଧାରା ୩୧୦, ୩୧୧,(୨)କ,ଖ ଓ ଗକୁ ବାତିଲ କରିବା, ମୃତ କର୍ମଚାରୀଙ୍କ ପରିବାରରୁ ଜଣଙ୍କୁ ସମ୍ବେଦନଶୀଳ ମନୋଭାବ ନେଇ ୧୯୯୦ ନିୟମ ଅନୁସାରେ ସ୍ଥାୟୀ ନିଯୁକ୍ତି ଦେବା ସହ ୨୦୨୦ ଅନୁକମ୍ପାମୂଳକ ନିଯୁକ୍ତି ନିୟମକୁ ବାତିଲ କରିବା, କର୍ମଚାରୀଙ୍କ ଉପରୁ ଅନ୍ୟାୟୋଚିତ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ତୁରନ୍ତ ପ୍ରତ୍ୟାହାର କରିବା ଆଦି ଦାବିଗୁଡିକୁ ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ମୁଖ୍ୟ ଅତିଥି, ସମ୍ମାନୀୟ ଅତିଥି, ମୁଖ୍ୟବକ୍ତା, ସମ୍ମାନନୀୟ ବକ୍ତା, ରାଜ୍ୟ ନେତୃତ୍ୱ, ଜିଲ୍ଲା ନେତୃତ୍ୱ ଓ ଜିଲ୍ଲାର ବିଭିନ୍ନ ବିଭାଗର ବିଭିନ୍ନ ବର୍ଗର ଉପସ୍ଥିତ ଥିବା କର୍ମଚାରୀମାନେ ନିଜ ନିଜର ବକ୍ତବ୍ୟ ରଖି ଦାବୀଗୁଡିକ ଯଥାର୍ଥ ଏବଂ ଏହା ତୁରନ୍ତ ପୂରଣ ହେବା ଦିଗରେ ପଦକ୍ଷେପ ନେବାକୁ ସରକାରଙ୍କୁ ନିବେଦନ କରିଥିଲେ। ଏହି ଅବସରରେ କେନ୍ଦୁଝର ଜିଲ୍ଲା ଶାଖାର ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା । ଅବସର ଗ୍ରହଣ କରିଥିବା ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ବିଭିନ୍ନ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ସଂଗଠନର ସାଂଗଠନିକ ପ୍ରକ୍ରିୟା ନିମନ୍ତେ ଆଗାମୀ ୩ବର୍ଷ ନିମନ୍ତେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଗଲା। ମୁଖ୍ୟ ଉପଦେଷ୍ଟା ସୀତା ଭୋଳ, ଉପଦେଷ୍ଟା ପବିତ୍ର ପାତ୍ର, ନୀଳମଣି ପାଣିଗ୍ରାହୀ, ସଭାପତି ହରେକୃଷ୍ଣ ବେଜ, ସଂପାଦକ ବିଦ୍ୟାଧର ବାରିକ, କୋଷାଧ୍ୟକ୍ଷ ପୁଷ୍ପଲତା ମହାନ୍ତ, କାର୍ଯ୍ୟକାରୀ ସଭାପତି ଯୁଗୋଜ୍ୟୋତି ମହାନ୍ତ, ସଂଗଠନ ସଂପାଦକ ରାମଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଚୟନ ହୋଇଥିଲେ । ସଭା ଶେଷରେ ରାମଚନ୍ଦ୍ର ପାଣିଗ୍ରାହୀ ଯୋଗଦାନ କରିଥିବା ସମସ୍ତ ଅତିଥି, ରାଜ୍ୟ ନେତୃତ୍ୱ,ଜିଲ୍ଲା ନେତୃତ୍ୱ ଏବଂ ଉପସ୍ଥିତ ଥିବା କର୍ମଚାରୀ ମାନଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଉମରକୋଟ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ଡିଏନକେ ଗୋପବନ୍ଧୁ ଛକ ଠାରେ ଥିବା ଉତ୍କଳ କଳା ସଂସଦ କ୍ଲବ୍ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସହରର ଡିଏନକେ ଛକ ଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଧୂପଦୀପ ଓ ପୁଷ୍ପମାଲ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ସୁରେନ୍ଦ୍ରନାଥ ଦାସ ପତାକା ଉତ୍ତୋଳନ କରିବା ସହ ନିଜ ଅଭିଭାଷଣରେ ଉତ୍କଳମଣିଗୋପବନ୍ଧୁଦାସଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରି ଗୋପବନ୍ଧୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ସମାଜସେବା କରିବାକୁ ଗୁରୁତ୍ୱ ଦେଇଥିଲେ। ଓଡିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରଚେଷ୍ଟାରେ ଗଠନ ହେଇଥିବା ଉତ୍କଳ ରାଜ୍ୟର ଜମି କୁ ସୀମାରେ ଲାଗିଥିବା ରାଜ୍ୟମାନେ ଲୋଲୁପ ଦୃଷ୍ଟି ପକାଇ ମାଡ଼ି ବସିଛନ୍ତି। ଏହାକୁ ଦୃଢ ଭାବରେ ବିରୋଧ କରିବାର ସମୟ ଆସିଛି ବୋଲି କହିଛନ୍ତି। ଉତ୍କଳ ଦିବସ ଅବସରରେ ପୌରପରିଷଦ ପକ୍ଷରୁ ଅଧକ୍ଷା, କାଉନସିଲର, ଓ ପୌରପରିଷଦର ସମସ୍ତ କର୍ମଚାରୀ ଗୋପବନ୍ଧୁ ଦାସ ଙ୍କ ପ୍ରତିମୂର୍ତ୍ତି ଠାରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଉପସ୍ଥିତ ଅନ୍ୟ ଅତିଥିମାନେ ମଧ୍ୟ ଗୋପବନ୍ଧୁ ଦାସଙ୍କ ଓଡିଶା ପ୍ରତି ଥିବା ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ ଏସ ବାଲ ମନ୍ଦିର ସ୍କୁଲର ଛାତ୍ରଛାତ୍ରୀ , ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଉତ୍କଳ କଳା ସଂସଦର ସଦସ୍ୟ ବିପିନ ମାଝୀ, ସତ୍ୟନାରାୟଣ ଦାସ, ରିପୁନ ପାତ୍ର, ବୈଜୟନ୍ତ ସାମଲ , ଟିଟୁ ବିଶ୍ୱାଳ , ଜି ଗୋଲ୍ଡ ସ୍ମିତ , ସୁନିଲ ଜେନା, ବିଜୟ ଆଦିତ୍ୟ, ପ୍ରକାଶ , ବିପିନ ମାଝୀ, ନାରାୟଣ ସାହୁଙ୍କ ସମେତ କ୍ଲବ୍‌ର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ। ।

## ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ସଚେତନତା ରଥ ଉଦ୍‌ଘାଟିତ




କଲ୍ୟାଣସିଂହପୁର(ଭାସ୍କର ନ୍ୟୁଜ) : ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜଗନ୍ନାଥ ମନ୍ଦିର ଠାରେପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ସଚେତନତା ରଥ ଉଦଘାଟିତ ହୋଇଯାଇଛି । ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ମୋହନରାଓ କଣ୍ଡାଗିରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ସଚେତନତା ରଥ ଉଦ୍‌ଘାଟନ କରିଥିଲେ ।ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ବିଜୟ କୁମାର ସେଠୀ,ସିଆରସିସି ଆଞ୍ଚଳିକ ଶିକ୍ଷା ସଂଯୋଜକ ଉପସ୍ଥିତ ରହିଥିଲେ । ଉକ୍ତ ସଚେତନତା ରଥ ବ୍ଲକର ୧୪ଟି ପଞ୍ଚାୟତରେ ଥିବା ସମସ୍ତ ବିଦ୍ୟାଳୟ ଗୁଡିକୁ ୪ଦିନ ମଧ୍ୟରେ ପରିଦର୍ଶନ କରି ସଚେତନତା କରାଯିବ ବୋଲି ଜଣାପଡ଼ିଛି । ଏ ଅବସରରେ ବିଭିନ୍ନ ବିଦ୍ୟାଳୟ ରେ ଛାତ୍ରଛାତ୍ରୀମାନଙ୍କୁ ନେଇ ନୂତନ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ କରିବା ସହ ଖଡ଼ିଛୁଆଁ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କୁ ନେଇ ହାତରେ ପ୍ଲା କାର୍ଡ ଧରି ଗ୍ରାମ ପରିଦର୍ଶନ କରିଥିଲେ ।

## ବିଭିନ୍ନ ସମସ୍ୟାଘେରରେ ଲକଡ଼ିପଲା ପ୍ରାଥମିକ ବିଦ୍ୟାଳୟ

### ଆବଶ୍ୟକ ଶିକ୍ଷକ ନାହାନ୍ତି କି ଶ୍ରେଣୀଗୃହ ନାହିଁ

ତେନ୍ତୁଳିଖୁଣ୍ଟି(ଭାସ୍କର ନ୍ୟୁଜ୍): ସରକାର ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାର ମାନ ବୃଦ୍ଧି କରିବା ପାଇଁ ବିଦ୍ୟାଳୟ ଗୁଡ଼ିକୁ ଲକ୍ଷାଧିକ ଟଙ୍କା ଅନୁଦାନ ପ୍ରଦାନ କରୁଥିବାବେଳେ ଅନେକ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ଅବ୍ୟବସ୍ଥା ଦେଖିବାକୁ ମିଳୁଛି । ବିଦ୍ୟାଳୟ ଗୁଡ଼ିକ ପାଇଁ ବିଭିନ୍ନ ଯୋଜନା କରାଯାଉଛି ସତ, କିନ୍ତୁ ବ୍ଲକ ରେ ଅନେକ ବିଦ୍ୟାଳୟରେ ଆବଶ୍ୟକ ଅନୁଯାୟୀ ଶିକ୍ଷକ ଓ ଶ୍ରେଣୀ ଗୃହ ଅଭାବ ରହିଛି। ଯାହାଫଳରେ ଛାତ୍ର ଛାତ୍ରୀମାନଙ୍କ ପାଠପଢାରେ ବାଧା ସୃଷ୍ଟି ହେଉଛି । ବର୍ତ୍ତମାନ ସରକାର ପ୍ରତ୍ୟେକ ବିଦ୍ୟାଳୟରେ ବାଲ୍‌ବାଟିକା ଖୋଲିଛନ୍ତି । ସେଥିପାଇଁ ଛାତ୍ରଛାତ୍ରୀ ମାନଙ୍କ ପ୍ରବେଶ ଉତ୍ସବ ପାଳନ କରାଯାଉଛି । ବର୍ତ୍ତମାନ ବିଦ୍ୟାଳୟରେ ୩ବର୍ଷ ରୁ ୫ବର୍ଷ ପିଲା ମାନେ ଏହି ବାଲବାଟିକା ରେ ଅଧ୍ୟୟନ କରିବେ । ଛାତ୍ରଛାତ୍ରୀମାନଙ୍କ ଘରକୁ ଯାଇ ଅଭିଭାବକମାନଙ୍କୁ ନିଜ ପିଲା ମାନଙ୍କୁ ବିଦ୍ୟାଳୟର ପଠେଇବା ପାଇଁ ନିମନ୍ତ୍ରଣ କରାଯାଉଛି ।ଏଥି ସହ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ତାଲିମ ମଧ୍ୟ ପ୍ରଦାନ କରାଯାଉଛି । ତେବେ ସ୍କୁଲରେ ଛାତ୍ର ଛାତ୍ରୀମାନଙ୍କ ପାଇଁ ଆବଶ୍ୟକୀୟ ପରିମାଣରେ ଶ୍ରେଣୀଗୃହ ,ଶୌଚାଳୟ, ଖେଳପଡିଆ ମଧ୍ୟ ନାହିଁ । ଫଳରେ ଛାତ୍ର ଛାତ୍ରୀମାନଙ୍କ ପାଠ ପଢିବାରେ ଅସୁବିଧା ହେଉଛି । ଏଥିପାଇଁ ଅଭିଭାବକ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର



ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଅନ୍ତର୍ଗତ ଲକଡିପଲା ପ୍ରାଥମିକ ବିଦ୍ୟାଳୟରେ । ସୂଚନାଯୋଗ୍ୟ ଏହି ବିଦ୍ୟାଳୟ ୧୯୫୮ ମସିହାରେ ସ୍ଥାପିତ ହୋଇଛି। ଏହି ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଶ୍ରେଣୀ ରହିଛି । ସମୁଦାୟ ୫ଟି ଶ୍ରେଣୀରେ ୮୦ ଜଣ ଛାତ୍ର ଅଧ୍ୟୟନ କରୁଛନ୍ତି । କିନ୍ତୁ ୫ଟି ଶ୍ରେଣୀ ପାଇଁ କେବଳ ଦୁଇଟି ଶ୍ରେଣୀ ଗୃହ ରହିଛି । ବର୍ତ୍ତମାନ ଏହି ବିଦ୍ୟାଳୟ ରେ ୨୨ ଜଣ ନୂତନ ଛାତ୍ର ଛାତ୍ରୀ ପ୍ରବେଶ କରିଛନ୍ତି । ୫ଟି ଶ୍ରେଣୀର ଛାତ୍ର ଛାତ୍ରୀ କେବଳ ୨ଟି ଶ୍ରେଣୀ ଗୃହରେ ୧୦୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ କିଭଳି ପାଠ ପଢ଼ିବେ ତାହା ଚିନ୍ତାର କାରଣ ହୋଇଛି । ଏତେ ସବୁ ସମସ୍ୟା ରହିଥିବା ବେଳେ ଛାତ୍ରଛାତ୍ରୀ କିଭଳି ଭାବେ ପାଠ ପଢ଼ିବେ ବୋଲି ଅଭିଭାବକ ମାନେ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରଶ୍ନ କରିଛନ୍ତି ।ତେବେ ପାଞ୍ଚୋଟି ଶ୍ରେଣୀ ର ଛାତ୍ର ଛାତ୍ରୀମାନଙ୍କୁ ଦୁଇଟି ଶ୍ରେଣୀ ଗୃହରେ ବସିବାକୁ ପଡୁଛି । ଫଳରେ ପଢେଇବାବେଳେ ଅନ୍ୟ ଛାତ୍ରଛାତ୍ରୀ ଦ୍ୱାରା ବିଶୃଙ୍ଖଳା ସୃଷ୍ଟି ହେଉଛି । ପ୍ରତ୍ୟେକ ଶ୍ରେଣୀ ପାଇଁ ଗୋଟେ ଗୋଟେ ଶ୍ରେଣୀ ଗୃହର ଆବଶ୍ୟକ ରହିଛି ବୋଲି ଅଭିଭାବକ ମାନେ କହିଛନ୍ତି । ତେଣୁ ଛାତ୍ର ଛାତ୍ରୀମାନଙ୍କ ପାଇଁ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ବିଦ୍ୟାଳୟ ର କମିଟି ସଭାପତି, ରଘୁନାଥ ମାଝୀ, ପ୍ରଫୁଲ୍ଲ ମାଝୀ , କମିଟି ର ସମସ୍ତ ସଦସ୍ୟ ସଦସ୍ୟା ସହ ଲକିଡିପଲା ର ଗ୍ରାମ ବାସି ମାନେ ପ୍ରଶାସନ ନିକଟ ରେ ଦାବି କରିଛନ୍ତି ।

## ଉତ୍କଳ ଦିବସ ପାଳିତ




କନ୍ଧମାଳ(ଭାସ୍କର ନ୍ୟୁଜ) : ଏପ୍ରିଲ ୧ ଉତ୍କଳ ଦିବସ ଭାବେ ରାଜ୍ୟ, ଜିଲ୍ଲା ସ୍ତରରେ ପାଳିତ ହୋଇଯାଇଛି। ଏହି ଅବସରରେ ବୀର ମହାପୁରୁଷ ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ପାରଳାଖେମୁଣ୍ଡି ମହାରାଜା, ଫକୀରମୋହନ ସେନାପତି ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ଫୁଲବାଣୀ ଓକିଲ ସଂଘ । ଏଥିରେ ସଂଘର ସମସ୍ତ ଓକିଲ ସଦସ୍ୟ ଉପସ୍ଥିତିରେ ପୁରୁଣା ବାର ଓ ନୂତନ ବାର ପରିସରରେ ଥିବା ମଧୁବାବୁଙ୍କ ପ୍ରତି ମୂର୍ତ୍ତିରେ ଧୂପ ଦୀପ ସହ ପୁଷ୍ପ ମାଲ୍ୟାର୍ପଣ କରାଯିବା ପରେ ଗୋପବନ୍ଧୁ ଛକ ଠାରେ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ଏବଂ ଆଦର୍ଶ ଥାନା ସମ୍ମୁଖରେ ଥିବା ଶିଶୁ ଉଦ୍ୟାନର ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ପୁଷ୍ପ ମାଲ୍ୟାର୍ପଣ କରି ତାଙ୍କର ସ୍ମୃତି ଉଚ୍ଚାରଣ କାରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବୀରେନ୍ଦ୍ର ସୁବୁଦ୍ଧି, ଉପସଭାପତି ଦିଲୀପ ବାନାର୍ଜୀ, ସହ ସମ୍ପାଦକ ତୁଷାର ନାୟକ ସମ୍ପୂର୍ଣ୍ଣ ସହଯୋଗ କରିଥିବା ବେଳେ ବାରର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ସେହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସ୍ତରୀୟ ଉତ୍କଳ ଦିବସ କୁ ଧୂମଧାମରେ ପାଳନ କରିଥିଲେ। ଏହି ସଭାରେ କନ୍ଧମାଳ ଜିଲ୍ଲାପାଳ ଅମିତ ଋତୁରାଜ ମୁଖ୍ୟଅତିଥି ଫୁଲବାଣୀ ପିଏଆଇଟିଡ଼ିଏ ସଂମାନିତ ଅତିଥିବାବେ ଯୋଗଦେବା ସହିତ ସାଂସ୍କୃତିକ ଅଧିକାରୀ ଅକ୍ଷୟ କୁମାର ସେଠୀ ମଞ୍ଚସିନରହି କାର୍ଯ୍ୟକ୍ରମ କୁ ଆଗକୁ ନେଇଥିଲେ। ମୁଖ୍ୟଅତିଥି ବୀର ମହାପୁରୁଷ ଗୋପବନ୍ଧୁ ଦାସ,ମଧୁସୂଦନ ଦାସ,ପାରଳାଖେମୁଣ୍ଡି ମହାରାଜା, ଫକୀରମୋହନ ସେନାପତିଙ୍କ ସହିତ ଓଡ଼ିଆ ବୀର ପୁରୁଷମାନଙ୍କୁ ମନେ ପକାଇଥିଲେ। ଏହା ସହିତ ଗଜପତିରେ ଥିବା ମହେନ୍ଦ୍ରଗିରି ପାହାଡ଼, ପୁରୀ ମନ୍ଦିର ଓ ବିଭିନ୍ନ ରାଜାଙ୍କ ବିଷୟରେ ଜନସାଧାରଣଙ୍କୁ ଜଣାଇଥିଲେ। ସେହିପରି ଫୁଲବାଣୀ ପିଏଆଇଟିଡ଼ିଏ ମଧ୍ୟ ଉତ୍କଳ ମଣି ଗୋପବନ୍ଧୁଙ୍କ ବାଣୀ ଉପରେ ପ୍ରକାଶ କରିଥିଲେ। ଶେଷରେ ଜିଲ୍ଲା ସାଂସ୍କୃତିକ ଅଧିକାରୀ ଅକ୍ଷୟ କୁମାର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କନଗାଁ ଉଚ୍ଚ ବିଦ୍ୟାଳୟରେ ଓଡିଶା ଦିବସ ପାଳିତ



ବରଗଡ(ଭାସ୍କର ନ୍ୟୁଜ୍): ସୋହେଲା ବ୍ଲକ ଅନ୍ତର୍ଗତ କନଗାଁ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ ସହ ପୁଷ୍ଟିକର ଲଡ୍ଡୁ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କନଗାଁ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ ଡୋଲାମଣୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଓଡିଶା ଦିବସ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ସୁବୋଧ ପଧାନ ମୁଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥି ଭାବରେ ସିଆରସିସି କେଦାରନାଥ ସାହୁ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସଂସ୍କୃତ ଶିକ୍ଷକ ଡ ଭୁବନେଶ୍ୱର ପ୍ରଧାନ, ବିଜ୍ଞାନ ଶିକ୍ଷକ ଚିନ୍ତାମଣୀ ପାତ୍ର, ନୀଳମଣୀ ପଧାନ, ପ୍ରକାଶ ଚନ୍ଦ୍ର ଭୁଏ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଏହି ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଓ ପୁଷ୍ଟିକର ଲଡୁ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।

## ୯୦ ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ

କନ୍ଧମାଳ(ଭାସ୍କର ନ୍ୟୁଜ) : ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ଓଡ଼ିଶା ପୋଲିସର ୯୦ତମ ଓଡିଶା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ହରିଶ ବି ସି ଯୋଗ ଦେଇ ଓଡ଼ିଶା ପୋଲିସର ଗୌରବମୟ ଇତିହାସ ଆଲୋକପାତ କରିଥିଲେ। ପୋଲିସ ଲୋକଙ୍କ ନିକଟତର ହେବା ଓ ସହାୟତା ଯୋଗାଇ ଦେବା, ମାଓଦମନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରି ଜନସାଧାରଣଙ୍କୁ ଶୁଣାଇଥିଲେ। ସେହିପରି ସେବା ପ୍ରଦାନ ପାଇଁ ୫ ଜଣ ଦକ୍ଷ ପୋଲିସ



ଅଧିକାରୀ, ଯବାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲାର ସର୍ବଶ୍ରେଷ୍ଠ ସବ୍‌ଇନ୍‌ସପେକ୍ଟର ରାଇକିଆ ଥାନା ଅଧିକାରୀ ଆଶୁତୋଷ ପାଇକରାୟ, ସର୍ବଶ୍ରେଷ୍ଠ ଏଏସ୍‌ଆଇ ବ୍ରାହ୍ମଣୀଗାଁ ଥାନାର ରମାକାନ୍ତ ସେଠୀ, ସର୍ବଶ୍ରେଷ୍ଠ ହାବିଲଦାର ସନ୍ତୋଷ କୁମାର ମେହେର, ସର୍ବଶ୍ରେଷ୍ଠ କନଷ୍ଟେବଲ ସୁଶ୍ରୀତା ସାହୁ ଓ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ରିଜର୍ଭଇନ୍‌ସପେକ୍ଟର ବୀରସିଂ ଶବର ପରେଡ ପରିଚାଳନା କରିଥିଲେ। ଜିଲ୍ଲା ପୋଲିସ ତରଫରୁ ବରିଷ୍ଠ ନାଗରିକ ଓ ପୋଲିସ କର୍ମଚାରୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା ।

## ଆଇ ଲଭ୍ ବଙ୍ଗୋମୁଣ୍ଡା ସେଲ୍ଫି ପଏଣ୍ଟ ଉଦ୍‌ଘାଟିତ



ବଙ୍ଗୋମୁଣ୍ଡା/ମୁରିବାହାଲ (ଭାସ୍କର ନ୍ୟୁଜ) : ଓଡ଼ିଶା ଦିବସ ଉପଲକ୍ଷେ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା - କଣ୍ଟାବାଞ୍ଜି ୪୨ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱରେ ବଙ୍ଗୋମୁଣ୍ଡା ଅଞ୍ଚଳ ବାସୀ ଙ୍କ ପାଇଁ ନୂତନ ନିର୍ମିତ ସେଲ୍ଫି ପଏଣ୍ଟ ଉଦଘାଟିତ ହୋଇ ଯାଇଛି । ବଙ୍ଗୋମୁଣ୍ଡା ଜୋନର ଜିଲ୍ଲା ପରିଷଦ ସଦସ୍ୟ ଓମ ପ୍ରକାଶ କୁମ୍ଭାର ଙ୍କ ନେତୃତ୍ୱରେ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗ ଦେଇ ସେଲ୍ଫି ପଏଣ୍ଟ କୁ ଶୁଭ ଉଦଘାଟନ କରିଥିଲେ । ବଙ୍ଗୋମୁଣ୍ଡା ରେ ଦୀର୍ଘ ବର୍ଷ ହେବ ଲୋକେ ସେଲ୍ଫି ପଏଣ୍ଟ ପାଇଁ ଦାବି କରୁଥିଲେ। ଜିଲା ପରିଷଦ ସଦସ୍ୟଙ୍କ ପାଣ୍ଠିରୁ ସେଲ୍ଫି ପଏଣ୍ଟ ନିର୍ମିତ ହୋଇଛି । ଏହାଦ୍ୱାରା ଯୁବପୀଢ଼ିଙ୍କ ସହ ଅନ୍ୟମାନଙ୍କୁ ଆମୋଦ ପ୍ରମୋଦ ତଥା ମନୋରଞ୍ଜନର ମାଧମ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ କେଶବ ନାରାୟଣ ଜୈନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା କଂଗ୍ରେସ ବ୍ଲକ ସଭାପତି ଗୁରୁଚରଣ ବେହେରା, ସଞ୍ଜୟ ବେହେରା,ବିରଞ୍ଚି ବାଗ,ସାଧୁ ମେହେର, ଆନନ୍ଦ ଜୈନ, ପୂର୍ବତନ ସରପଞ୍ଚ ସୁଶାନ୍ତ ଯୋଶୀ, କାହ୍ନା ଅଗ୍ରୱାଲ, ଡୋଳାମଣି ତାଣ୍ଡି, ରାଧାମୋହନ ବେହେରା,ଭାଗ୍ୟ ହିଆଁଳ, ଯୁବ ଆଇନଜୀବୀ ହେମନ୍ତ ନାଏକ, ନାଡୋ ଶର୍ମା, ଶ୍ରୀକର ମାଝୀ,କାହ୍ନା ଅଗ୍ରୱାଲ, ପ୍ରମୁଖ ଙ୍କ ସହ ଅନ୍ୟ ମାନେ ସାମିଲ ହୋଇଥିଲେ। ଜିଲ୍ଲା ପରିଷଦ ପାଣ୍ଠି ରୁ ପ୍ରଥମ କରି ବଙ୍ଗୋମୁଣ୍ଡା ରେ ସେଲଫି ପଏଣ୍ଟ ହୋଇଥିବାରୁ ପୂର୍ବତନ ବିଧାୟକ ଖୁସିବ୍ୟକ୍ତ କରିଥିଲେ।

## ପ୍ରତିଶ୍ରୁତି ରକ୍ଷା କଲେ ବିଧାୟକ, ଗାଁ ହେଲା ଆଲୋକିତ

ତେନ୍ତୁଳିଖୁଣ୍ଟି,(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଅମଲାଭଟା ପଞ୍ଚାୟତର ଝରଣଗୁଡ଼ା ଗ୍ରାମବାସୀଙ୍କ ବହୁ ଦିନର ଆଶା ପୂରଣ ହୋଇଛି । ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ବିଜୁଳି ଆଲୁଅରୁ ବଞ୍ଚିତ ରହିଥିବା ତେନ୍ତୁଳିଖୁଣ୍ଟି ବ୍ଲକ ଅମଲାଭଟ୍ଟା ପଞ୍ଚାୟତ ଅନ୍ତର୍ଗତ ଝରଣଗୁଡ଼ା ଗ୍ରାମବାସୀଙ୍କୁ ଆଜି ବିଦ୍ୟୁତ୍ ସେବା ମିଳିପାରିଛି । ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଏହି ଗ୍ରାମରେ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ପ୍ରତିଶୃତି ଦେଇଥିଲେ। ତେବେ ବିଧାୟକ ପ୍ରତିଶ୍ରୁତି ରକ୍ଷା କରି ଏହି ଗ୍ରାମକୁ ବିଜୁଳିର ଶୁଭ ଉଦ୍ଘାଟନ କରିଛନ୍ତି ।ତେବେ ବିଜୁଳି ଆଲୁଅ ଦେଖିବା ପରେ ଗ୍ରାମବାସୀ ଅତ୍ୟନ୍ତ ଖୁସି ପ୍ରକଟ କରିବା ସହ ବିଧାୟକ ଶ୍ରୀ ମାଝୀଙ୍କୁ କୃତଜ୍ଞତା ଜଣେଇଛନ୍ତି। ସୂଚନା ଅନୁଯାୟୀ



କିଛି ଦିନ ପୂର୍ବେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି ଝରଣଗୁଡ଼ା ଗ୍ରାମକୁ ଏକ କାଠ ପୋଲ ପାରି ହୋଇ ପହଞ୍ଚିଥିଲେ। ଗ୍ରାମରେ ପହଞ୍ଚିବାପରେ ଲୋକଙ୍କୁ ମିଶି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଗ୍ରାମବାସୀ ବିଜୁଳି ଆଲୁଅରୁ ବଞ୍ଚିତ ରହିଥିବା ବିଧାୟକଙ୍କୁ ଜଣେଇବା ସହିତ ଏହାର ସମାଧାନ କରିବାକୁ ଗୁହାରି କରିଥିଲେ। ଏହାପରେ ବିଧାୟକ ଶ୍ରୀ ମାଝୀ ଅତି କମ ସମୟ ମଧ୍ୟରେ ବିଜୁଳି ବ୍ୟବସ୍ଥା କରିବା ନେଇ ଝରଣଗୁଡ଼ା ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁସାରେ ବିଧାୟକ ଶ୍ରୀ ମାଝୀ ଝରଣଗୁଡ଼ା ଗ୍ରାମରେ ନୂତନ ଭାବେ ସ୍ଥାପନ ହୋଇଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରର ଶୁଭ ଉଦଘାଟନ କରିଛନ୍ତି। ଯାହାକି ଆଜି ବିଧାୟକଙ୍କ ପ୍ରତିଶ୍ରୁତି ବାସ୍ତବ ରୂପ ନେଇଛି । ଝରଣଗୁଡ଼ା ଗ୍ରାମରେ ବସବାସ କରୁଥିବା ୧୪ ପରିବାରଙ୍କୁ ବିଜୁଳି ଯୋଗେଇ ଦେବାର ବ୍ୟବସ୍ଥା ହୋଇଛି। ଏହି ସମୟରେ ନବରଙ୍ଗପୁର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଖଟେଇ, ତେନ୍ତୁଳିଖୁଣ୍ଟି ଟିପିଏସ୍‌ଓଡିଏଲ୍ ଯନ୍ତ୍ରୀ ଭରତ, ଏସଡିଓ ଜେ.ଏସ୍.ଏନ୍ ଆଚାରୀ, ସଚ୍ଚିନ ମହାରଣା ଉପସ୍ଥିତ ଥିଲେ। ଏଥିସହ ତେନ୍ତୁଳିଖୁଣ୍ଟି ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନ, ବରିଷ୍ଠ କାର୍ଯ୍ୟକର୍ତ୍ତା ଦେବଦାସ ମହାଙ୍କୁଡ଼, ପୂର୍ବତନ ମଣ୍ଡଳ ସଭାପତି ହରେକୃଷ୍ଣ ମୁଦୁଲି, ସୂର୍ଯ୍ୟ ନାରାୟଣ ରନ୍ଧାରୀ, ତ୍ରିନାଥ ନାୟକ, ଲଛମନ ମାଝି, ଭିକି ବିଷୋୟୀ, ଭିକି ଜେନା, ଦିନୁ ସୁନା, ପର୍ଶୁ ବିଷୋୟୀ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ପାଞ୍ଚ ଯୁବକ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ) : ଲକ୍ଷ୍ମୀପୁର ବ୍ଲକ ସଦରରେ ଏବେ ବାଇକ ଚଳାଳି ଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଦୈନିକ କୋଉଠି ନା କୋଉଠି ଦୁର୍ଘଟଣା ଘଟୁଥିବା ଖବର ଆସୁଛି ।ତଥାପି ବାଇକ ଚାଳକମାନେ ସୁଧୁରିବାର ନାଁ ଧରୁନାହାନ୍ତି ।ଗତକାଲି ରାତିରେ ସ୍ଥାନୀୟ ପେନସିଲ ଫେକ୍ଟ୍ରି ପାଖେ କଟ୍ରାକଣା ଗ୍ରାମର ସମୀର ହିମେରୀକଙ୍କ ଗାଈକୁ ଦୃତଗତିରେ ଆସୁଥିବା ଏକ ବାଇକ ଧକ୍କା ଦେଇଥିଲା ବେଳେ ଗାଈ ସହ ଚାଳକ ଆହତ ହୋଇଥିଲେ। ପୁଣି ଆଜି ସେହି ସ୍ଥାନଠାରୁ ଶହେ ମିଟର ଦୂର




ଘୋଡ଼ାବନ୍ଧ ଅମ୍ବତୋଟା ନିକଟରେ ସନ୍ଧ୍ୟାବେଳେ ବାଇକ ସହ ବାଇକ ମୁହାଁମୁହିଁ ଧକ୍କା ହୋଇ ପାଞ୍ଚଜଣ ସାମାନ୍ୟ ଆହତ ହୋଇଥିଲେ। ଖବର ମୁତାବକ ଖାଲକଣା ଗ୍ରାମରୁ ସମୀର ମାଣ୍ଡିଙ୍ଗା ସାଧୁ ମାଣ୍ଡିଙ୍ଗାଙ୍କ ସହ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଓଡି ୧୦ଟି ୧୩୯୭ ନମ୍ବର ଥିବା ହିରୋ ଡିଲକ୍ସ ବାଇକରେ ଆସୁଥିବାବେଳେ ତଳ କାଇପଦର ଗ୍ରାମର ସୁରେଶ ହିକକା ଓଡି ୧୦ଓ୍ୱାଇ୧୮୫୮ ନମ୍ବର ଥିବା ଅପାଚି ବାଇକ ଧରି ବଡ଼ ଶଙ୍ଖା ଗ୍ରାମର ଶିବରାମ ପ୍ରେପେକା ଓ ମଙ୍ଗଳ ପ୍ରେପେକାଙ୍କୁ ବଡ ଶଙ୍ଖା ଗ୍ରାମରେ ଛାଡିବାକୁ ଦୃତଗତିରେ ମାଡି ଚାଲି ଥିବା ବେଳେ ଘୋଡା ବନ୍ଧ ଆମ୍ବତୋଟା ନିକଟରେ ଧକ୍କା ଦେଇଥଲା। ଫଳରେ ଦୁଇଟିଯାକ ବାଇକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଦୁଇଟି ବାଇକରେ ଥିବା ପାଞ୍ଚ ଜଣଯାକ ରାସ୍ତାରେ ପଡ଼ିଥିଲେ।ଏହା ଦେଖି ଲୋକଙ୍କ ଭିଡ଼ ଜମି ଯାଇଥିଲା। କିଛି ଲୋକ ସେମାନଙ୍କୁ ଉଦ୍ଧାର କରି ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟରେ ଭର୍ତ୍ତି କରାଇଥିଲେ। ଅବଶ୍ୟ ଦୁଇଟି ଯାକ ବାଇକରେ ବସିଥିବା ଯୁବକମାନଙ୍କ ମଧ୍ୟରେ କେହି ଗୁରୁତର ନଥିଲେ ମଧ୍ୟ ଦୁଇଟି ଯାକ ବାଇକର ସମ୍ମୁଖ କ୍ଷତିଗ୍ରସ୍ତ ହେଇଯାଇଛି । ଏନେଇ ଲକ୍ଷ୍ମୀପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇଟି ଯାକ ବାଇକକୁ ଜବତ କରି ଥାନାରେ ରଖିଛି।

## ରିଆରେ ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସମାବେଶ

### ଧାନରେ ୮ଶହ ଟଙ୍କା ବୋନସ୍ ପାଇଁ ସରକାରଙ୍କୁ କୃତଜ୍ଞତା ଜଣାଇଲେ ଚାଷୀ




ଖପ୍ରାଖୋଲ (ଭାସ୍କର ନ୍ୟୁଜ) : ଖପ୍ରାଖୋଲ ବ୍ଲକ ଜୁରିଆ ଠାରେ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସମାବେଶ ମଙ୍ଗଳବାର ସମିତି ସଭାପତି କନ୍ଦର୍ପ ସୁଆରଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇ ଯାଇଛି। ସମାବେଶରେ ମୁଖ୍ୟ ଅତିଥି ରୂପେ ବଲାଙ୍ଗିର କେନ୍ଦ୍ର ସମବାୟ ବ୍ୟାଙ୍କ୍ ଲାଠୋର ଶାଖା ପରିଚାଳକ କିଶୋର ପୁଟେଲ, ସମ୍ମାନୀତ ଅତିଥି ରୂପେ ସୁପରଭାଇଜର ଶ୍ରୀକାନ୍ତ ପାଣିଗ୍ରାହୀ, ସମିତିର ନିର୍ଦ୍ଦେଶକ ଜୟନ୍ତ ମେହେର , ସାନନ୍ଦ ଠାକୁର ସୁଦାମ ସୁଆର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସେହିପରି ରାଜ୍ୟରେ ମୋହନ ମାଝୀଙ୍କ ସରକାର ଆସିଲା ପରେ ଧାନ କୁଇଣ୍ଟାଲ ପ୍ରତି ୮ ଶହ ଟଙ୍କା ବୋନସ ଦେଇଥିବାରୁ ରାଜ୍ୟସରକାର ଓ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଚାଷୀମାନେ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ କ୍ଷମାସାଗର ବରିହା ରାଜକିଶୋର ମେହେର, ଧନର୍ଯ୍ୟ ବରିହା, ରଜନୀ ରଞ୍ଜନ ବାଗ, ଗନ୍ଧର୍ବ ବରିହା, ସନ୍ତୋଷ ପଟେଲ, ଲଳିତ ପଟେଲ, ଧୀରେନ୍ଦ୍ର ସୁଆର ପ୍ରମୁଖ ସମିତି ନିର୍ଦ୍ଦେଶକ, ସଭ୍ୟ ଓ ଚାଷୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଂପାଦକ ଜଗଦୀଶ ରଣା ପରିଚାଳନା କରିଥିବା ବେଳେ ଯଦୁମଣି ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଓ ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ



ବରଗଡ଼ (ଭାସ୍କର ନ୍ୟୁଜ) : ବରଗଡ଼ ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ 'ଓଡ଼ିଶା ଦିବସ ତଥା ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ' ମହାଆଡମ୍ବର ସହକାରେ ପାଳିତ ହୋଇଛି । ଏହି ଅବସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ମଧୁଛନ୍ଦା ସାହୁ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମାନିନୀ ଭୋଇଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ଉପସ୍ଥିତ ରହି ଗାନ୍ଧୀଛକ ସ୍ଥିତ ଜାତିର ପିତା ମହାତ୍ମା ଗାନ୍ଧୀ ଓ ସ୍ୱଭାବ କବି ଗଙ୍ଗାଧର ମେହେର, ଘରୋଇ ବସଷ୍ଟାଣ୍ଡ ନିକଟସ୍ଥ ପଶ୍ଚିମ ଓଡ଼ିଶାର ମଦର ଟେରେସା ତଥା ବହ୍ନିକନ୍ୟା ସ୍ୱର୍ଗତ ପାର୍ବତୀ ଗିରି, କଚେରୀ ପରିସରରେ ସ୍ଥିତ ଡ. ଭୀମ ରାଓ ଆମ୍ବେଦକର ଏବଂ ବୀର ସୁରେନ୍ଦ୍ର ସାଏ ଛକ ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସମେତ ଜିଲ୍ଲା ମୁଖ୍ୟାଳୟରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥ୍ୟ ଭାବେ ଯୋଗଦେଇ ବରପୁତ୍ରମାନଙ୍କ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ । ସଭା ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଓଡିଶାର ସମସ୍ତ ବରପୁତ୍ରଙ୍କ ଅବଦାନକୁ ସ୍ମରଣ କରି କୃତଜ୍ଞତାର ଶ୍ରଦ୍ଧାଞ୍ଜଳି ଦେବାପରେ ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ । ଏହାପରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ଖୋସଲା ସଭାକୁ ପରିଚାଳନା କରିଥିଲେ।

ଓଡ଼ିଶା
ଭାସ୍କର
ODISHA BHASKAR

# ରାଜ୍ୟ ଖବର





କରଞ୍ଜିଆ (ଭାସ୍କର ନ୍ୟୁଜ): ବେଆଇନ ଲୁହାପଥର ଚୋରା ଚାଲାଣ ବେଳେ ମାଡି ବସିଲା କରଞ୍ଜିଆ ପୋଲିସ । ମୟୂରଭଞ୍ଜ ଜିଲ୍ଲାର ଯଶିପୁର ଥାନା ଅନ୍ତର୍ଗତ କୁଲେଇତୁମ୍ବା ଗ୍ରାମରୁ ବେଆଇନ ଲୁହାପଥର ବୋଝେଇ କରି ଏକ ହାଇୱା ୪୯ନମ୍ବର ଜାତୀୟ ରାଜପଥ ଦେଇ ଯଶିପୁର ଆଡକୁ ଯାଉଥିବା ବେଳେ ଚାଇଁନେବଦା ନିକଟରେ ମାଡି ବସିଲେ ଉପଖଣ୍ଡ ପୋଲିସ ଅଧିକାରୀ ନବ ନାୟକ ଗାଡିକୁ ଧରିବା ସହିତ ଯଶିପୁର ଥାନାରେ ଜିମା ଦେଇ ଅଧିକ ତଦନ୍ତ ଆରମ୍ଭ କରିଛନ୍ତି । ତେବେ ଏଇ ଘଟଣାରେ ୪ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ବେଳେ ଗାଡି ଡ୍ରାଇଭରକୁ ଗିରଫ କରି ତଦନ୍ତ ଆରମ୍ଭ କରିଛି ପୋଲିସ । ଅନ୍ୟ ତିନିଜଣ ଫେରାର ହୋଇଯାଇଛନ୍ତି । ତେବେ ଦୀର୍ଘ ଦିନରୁ ବେଆଇଅନ ଲୁହା ପଥର ସହିତ ଗୋ ଚୋରା ଚାଲାଣ ହେଉଥିଲେ ବି ପ୍ରଶାସନ ଚୁପ ବସିଥିଲା । ତେବେ ନୂତନ କରି କରଞ୍ଜିଆ ଉପଖଣ୍ଡ ପୋଲିସ ଅଧିକାରୀ ନବ ନାୟକ ଆସିବା ପରେ ଚଢ଼ାଉକୁ ଜୋରଦାର କରିଛନ୍ତି । କାରଣ ଗୋଟିଏ ଦିନରେ ଦୁଇ ଦୁଇଟି ଚଢ଼ାଉ କରି ବଡ଼ ସଫଳତା ପାଇଛନ୍ତି ଉପଖଣ୍ଡ ପୋଲିସ ଅଧିକାରୀ । ୧୪ ଗୋଟି ବଳଦ ଲୋଡ୍ କରିଥିବା ଦୁଇଟି ପିକଅପ୍ କରଞ୍ଜିଆ ଥାନା ଅନ୍ତର୍ଗତ ମସଜିଦ୍ ନିକଟରୁ ଜବତ କରିଛନ୍ତି ଉପଖଣ୍ଡ ପୁଲିସ ଅଧିକାରୀ ଓ କରଞ୍ଜିଆ ଆଇଆଇସି । ଆଜି ସକାଳୁ ସକାଳୁ ଦୁଇଟି ବଳଦ ବୋଝେଇ ପିକଅପ ସହିତ ଲୁହାପଥର ବୋଝେଇ ହାଇୱା ଜବତ କରିବା ଦ୍ୱାରା ଚୋରା ଚାଲାଣ କାରୀଙ୍କ ମନରେ ଭୟ ଆସିଛି ।

## ନକଲି ପୋଲିସ ଇନିସପେକ୍ଟର ଗିରଫ

କଟକ (ଭାସ୍କର ନ୍ୟୁଜ): ପୋଲିସ ଇନିସପେକ୍ଟର ପରିଚୟ ଦେଇ ଠକେଇ କରିବା ଅଭିଯୋଗରେ ବାଦାମବାଡ଼ି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଜଣେ ଚାକିରି ଆଶାୟୀଙ୍କୁ ପୋଲିସ ବିଭାଗରେ ହୋମଗାର୍ଡ ଚାକିରି କରାଇଦେବା ନିମନ୍ତେ ଅଭିଯୁକ୍ତ ପ୍ରତିଶ୍ରୁତି ଦେଇଥିଲେ । ଅଭିଯୁକ୍ତ ଜଣକ ହେଲେ ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣାର ଗୁଣ୍ଡିଚା ଦଳାଇ (୨୭) । ଅଭିଯୁକ୍ତ ନିକଟରୁ ଏକ ଲାପଟପ୍, ୫ଟି ମୋବାଇଲ ଫୋନ୍, ନକଲି ଆଇ କାର୍ଡ, ପୋଲିସ ଇନସ୍‌ପେକ୍ଟର ୟୁନିଫର୍ମ, ଟୋପି, ନାମଫଳକ, ଷ୍ଟାର, ଲୋଗୋ, ପୋଲିସ ଷ୍ଟାମ୍ପ, ଚେକ ବହି ଜବତ କରାଯାଇଛି । ଏଥିସହ ଅଭିଯୁକ୍ତ ଆକାଉଣ୍ଟରେ ଥିବା ୪ ଲକ୍ଷ ଟଙ୍କାକୁ ଫ୍ରିଜ କରାଯାଇଛି । ଏନେଇ ବାଦାମବାଡ଼ି ଥାନାରେ କେଶ୍ ନଂ ୧୨୭/୨୦୨୫ ରୁଜୁ ହୋଇଛି । ସୂଚନାନୁସାରେ ଠକାମୀର ଶିକାର ହୋଇଥିବା ପିଡ଼ିତ ଜଣକ କଟକ ନେତାଜୀ ବସ୍ ଟର୍ମିନାଲରେ ଜଣେ ସିକ୍ୟୁରିଟ୍ ଗାର୍ଡ ଭାବେ କାର୍ଯ୍ୟ କରନ୍ତି । ସେ ହୋମାଗାର୍ଡ ଚାକିରି ନିମନ୍ତେ ଆବେଦନ କରିଥିଲେ । ଇତିମଧ୍ୟରେ ଅଭିଯୁକ୍ତ ଗୁଣ୍ଡିଚାଙ୍କ ସମ୍ପର୍କରେ ପିଡ଼ିତ ଆସିଥିଲେ । ଅଭିଯୁକ୍ତ ପିଡ଼ିତଙ୍କୁ ଗ୍ରାମାଞ୍ଚଳ ଏସ୍‌ପି ଅଫିସରେ ଇନସପେକ୍ଟର ଥିବା କହି ତାଙ୍କୁ ପ୍ରଭାବିତ କରିଥିଲେ । ତାଙ୍କୁ ନିଜର ପୋଲିସ ୟୁନିଫର୍ମ ଓ ଆଇକାର୍ଡ ମଧ୍ୟ ଦେଖାଇଥିଲେ । ଏଥିସହ ହୋମଗାର୍ଡ ଚାକିରି କରାଇଦେଲେ ୧.୫ ଲକ୍ଷ ଟଙ୍କା ନେବାକୁ ଦାବି କରିଥିଲେ । ଅଭିଯୁକ୍ତଙ୍କ କଥାରେ ବିଶ୍ୱାସ କରି ପିଡ଼ିତ ତାଙ୍କୁ ପ୍ରାଥମିକ ଭାବେ ୧୦ ହଜାର ଟଙ୍କା ଦେଇଥିଲେ । ମାତ୍ର କ୍ରମେ ସେ ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇଲେ । ଫଳରେ ସେ ବାଦାମବାଡ଼ି ଥାନାର ଦ୍ୱାରସ୍ଥ ହୋଇଥିଲେ । ଡିସିପି ଖିଲାରୀ ଋଷିକେଷ ଦ୍ୟାନଦେଓ ଡିସିପି ଅଫିସରେ ବୁଧବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି । ଏଥିସହ ଚାକିରି ଆଶାୟୀମାନେ ଏଭଳି ଠକମାନଙ୍କୁ ପ୍ରତି ସତର୍କ ରହିବା ସହ ସେମାନଙ୍କୁ ବିଶ୍ୱାସ ନ କରିବାକୁ କହିଛନ୍ତି । ସରକାରୀ ନିଯୁକ୍ତି ସ୍ୱଚ୍ଛ ଭାବେ ହୋଇଥାଏ । ତେଣୁ କେହି ଏଭଳି ପ୍ରତିଶ୍ରୁତି ଦେଇ ଟଙ୍କା ମାଗିଲେ ତୁରନ୍ତ ନିକଟସ୍ଥ ଥାନାରେ ଜଣାଇବାକୁ ଡିସିପି ଜନସାଧାରଣଙ୍କ ଉଦ୍ଦେଶ୍ୟରେ କହିଛନ୍ତି ।

## ଫ୍ରାନ୍ସ ରାଷ୍ଟ୍ରଦୂତଙ୍କ ଜଙ୍ଗଲ ମନ୍ତ୍ରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତରେ ଫ୍ରାନ୍ସର ରାଷ୍ଟ୍ରଦୂତ ଥିଏରୀ ମାଥୋ, କୋଲକାତାରେ ଫ୍ରାନ୍ସର କନସଲ ଜେନେରାଲ ଡିଡିୟର ତାଲପେନ୍, ପ୍ରେସ ଆଟାଚି ଏବଂ କୂଟନୈତିକ ସମ୍ପର୍କ ସୁଶ୍ରୀ ଅଞ୍ଜିତା ରାୟଚୌଧୁରୀ, ଚାର୍ଜ ଡି ମିଶନ ସାମୁଏଲ ବୋଚାର୍ଡ ଏବଂ ଆଲାଏନ୍ସ ଫ୍ରାନ୍ସାଇଜ୍ ଡୁ ବେଙ୍ଗଲର ନିର୍ଦ୍ଦେଶକ ନିକୋଲାସ୍ ଫାସିନୋ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କୁ ତାଙ୍କ ଲୋକସେବା ଭବନ ଚାମ୍ବରରେ ସୌଜନ୍ୟମୂଳକ ସାକ୍ଷାତ ଓ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ, ଫ୍ରାନ୍ସର ଉଚ୍ଚସ୍ତରୀୟ ଦଳ ଓଡ଼ିଶାର ଜଙ୍ଗଲ କ୍ଷେତ୍ରରେ ବିକାଶ ଏବଂ ଜଙ୍ଗଲ ସଂରକ୍ଷଣ, ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ସହଭାଗୀତାଏବଂ ଓଡ଼ିଶାର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗକୁ ସହାୟତା ଦେବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ ସୁରେଶ ପନ୍ଥ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା ଏବଂ ବିଭାଗର ଅନ୍ୟାନ୍ୟ ଉଚ୍ଚ ପଦାଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ଫ୍ରାନ୍ସ ରାଷ୍ଟ୍ରଦୂତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତରେ ଅବସ୍ଥାପିତ ଫ୍ରାନ୍ସ ରାଷ୍ଟ୍ରଦୂତ ଥିଏରୀ ମାଥୌ ବୁଧବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ଓଡ଼ିଶା ଏବଂ ଫ୍ରାନ୍ସର ମଧ୍ୟରେ ଦୃଢ଼ ସମ୍ପର୍କ ସ୍ଥାପନ ବିଷୟରେ ଆଲୋଚନା କରିଛନ୍ତି । ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ପରିକଳ୍ପନାରେ ଓଡ଼ିଶାର ବିକାଶ ଏବଂ ଏହା ସହିତ ଓଡ଼ିଶାରେ ନିବେଶ, ଶିକ୍ଷା, ପର୍ଯ୍ୟଟନ ଓ ଅନ୍ୟାନ୍ୟ କ୍ଷେତ୍ରରେ ସୁଯୋଗ ସମ୍ପର୍କରେ ଆଲୋଚନା ହୋଇଥିଲା ।

## ବଡଯୋରଡା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ ଓ ଉତ୍କଳ ଦିବସ ପାଳନ




ତାଳଚେର(ଭାସ୍କର ନ୍ୟୁଜ): ତାଳଚେର ବ୍ଲକ ବଡଯୋରଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ ଓ ଉତ୍କଳ ଦିବସ ପାଳିତ ହୋଇଯାଇଛି । ପ୍ରାତଃ ସମୟରେ ଗାୟତ୍ରୀ ପରିବାର ପକ୍ଷରୁ ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉତ୍କଳ ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ତାଳଚେର କୋର୍ଟର ଡେପୁଟି ଆଡମିନିଷ୍ଟ୍ରେଟର ତଥା ତାଳଚେର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପୂର୍ବତନ ଛାତ୍ର ସୁମରେନ୍ଦ୍ର ଦେବତା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେଶ ଚନ୍ଦ୍ର ସାହୁ, ପୂର୍ବତନ ସଭାପତି ମନ୍ଦରଧର ପ୍ରଧାନ ଓ ନେହେରୁ ପ୍ରଧାନ ପ୍ରମୁଖ ଯୋଗ ଦେଇ କୁଳ ବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ସରଳ ଜୀବନ, ଉଚ୍ଚ ଚିନ୍ତନ, ସଫଳ ସ୍ୱାଭିମାନୀ ଓଡିଆ ଭାବେ ତାଙ୍କର ବ୍ୟକ୍ତିଗତ ଜୀବନର ଶ୍ରେଷ୍ଠତା ଓ ଓକିଲାତି ଜୀବନ ଆଦର୍ଶରେ ଓଡିଶା ପ୍ରତି କରିଥିବା ମହାନ୍ କାର୍ଯ୍ୟ ଗୁଡିକ ଓ ବ୍ୟାସ କବି ଫକିର ମୋହନ ସେନାପତି ଏବଂ ଅନ୍ୟ ମହାପୁରୁଷ ମାନଙ୍କ ତ୍ୟାଗ ଓ ବଳିଦାନ ବିଷୟରେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ଗୌର ଚନ୍ଦ୍ର ନନ୍ଦ ଅତିଥି ପରିଚୟ ପ୍ରଦାନ, ଆଚାର୍ଯ୍ୟ ସୁଶାନ୍ତ କୁମାର ବେହେରା ଓ ଆଚାର୍ଯ୍ୟା ବବିତା ବିଶ୍ୱାଳ ସଭା ପରିଚାଳନା କରିଥିବାବେଳେ ଶେଷରେ ବରିଷ୍ଠ ଆଚାର୍ଯ୍ୟ ପ୍ରଦ୍ମିନ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ/ଗୁରୁମା, କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜୈବିକ କୃଷି...

ଭିତ୍ତିଭୂମି ସହାୟତା ପ୍ରଦାନ କରି ଚାଷୀମାନଙ୍କୁ ଜୈବିକ କୃଷି କୌଶଳ ଗ୍ରହଣ କ୍ଷେତ୍ରରେ ଉତ୍ସାହିତ କରିବାକୁ ସଂକଳ୍ପବଦ୍ଧ ବୋଲି ସେ କହିଥିଲେ । ସେ ଆହୁରି କହିଥିଲେ ଯେ ବିଶେଷଜ୍ଞମାନେ କହୁଛନ୍ତି, ଜୈବିକ କୃଷି କେବଳ ମାଟିର ଉର୍ବରତାକୁ ଉନ୍ନତ କରିବ ନାହିଁ, ବରଂ କୃଷି ଉତ୍ପାଦର ସାମଗ୍ରିକ ଗୁଣବତ୍ତା ମଧ୍ୟ ବୃଦ୍ଧି କରିବ, ଯାହା ଗ୍ରାହକଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବ ବୋଲି ସେ କହିଥିଲେ ।

### ଲଘୁ ଖଣିଜ...

ମାତ୍ର ୩୯୬୬ କୋଟି ଟଙ୍କା ଆଦାୟ ହୋଇପାରିଛି । ଏପରିକି ଯେଉଁ ଖଣି ଲିଜ୍‌ଧାରୀ ଜରିମାନା ଦେଇ ନାହାନ୍ତି ସେମାନଙ୍କ ସମ୍ପତ୍ତି ଜବତ ପାଇଁ ମଧ୍ୟ ନିର୍ଦ୍ଦେଶ ରହିଥିଲେ ବି ତା'ର ଅନୁପାଳନ କରାଯାଇପାରି ନାହିଁ । ସିଏଜି ରିପୋର୍ଟରେ ଗ୍ରାମ୍ୟ ଜଳଯୋଗାଣ କ୍ଷେତ୍ରରେ ବ୍ୟାପକ ଗଫଲତି ହୋଇଥିବା ସୂଚନା ଦିଆଯାଇଛି । ଏପରିକି ବିନା ସର୍ଭେରେ ଗୋଟିଏ ପରିବାରକୁ ଦୁଇଟି ଲେଖାଏଁ ପାଣି ଟ୍ୟାପ୍ ଯୋଗାଇ ଦିଆଯାଇଛି ।

### ଭୋଟ୍ ବ୍ୟାଙ୍କ...

ଉତ୍ତର ଦେଇ ଶ୍ରୀ ଶାହ କହିଥିଲେ, ଏହି ବିଲ୍‌ରେ ୱାକଫ୍ ସମ୍ପତ୍ତିର ସଠିକ ରକ୍ଷଣାବେକ୍ଷଣ କରାଯାଉଛି କି ନାହିଁ ତାହା ଦେଖାଯିବ । ୱାକଫରେ ସମସ୍ତ ମୁସଲମାନ ରହିବେ । କୌଣସି ଅଣ ଇସଲାମୀୟ ସଂଗଠନର ସଦସ୍ୟମାନେ ଏହି ଧାର୍ମିକ କାର୍ଯ୍ୟକଳାପ ସହ ଜଡ଼ିତ ରହିବେ ନାହିଁ କିମ୍ବା ଏଥିରେ କୌଣସି ଅଣ ଇସଲାମୀୟଙ୍କୁ ସାମିଲ କରାଯିବ ନାହିଁ । ୱାକଫ୍ ବୋର୍ଡର ସମ୍ପତ୍ତି ବିକ୍ରି କରୁଥିବା ଲୋକଙ୍କୁ ଧରିବା ଓ ବାହାର କରିବା ଏହି ବିଲ୍‌ରେ ପଦକ୍ଷେପ ନିଆଯାଇଛି । ଆମେ ଭୋଟବ୍ୟାଙ୍କ ପାଇଁ କୌଣସି ଆଇନ ଆଣୁନାହୁଁ । ନ୍ୟାୟ ଏବଂ ଲୋକଙ୍କ କଲ୍ୟାଣ ଆମ ସରକାରର ସିଦ୍ଧାନ୍ତ ବୋଲି ସେ ସ୍ପଷ୍ଟ କରିଥିଲେ । ସେ କହିଥିଲେ, ନିଜ ଧର୍ମ ଅନୁସରଣ କରିବାର ଆପତ୍ତି ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ ।

### ବିଶ୍ୱ ବିଦ୍ୟାଳୟ...

ଆକର୍ଷଣ କରିଥିଲେ । ଏହାକୁ ବିରୋଧ କରି ବିରୋଧୀ ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁ କହିଥିଲେ ଯେ, ଏହା ବିଧାନସଭା ସଦସ୍ୟମାନଙ୍କର ଅଧିକାର କ୍ଷୁର୍ଣ୍ଣ ହେଉଛି । ରାତ୍ର ୨ଟା ୩୦ମି. ସୁଦ୍ଧା ୪ ନମ୍ବର ଧାରା ଉପରେ ଆଲୋଚନା ଜାରି ରହିଛି । ତେବେ ନିର୍ଦ୍ଦିଷ୍ଟ କେତେକ ପ୍ରସଙ୍ଗରେ ବାରମ୍ବାର ବିରୋଧୀ ସଦସ୍ୟ ମାନେ କହୁଥିବା ବେଳେ ଶାସକ ବିଧାୟକମାନେ ବିରକ୍ତି ପ୍ରକାଶ କରିଛନ୍ତି । ବାଚସ୍ପତି ମଧ୍ୟ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ରିପିଟ ନ କରିବାକୁ ପରାମର୍ଶ ଦେଇଛନ୍ତି । ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହିଥିବାବେଳେ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ ମଧ୍ୟ ଉପସ୍ଥିତ ରହିଛନ୍ତି । ଏହି ଆଲୋଚନାରେ ଭାଗ ନେଇ ୧ ଘଣ୍ଟା ୪୬ ମିନିଟ ବିବୃତି ରଖିବେ ବିଜେଡି ବିଧାୟକ ଅରୁଣ ସାହୁ । ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ ଆଲେଚନା ପାଇଁ ୨ ଘଣ୍ଟା ୩୬ ମିନିଟ୍ ସ୍ଥିର ହୋଇଥିଲା । ଅରୁଣ ସାହୁ କହିଛନ୍ତି ବର୍ତ୍ତମାନ୨୦୨୦ ସଂଶୋଧନ ବିଲ୍ ସୁପ୍ରିମକୋର୍ଟରେ ପେଣ୍ଡିଂ ଅଛି । ସେହି ସମୟରେ ଆଉ ଗୋଟିଏ ବିଲ କେମିତି ଆସିବ ବୋଲି ପ୍ରଶ୍ନ କରିଛନ୍ତି ଅରୁଣ । ତେଣୁ ଏହାକୁ ସିଲେକ୍ଟ କମିଟିକୁ ପଠାଇବାକୁ ଦାବି କରିଛନ୍ତି । ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍ ପାରିତ ହେଉ ବୋଲି ପ୍ରସ୍ତାବ ରଖିବା ପରେ ଓଡ଼ିଶା ରାଜ୍ୟ ପ୍ରାଧିକରଣ ବିଲ୍ ୨୦୨୪କୁ ବିଚାରକୁ ନିଆଯାଉ ବୋଲି ପ୍ରସ୍ତାବ ରଖିବେ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ବୋଲି ଖବର ସଂଗ୍ରହ ହେବା ସୁଦ୍ଧା ଜଣାପଡିଛି । ଏହିଭଳି ଭାବେ ରାତି ସାରା ବିଧାନସଭା ଚାଲିବ ବୋଲି ଜଣାପଡିଛି ।

### ସ୍ମରଣୀୟ ହେବ...

ବାଟିକାର ବ୍ୟବସ୍ଥା କରାଯାଇଛି । ଏଥିସହ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି । ମୁଖ୍ୟମନ୍ତ୍ରୀଙ୍କ ଏହି ଶୁଭାରମ୍ଭ ପରେ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ନାମଲେଖା ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ସମସ୍ତ ପିଲାଙ୍କୁ ଆମେ ସର୍ବୋତ୍ତମ ଓ ଗୁଣାତ୍ମକ ଶିକ୍ଷାଦାନ ପାଇଁ ପ୍ରତିଶ୍ରୁତି ବଦ୍ଧ । ଏହାକୁ ବାସ୍ତବତାର ରୂପ ଦେବାପାଇଁ ନୂତନ ଶିକ୍ଷାନୀତି ୨୦୨୦ କାର୍ଯ୍ୟକାରୀ ସହ ନୂଆ କରି ପାଠ ଆରମ୍ଭ କରୁଥିବା ପିଲାମାନଙ୍କୁ ଉତ୍ତମ ଶିକ୍ଷା ପାଇଁ ବିଦ୍ୟାଳୟ ସ୍ତରରେ ଶିଶୁ ବାଟିକାର ବ୍ୟବସ୍ଥା କରାଯାଇଛି । ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ଆୟୋଜନ ହେଉଛି । ଯାହାକି ସେମାନଙ୍କ ନାମଲେଖା ଓ ପ୍ରଥମ ଦିନକୁ ସ୍ମରଣୀୟ କରାଇବ । ପିଲାଙ୍କୁ ଏକ ସଶକ୍ତ, ଆଧୁନିକ ଓ ଆତ୍ମନିର୍ଭରଶୀଳ ଭବିଷ୍ୟତ ପ୍ରଦାନ କରିବା ଆମର ଲକ୍ଷ୍ୟ । ତେଣୁ ସମସ୍ତେ ଏହି ଉତ୍ସବରେ ସାମିଲ ହେବାପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଅନ୍ୟପକ୍ଷରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସୂଚନା ଯୋଗ୍ୟ ଯେ ଓଡ଼ିଆ ପକ୍ଷ ପାଇଁ ଏଥର ୧୪ ଦିନରେ ୧୪ଟି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ଯେଉଁ ସ୍ଥାନରେ ଛାତ୍ରଛାତ୍ରୀମାନେ ସ୍କୁଲ ଆସିବା ପାଇଁ ଇଚ୍ଛା ପ୍ରକାଶ କରୁ ନଥିଲେ ସେଠାରେ ସେମାନଙ୍କୁ ଚିହ୍ନଟ କରାଯାଇ ସ୍କୁଲକୁ ଅଣାଯିବା ପାଇଁ ଉତ୍ସାହିତ କରାଯିବ । ଫୁଲ, ଚନ୍ଦନ ଦେଇ ପିଲାଙ୍କୁ ସ୍ୱାଗତ କରାଯିବ । ଶିଶୁ ବାଟିକାରେ ପିଲାମାନେ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅଧ୍ୟୟନ କରିବେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଏକାମ୍ର ବିଧାୟକ ବାବୁ ସିଂହ ଓ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ପ୍ରମୁଖ ସାମିଲ ହୋଇଥିଲେ ।

### ଶାନ୍ତି ଆଲୋଚନା...

ବିବୃତିରେ କୁହାଯାଇଛି ଯେ, ସରକାର ଆମ ସର୍ତ୍ତରେ ରାଜି ହେଲେ ଆମେ ଶାନ୍ତି ଆଲୋଚନା କରିବା ପାଇଁ ପ୍ରସ୍ତୁତ ରହିଛୁ । ସର୍ତ୍ତଗୁଡ଼ିକ ମଧ୍ୟରେ ରହିଛି - ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ, ସଶସ୍ତ୍ର ବାହିନୀର ନୂଆ ଶିବିର ସ୍ଥାପନ ବନ୍ଦ, ମାଓକର୍ମୀଙ୍କ ଉପରେ ହେଉଥିବା ଅତ୍ୟାଚାର ବନ୍ଦ ପାଇଁ ଏଥିରେ ଦାବି ରହିଛି । କମିଟି ପକ୍ଷରୁ ଆହୁରି କହାଯାଇଛି ଯେ, ଗତ ମାର୍ଚ୍ଚ ୨୪ତାରିଖରେ ହାଇଦ୍ରାବାଦରେ ଆଲୋଚନା ପରେ ମାଓ ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଚାଲିଥିବା ଗୁଳି ବିନିମୟକୁ ବନ୍ଦ କରାଯିବା ପାଇଁ ଦାବି କରାଯାଇଥିଲା । ଶାନ୍ତି ଆଲୋଚନା ଓ କମିଟି ଗଠନକୁ କେନ୍ଦ୍ରୀୟ ସଙ୍ଗଠନ ସ୍ୱାଗତ କରିବା ସହ ଶାନ୍ତି ପାଇଁ ଏକ ରାଉଣ୍ଡ ଟେବୁଲ ବୈଠକ ଦାବି କରିଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ବସ୍ତର ଗସ୍ତ ପୂର୍ବରୁ ମାଓବାଦୀଙ୍କ ଏଭଳି ପ୍ରସ୍ତାବ ଆଗାମୀ ଦିନରେ ମାଓ ହିଂସାକୁ ରୋକିବାରେ ସହାୟକ ହୋଇପାରିବ ବୋଲି ଆଶା କରାଯାଉଛି । ଅଭୟ ଆହୁରି କହିଥିଲେ ଯେ, ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ତଥା ଗୃହମନ୍ତ୍ରୀ ବିଜୟ ଶର୍ମା ବାରମ୍ବାର କହୁଥିଲେ ଯେ, ଆମ ସରକାର ମାଓବାଦୀଙ୍କ ସହ ଆଲୋଚନା କରିବା ପାଇଁ ପ୍ରସ୍ତୁତ ଏଥିପାଇଁ ମାଓବାଦୀମାନେ ଆଗେଇ ଆସିବା ଉଚିତ । ତେବେ ରାଜ୍ୟ ସରକାର କାଗର ନାମରେ ଆଦିବାସୀଙ୍କ ହତ୍ୟା ବନ୍ଦ କରିବା, ବସ୍ତର ଅଞ୍ଚଳରେ ନିୟୋଜିତ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସଶସ୍ତ୍ର ବାହିନୀକୁ ବ୍ୟାରେଜରେ ସୀମିତ ରଖିବା ଏବଂ ନୂତନ ସଶସ୍ତ୍ର ବାହିନୀ ଶିବିର ପ୍ରତିଷ୍ଠା ବନ୍ଦ କରିବା ଉଚିତ । ଏହା ହେଲେ ଆଲୋଚନା ଫଳପ୍ରଦ ହେବ ବୋଲି ଅଭୟ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଫଳରେ ୪୦୦ ଉର୍ଦ୍ଧ୍ୱ ମାଓ ନେତା, କମାଣ୍ଡର, ସଦସ୍ୟ ଏବଂ ସାଧାରଣ ଆଦିବାସୀ ମୃତ୍ୟୁବରଣ କରିଛନ୍ତି । ତେଣୁ ସରକାର ଆଲୋଚନା ଆରମ୍ଭ କରିବାକୁ ଅଭୟ ନିବେଦନ କରିଛନ୍ତି ।

### ଆଜି ରାଜ୍ୟସଭାରେ...

ନିଜର ମତ ସାବ୍ୟସ୍ତ କରିଥିଲେ । ସେହିପରି କଂଗ୍ରେସର ଉପନେତା ଗୌରବ ଗୋଗାଇ କହିଛନ୍ତି ଯେ, ୱାକଅପ୍ ବିଲ୍ ସମ୍ବିଧାନକୁ ଦୁର୍ବଳ କରି ଦେବା ପାଇଁ ଏକ ପ୍ରୟାସ । ବିଜେପି ସାଂସଦ ରବିଶଙ୍କର ପ୍ରସାଦ ୱାକଅପ୍ ଏକ ସାମ୍ବିଧାନିକ ସଂସ୍ଥା ଭାବେ ବର୍ଣ୍ଣନା କରିଥିଲେ । ସେହିପରି ଅଖିଳେଶ ଯାଦବ ନିଜର ମତ ସାବ୍ୟସ୍ତ କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, 'ୱାକଫ୍'ର ଅବଧାରଣା ଇସଲାମିକ ଆଇନ ଓ ପରମ୍ପରା ଆଧାରିତ । ଜଣେ ମୁସଲମାନଙ୍କ ଦ୍ୱାରା ମସଜିଦ, ସ୍କୁଲ, ହସ୍ପିଟାଲ କିମ୍ବା ଅନ୍ୟାନ୍ୟ ସର୍ବସାଧାରଣ ଅନୁଷ୍ଠାନ ନିର୍ମାଣ ଭଳି ଦାତବ୍ୟ କିମ୍ବା ଧାର୍ମିକ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାନକୁ ଏହା ବୁଝାଏ । ୱାକଫ୍‌ର ଆଉ ଏକ ନିର୍ଦ୍ଦିଷ୍ଟ ବୈଶିଷ୍ଟ୍ୟ ହେଉଛି ଏହା ଅବିଭାଜ୍ୟ । ଅର୍ଥାତ୍ ଏହାକୁ ବିକ୍ରି କରାଯାଇପାରିବ ନାହିଁ, ଉପହାର ଦିଆଯାଇପାରିବ ନାହିଁ କିମ୍ବା ଏହାର କେହି ଉତ୍ତରାଧିକାରୀ ହୋଇପାରିବ ନାହିଁ ଏବଂ ଏହା ଉପରେ କୌଣସି ଚାପ ପ୍ରୟୋଗ କରାଯାଇ ପାରିବ ନାହିଁ । ଥରେ ୱାକଫ୍ ଭାବେ ମନୋନୀତ ହେବା ପରେ ଏହାର ମାଲିକାନା ୱାକଫ୍ କରୁଥିବା ବ୍ୟକ୍ତିଙ୍କଠାରୁ ଆଲ୍ଲାଙ୍କ ନିକଟକୁ ହସ୍ତାନ୍ତର କରାଯାଏ, ଯାହା ଫଳରେ ଏହା ଅପରିବର୍ତ୍ତନୀୟ ହୋଇଯାଏ । ଯେହେତୁ ଆଲ୍ଲା ସବୁଦିନ ପାଇଁ ରହିଥାନ୍ତି, ତେଣୁ ସବୁଦିନ ପାଇଁ 'ୱାକଫ୍ ସମ୍ପତ୍ତି' ମଧ୍ୟ ରହିଥାଏ । ୱାକଫ୍ (ସଂଶୋଧନ) ବିଲ୍ ୨୦୨୫ ରେ ଅନେକ ଗୁଡ଼ିଏ ସମସ୍ୟା ଗୁଡ଼ିକର ସମାଧାନ କରିବାକୁ ଚେଷ୍ଟା କରାଯାଇଛି । ଏହି ସମସ୍ୟା ଗୁଡ଼ିକ ମଧ୍ୟରେ ରହିଛି ୱାକଫ୍ ସମ୍ପତ୍ତି ପରିଚାଳନାରେ ସ୍ୱଚ୍ଛତାର ଅଭାବ, ୱାକଫ୍ ଭୂମି ରେକର୍ଡ଼ର ଅସମ୍ପୂର୍ଣ୍ଣ ସର୍ବେକ୍ଷଣ, ମହିଳାଙ୍କ ଉତ୍ତରାଧିକାରୀ ଅଧିକାର ପାଇଁ ଅନୁପଯୁକ୍ତ ବ୍ୟବସ୍ଥା, ଅନୁପ୍ରବେଶ ସମେତ ବହୁ ଦିନରୁ ଚାଲିଆସୁଥିବା ମାମଲା ଇତ୍ୟାଦି । ସେହିପରି ବିଚାରାଧୀନ ମାମଲା ସଂଖ୍ୟା ୨୦୧୩ ରେ ୧୦,୩୮୧ ଥିବା ବେଳେ ଏବେ ତାହା ୨୧,୬୧୮ କୁ ବୃଦ୍ଧି ହୋଇଛି । ଏହା ସହିତ ସରକାରୀ ଜମିକୁ ୱାକଫ୍ ଘୋଷଣାକୁ ନେଇ ଅନେକ ବିବାଦ ମଧ୍ୟ ରହିଛି । ୱାକଫ୍ ସମ୍ପତ୍ତିର ଉପଯୁକ୍ତ ହିସାବ ଓ ଅଡିଟ୍‌ର ଅଭାବ ମଧ୍ୟ ଦେଖାଦେଇଛି । ୱାକଫ୍ ପରିଚାଳନାରେ ପ୍ରଶାସନିକ ଅପାରଗତା, ଟ୍ରଷ୍ଟ ସମ୍ପତ୍ତିର ଅନୁପଯୁକ୍ତ ବ୍ୟବହାର ଆଉ ଏକ ପ୍ରମୁଖ ସମସ୍ୟା । କେନ୍ଦ୍ରୀୟ ୱାକଫ୍ ପରିଷଦ ଏବଂ ରାଜ୍ୟ ୱାକଫ୍ ବୋର୍ଡରେ ଅଂଶୀଦାରମାନଙ୍କର କମ୍ ପ୍ରତିନିଧିତ୍ୱ ମଧ୍ୟ ଲକ୍ଷ୍ୟ କରାଯାଇଛି । ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଏବଂ ଆର୍ଥିକ ସ୍ୱାଧୀନତା କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେଇ ମୁସଲମାନ ମହିଳା, ବିଶେଷ କରି ବିଧବା ଏବଂ ଛାଡ଼ପତ୍ର ପ୍ରାପ୍ତ ମହିଳାଙ୍କ ଆର୍ଥିକ ଏବଂ ସାମାଜିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ମଧ୍ୟ ଏହି ବିଲ୍ ରେ ପ୍ରୟାସ କରାଯାଇଛି । ଏହାବ୍ୟତୀତ, ଏହି ବିଲ୍ ମୁସଲମାନ ମହିଳାଙ୍କ ବିକାଶ ପାଇଁ ଲକ୍ଷ୍ୟ ରଖିଛି । ଦୁର୍ନୀତି ରୋକିବା ପାଇଁ ୱାକଫ୍ ରେକର୍ଡର ଡିଜିଟାଇଜେସନ୍ ବ୍ୟବସ୍ଥା ରହିଛି ।

## ବାର୍ଷିକ ପୁରସ୍କାର ବିତରଣ ଓ 'ଖାଲି ହାତରେ ଆସିଛୁ ଖାଲି ହାତରେ ଯିବୁରେ'ଉନ୍ମୋଚନ



ବୋଲଗଡ (ଭାସ୍କର ନ୍ୟୁଜ୍): ବୋଲଗଡ ଶିକ୍ଷା ବ୍ଲକ ସାନପଦର ଭକ୍ତ ଚରଣ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଓ 'ଖାଲି ହାତରେ ଆସିଛୁ ଖାଲି ହାତରେ ଯିବୁରେ' ଭିଡ଼ିଓ ଉନ୍ମୋଚନ ଉତ୍ସବ ପ୍ରଧାନ ଶିକ୍ଷକ ଜ୍ୟୋସ୍ନାରାଣୀ ବେହେରାଙ୍କ ଅଧକ୍ଷତା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ଶିକ୍ଷାଦାନରେ ଉନ୍ନତି ଆଣିବା ପାଇଁ ତତ୍କାଳୀନ ଓ ଏବେକାର ସରକାର ଯୋଜନା ପାଇଁ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଶିକ୍ଷାଦାନ ଆଗ୍ରହ ବଢାଇଛି ବୋଲି କହିଥିଲେ । ଏହି ଅବସରରେ ଉକ୍ତ ବିଦ୍ୟାଳୟରୁ ଅବସର ଗ୍ରହଣ କରୁଥିବା ବରିଷ୍ଠ ଶିକ୍ଷକ ତଥା ଐତିହାସିକ ଡ.ବିଭୂତି ଭୂଷଣ ଦଳେଇଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥି ସହିତ ଡ.ଦଳେଇଙ୍କର ଆଉ ଗୋଟିଏ 'ମୋ ଗାଁ' ସଙ୍ଗୀତ ଭିଡ଼ିଓ ଉନ୍ମୋଚନ ହୋଇଥିଲା । ଏଥିରେ ଗାଁରେ ପୁରାତନ ଚଳଣିର ଦୃଶ୍ୟ ପ୍ରଦର୍ଶନ ହୋଇଥିଲା । ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ,ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜକିଶୋର ବ୍ରହ୍ମା, ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସହଶିକ୍ଷାଧିକାରୀ କୈଳାସ ନାଥ ସ୍ୱାଇଁ, ଏବିଓ ଅମିତା ମିଶ୍ର,ସିଆରସିସି ପ୍ରଫୁଲ୍ଲ କୁମାର ଦାସ, ପୁର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ ଚନ୍ଦ୍ର ସିଂହ, ପ୍ରତିଷ୍ଠାତା ସଭ୍ୟ ବୈକୁଣ୍ଠ ଚରଣ ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ଯୋଗୀନାଥ ନାୟକ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଶାନ୍ତି ମହାପାତ୍ର, ମୋ ସ୍କୁଲ ସଭାପତି ରାମଚନ୍ଦ୍ର ନାୟକ, ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ , ଶିକ୍ଷକ ବିଜୟ କୁମାର ସାହୁ,ସମାଜସେବୀ ଅଜୟ ମଙ୍ଗରାଜ, ସଙ୍ଗୀତ ନିର୍ଦ୍ଦେଶକ ପୂର୍ଣ୍ଣ ଚନ୍ଦ୍ର ବେହେରା ଓ ବ୍ଲକ ଶିକ୍ଷା ସଂଯୋଜକ ସାନନ୍ଦ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ମୁଖ୍ୟଅତିଥି ଛାତ୍ରଛାତ୍ରୀ ମାନଙ୍କୁ କଠିନ ପରିଶ୍ରମ ବଳରେ ହିଁ ସଫଳତା ମିଳି ପାରିବ ବୋଲି ମତବ୍ୟକ୍ତ କରିଥିଲେ । ସଂଧ୍ୟାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପରିଶେଷରେ ଅତିଥିମାନଙ୍କ ଦ୍ୱାରା ସମସ୍ତ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଫି ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ମା' ଚଣ୍ଡୀଙ୍କ ବାର୍ଷିକ ଯଜ୍ଞୋତ୍ସବ

ଟାଙ୍ଗୀ (ଭାସ୍କର ନ୍ୟୁଜ):ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଶକ୍ତିପୀଠ ରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଚୈତ୍ରମାସେ ନବରାତ୍ରୀ ବାସନ୍ତୀକ ପୂଜାରେ ଓଁ ଶ୍ରୀ ଶ୍ରୀ ମା' ଚଣ୍ଡୀ ଙ୍କର ବାର୍ଷିକ ଯଜ୍ଞୋତ୍ସବ ଅନୁଷ୍ଠିତ । ଦୀର୍ଘ ୫ ଦିନ ଧରି ଅନୁଷ୍ଠିତ ହେଉଛି ଏହି ସପ୍ତସତୀ ଚଣ୍ଡୀ ମହାଯଜ୍ଞ । ଅଙ୍କୁରାରୋପଣ ଠାରୁ ଆରମ୍ଭ କରି କଳସଯାତ୍ରା , ସୂର୍ଯ୍ୟପୂଜା , ଧେନୁ ପୂଜାର୍ଚ୍ଚନା , ଯଜ୍ଞ ଆହୁତି ଇତ୍ୟାଦି ରୀତିନୀତି , ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା କରିବା ସହିତ ବିଦ୍ୱାନ ପଣ୍ଡିତ ମାନଙ୍କ ଦ୍ୱାରା ବିଶ୍ୱର କଲ୍ୟାଣ ନିମନ୍ତେ ଗ୍ରାମର ମଙ୍ଗଳ ବିଧାନ ପୂର୍ବକ ଏହି ସପ୍ତସତୀ ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ କରାଯାଉଛି ବୋଲି ପଣ୍ଡିତ ମନୋରଞ୍ଜନ କର କହିଛନ୍ତି । ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଗ୍ରାମର ତଳସାହି ଗ୍ରାମବାସୀ ଙ୍କ ପ୍ରଚେଷ୍ଟା ଓ ଟାଙ୍ଗୀ ଗ୍ରାମର ଆବାଳବୃଦ୍ଧବନିତା ଙ୍କ ସହଯୋଗରେ ମହାସମାରୋହରେ ଅନୁଷ୍ଠିତ ହୋଇଛି ମା' ଚଣ୍ଡୀ ଙ୍କର ବାର୍ଷିକ ଯଜ୍ଞୋତ୍ସବ । ଶେଷରେ ଆନନ୍ଦବଜାର ମାଧ୍ୟମରେ ସମସ୍ତ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।

**AFFIDAVIT**

By virtue of an affidavit sworn before The Executive Magistrate, Salipur, dated 02.04.2025, I Mahammed Belal, Address: At-Biswanathpur, PO-Mahasinghpur, PS-Jagatpur, Dist- Cuttack, Odisha, PIN-754200, declare that I have changed my name from Sayed Mohammed Belal to Mahammed Belal. Henceforth I shall be known as Mahammed Belal for all purposes.

Sd/- Mahammed Belal

**AFFIDAVIT**

By virtue of an affidavit sworn before The Executive Magistrate, Pipili, dated 29.03.2025, I Rabindra Sahoo, Address: village-Kalyanpur, PO-Birapurusottampur, PS-Delanga, Dist- Puri, Odisha, PIN-752046 declare that I have changed my son's name from Ayushu Kumar Sahoo to Ayusman Sahoo. Henceforth he shall be known as Ayusman Sahoo for all purposes.

Sd/- Rabindra Sahoo

**ଦ.ପୂ. ରେଳପଥ-ଟେଣ୍ଡର**

ଇ-ଟେଣ୍ଡର ନୋଟିସ ନଂ. ୪୫୬୭-ଜିଆରସି-ସିଇ-ସି-ଏଚକ୍ୟୁ-୧୧-୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ତାଙ୍କ ପକ୍ଷରୁ, ମୁଖ୍ୟ ଇଞ୍ଜିନିୟର (ସିଏନ)/ଏଚକ୍ୟୁ/ଜିଆରସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ଙ୍ଗଙ୍ଗଙ୍ଗ.ସ୍ୱବରକ୍ରୁଷ୍ଟ.ଶକ୍ରୁଙ୍ଗ.ସଭ ୱେବସାଇଟ୍‌ରେ ନିମ୍ନଲିଖିତ ଟେଣ୍ଡର ଅପଲୋଡ୍ କରାଯାଇଛି । କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଭାୟାଡକ୍ଟରେ କୋଲାଘାଟ ଷ୍ଟେସନ ସମେତ ସେତୁ ନମ୍ବର ୫୭ (ଡାଉନ ଏବଂ ମଧ୍ୟ) ଏବଂ ୫୭ (ଅପ୍ ଏବଂ ଚତୁର୍ଥ)ର ସମ୍ପୂର୍ଣ୍ଣ ପୁନଃନିର୍ମାଣ ଏବଂ ସେତୁ ନମ୍ବର ୫୮ ଏବଂ ୫୯ (ସମସ୍ତ ୪ ଲାଇନ)ର ପୁନଃନିର୍ମାଣ ପାଇଁ ଯେଉଁଥିରେ ଇଞ୍ଜିନିୟରିଂ, କ୍ରୟ ଏବଂ ନିର୍ମାଣ (ଇପିସି) ଆଧାରରେ ସେତୁ ନମ୍ବର ୫୧ (ଡାଉନ୍ ଏବଂ ମଧ୍ୟ)ର ଆପ୍ରୋଚ୍ ଏବଂ ପୁନଃନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରୋଜେକ୍ଟ ପରିଚାଳନା ସେବା ପ୍ରଦାନ କରିବା ପାଇଁ ପ୍ରାଧିକରଣ ଇଞ୍ଜିନିୟରଙ୍କ ନିଯୁକ୍ତି ପାଇଁ ପ୍ରସ୍ତାବ (ଆରଏଫପି) (ଇପିସି ଚୁକ୍ତିନାମା ପାଇଁ) ପାଇଁ ଅନୁରୋଧ । ପ୍ରାୟ ମୂଲ୍ୟ:ଟ.୯.୫୫ କୋଟି, ବିଡ୍ ସୁରକ୍ଷା: ୬,୨୭,୪୦୦/-, ସେବା ସମାପ୍ତିର ଆନୁମାନିକ ସମୟ: ୩୬ ମାସ ନିର୍ମାଣ ଅବଧି ଏବଂ ୨୪ ମାସ ତ୍ରୁଟିପୂର୍ଣ୍ଣ ଦାୟିତ୍ୱ ଅବଧି । ଶେଷ ତାରିଖ: ୦୮.୦୫.୨୦୨୫ ରେ ୧୨:୦୦ ଘଣ୍ଟା (ଆଇଏସ୍‌ଟି) ସୁଦ୍ଧା । ପୂର୍ବ ବିଡ୍ ବୈଠକ: ୧୫.୦୪.୨୦୨୫, ସମୟ:୧୨:୦୦ ଘଣ୍ଟା । ସ୍ଥାନ: ମୁଖ୍ୟ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟାଳୟ (କନସ), ୧୧, ଗାର୍ଡେନ ରିଚ୍ ରୋଡ୍, କୋଲକାତା-୭୦୦୦୪୩ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦେଶକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି ଜିନିଷଗୁଡ଼ିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର: 'ସମ୍ଭାବ୍ୟ ବିଡଦାତାମାନେ ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ ।

(PR-12)

## ନିଜସ୍ୱ ବିହନକୁ ପ୍ରୋତ୍ସାହନ ଦେବାକୁ ଦାବି କଲେ ବିଜେଡି ବିଧାୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅଧିକ ଅମଳ ପାଇଁ ଯେଉଁ ବିହନ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଛି ତାହା ଆମର ଜଳବାୟୁ ପାଇଁ ଉପଯୁକ୍ତ ନୁହେଁ । ତେଣୁ ଏହା ଦ୍ୱାରା ଚାଷୀ ମାନଙ୍କୁ ଲାଭ ହେଉ ନାହିଁ । ତେଣୁ ରାଜ୍ୟ ସରକାର ବାହାର ବିହନ ପରିବର୍ତ୍ତେ ନିଜସ୍ୱ ବିହନ ଉପରେ ଧ୍ୟାନ ଦେବା ଆବଶ୍ୟକ । ଆଜି ପ୍ରଶ୍ନକାଳରେ କୃଷି ବିଭାଗର ଏକ ପ୍ରଶ୍ନ ଉପରେ ଆଲୋଚନା ବେଳେ ବିଜେଡି ବିଧାୟକ ପ୍ରତାପ ଦେବ ଏହା କହିଛନ୍ତି । ସେ କହିଛନ୍ତି ଯେ ବାହାରୁ ବିହନ ଆସୁଛି, ହେଲେ ଏହା ଓଡ଼ିଶାର ଜଳବାୟୁ ପାଇଁ ଠିକ ନୁହେଁ । ସେ କହିଛନ୍ତି ଯେ ସେ ନିଜେ ରାଜ୍ୟ ସରକାର ଦେଇଥିବା ବିହନକୁ ବ୍ୟବହାର କରିଥିଲେ । ମାତ୍ର ସେଥିରେ ଲାଭ ହେଲା ନାହିଁ । ବାହାର ବିହନ ପାଇଁ ଯେଉଁ ଜଳବାୟୁ ଆବଶ୍ୟକ ତାହା ଏଠାରେ ନାହିଁ । ତାକୁ କରିବାକୁ ହେଲେ ଅଧିକ ଜଳ ଆବଶ୍ୟକ । ଯେଉଁଥିପାଇଁ ମୁଗ ଜାତୀୟ ଚାଷ ନଷ୍ଟ ହେଉଛି ।

## ଗଞ୍ଜେଇ ଚାଲାଣ ବେଳେ ଅବକାରୀ ବିଭାଗର ଚଢ଼ାଉ

# ୨ ଗିରଫ, ସ୍କୁଟି ଜବତ



ଭଞ୍ଜନଗର (ଭାସ୍କର ନ୍ୟୁଜ): କନ୍ଧମାଳ ରୁ ଭୁବନେଶ୍ୱର ଗଞ୍ଜେଇ ଚାଲାଣ ବେଳେ, ଭଂଜନଗର ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ଲଣ୍ଡେଇସାହି ଛକ ନିକଟରେ ଚଢ଼ାଉ । ୧୫ କିଲୋ ଗଞ୍ଜେଇ ଜବତ । ଏଥିରେ ସଂପୃକ୍ତ ୨ ଚାଲାଣ କାରୀଙ୍କୁ ଗିରଫ କରିବା ସହ ସ୍କୁଟିକୁ ମଧ୍ୟ ଜବତ କରିଛି ଅବକାରୀ ବିଭାଗ । ସୂଚନା ପ୍ରକାରେ, ଗଞ୍ଜେଇ ଚାଲାଣ ହେଉଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା ଅବକାରୀ ବିଭାଗ । ଏନେଇ ଭଞ୍ଜନଗର - ଫୁଲବାଣୀ ମୁଖ୍ୟ ରାସ୍ତାର ଭଞ୍ଜନଗର ନିକଟ ଲଣ୍ଡେଇସାହି ଛକରେ ୨ ଚାଲାଣ କାରୀ ଏକ ସ୍କୁଟିରେ ଆସୁଥିବା ଖବର ପାଇ ଅବକାରୀ ବିଭାଗ କର୍ମଚାରୀ ମାନେ ଅଟକାଇ ସ୍କୁଟିକୁ ଯାଞ୍ଚ କରିବା ପରେ, ସେଥିରୁ ୧୫ କିଲୋ ଗଞ୍ଜେଇ ଜବତ କରିଥିଲେ । ଚାଲାଣ କାରୀ ୨ ଜଣ ହେଲେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ ବାବା ଡୋଙ୍ଗିଆ ଗ୍ରାମର ଅନିଲ କୁମାର କହଁର ଓ ଗୀତା ଦିଗାଲକୁ ଗିରଫ କରାଯାଇଥିଲା । ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ୨/୨୫-୨୬ ରେ ଏକ ମାମଲା ରୁଜୁ ହୋଇଛି । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ - ଅମରେନ୍ଦ୍ର ଜେନା ଙ୍କ ପରାମର୍ଶ କ୍ରମେ, ଏହି ଘଟଣାର ତଦନ୍ତକାରୀ ଅବକାରୀ ଥାନାଧିକାରୀ ଡମ୍ବରୁଧର ହରିଜନ ତଦନ୍ତ ଚଳାଇଛନ୍ତି । ଏହି ଚଢ଼ାଉରେ ଏସଆଇ ଅଲିଭା ମାଝି,ଏଏସଆଇ - ବହୁମୂଲ୍ୟ ପରିଛା, ସନାତନ ନାହାକ, ଜଗନ୍ନାଥ ମହାପାତ୍ର, ସୁବଳ ପ୍ରଧାନ, କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ସାମିଲ ଥିଲେ ।

GOVERNMENT OF ODISHA
OFFICE OF THE SUPERINTENDING ENGINEER,
BOLANGIR (R&B) DIVISION: BOLANGIR
BID IDENTIFICATION No: BGR R&B/ 26/ 2024-25
No. 1607 // Dtd. 28.03.25

B-01

1. The **Superintending Engineer**, Bolangir (R&B) Division, Bolangir on behalf of the Governor of Odisha invites percentage rate bid in **Single** cover system in ONLINE MODE for construction of building work detailed in the table below from eligible contractors.
2. Nature of work : Electrical Work, Building work
3. No of tender : 3 Nos. Electrical
4. Tender cost : Rs. 2000/- ,Rs. 6000/- (Tender paper cost )
5. Class of Contractor : "Specialized agency having MOU with associate electrical contractor (MV/HT or Above) having valid license from ELBO
6. Date & Time of sale & Receipt of Bids : From Dt. 03.04.25,11.00 A.M Dt. 09.04.25 up to 5.00 P.M
7. Date of opening bid : Dt. 10.04.25 at 11.30 A.M
8. The bidders have to participate in ONLINE bidding only. Further details can be seen from the website: http://tendersodisha.gov.in.

Sd/- Superintending Engineer
Bolangir (R&B) Division

OIPR 34028/11/0020/2425

SUPERINTENDENT PRM MCH, BARIPADA MAYURBHANJ

TENDER CALL NOTICE

E-01

Notice No. 1513 Date: 27.03.2025

Sealed tenders are invited from interested/ Wholesale/ Retail/ Distributor/ registered agency for supply of Drugs & Consumables to PRM Medical College & Hospital, Baripada. The details regarding specification, terms & conditions may be downloaded from district website https://mayurbhanj.odisha.gov.in/. The bids in sealed envelope should reach the office of the undersigned by Dt. 21.04.2025 till 5.30 PM along with all relevant documents. The tender will be opened on Dt. 22.04.2025 at 11.30 AM in the presence of bidders or authorized representatives. In case of absence of any bidder then bid document will be opened by the committee members. The undersigned reserves the right to reject any or all the tenders without assigning any reasons thereof.

Sd/-
Superintendent PRM MCH
Baripada, Mayurbhanj

OIPR 10120/11/0014/2425




ପୁଣେ: ବସକୁ ଏସୟୁଭି ଧକ୍କା ଦେବାରୁ ୫ ଜଣଙ୍କର ମୃତ୍ୟୁ ହୋଇଯାଇଛି। ବୁଧବାର ମହାରାଷ୍ଟ୍ରର ବୁଲଢାନାରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ହୋଇଛି। ପୂର୍ବ ମହାରାଷ୍ଟ୍ରର ବୁଲଢାନା ଜିଲ୍ଲାରେ ଏକ ବସ୍ ଏବଂ ଏକ ସ୍ପୋର୍ଟସ୍ ୟୁଟିଲିଟି ଭେଇକିଲ୍ ଧକ୍କା ହେବା ଫଳରେ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଥିବା ପୋଲିସ କହିଛି। ଯେତେବେଳେ ୨୪ ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଘଟଣା ସମ୍ପର୍କରେ ସୂଚନା ମିଳିବା ମାତ୍ରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲା। ଆହତମାନଙ୍କୁ ଖାମଗାଓଁର ସରକାରୀ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ମିଳିଥିବା ସୂଚନା ମୁତାବକ ଖାମଗାଓଁ-ଶେଗାଓଁ ରାଜପଥରେ ସକାଳ ପ୍ରାୟ ୫.୩୦ ସମୟରେ ଏକ ଦ୍ରୁତଗାମୀ ବୋଲେରୋ କାର ମହାରାଷ୍ଟ୍ର ରାଜ୍ୟ ସଡ଼କ ପରିବହନ ନିଗମର ଏକ ବସକୁ ଧକ୍କା ଦେଇଥିଲା। ଏହା ପରେ କିଛି ସମୟ ମଧ୍ୟରେ ଏକ ଘରୋଇ ବସ୍ ଉଭୟ ଗାଡ଼ିକୁ ଧକ୍କା ଦେଇଥିଲା।

## ୭ରେ ପର୍ତ୍ତୁଗାଲ ଓ ସ୍ଲୋଭାକିଆ ଗସ୍ତରେ ଯିବେ ରାଷ୍ଟ୍ରପତି




ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସ ୭ ତାରିଖରୁ ପର୍ତ୍ତୁଗାଲ ଏବଂ ସ୍ଲୋଭାକିଆକୁ ୪ ଦିନିଆ ରାଜ୍ୟ ଗସ୍ତରେ ଯିବେ। ପର୍ତ୍ତୁଗାଲ ଗସ୍ତ ସମୟରେ ରାଷ୍ଟ୍ରପତି ତାଙ୍କ ପ୍ରତିପକ୍ଷ ମାର୍ସେଲୋ ରିବେଲୋ ଡି ସୋସାଙ୍କୁ ଭେଟି ପ୍ରତିନିଧି ସ୍ତରୀୟ ଆଲୋଚନା କରିବେ। ସେ ପର୍ତ୍ତୁଗାଲର ପ୍ରଧାନମନ୍ତ୍ରୀ ଲୁଇସ୍ ମଣ୍ଟେନେଗ୍ରୋ ଏବଂ ନ୍ୟାସନାଲ ଆସେମ୍ବ୍ଲିର ଅଧ୍ୟକ୍ଷ ଜୋସ ପେଡ୍ରୋ ଆଗୁଆର-ବ୍ରାଙ୍କୋଙ୍କୁ ମଧ୍ୟ ଭେଟିବେ। ଦୀର୍ଘ ୨୭ ବର୍ଷର ବ୍ୟବଧାନ ପରେ ଏହି ଗସ୍ତ ହେଉଛି। ଭାରତ ଓ ପର୍ତ୍ତୁଗାଲ କୂଟନୈତିକ ସମ୍ପର୍କ ପୁନଃ ପ୍ରତିଷ୍ଠାର ୫୦ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ରାଷ୍ଟ୍ରପତି ଏହି ଗସ୍ତ କରିବେ। ଏହି ଗସ୍ତ ପରେ ରାଷ୍ଟ୍ରପତି ପିଟର ପେଲେଗ୍ରିନିଙ୍କ ନିମନ୍ତ୍ରଣ କ୍ରମେ ରାଷ୍ଟ୍ରପତି ମୁର୍ମୁ ଏପ୍ରିଲ ୯ରୁ ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ସ୍ଲୋଭାକିଆ ଗସ୍ତ କରିବେ। ଏହି ଗସ୍ତ ସମୟରେ ରାଷ୍ଟ୍ରପତି ପିଟର ପେଲେଗ୍ରିନି ଏବଂ ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ। ଗତ ୨୯ ବର୍ଷ ମଧ୍ୟରେ ଭାରତର ରାଷ୍ଟ୍ରପତିଙ୍କ ଏହା ପ୍ରଥମ ସ୍ଲୋଭାକିଆ ଗସ୍ତ। ରାଷ୍ଟ୍ରପତିଙ୍କ ଏହି ସରକାରୀ ଗସ୍ତ ସ୍ଲୋଭାକିଆ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଭାରତ ଦେଉଥିବା ଗୁରୁତ୍ୱକୁ ପ୍ରତିଫଳିତ କରୁଛି। ଏହା ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ ଓ ବ୍ୟାପକ କରିବାର ସୁଯୋଗ ପ୍ରଦାନ କରିବ।

## ବାୟୁ ପ୍ରଦୂଷଣ ପାଇଁ ଦିଲ୍ଲୀରେ ଜାରି ହେଲା ଗ୍ରାପ୍-୧ କଟକଣା



ନୂଆଦିଲ୍ଲୀ : ଗତ ୪ ଦିନ ହେଲା ରାଜଧାନୀ ଦିଲ୍ଲୀର ବାୟୁ ମଧ୍ୟମ ଶ୍ରେଣୀରେ ରହିବା ପରେ ବୁଧବାର ପୁଣି ପ୍ରଦୂଷିତ ହୋଇଛି। ଏଣୁ ଜାତୀୟ ରାଜଧାନୀରେ ଗ୍ରେଡେଡ ରେସ୍ପନସ ଆକ୍ସନ ପ୍ଲାନ (ଜିଆରଏପି)୧ କଟକଣା ଜାରି କରାଯାଇଛି। ମାର୍ଚ୍ଚ ୨୯ ତାରିଖରେ ଦିଲ୍ଲୀର ବାୟୁମାନରେ ବେଶ ସୁଧାର ଦେଖାଯାଇଥିଲା। ଏଣୁ ଜାରିଥିବା ସମସ୍ତ କଟକଣା ପ୍ରତ୍ୟାହାର କରି ନିଆଯାଇଥିଲା। ତେବେ ପୁଣି ବାୟୁମାନ ଖରାପ ହୋଇଥିବାରୁ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ କମିଶନ (ସିଏକ୍ୟୁଏମ) କଟକଣା ଲାଗୁ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି କଟକଣା ଅନୁସାରେ ଯେଉଁ ଡିଜେଲ ଓ ପେଟ୍ରୋଲ ବାହନଙ୍କ ସମୟସୀମା ଶେଷ ହୋଇସାରିଛି ସେପରି ବାହନ ଚଳାଚଳ ଉପରେ ରୋକ ଲାଗିବ। ସେହିପରି ସହରାଞ୍ଚଳରେ କୌଣସ ଠାରେ ଆବର୍ଜନା ଜଳାଇବା ଉପରେ ମଧ୍ୟ କଟକଣା ରହିବ। ଏହା ଛଡ଼ା ହୋଟେଲ ଓ ରେଷ୍ଟୁରାଣ୍ଟମାନଙ୍କରେ କୋଇଲା ଓ କାଠ ଜଳେଣି ଉପରେ ରୋକ ଲାଗିବ। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅନୁସାରେ ବୁଧବାର ଜାତୀୟ ରାଜଧାନୀର ଏକ୍ୟୁଆଇ ୨୧୭ ରହିଛି। ମାର୍ଚ୍ଚ ୨୯ରେ ଏହା ୧୫୩ ଅର୍ଥାତ ମଧ୍ୟମ ଶ୍ରେଣୀରେ ଥିଲା। ତେବେ କେବଳ ଦିଲ୍ଲୀ ନୁହେଁ ଏନସିଆର ଅଞ୍ଚଳରେ ବୁଧବାର ବାୟୁର ମାନ ବିଗଡି ଯାଇଛି।

## ୪ରେ ବ୍ୟାଙ୍କକ୍ ଯିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ବେ ଅଫ୍ ବେଙ୍ଗଲ ଇନିସିଏଟିଭ ଫର ମଲ୍ଟି ସେକ୍ଟୋରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ କୋଅପରେସନ(ବିମଷ୍ଟେକ) ଶିଖର ସମ୍ମେଳନ ଆସନ୍ତା ୪ ତାରିଖରୁ ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକରେ ଆୟୋଜିତ ହେବ। ଏହି ସମ୍ମିଳନୀ ପୂର୍ବରୁ ୨ ତାରିଖରେ ବରିଷ୍ଠ ଅଧିକାରୀଙ୍କ ବୈଠକ ଏବଂ ୩ ତାରିଖରେ ବିଦେଶ ମନ୍ତ୍ରୀମାନଙ୍କ ବୈଠକ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବି ସମ୍ମିଳନୀରେ ସାମିଲ ହେବା ଲାଗି ଗୁରୁବାର ବ୍ୟାଙ୍କକ ଗସ୍ତରେ ଯିବେ। ପୂର୍ବ ସମ୍ମିଳନୀ ୨୦୨୨ ମାର୍ଚ୍ଚ ୩୦ରେ କଲୋମ୍ବୋରେ ଆୟୋଜିତ ହୋଇଥିଲା। ୩ ବର୍ଷ ପରେ ହେବାକୁ ଥିବା ଏହି ସମ୍ମିଳନୀର ଚଳିତ ବିଷୟବସ୍ତୁ ରହିଛି 'ସମୃଦ୍ଧ, ସ୍ଥିର ଏବଂ ମୁକ୍ତ ବିମଷ୍ଟେକ', ଯାହା ଆଞ୍ଚଳିକ ଏକତ୍ରୀକରଣ ଏବଂ ଆର୍ଥିକ ସହଯୋଗ ପାଇଁ ଏହି ମଞ୍ଚର ପ୍ରତିବଦ୍ଧତାକୁ ଦର୍ଶାଉଛି। ବିମଷ୍ଟେକରେ ୭ଟି ରାଷ୍ଟ୍ର ସଦସ୍ୟ ରହିଛନ୍ତି।

## ନାଗାବଳୀ ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ



ହାଇଦ୍ରାବାଦ: ଆନ୍ଧ୍ରପ୍ରଦେଶର ବିଜୟନଗରମ ରେଲ ଷ୍ଟେସନ ନିକଟସ୍ଥ ଭେଙ୍କଟ ଲକ୍ଷ୍ମୀ ଥିଏଟର ଜଙ୍କସନରେ ବୁଧବାର ଦିନ ନାନ୍ଦେଦ-ସମ୍ବଲପୁର ନାଗାବଳୀ ଏକ୍ସପ୍ରେସର ଏକ ଜେନେରାଲ କୋଚ୍ ଲାଇନଚ୍ୟୁତ ହୋଇଯାଇଛି। ତେବେ ଟ୍ରେନଟି ଦିନ ୧୧.୪୦ ସମୟରେ ବୋବିଲି ଅଭିମୁଖେ ଯାତ୍ରା କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଏହି ଦୁର୍ଘଟଣାରେ ସମସ୍ତେ ସୁରକ୍ଷିତ ଥିବା ନେଇ ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ଦୁର୍ଘଟଣା ପରେ ରେଳବାଇ କର୍ମଚାରୀମାନେ ତୁରନ୍ତ ଲାଇନଚ୍ୟୁତ ହୋଇଥିବା ବଗିକୁ ଅଲଗା କରିଥିଲେ ଓ ବିନା କୌଣସି ବାଧାରେ ଅପରାହ୍ନ ୧୨.୪୭ମି.ରେ ଟ୍ରେନ ପୁନର୍ବାର ନିଜର ଯାତ୍ରା ଆରମ୍ଭ କରିଥିଲା। ତେବେ ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ। ଉଲ୍ଲେଖଯୋଗ୍ୟ, ଏହାର ତିନିଦିନ ପୂର୍ବରୁ ବେଙ୍ଗାଲୁରୁ-କାମାକ୍ଷା ଏସି ଏକ୍ସପ୍ରେସର ୧୧ଟି କୋଚ୍ ଲାଇନଚ୍ୟୁତ ହୋଇଥିଲା। ସେଥିରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ତିନି ଜଣ ଆହତ ହୋଇଥିଲେ।

## ବିଗିଡିଲା ଲାଲୁଙ୍କ ସ୍ୱାସ୍ଥ୍ୟାବସ୍ଥା



ମୁମ୍ବାଇ ; ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ମୁଖ୍ୟ ଏବଂ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଛି। ବ୍ଲଡ ସୁଗାର ବୃଦ୍ଧି ପାଇବା ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଛି। ପାଟନାର ଡାକ୍ତରମାନେ ତାଙ୍କୁ ଦିଲ୍ଲୀ ଯିବାକୁ ପରାମର୍ଶ ଦେଇଛନ୍ତି। ଲାଲୁ ଯେକୌଣସି ସମୟରେ ଦିଲ୍ଲୀ ଯିବେ। ଲାଲୁ ଯାଦବ ଦୁଇ ଦିନ ହେଲା ଅସୁସ୍ଥ ଅଛନ୍ତି। କିନ୍ତୁ ଆଜି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ଖରାପ ହୋଇଯାଇଛି। ସେ ପାଟନାର ରାବ୍ରି ବାସଭବନରେ ଡାକ୍ତରଙ୍କ ନିରୀକ୍ଷଣରେ ଅଛନ୍ତି।

## ଗରିବଙ୍କୁ ସଶକ୍ତ କରିବା ସହ ବିକାଶକୁ ଗତିଶୀଳ କରିବ ୱାକଫ୍ ସଂଶୋଧନ ବିଲ୍

ନୂଆଦିଲ୍ଲୀ: ୱାକଫ୍ ସର୍ବଦା ଗରିବଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା, ଆବାସ ଏବଂ ସହାୟତା ପ୍ରଦାନ କରି ଜନ ସମ୍ପ୍ରଦାୟଙ୍କୁ ସାହାଯ୍ୟ କରିବା ପାଇଁ ଉଦ୍ଦିଷ୍ଟ। ୱାକଫ୍ (ସଂଶୋଧନ) ବିଲ୍, ୨୦୨୫, ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଦକ୍ଷ କରିବା ସହ ଦାରିଦ୍ର୍ୟ ହ୍ରାସ ଉପରେ ଧ୍ୟାନ ଦେଇ ଏହାର ସମାଧାନ କରିବାକୁ ଲକ୍ଷ୍ୟ ରଖିଛି। ନୂତନ ବିଲ୍ ସମସ୍ତ ୱାକଫ୍ ସମ୍ପତ୍ତିକୁ ରେକର୍ଡ କରିବା ପାଇଁ ଏକ ଡିଜିଟାଲ୍ ପୋର୍ଟାଲ୍ ପ୍ରଚଳନ କରିବାକୁ ଯାଉଛି, ଯାହା ସେମାନଙ୍କ ଟ୍ରାକ୍ ଏବଂ ଅଡିଟ୍ କରିବା ସହଜ କରିଥାଏ। ଏହା ସୁନିଶ୍ଚିତ କରେ ଯେ ପାଣ୍ଠିର ଅପବ୍ୟବହାର ନ ହେଉ ଏବଂ ଗରିବ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଖର୍ଚ୍ଚ ହେଉ। ବାଧ୍ୟତାମୂଳକ ଆର୍ଥିକ ଅଡିଟ୍ ଏବଂ ଡିଜିଟାଲ୍ ରେକର୍ଡ ସହିତ, ଏହି ପରିବର୍ତ୍ତନ ଦୁର୍ନୀତି ହ୍ରାସ କରିବ ଏବଂ ୱାକଫ୍ ପରିଚାଳନାକୁ ଲୋକଙ୍କ ପ୍ରତି ଅଧିକ ଉତ୍ତରଦାୟୀ କରିବ। ୱାକଫ୍ ସମ୍ପତ୍ତି ଏବଂ ପାଣ୍ଠି ଗରିବଙ୍କ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ବ୍ୟବହୃତ ହେବା ସୁନିଶ୍ଚିତ କରିବ। ମାଗଣା କିମ୍ବା ସ୍ୱଳ୍ପ ମୂଲ୍ୟର ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ୱାକଫ୍ ଜମିରେ କ୍ଲିନିକ୍ ଏବଂ ଡାକ୍ତରଖାନା ପ୍ରତିଷ୍ଠା କରାଯିବ।ଗରିବ ଅଞ୍ଚଳରେ ଔଷଧ ଏବଂ ଅତ୍ୟାବଶ୍ୟକ ଚକିତ୍ସା ଅଧିକ ଉପଲବ୍ଧ କରାଇବା ସମ୍ଭବ ହେବ। ଉନ୍ନତ ପରିଚାଳନା ଦ୍ୱାରା ଅଧିକରୁ ଅଧିକ ଲୋକ ସ୍ୱାସ୍ଥ୍ୟସେବା ପାଇପାରିବେ, ଚିକିତ୍ସା ଖର୍ଚ୍ଚ ହ୍ରାସ ପାଇବ ଏବଂ ଜନସ୍ୱାସ୍ଥ୍ୟରେ ଉନ୍ନତି ଆସିବ। ଦାରିଦ୍ର୍ୟ ବିରୋଧୀ ଲଢ଼େଇରେ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅଧିକାଂଶ ଗରିବ ଲୋକ ବାସଗୃହ ଖଣ୍ଡେ ପାଇବା ଲାଗି ସଂଘର୍ଷ କରିଥାନ୍ତି। ବିଲ୍ ୱାକଫ୍ ବୋର୍ଡକୁ ସୁଲଭ ବାସଗୃହ ପାଇଁ ସମ୍ପତ୍ତି ବ୍ୟବହାର କରିବାକୁ ଅନୁମତି ଦିଏ। ଧାରା ୩୨(୪) ଆଧାରରେ, ଗରିବଙ୍କ ପାଇଁ ସ୍ୱଳ୍ପ ମୂଲ୍ୟର ବାସଗୃହ ନିର୍ମାଣ କରିବା, ଗୃହହୀନଙ୍କ ପାଇଁ ଆଶ୍ରୟସ୍ଥଳୀ ପ୍ରଦାନ କରିବା ଏବଂ ସ୍ୱଳ୍ପ ଆୟକାରୀ ପରିବାର ପାଇଁ ରିହାତି ଭଡ଼ା କାର୍ଯ୍ୟକ୍ରମ ସୃଷ୍ଟି କରିବାରେ ବିନିଯୋଗ କରାଯିବ। ଦାରିଦ୍ର୍ୟ ଦୂରୀକରଣ ପାଇଁ ଲୋକମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ହେବାରେ ସାହାଯ୍ୟ କରିବା ଗୁରୁତ୍ୱପୂର୍ଣ୍ଣ। ୱାକଫ ସମ୍ପତ୍ତିର ଏକ ପ୍ରମୁଖ ସମସ୍ୟା ହେଉଛି ବେଆଇନ ଦଖଲ। ୱାମ୍ସି ପୋର୍ଟାଲ ଅନୁଯାୟୀ, ପ୍ରାୟ ୫୮,୮୯୮ ୱାକଫ ସମ୍ପତ୍ତି ବେଆଇନ ଭାବେ ଅଧିଗ୍ରହଣ କରାଯାଇଛି। ଏହି ବିଲ୍ ନିରପେକ୍ଷତା ଏବଂ ସମାବେଶୀତା ମଧ୍ୟ ସୁନିଶ୍ଚିତ କରିଥାଏ, ଯାହା ଦ୍ୱାରା ଆବଶ୍ୟକ କରୁଥିବା ସମସ୍ତ ଜନ ସମ୍ପ୍ରଦାୟଙ୍କ ନିକଟରେ ସହାୟତା ପହଞ୍ଚିପାରିବ। ୱାକଫ (ସଂଶୋଧନ) ବିଲ୍, ୨୦୨୫, କେବଳ ସମ୍ପତ୍ତି ପରିଚାଳନା ଉପରେ ଆଧାରିତ ନୁହେଁ, ବରଂ ଏହା ୱାକଫକୁ ଗରିବଙ୍କୁ ସାହାଯ୍ୟ କରିବା ପାଇଁ ଏକ ଶକ୍ତିଶାଳୀ ଉପକରଣ ପ୍ରଦାନ କରିବ।

## ରାଜସ୍ୱ ବୃଦ୍ଧି ହାରରେ ଛତିଶଗଡ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହୋଇଛି : ବିଷ୍ଣୁଦେବ



ରାୟପୁର, (ଭାସ୍କର ନ୍ୟୁଜ୍): ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇଙ୍କ ନେତୃତ୍ୱରେ, ଛତିଶଗଡ଼ ନିଜ ନାମରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଯୋଡ଼ିଛି। ୨୦୨୪-୨୫ ଆର୍ଥିକ ବର୍ଷରେ, ରାଜ୍ୟ ମୋଟ ଟ.୧୬,୩୯୦ କୋଟି ଜିଏସ୍‌ଟି ରାଜସ୍ୱ ସଂଗ୍ରହ ରେକର୍ଡ କରିଛି, ଯାହା ସାରା ଦେଶରେ ସର୍ବାଧିକ ୧୮ ପ୍ରତିଶତ ବାର୍ଷିକ ଅଭିବୃଦ୍ଧି ହାର ପଞ୍ଜିକୃତ କରିଛି। ଏହି ସଫଳତା ଜିଏସ୍‌ଟି ରାଜସ୍ୱ ବୃଦ୍ଧି ହାର ଦୃଷ୍ଟିରୁ ଛତିଶଗଡ଼କୁ ଦେଶର ଶୀର୍ଷ ସ୍ଥାନରେ ରଖିଛି। ଏହି କ୍ରମରେ, ୧୬% ସହିତ ମହାରାଷ୍ଟ୍ର ଏବଂ ୧୫% ଅଭିବୃଦ୍ଧି ସହିତ ତାମିଲନାଡୁ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛି। ପ୍ରଥମ ଥର ପାଇଁ, ମାସିକ ସଂଗ୍ରହ ମାର୍ଚ୍ଚ ୨୦୨୫ରେ ଟ.୨,୦୦୦ କୋଟି ଅତିକ୍ରମ କରିଛି। ମାର୍ଚ୍ଚ ୨୦୨୫ରେ, ଛତିଶଗଡ଼ ଏସ୍‌ଜିଏସ୍‌ଟି ହେଡରେ ଟ.୧,୩୦୧.୦୯ କୋଟି ପାଇଥିଲା, ଯାହା ମାର୍ଚ୍ଚ ୨୦୨୪ ତୁଳନାରେ ୭୨ ପ୍ରତିଶତ ଅଧିକ। ଏହା ପ୍ରଥମ ଥର ପାଇଁ ରାଜ୍ୟ ଏସ୍‌ଜିଏସ୍‌ଟରେ ଟ.୧,୦୦୦ କୋଟି ଅତିକ୍ରମ କରିଛି। ଏହା ସହିତ, ମାର୍ଚ୍ଚ ୨୦୨୫ ରେ, ଏସ୍‌ଜିଏସ୍‌ଟ ହେଡରେ ଟ.୭୫୬.୭୩ କୋଟି ପ୍ରାପ୍ତ ହୋଇଥିଲା, ଯାହା ପୂର୍ବ ବର୍ଷ ତୁଳନାରେ ୧୦ ପ୍ରତିଶତ ଅଧିକ। ଏହିପରି, ମାର୍ଚ୍ଚ ୨୦୨୫ ରେ ମୋଟ ଜିଏସ୍‌ଟି ସଂଗ୍ରହ ଟ.୨,୦୫୭.୮୨ କୋଟି ଥିଲା, ଯାହା ମାର୍ଚ୍ଚ ୨୦୨୪ ରେ ଟ.୧,୪୪୩.୬୬ କୋଟି ଥିଲା, ଯାହା ୪୩ ପ୍ରତିଶତର ପ୍ରଭାବଶାଳୀ ମାସିକ ଅଭିବୃଦ୍ଧିକୁ ପ୍ରତିଫଳିତ କରେ। ଜିଏସ୍‌ଟି ଲାଗୁ ହେବା ପରଠାରୁ, ଏହା ପ୍ରଥମ ଥର ପାଇଁ ଛତିଶଗଡ଼ ଗୋଟିଏ ମାସରେ ମୋଟ ଜିଏସ୍‌ଟି ରାଜସ୍ୱ ଟ.୨,୦୦୦ କୋଟି ଅତିକ୍ରମ କରିଛି। ଉନ୍ନତ ପ୍ରଶାସନ, ପ୍ରଯୁକ୍ତିବିଦ୍ୟାର ଅନ୍ତର୍ଭୁକ୍ତିକରଣ ଏବଂ ନିରନ୍ତର ତଦାରଖ ମାଧ୍ୟମରେ ଐତିହାସିକ ସଫଳତା ହାସଲ ହୋଇଛି। ଏହି ଉଲ୍ଲେଖନୀୟ ଅଗ୍ରଗତି ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇଙ୍କ ମାର୍ଗଦର୍ଶନ ଏବଂ ଅର୍ଥମନ୍ତ୍ରୀ ଓ.ପି. ଚୌଧୁରୀଙ୍କ ନିର୍ଦ୍ଦେଶରେ ବାଣିଜ୍ୟିକ ଟିକସ ବିଭାଗରେ କାର୍ଯ୍ୟକାରୀ ହୋଇଥିବା ବ୍ୟାପକ ସଂସ୍କାର, ନବସୃଜନ ଏବଂ ଏକ ନୂତନ କାର୍ଯ୍ୟ ସଂସ୍କୃତିର ପ୍ରତ୍ୟକ୍ଷ ଫଳାଫଳ। ସେମାନଙ୍କ ନେତୃତ୍ୱରେ, ବିଭାଗ ଜିଏସ୍‌ଟି ପ୍ରଶାସନକୁ ଅଧିକ ସକ୍ରିୟ, ସ୍ୱଚ୍ଛ ଏବଂ ଫଳାଫଳ-ଭିତ୍ତିକ କରିବା ପାଇଁ ନିର୍ଣ୍ଣାୟକ ପଦକ୍ଷେପ ନେଇଛି। ସେହିପରି ରିଟର୍ଣ୍ଣ ଫାଇଲ୍ କରିନଥିବା ବ୍ୟବସାୟୀଙ୍କ ସହ ନିରନ୍ତର ତଦାରଖ ଏବଂ ଯୋଗାଯୋଗ ମାଧ୍ୟମରେ, ଅନୁପାଳନରେ ଏକ ଉଲ୍ଲେଖନୀୟ ଉନ୍ନତି ହୋଇଛି। ଅଣ-ଫାଇଲ୍କାରୀଙ୍କ ସଂଖ୍ୟା ୧୫ ପ୍ରତିଶତରୁ ହ୍ରାସ ପାଇ ମାତ୍ର ୬ ପ୍ରତିଶତ ହୋଇଛି। ଏହା ସହ ନକଲି ପଞ୍ଜିକରଣର ତଦନ୍ତ ପ୍ରକ୍ରିୟା ହୋଇଛି। ଯାହାଫଳରେ ୨୮,୦୦୦ ରୁ ଅଧିକ ବ୍ୟବସାୟକୁ ଭୌଗୋଳିକ ଭାବରେ ଯାଞ୍ଚ କରାଯାଇଥିଲା, ଯେଉଁଥିରୁ ୪,୨୫୨ ଫାର୍ମ - ମୋଟର ପ୍ରାୟ ୧୫% - ନକଲି ବୋଲି ଜଣାପଡିଥିଲା।

## ପୁନମ ଗୁପ୍ତା ଆରବିଆଇ ଡେପୁଟି ଗଭର୍ଣ୍ଣର



ନୂଆଦିଲ୍ଲୀ: ଅର୍ଥନୀତିଜ୍ଞ ତଥା ନ୍ୟାସନାଲ କାଉନସିଲ ଅଫ ଆପ୍ଲାଏଡ ଇକୋନୋମିକ ରିସର୍ଚ୍ଚ (ଏନସିଏଇଆର) ର ମହାନିର୍ଦ୍ଦେଶକ ପୁନମ ପାଣ୍ଡେଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଡେପୁଟି ଗଭର୍ଣ୍ଣର ଭାବେ ନିଯୁକ୍ତ କରିଛନ୍ତି କେନ୍ଦ୍ର ସରକାର। ସେ ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ। ଗତ ଜାନୁୟାରୀରେ ଆରବିଆଇ ଡେପୁଟି ଗଭର୍ଣ୍ଣର ଥିବା ଏମ.ଡି. ପାତ୍ରଙ୍କ କାର୍ଯ୍ୟକାଳ ସରିବା ପରଠାରୁ ଉକ୍ତ ପଦବୀଟି ଖାଲି ପଡ଼ିଥିଲା। ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ କମିଟି(ଏସିସି) ପୁନମଙ୍କ ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଛି। ତେବେ ପୁନମଙ୍କ ଯୋଗଦାନ ତାରିଖ ଧାର୍ଯ୍ୟ ହୋଇନାହିଁ। ସେ ବର୍ତ୍ତମାନ ଏନସିଏଇଆର ମହାନିର୍ଦ୍ଦେଶକ ସମେତ ଅର୍ଥନୈତିକ ଉପଦେଷ୍ଟା ପରିଷଦର ସଦସ୍ୟ ଅଛନ୍ତି।

# ବାଣିଜ୍ୟ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନାର ନୂତନ ପ୍ଲେଟ୍ ମିଲ୍ ୨୦୨୪-୨୫ ବର୍ଷ ପାଇଁ ଚାମ୍ପିଅନ୍ସ ଅଫ୍ ଦି ଇୟର୍ ଟ୍ରଫି ହାସଲ କରିଥିବା ବେଳେ ସିଣ୍ଟରିଂ ପ୍ଲାଣ୍ଟ-୩ ରନର୍ସ ଅପ୍ ଆଖ୍ୟା ଲାଭ କରିଛି। ଅପ୍ରେଲ ୧ ତାରିଖରେ ଗୋପବନ୍ଧୁ ଅଡିଟୋରିୟମରେ ଅନୁଷ୍ଠିତ ବାର୍ଷିକ ନିଷ୍ପାଦନ ସମୀକ୍ଷା ଏବଂ ପୁରସ୍କାର କାର୍ଯ୍ୟକ୍ରମରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡ଼ିଆଇସି) ଆଲୋକ ବର୍ମା ଏହି ପୁରସ୍କାର ପ୍ରଦାନ କରିଥିଲେ। ଡିଆଇସି ଚାରୋଟି ଜୋନ୍ ଏବଂ ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସର ବିଭାଗଙ୍କୁ ସେମାନଙ୍କର ଅନୁକରଣୀୟ ପ୍ରଦର୍ଶନ ଏବଂ ଉଲ୍ଲେଖନୀୟ ସଫଳତା ପାଇଁ କାର୍ଯ୍ୟଦକ୍ଷତା ପୁରସ୍କାର ପ୍ରଦାନ କରିଥିଲେ।ଲୌହ ଏବଂ କଞ୍ଚାମାଲ ଜୋନରୁ, ବ୍ଲାଷ୍ଟ ଫର୍ଣ୍ଣେସ ବିଜେତା ହୋଇଥିଲାବେଳେ କଞ୍ଚାମାଲ ପ୍ରବନ୍ଧନ ବିଭାଗ ଏବଂ କୋକ୍ ଓଭନ୍ ମିଳିତ ଭାବରେ ରନର୍ସ ଅପ୍ ଟ୍ରଫି ହାସଲ କରିଥିଲେ। ସେହିପରି ଇସ୍ପାତ ଏବଂ ଆନୁଷଙ୍ଗିକ କ୍ଷେତ୍ରରୁ, ଷ୍ଟିଲ୍ ମେଲ୍ଟିଂ ସପ- ୨ ବିଜେତା ହୋଇଥିଲାବେଳେ ପାୱାର ଡିଷ୍ଟ୍ରିବ୍ୟୁସନ୍ ରନର୍ସ ଅପ୍ ଟ୍ରଫି ଲାଭ କରିଥିଲା। ରୋଲିଂ ମିଲ୍ ଜୋନ୍ ରୁ, ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଜେତା ଟ୍ରଫି ଏବଂ ସିଲିକନ୍ ଷ୍ଟିଲ୍ ମିଲ୍ ରନର୍ସ ଅପ୍ ପୁରସ୍କାର ଲାଭ କରିଥିଲା।

## ଲାଞ୍ଜିଗଡ ପଞ୍ଚାୟତ ଗ୍ରାମୀଣ ହାଟ ଉଦ୍‌ଘାଟିତ




ଲାଞ୍ଜିଗଡ (ଭାସ୍କର ନ୍ୟୁଜ୍) : ଲାଞ୍ଜିଗଡ ବ୍ଲକର ଲାଞ୍ଜିଗଡ଼ ଠାରେ ଥିବା ଲାଞ୍ଜିଗଡ଼ ପଞ୍ଚାୟତ ଗ୍ରାମୀଣ ସାପ୍ତାହିକ ହାଟର ବୁଧବାର ଶୁଭ ଉଦଘାଟନ କରିଛନ୍ତି।ବେଦାନ୍ତ ଆଲୁମିନିୟମ ଓ ନାବାର୍ଡ଼ ମିଳିତ ସହଯୋଗରେ ୮୦ ଲକ୍ଷ ୯୦ ହଜାର ଯୋଗାଇ ଦିଆଯାଇଛି। ମହାଶକ୍ତି ଫାଉଣ୍ଡେସନ ପକ୍ଷରୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ପାଳ ସଚିନ ପାୱାର ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ନାବାର୍ଡ଼ ଡିଜିଏମ ମହେଶ୍ୱର ଦାସ, ଲାଞ୍ଜିଗଡ଼ ବେଦାନ୍ତ ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟ, ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ମହାଶକ୍ତି ଫାଉଣ୍ଡେସନ ଏମଡି ଯୁଗଳ କିଶୋର ପଟ୍ଟନାୟକ, ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ଲାଞ୍ଜିଗଡ଼ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରାହେନ୍ଦ୍ର ପ୍ରତାପ ସିଂହଦେଓ,ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ସିଏସଆର ମୁଖ୍ୟ ଶିଶିର ତରଫଦାର ପ୍ରମୁଖ ଯୋଗ ଦେଇଥିଲେ।ଲାଞ୍ଜିଗଡ଼ ପଞ୍ଚାୟତର ନିଜସ୍ୱ ୨.୫ ଏକର ପରିମିତ ଅଞ୍ଚଳରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବେଳେ ଦୈନିକ ବଜାର ପାଇଁ ବିଦ୍ୟୁତ୍ ଓ ଆଲୋକ ବ୍ୟବସ୍ଥା ସୁବିଧା ସହିତ ୩୬ଟି ଦୋକାନଘରକୁ ଲାଞ୍ଜିଗଡ଼ ପଞ୍ଚାୟତକୁ ଆଜି ହସ୍ତାନ୍ତର କରାଯାଇଛି। ଏହି ହାଟ ଜରିଆରେ ସ୍ଥାନୀୟ କୃଷକମାନଙ୍କୁ ଉନ୍ନତ ବଜାର ସୁବିଧା ଯୋଗାଇ ଦିଆଯାଇଛି। ଏଠାରେ ଚାଷୀମାନେ ନିଜର ଉତ୍ପାଦିତ କୃଷିଜାତ ସାମଗ୍ରୀକୁ ସିଧାସଳଖ ଭାବେ ଗ୍ରାହକଙ୍କୁ ବିକ୍ରି କରିପାରିବେ।ଏଠାରେ କେବଳ କ୍ଷୁଦ୍ର ଓ ନାମମାତ୍ର ଚାଷୀ ନୁହନ୍ତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠିଗୁଡିକ ମଧ୍ୟ ସେମାନଙ୍କର ସାମଗ୍ରୀ ବିକ୍ରିର ସୁଯୋଗ ରହିଛି । ହାଟର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ପାଇଁ ହାଟ ପରିଚାଳନା କମିଟି ଗଠନ ସହିତ ହାଟ ପରିସରରୁ ବାହାରୁଥିବା ବର୍ଜ୍ୟର ଯେଭଳି ଠିକଣା ପରିଚାଳନା ହାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି।ଏହି କାର୍ଯ୍ୟକ୍ରମ ଟିକୁ ଶ୍ରୀମୁଖ ଅଗସ୍ତି ପରିଚାଳନା କରିଥିବାବେଳେ ଲାଞ୍ଜିଗଡ଼ ଯୁବକ ସଂଘ, ବିଭିନ୍ନ ଅନୁଷ୍ଠାନ,ସ୍ୱୟଂ ସହାୟକ ଗୋଷ୍ଠୀ,ବ୍ୟବସାୟୀ, ବୁଦ୍ଧିଜୀବୀ ଓ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ।

## ଇରେଡା ପକ୍ଷରୁ ଆର୍ଥିକ ଅଭିବୃଦ୍ଧି ଘୋଷଣା

ENERGY FOR EVER
ଇରେଡା IREDA
ONCE IREDA ALWAYS IREDA
(A Navratna CPSE)

ନୂଆଦିଲ୍ଲୀ : ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ (ଇରେଡା) ପକ୍ଷରୁ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ଆର୍ଥିକ ବର୍ଷରେ ଏହାର ଆର୍ଥିକ ପ୍ରଦର୍ଶନରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘୋଷଣା କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଋଣ ମଞ୍ଜୁରି ୨୭ ପ୍ରତିଶତ ବୃଦ୍ଧି ପାଇ ୪୭,୪୫୩ କୋଟି ଟଙ୍କା ହୋଇଛି ଯାହା ପୂର୍ବ ବର୍ଷରେ ୩୭,୩୫୪ କୋଟି ଟଙ୍କା ଥିଲା। ଋଣ ଆବଂଟନ ୨୦ ପ୍ରତିଶତ ବୃଦ୍ଧି ପାଇ ୩୦,୧୬୮ କୋଟି ଟଙ୍କା ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ତାହା ୨୦,୦୮୯ କୋଟି ଟଙ୍କା ଥିଲା। ବକେୟା ଲୋନ ବୁକ ୨୮ ପ୍ରତିଶତ ବୃଦ୍ଧି ପାଇ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ୭୬,୨୫୦ କୋଟି ଟଙ୍କାରେ ପହଂଚିଛି ଯାହା ପୂର୍ବବର୍ଷ ୫୯,୬୯୮ କୋଟି ଟଙ୍କା ଥିଲା। ଇରେଡାର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ କହିଛନ୍ତି ଯେ, 'ଆର୍ଥିକ ବର୍ଷର ଶେଷ ଦିନରେ ଇରେଡାର ବାର୍ଷିକ ପ୍ରଦର୍ଶନ ଘୋଷଣା କରିବା କର୍ପୋରେଟ ପ୍ରଶାସନ ଓ ଆମ ନିବେଶଙ୍କ ପ୍ରତି ସ୍ୱଚ୍ଛତାର ଉଚ୍ଚ ମାନକ ପ୍ରତି ଆମ ପ୍ରତିବଦ୍ଧତାକୁ ଦର୍ଶାଉଛି। ଇରେଡାର ଋଣ ମଞ୍ଜୁରି, ଆବଂଟନ ଓ ଲୋନ ବୁକରେ ନିରନ୍ତର ବୃଦ୍ଧି ଅକ୍ଷୟ ଶକ୍ତି ପ୍ରକଳ୍ପକୁ ଫାଇନାନ୍ସ କରିବାରେ ଆମ ଦୃଢ଼ ସମର୍ପଣକୁ ପ୍ରତିଫଳିତ କରୁଛି। ଅଭିନବ ଓ ହାସଲ ହୋଇପାରୁଥିବା ଫାଇନାନ୍ସ ସମାଧାନ ଜରିଆରେ ଭାରତର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ସମର୍ଥନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ।' 'ଅତୁଟ ସମର୍ଥନ ପାଇଁ ମୁଁ ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର କେନ୍ଦ୍ର ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ, ସଚିବ, ଆମ ନିର୍ଦ୍ଦେଶକ ବୋର୍ଡ, ମନ୍ତ୍ରଣାଳୟ ନିୟାମକ ଓ ଅଧିକାରୀ ଏବଂ ଅନ୍ୟମାନଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଉଛି। ଇରେଡା ଟିମର ସମର୍ପଣ ଓ ନିରବଚ୍ଛିନ୍ନ ଉଦ୍ୟମକୁ ମୁଁ ପ୍ରଶଂସା କରୁଛି। ସେମାନଙ୍କ ପ୍ରତିବଦ୍ଧତା ଆମ ସଫଳତାକୁ ଆଗକୁ ବଢ଼ାଇଛି ବୋଲି ଶ୍ରୀ ଦାସ କହିଛନ୍ତି।

## ଜଳ ପରିଚାଳନା ପାଇଁ ଟାଟା ଷ୍ଟିଲର ଏଫ୍‌ଏଏମ୍‌ଡି ପୁରସ୍କୃତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : 'ବେଷ୍ଟ ଇଂଟିଗ୍ରେଟେଡ ୱାଟର ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ' (ଶ୍ରେଷ୍ଠ ସମନ୍ୱିତ ଜଳ ପରିଚାଳନା ପ୍ରକଳ୍ପ) ପାଇଁ ପୁରସ୍କୃତ ହୋଇଛି ଟାଟାଷ୍ଟିଲର ଫେରୋ ଆଲୟଜ ଆଣ୍ଡ ମିନେରାଲ ଡିଭିଜନ (ଏଫଏଏମଡି)। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୱାଟର ଡାଇଜେଷ୍ଟ ୱାର୍ଲଡ ୱାଟର ଆୱାର୍ଡସ- ୨୦୨୫ରେ ଏଫଏଏମଡିକୁ ଏହି ସମ୍ମାନଜନକ ପୁରସ୍କାର ମିଳିଛି। ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ରାଜଭୂଷଣ ଚୌଧୁରୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେଯୋଗ ଦେଇ ଟାଟା ଷ୍ଟିଲକୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ। ଟାଟାଷ୍ଟିଲ ଏଫ୍‌ଏଏମଡିର ପ୍ରକଳ୍ପ, ପ୍ରଯୁକ୍ତି ଓ ଇମ୍ପ୍ରୁଭମେଂଟ ମୁଖ୍ୟ ନତାଶା ଝା କମ୍ପାନି ତରଫରୁ ପୁରସ୍କାର ଗ୍ରହଣ କରିଥିଲେ। ଭାରତର ପ୍ରିମିୟର ଜଳ ପତ୍ରିକା 'ୱାଟରଡାଇ ଜେଷ୍ଟ' ପକ୍ଷରୁ ଆୟୋଜିତ ଏହି ସମାରୋହରେ ଜଳ ପରିଚାଳନା ପ୍ରକ୍ରିୟାରେ ଉନ୍ନତି ଏବଂ କାର୍ଯ୍ୟ କ୍ଷେତ୍ରରେ ସ୍ଥାୟିତ୍ୱ ପାଇଁ ଟାଟାଷ୍ଟିଲର ଅତ୍ୟାଧୁନିକ ଡିଜିଟାଲ ପ୍ରଯୁକ୍ତିର ବ୍ୟବହାରକୁ ସ୍ୱୀକୃତି ଦିଆଯିବା ସହ କମ୍ପାନିକୁଏହି ପୁରସ୍କାର ପ୍ରଦାନ କରାଯାଇଛି। ଏ ନେଇ ଟାଟାଷ୍ଟିଲ ( ଏଫଏଏମଡି)ର ଏକଜିକ୍ୟୁଟିଭ ଇନ ଚାର୍ଜ ପଙ୍କଜ ସତିଜା କହିଛନ୍ତି, 'ଭାରତ ହେଉଛି ଜଳାଭାବର ଏକ ଦେଶ ଏବଂ କୃଷି, ଗୋଷ୍ଠୀ ଓ ଶିଳ୍ପ ସମେତ ବିଭିନ୍ନକ୍ଷେତ୍ର ଏହି ନିଅଣ୍ଟ ସମ୍ବଳ ପାଇବାକୁ ପ୍ରତି ଦ୍ୱନ୍ଦ୍ୱିତା କରୁଛନ୍ତି।ଜଳ ଉପଯୋଗିତା କମ୍ କରିବା ଲାଗି ଆମେ ଆମ ତରଫରୁ ଉଦ୍ୟମ କରୁଛୁ। ଏହି ଯାତ୍ରାରେ ଅଭିନବ ଡିଜିଟାଲ ସମାଧାନ ଗ୍ରହଣ କରିବା ଦିଗରେ ଆମ ପ୍ରତିବଦ୍ଧତା ଓ ଉଦ୍ୟମକୁ ସ୍ୱୀକୃତି ମିଳିଥିବାରୁ ଆମେ ବହୁତ ଖୁସି।' କମର୍ଦ୍ଦା ଓ ସାରୁଆ ବିଲଖଣିରେ ସେଂଟ୍ରାଲ ଏଫ୍ଲୁଏଂଟ ଟ୍ରିଟମେଂଟ ପ୍ଲାଂଟ (ସିଇଟିପି), ଓଡ଼ିଶାର ଯାଜପୁର ଜିଲ୍ଲାର ସୁକିନ୍ଦା ଖଣିରେ ଏଫ୍ଲୁଏଂଟ ଟ୍ରିଟମେଂଟ ପ୍ଲାଂଟ (ଇଟିପି) ଓ ସ୍ୱିରେଜ ଟ୍ରିଟମେଂଟ ପ୍ଲାଂଟ (ଏସଟିପି) ଭଳି ଅଭିଯାନ କମ୍ପାନିର ପ୍ରତିବଦ୍ଧତାକୁ ଦର୍ଶାଉଛି। କେନ୍ଦୁଝରର ଯୋଡ଼ାରେ ଥିବା ଫେରୋ ଆଲୟଜ କାରଖାନା (ଏଫଏପି)ରେ ଜଳ ଉପଯୋଗିତା କମ କରିବା ଲାଗି ଅଭିନବ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି। ସ୍କ୍ରବର ପୋଖରୀ ଓ ଏଫ୍ଲୁଏଂଟ ଟ୍ରିଟମେଂଟ ପ୍ଲାଂଟରେ ଟ୍ରିଟମେଂଟ ହେଉଥିବା ଜଳକୁ ବ୍ୟବହାର କରି ଏହି କାରଖାନା ଭୂପୃଷ୍ଠର ମଧୁର ଜଳ ଉପରେ କମ୍ ନିର୍ଭରଶୀଳ ହେବା ସହ ଜଳ ଉପଯୋଗିତାରେ ୪୦ ପ୍ରତିଶତରୁ ଅଧିକ ହ୍ରାସ କରିଛି। ସେହିପରି, ଏଫଏଏମଡି ତରଫରୁଏହାର କଟକ ଜିଲ୍ଲା ଆଠଗଡ଼ରେ ଥିବା ଏଫଏପି ଜଳ ବ୍ୟବହାର ଦକ୍ଷତାରେ ଉନ୍ନତି ଆଣିବା ପାଇଁ ଆଇଓଟି ଭିତ୍ତିକ ସ୍ମାର୍ଟ ଜଳ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରିଛି।

## ଏସ୍‌ଇଆର୍‌ର ଉଲ୍ଲେଖନୀୟ ସଫଳତା



ନୂଆଦିଲ୍ଲୀ: ଦକ୍ଷିଣ ପୂର୍ବ ରେଳବାଇ ୨୦୨୪-୨୫ ଆର୍ଥିକ ବର୍ଷରେ ନୂତନ ରେକର୍ଡ ସ୍ଥାପନ କରିଛି ଏବଂ ଏହାର ପୂର୍ବ ସଫଳତାକୁ ଅତିକ୍ରମ କରିଛି। ଏସ୍‌ଇଆର୍ ୨୦୨୪-୨୫ ଆର୍ଥିକ ବର୍ଷରେ ରେକର୍ଡ ମାଲ ପରିବହନ ୨୧୨.୩୭ ନିୟୁତ ଟନ୍ ସହିତ ସମାପ୍ତ କରିଛି। ଏହା ଦକ୍ଷିଣ ପୂର୍ବ ରେଳବାଇର ସର୍ବକାଳୀନ ସର୍ବାଧିକ ମାଲ ପରିବହନ କାର୍ଯ୍ୟଦକ୍ଷତା। ପୂର୍ବ ବର୍ଷ ତୁଳନାରେ, ଏସ୍‌ଇଆର୍ ମୂଳ ମାଲ ପରିବହନରେ ୦.୩୬% ଅଭିବୃଦ୍ଧି ପଞ୍ଜିକୃତ କରିଛି। ଚକ୍ରଧରପୁର ଡିଭିଜନ ଏବଂ ଆଦ୍ରା ଡିଭିଜନ ମଧ୍ୟ ମାଲ ପରିବହନରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି ଏବଂ ସର୍ବକାଳୀନ ସର୍ବୋତ୍ତମ ଲୋଡିଂ କାର୍ଯ୍ୟଦକ୍ଷତା ହାସଲ କରିଛନ୍ତି। ଚକ୍ରଧରପୁର ଡିଭିଜନ ୧୫୪.୦୪ ନିୟୁତ ଟନ୍ ଲୋଡିଂ କରିଛି ଯାହା ଗତ ଆର୍ଥିକ ବର୍ଷ ତୁଳନାରେ ୩.୨୫% ଅଧିକ। ଆଦ୍ରା ଡିଭିଜନ ୨୯.୧୨ ନିୟୁତ ଟନ୍ ଲୋଡିଂ କରିଛି ଯାହା ଗତ ଆର୍ଥିକ ବର୍ଷ ତୁଳନାରେ ୪.୧୬% ଅଧିକ। ଦକ୍ଷିଣ ପୂର୍ବ ରେଳବାଇ ଦ୍ୱାରା ୨୦୨୪-୨୫ ବର୍ଷ ମଧ୍ୟରେ ମାଲ ପରିବହନରୁ ରାଜସ୍ୱ ସଂଗ୍ରହ ୧୮୯୪୯.୮୩ କୋଟ (ପ୍ରାୟ) ହୋଇଛି। ଏହି ଉତ୍କୃଷ୍ଟ ମାଲ ପରିବହନ ପ୍ରଦର୍ଶନରେ ଏସ୍‌ଇଆର୍ ନିମ୍ନଲିଖିତ ମାଇଲଖୁଣ୍ଟ ମଧ୍ୟ ହାସଲ କରିଛି, ଗୋଟିଏ ଦିନରେ ସର୍ବୋତ୍ତମ ଲୋଡିଂ (୩୧ ମାର୍ଚ୍ଚ, ୨୦୨୫), ୧.୭୮ ନିୟୁତ ଟନ୍, ପୂର୍ବ ସର୍ବୋତ୍ତମ ତୁଳନାରେ ୩୦.୯% ଅଧିକ। ୩୪୯ ଦିନରେ (୧୫.୦୩.୨୦୨୫ ରେ) ଦ୍ରୁତତମ ୨୦୦ ନିୟୁତ ଟନ୍ ଲୋଡିଂ। ସର୍ବୋତ୍ତମ କୋଇଲା ଲୋଡିଂ - ୫୫.୫୬ ନିୟୁତ ଟନ୍, ଗତ ଆର୍ଥିକ ବର୍ଷ ତୁଳନାରେ ୪.୨୩% ଅଧିକ। ଏହିବର୍ଷସର୍ବୋତ୍ତମ କଣ୍ଟେନର ଲୋଡିଂ - ୨.୪୩ ନିୟୁତ ଟନ୍, ଗତ ଆର୍ଥିକ ବର୍ଷ ତୁଳନାରେ ୪୪.୮% ଅଧିକ। ଏହି ବର୍ଷ ସର୍ବୋତ୍ତମ ବିଓଜି ଲୋଡିଂ - ୬.୪୧ ନିୟୁତ ଟନ୍, ଗତ ଆର୍ଥିକ ବର୍ଷ ତୁଳନାରେ ୪.୪୩% ଅଧିକ।

## ଟାଟା ନିଉ ଏଚ୍‌ଡିଏଫ୍‌ସି ବ୍ୟାଙ୍କ କାର୍ଡ ୨ ନିୟୁତ ଅତିକ୍ରମ

ନୂଆଦିଲ୍ଲୀ: ଟାଟା ନିଉ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ଟାଟା ନିଉ ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍ କାର୍ଡ ୨ ନିୟୁତ ମାଇଲଖୁଂଟ ଅତିକ୍ରମ କରିଥିବା ଘୋଷଣା କରାଯାଇଛି। ଏଥି ସହିତ ଏହା ଭାରତର ପସନ୍ଦର ରିୱାର୍ଡ କ୍ରେଡିଟ୍ କାର୍ଡରେ ପରିଣତ ହୋଇଛି। ଏହା ସାରା ଦେଶରେ ଗ୍ରାହକଙ୍କୁ ମୂଲ୍ୟ ପ୍ରଦାନ ଓ ନିରବଚ୍ଛିନ୍ନ ରିୱାର୍ଡ ପ୍ରଦାନ କରିବାରେ କାର୍ଡର ସଫଳତାକୁ ଦର୍ଶାଉଛି। ଟାଟା ଡିଜିଟାଲ୍‌ର ଚିଫ୍ ବିଜନେସ୍ ଅଫିସର-ଫାଇନାନ୍ସିଆଲ୍ ସର୍ଭିସେସ୍ ଗୌରବ ହଜରତି କହିଛନ୍ତି ଯେ, 'ଲାଭଗୁଡ଼ିକୁ ଗ୍ରାହକମାନଙ୍କ ପାଇଁ ଅଧିକ ରିୱାର୍ଡିଂ ଓ ସ୍ୱଚ୍ଛ କରି କ୍ରେଡିଟ୍ କାର୍ଡ ଅନୁଭୂତିରେ ବିପ୍ଳବ ଆଣିବା ପାଇଁ ଟାଟା ଡିଜିଟାଲ୍‌ରେ ଆମେ ସମର୍ପିତ ରହିଛୁ। ଟାଟା ନିଉ ଏଚଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍ କାର୍ଡ ୨ ନିୟୁତ ମାଇଲଖୁଂଟ ଅତିକ୍ରମ କରିବା ନିଉ କାର୍ଡ ଉପରେ ଗ୍ରାହକଙ୍କ ଥିବା ବିଶ୍ୱାସର ଦୃଢ଼ ପ୍ରମାଣ। ନିଉ କାର୍ଡ ଅନୁଭୂତିକୁ ନିରନ୍ତର ଭାବେ ବଢ଼ାଇ ଆମର ବର୍ଦ୍ଧିତ ନିଉ କାର୍ଡ ଗ୍ରାହକମାନଙ୍କୁ ଆହୁରି ଅଧିକ ମୂଲ୍ୟ ପ୍ରଦାନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ।' ଏଚ୍‌ଡିଏଫ୍‌ସି ବ୍ୟାଙ୍କର କଂଟ୍ରି ମୁଖ୍ୟ-ପେମେଂଟ୍‌ସ, ଲାଏବିଲିଟି ପ୍ରଡକ୍ଟସ, କଂଜ୍ୟୁମର ଫାଇନାନ୍ସ ଆଣ୍ଡ୍ ମାର୍କେଟିଂ ପରାଗ ରାଓ କହିଛନ୍ତି ଯେ, 'ଭାରତର ଅଗ୍ରଣୀ କାର୍ଡ ଜାରି କରୁଥିବା ସଂସ୍ଥା ଭାବରେ ପ୍ରତି ଗ୍ରାହକ ବର୍ଗଙ୍କୁ ଶ୍ରେଷ୍ଠ ମାନର ପେମେଂଟ୍ ସମାଧାନ ପ୍ରଦାନ କରି ସେମାନଙ୍କୁ ସୁହାଇବା ଭଳି ସୁବିଧା ପ୍ରଦାନ କରିବାକୁ ଆମେ ଉଦ୍ୟମ କରୁଛୁ। ଟାଟା ନିଉ ଏଚଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍ କାର୍ଡ ଏହାର ଡିଜିଟାଲ୍ ପ୍ରଥମ ଦୃଷ୍ଟିକୋଣ ଏବଂ ଦୃଢ଼ ମୂଲ୍ୟ ସହିତ ଗ୍ରାହକଙ୍କ ଅନୁଭୂତିରେ ଉନ୍ନତି ଆଣିବା ଏବଂ ପ୍ରତି ଖର୍ଚ୍ଚକୁ ରିୱାର୍ଡିଂ ମୁହୂର୍ତ୍ତରେ ପରିଣତ କରୁଥିବାରୁ ଆମେ ଅତ୍ୟନ୍ତ ଉଲ୍ଲସିତ।

## ଭାରତୀ ଆକ୍ସା ଲାଇଫ୍‌ର 'ସମସ୍ତଙ୍କ ପାଇଁ ବୀମା' ଅଭିଯାନ



ନୂଆଦିଲ୍ଲୀ: ଭାରତୀ ଆକ୍ସା ଲାଇଫ୍ ଇନସ୍ୟୁରାନ୍ସ ଓଡ଼ିଶାରେ ଜୀବନ ବୀମା ସଚେତନତା ଏବଂ ପ୍ରବେଶକୁ ପ୍ରୋତ୍ସାହିତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି। ଯାହା ଆଇଆରଡିଏଆଇର '୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା'ର ବ୍ୟାପକ ଲକ୍ଷ୍ୟ ସହିତ ଯୋଡ଼ିହୋଇରହିଛି। ଓଡ଼ିଶା ପାଇଁ ଆଇଆରଡିଏଆଇ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ଲକ୍ଷ୍ୟ ଅନୁସାରେ ଏକ ଅଗ୍ରଣୀ ବୀମା କମ୍ପାନି ଭାବେ ଭାରତୀ ଆକ୍ସା ଲାଇଫ୍ ଇନସ୍ୟୁରାନ୍ସ ଆର୍ଥିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା, ଲୋକଙ୍କ ଦ୍ୱାରା ବୀମା ଗ୍ରହଣ ବୃଦ୍ଧି କରିବ। ଏହି ସମନ୍ୱିତ ଅଭିଯାନର ଏକ ଅଂଶ ଭାବେ କମ୍ପାନି ପକ୍ଷରୁ ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘ (ଓଏସଏସଆଇଏ) ସହଯୋଗିତା ସ୍ଥାପନ କରାଯାଇଛି। କମ୍ପାନିର ଏହି ପ୍ରୟାସ ଏମଏସଏମଇମାନଙ୍କ ମଧ୍ୟରେ ଜୀବନ ବୀମା ସଚେତନତା ବୃଦ୍ଧି କରିବାରେ ସହାୟକ ହୋଇଥିବା ବେଳେ ଆର୍ଥିକ ସୁରକ୍ଷାର ମହତ୍ୱକୁ ବୁଝିବାରେ ୧୦୦ରୁ ଅଧିକ ଉଦ୍ୟୋଗକୁ ସାହାଯ୍ୟ କରିଛି। କମ୍ପାନିର ପ୍ରତିବଦ୍ଧତାକୁ ପ୍ରଶଂସା କରି ଭାରତୀ ଆକ୍ସା ଲାଇଫକୁ ୨୦୨୩ରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଶ୍ରେଷ୍ଠ ଏମଏସଏମଇ ସହାୟତା ପୁରସ୍କାରରେ ସମ୍ମାନିତ କରିଥିଲେ ଏବଂ ୨୦୨୪ରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓଏସଏସଏ ଦ୍ୱାରା ଆୟୋଜିତ ଇଏମଟେକ୍ ରୋଡ୍ ସୋ'ରେ ଅଂଶଗ୍ରହଣ ପାଇଁ କମ୍ପାନିର ପ୍ରୟାସକୁ ସ୍ୱୀକୃତି ପ୍ରଦାନ କରିଥିଲେ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପ୍ରତି ଏହାର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଛନ୍ତି। ଓଡ଼ିଶାରେ ଭାରତୀ ଆକ୍ସା ଲାଇଫର କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ମୁଖ୍ୟ ବିତରଣ ଅଧିକାରୀ (ପାର୍ଟନେରସିପ୍ ଡିଷ୍ଟ୍ରିବ୍ୟୁସନ୍) ତଥା ମାର୍କେଟିଂ ମୁଖ୍ୟ ନୀତିନ ମେହେର କହିଛନ୍ତି ଯେ, ଭାରତୀ ଆକ୍ସା ଲାଇଫରେ ଆମେ ସମସ୍ତଙ୍କ ପାଇଁ ବୀମା ପରିକଳ୍ପନା ପ୍ରତି ଗଭୀର ପ୍ରତିଶ୍ରୁତିବଦ୍ଧ ଏବଂ ଆର୍ଥିକ ନିରାପତା ଦିଗରେ ଓଡ଼ିଶାର ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଗର୍ବ ଅନୁଭବ କରୁଛୁ।



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ନୀଳାଦ୍ରିବିହାରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ଜାତୀୟ ପାରା ଫେନ୍‌ସିଂ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରି ୯ଟି ଲେଖାଏଁ ସ୍ୱର୍ଣ୍ଣ ଓ କାଂସ୍ୟ ଏବଂ ୧୧ଟି ରୌପ୍ୟ ସହ ୨୯ ପଦକ ଜିତି ନେଇଛନ୍ତି। ମାର୍ଚ୍ଚ ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଓଡ଼ିଶା ଖେଳାଳିମାନେ ହେଲେ ରାଖାଲ କୁମାର ସେଠୀ, ଆଶା ସିଂହ, ରୁଦ୍ର ନାରାୟଣ ବେହେରା, ମାଳତୀ ପନ୍ନୁରେ, ଓମ୍ ପ୍ରକାଶ ବେହେରା, ଓଡ଼ିଶା ପୁରୁଷ ଫଏଲ୍ ଦଳ (ଓମ୍ ପ୍ରକାଶ ବେହେରା, ଭି ରମେଶ ରାଓ, ରାଖାଲ କୁମାର ସେଠୀ, ପବିତ୍ର ସାହୁ) ଏବଂ ଓଡ଼ିଶା ମହିଳା ଫଏଲ୍ ଦଳ (ମାଳତୀ ପନ୍ନୁରେ, ଶୀଲା ମନ୍ତ୍ରୀ, ପୂଜାସ୍ୱିନୀ ନାୟକ ଓ କରିମୁନ ନିଶା)। ଅନ୍ୟପକ୍ଷରେ ରୌପ୍ୟ ପଦକ ବିଜେତାଙ୍କ ମଧ୍ୟରେ ରହିଛନ୍ତି, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ, ଶୀଳା ମନ୍ତ୍ରୀ, ମହିଳା ଇପି ଦଳ (ଶିଳା ମନ୍ତ୍ରୀ, ପୂଜାସ୍ୱିନୀ ନାୟକ, ମାଳତି ପନ୍ନୁରେ, ମଧୁସ୍ମିତା ସାହୁ), ଭି ରମେଶ ରାଓ, ମାଳତି ପନ୍ନୁରେ, ଆଶା ସିଂହ, ପବିତ୍ର ସାହୁ, ଓମ୍ ପ୍ରକାଶ ବେହେରା, ପୁରୁଷ ଇପି ଦଳ (ଓମ୍ ପ୍ରକାଶ ନାୟକ, ଭି ରମେଶ ରାଓ, ରାଖାଲ କୁମାର ସେଠୀ, ପବିତ୍ର ସାହୁ), ମହିଳା ସାବ୍ରେ ଦଳ (ଶୀଳା ମନ୍ତ୍ରୀ, ପୂଜାସ୍ୱିନୀ ନାୟକ, ମାଳତି ପନ୍ନୁରେ, ମଧୁସ୍ମିତା ସାହୁ)। କାଂସ୍ୟ ପଦକ ବିଜେତାମାନେ ହେଉଛନ୍ତି ପୂଜାସ୍ୱିନୀ ନାୟକ (ମହିଳା ଇପି), ଶୀଳା ମନ୍ତ୍ରୀ (ମହିଳା ଇପି), ରାଖାଲ କୁମାର ସେଠୀ (ପୁରୁଷ ଫଏଲ୍) ପ୍ରମୁଖ।

**୧୪ତମ ମ୍ୟାଚ୍ | ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ଗୁଜରାଟ ଟାଇଟନ୍ସ**

# ଗୁଜୁରାଟ ୮ ୱିକେଟ୍‌ରେ ବିଜୟୀ




ବେଙ୍ଗାଲୁରୁ: ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ୍) ୧୮ତମ ସଂସ୍କରଣର ୧୪ତମ ମ୍ୟାଚ୍‌ରେ ବୁଧବାର ଗୁଜୁରାଟ ଟାଇଟାନ୍ସ ବୁଧବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ୮ ୱିକେଟରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଜସ୍ ବଟଲର୍ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ୩୯ଟି ବଲ୍ ସାମ୍ନା କରି ଅପରାଜିତ ୭୩ ରନ୍ କରିଥିଲେ। ବଟଲରଙ୍କ ଇନିଂସରେ ୬ଟି ଛକା ଏବଂ ୫ଟି ଚୌକା ସାମିଲ ଥିଲା। ରୁଦରଫୋର୍ଡ ଅପରାଜିତ ୩୦ ରନ୍ କରିଥିଲେ। ସାଇ ସୁଦର୍ଶନ ୪୯ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଥିଲେ। ଆରସିବି ଗୁଜରାଟକୁ ୧୭୦ ରନର ଟାର୍ଗେଟ ଦେଇଥିଲା। ଜବାବରେ, ଦଳ ୧୭.୫ ଓଭରରେ ମ୍ୟାଚ୍ ଜିତି ନେଇଥିଲା। ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଗୁଜରାଟ ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଫଳରେ ବେଙ୍ଗାଲୁରୁ ବ୍ୟାଟିଂ କରିଥିଲା। ରଜତ ପାଟିଦାରଙ୍କ ନେତୃତ୍ୱରେ ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୧୬୯ ରନ୍ ସଂଗ୍ରହ କରିଛି। ଗୁଜରାଟଙ୍କୁ ଏହି ମ୍ୟାଚ୍ ଜିତିବା ପାଇଁ ୧୭୦ ରନ୍? ଲକ୍ଷ୍ୟ ମିଳିଥିଲା। ବେଙ୍ଗାଲୁରୁର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ହୋଇଥିଲା। ୪୨ ରନ୍ ବେଳକୁ ଦଳ ୪ଟି ମୂଲ୍ୟବାନ ୱିକେଟ୍ ହରାଇ ସାରିଥିଲା। ଦଳର ସ୍କୋର ୮ ରନ୍‌ରେ ବିରାଟ କୋହଲି, ୧୩ ରନ୍‌ରେ ଦେବଦତ୍ତ ପଡିକ୍କଲ ଓ ୩୫ ରନ୍‌ରେ ଫିଲିପ୍ ସଲ୍ଟ ଆଉଟ୍ ହୋଇଥିଲେ। ବେଙ୍ଗାଲୁରୁ ପାଇଁ ଲିଆମ୍ ଲିଭିଂଷ୍ଟୋନ୍ ବ୍ୟକ୍ତିଗତ ଭାବେ ସର୍ବାଧିକ ୫୪ ରନ୍ ସଂଗ୍ରହ କରିଥିଲେ। ସେ ୪୦ଟି ବଲ୍ ଖେଳି ଗୋଟିଏ ଚୌକା ଓ ୫ଟି ଛକା ମାରିଥିଲେ। ଜିତେଶ ଶର୍ମାଙ୍କ ବ୍ୟାଟ୍ରୁ ୩୩ ରନ୍ ଅମଳ ହୋଇଥିଲା। ସେ ୨୧ଟି ବଲ୍ରୁ ୫ଟି ଚେ?କା ଓ ଗୋଟିଏ ଛକା ମାରିଥିଲେ। ଟିମ୍ ଡାଭିଡ ୧୮ଟି ବଲ୍ ଖେଳି ୩ଟି ଚୌକା ଓ ୨ଟି ଛକା ବଳରେ ୩୨ ରନ୍ ସଂଗ୍ରହ କରିଥିଲେ। ସେହିପରି ପ୍ରାରମ୍ଭିକ ବ୍ୟାଟର ଫିଲିପ୍ ସଲ୍ଟ ୧୪ ରନ୍, ବିରାଟ କୋହଲି ୭ ରନ୍, ଦେବଦତ୍ତ ପଡ଼ିକ୍କଲ ୪ ରନ୍, ରଜତ ପାଟିଦାର ୧୨ ରନ୍, କୃଣାଳ ପାଣ୍ଡ୍ୟା ୫ ରନ୍ ଓ ଭୁବନେଶ୍ୱର କୁମାର ଅପରାଜିତ ୧ ରନ୍ ସଂଗ୍ରହ କରିଥିଲେ। ଗୁଜରାଟ ପାଇଁ ମହମ୍ମଦ ସିରାଜ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ସେହିପରି ରବି ଶ୍ରୀନିବାସନ ୨ଟି ୱିକେଟ୍ ନେଇଥିଲା ବେଳେ ଅର୍ଶଦ ଖାନ, ପ୍ରସିଦ୍ଧ କ୍ରିଷ୍ଣା ଓ ଈଶାନ୍ତ ଶର୍ମା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

## ମୁମ୍ବାଇ ଇଣ୍ଡିଆନ୍ସକୁ ଝଟ୍‌କା : ଫିଟ୍ ସତ୍ତ୍ୱେ ଖେଳିବେନି ବୁମ୍‌ରା



ନୂଆଦିଲ୍ଲୀ: ଆଘାତ ଜନିତ ସମସ୍ୟା ଯୋଗୁଁ ପଡ଼ିଆ ବାହାରେ ଅଛନ୍ତି ଦ୍ରୁତ ବୋଲର ଜସ୍‌ପ୍ରିତ ବୁମ୍‌ରା। ସେ ଚଳିତ ବର୍ଷ ଜାନୁଆରୀରେ ତାଙ୍କର ଶେଷ ମ୍ୟାଚ ଖେଳିଥିଲେ। ଭାରତର ଅଷ୍ଟ୍ରେଲିଆ ଗସ୍ତ ପରେ ବୁମରା ଏପର୍ଯ୍ୟନ୍ତ ପଡ଼ିଆକୁ ଫେରିପାରିନାହାଁନ୍ତି। ଏହି ସମୟରେ ଆଉ ଏକ ଖବର ମିଳିଛି। ଏକ ରିପୋର୍ଟ ଅନୁଯାୟୀ, ବୁମରା ଫିଟ ହୋଇଯାଇଛନ୍ତି। କିନ୍ତୁ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି, ସେ ଆଇପିଏଲ ୨୦୨୫ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିବେ ନାହିଁ। ବୁମରାଙ୍କ ପ୍ରତ୍ୟାବର୍ତ୍ତନ ଉପରେ ଏବେ ବି ସନ୍ଦେହ ରହିଛି। ଟାଇମ୍ସ ଅଫ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ବୁମରାଙ୍କୁ ତାଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ଆହୁରି ଅପେକ୍ଷା କରିବାକୁ ପଡିବ। ସେ ବିସିସିଆଇ ସେଣ୍ଟର ଅଫ ଏକ୍ସଲେନ୍ସରେ ଅଛନ୍ତି ଏବଂ ତାଙ୍କ ଫିଟନେସ ଉପରେ କାମ କରୁଛନ୍ତି। ବୁମରା କ୍ଲିନିକାଲ ଫିଟ ଅଛନ୍ତି। କିନ୍ତୁ ୱାର୍କଲୋଡ ମ୍ୟାନେଜମେଣ୍ଟକୁ ମନେ ରଖି, ସେ ଏବେ ପଡ଼ିଆକୁ ଓହ୍ଲାଇ ପାରିବେ ନାହିଁ। ଅଷ୍ଟ୍ରେଲିଆ ବିପକ୍ଷ ସିଡନୀ ଟେଷ୍ଟ ସମୟରେ ବୁମରାଙ୍କ ପିଠି ସମସ୍ୟା ହୋଇଥିଲା। ତାଙ୍କର ପିଠିର ତଳ ଭାଗରେ ଯନ୍ତ୍ରଣା ହେଉଥିଲା। ଆଇପିଏଲ୍ ୨୦୨୫ର ପ୍ରଥମ ମ୍ୟାଚ ୨୨ମାର୍ଚ୍ଚରେ ଖେଳାଯାଇଥିଲା। ମୁମ୍ବାଇ ତା'ର ପ୍ରଥମ ମ୍ୟାଚ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ଖେଳିଥିଲା। ଏହି ମ୍ୟାଚରେ ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡିଥିଲା। ବୁମରାଙ୍କ ବିଷୟରେ କହିବାକୁ ଗଲେ, ସେ ଏପର୍ଯ୍ୟନ୍ତ ଆଇପିଏଲରେ ଖେଳିପାରିନାହାଁନ୍ତି। ରିପୋର୍ଟ ଅନୁସାରେ, ବିସିସିଆଇର ଡାକ୍ତରୀ ଦଳ ବୁମରାଙ୍କୁ ଅଧିକ ସମୟ ଦେବାକୁ ଚାହୁଁଛି। ସେମାନେ ତାଙ୍କର ପୁଣି ଆହତ ହେବାର ଆଶଙ୍କାକୁ କମ କରିବାକୁ ଚାହୁଁଛନ୍ତି। ତେଣୁ ଏବେ ସେ ଫେରିବା ସମ୍ଭବ ନୁହେଁ। ସେହିପରି ଆକାଶଦୀପଙ୍କ ଖେଳିବାରେ ଆହୁରି ବିଳମ୍ବ ହେବ ବୋଲି ଜଣାପଡିଛି । ଆକାଶଦୀପ ଏପ୍ରିଲ ୧୦ ସୁଦ୍ଧା ଦଳ ସହିତ ଯୋଗଦେବେ ବୋଲି ଅନୁମାନ କରାଯାଉଥିଲେ ମଧ୍ୟ ଏବେ ଏଥିରେ ଡେରି ହେବ ବୋଲି ଅନୁମାନ କରାଯାଉଛି।

## ଲକ୍ଷ୍ମୌ ସୁପର ଜାଏଣ୍ଟ୍‌ସର ପରାଜୟ ପରେ ଜାହିରଙ୍କ ପ୍ରତିକ୍ରିୟା



ନୂଆଦିଲ୍ଲୀ: ପଞ୍ଜାବ କିଙ୍ଗ୍ସ ଚଳିତ ଆଇପିଏଲ୍‌ର ତ୍ରୟୋଦଶ ମ୍ୟାଚ୍‌ରେ ଲକ୍ଷ୍ମୌ ସୁପର ଜାଏଣ୍ଟ୍‌ସକୁ ଏକତରଫା ଭାବେ ୮ ୱିକେଟ୍‌ରେ ପରାସ୍ତ କରିଥିଲା । ତା' ସହିତ ତୃତୀୟ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ହାସଲ କରି ପଏଣ୍ଟ ତାଲିକାର ପଞ୍ଚମରୁ ଦ୍ୱିତୀୟକୁ ଉଠିଥିଲା ପଞ୍ଜାବ। ଅନ୍ୟପକ୍ଷରେ ତୃତୀୟ ମ୍ୟାଚ୍‌ରୁ ଦ୍ୱିତୀୟ ପରାଜୟ ବରଣ କରି ଲକ୍ଷ୍ମୌ ସୁପର ଜାଏଣ୍ଟସ୍ ତୃତୀୟରୁ ଷଷ୍ଠ ସ୍ଥାନକୁ ଖସିଥିଲା। ମଙ୍ଗଳବାର ଲକ୍ଷ୍ମୌ ୧୭୨ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଯାହାକୁ ପଞ୍ଜାବ ୨୨ ବଲ୍ ପୂର୍ବରୁ ମାତ୍ର ୨ ୱିକେଟ୍ ହରାଇ ହାସଲ କରି ନେଇଥିଲା। ପ୍ରଭସିମରନ୍ ଓ ଶ୍ରେୟସଙ୍କ ଛଡ଼ା ନେହଲ ୱାଧେରା ୨୫ ବଲ୍‌ରୁ ୪୩ ରନ୍‌ର ଦର୍ଶନୀୟ ପାଳି ଖେଳିଥିଲେ। ଅଧିନାୟକ ଶ୍ରେୟସ୍ ଓ ସେ ଅବିଭାଜିତ ତୃତୀୟ ୱିକେଟ୍‌ରେ ୬୭ ରନ୍ ଯୋଡ଼ି ପଞ୍ଜାବକୁ ସହଜ ବିଜୟ ଉପହାର ଦେଇଥିଲେ। ତେବେ ଏହି ମ୍ୟାଚ୍ ଲକ୍ଷ୍ମୌର ଇକାନା ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିଲା, ଯାହା ଏଲଏସଜି ଦଳର ହୋମଗ୍ରାଉଣ୍ଡ। ତେବେ ଲକ୍ଷ୍ମୌ ଦଳର ମେଣ୍ଟର ଜାହିର ଖାନ ପରାଜୟ ପରେ ଅଜବ କଥା କହିଛନ୍ତି। ସେ ତାଙ୍କ ଘରୋଇ ଗ୍ରାଉଣ୍ଡର ପିଚ୍ ସହିତ ଖୁସି ନାହାଁନ୍ତି, ସେ ମ୍ୟାଚ୍ ପରେ ଏ ବିଷୟରେ ଏକ ବଡ଼ ବୟାନ ଦେଇଛନ୍ତି। ମ୍ୟାଚ୍ ପରେ ଜାହିର ଖାନ କହିଥିଲେ ଯେ ଘରୋଇ ଗ୍ରାଉଣ୍ଡରେ ମ୍ୟାଚ୍ ଜିତିବା ମଧ୍ୟ ନିରାଶାଜନକ। ଆଇପିଏଲରେ ଦେଖାଯାଇଛି ଯେ ଦଳଗୁଡ଼ିକ କିପରି ନିଜ ଘରୋଇ ଗ୍ରାଉଣ୍ଡରେ କିଛି ଫାଇଦା ନେବାକୁ ଚେଷ୍ଟା କରନ୍ତି। କିନ୍ତୁ ଏଠାକାର ପିଚ୍ କ୍ୟୁରେଟର (ଇକାନା ଷ୍ଟାଡିୟମ୍) ଏପରି ଚିନ୍ତା କରୁନଥିଲେ। ଏପରି ଲାଗୁଥିଲା ଯେପରି ପିଚ୍ କ୍ୟୁରେଟର ପଞ୍ଜାବର। ନିଶ୍ଚିତ ଭାବରେ, ଏହା କହିବା ପରେ ଜାହିର ଖାନ ଟିକେ ହସିଥିଲେ କିନ୍ତୁ ଏହା ତାଙ୍କର କ୍ରୋଧ ମଧ୍ୟ ପ୍ରକାଶ କରିଥିଲା। ଜାହିର ଖାନ ଆହୁରି କହିଛନ୍ତି ଯେ ଏହା ଏପରି କିଛି ଯାହାକୁ ଆମେ ବୁଝିବୁ। ଏହା ମୋ ପାଇଁ ମଧ୍ୟ ଏକ ନୂତନ ସେଟଅପ୍। ମୁଁ ଭାବୁଛି ଏହା ପ୍ରଥମ ଏବଂ ଶେଷ ମ୍ୟାଚ୍ ହେବ, କାରଣ ଏହା ସହିତ ତୁମେ ଲକ୍ଷ୍ମୌର ପ୍ରଶଂସକମାନଙ୍କୁ ମଧ୍ୟ ନିରାଶ କରୁଛ। ସେମାନେ ଘରୋଇ ମ୍ୟାଚ୍ ଜିତିବାର ଆଶା ନେଇ ଏଠାକୁ ଆସିଛନ୍ତି। ଆମେ ଏହି ପରାଜୟକୁ ଗ୍ରହଣ କରୁଛୁ। ତଥାପି, ଜାହିର କହିଛନ୍ତି ଯେ ତାଙ୍କର ଧ୍ୟାନ ମ୍ୟାଚ୍‌ର ଫଳାଫଳ ଉପରେ ନୁହେଁ, ପ୍ରକ୍ରିୟା ଉପରେ ରହିବ।

## ରାଜସ୍ଥାନ ରୟାଲସ ପାଇଁ ୱିକେଟ କିପିଂ କରିବେ ସଞ୍ଜୁ ସାମସନ



ନୂଆଦିଲ୍ଲୀ: ଆଇପିଏଲ ୨୦୨୫ ମଧ୍ୟରେ ରାଜସ୍ଥାନ ରୟାଲ୍ସ ପାଇଁ ବହୁତ ଭଲ ଖବର ଆସିଛି। ଦଳର ନିୟମିତ ଅଧିନାୟକ ସଞ୍ଜୁ ସାମସନଙ୍କୁ ୱିକେଟକିପିଂ ପାଇଁ କ୍ଲିନ୍ ଚିଟ୍ ମିଳିଛି। ଆଙ୍ଗୁଠିରେ ଆଘାତ ଯୋଗୁଁ ଏପର୍ଯ୍ୟନ୍ତ ସାମସନ ଆଇପିଏଲ ମ୍ୟାଚ୍‌ରେ ୱିକେଟକିପିଂ କରିପାରି ନଥିଲେ। ଏହି କାରଣରୁ, ସେ ଜଣେ ଇମ୍ପାକ୍ଟ ଖେଳାଳି ଭାବରେ ବ୍ୟାଟିଂ କରୁଥିଲେ। କିନ୍ତୁ ଏବେ ବେଙ୍ଗାଲୁରୁ ସ୍ଥିତ ସେଣ୍ଟର ଅଫ୍ ଏକ୍ସେଲେନ୍ସ ସାମସନଙ୍କୁ ସମ୍ପୂର୍ଣ୍ଣ ଫିଟ୍ ଘୋଷଣା କରିଛି। ଏକ ରିପୋର୍ଟ ଅନୁଯାୟୀ, ବିସିସିଆଇର ଏକ ସୂତ୍ର କହିଛି ଯେ ସଞ୍ଜୁ ସାମସନଙ୍କ ଫିଟନେସ୍ ରିପୋର୍ଟ ପଜିଟିଭ୍ ଆସିଛି ଏବଂ ତାଙ୍କୁ ୱିକେଟକିପିଂ ପାଇଁ କ୍ଲିନ୍ ଚିଟ୍ ମଧ୍ୟ ମିଳିଛି। ଏହାର ଅର୍ଥ ହେଉଛି ସାମସନ ୫ ଏପ୍ରିଲରେ ପଞ୍ଜାବ କିଙ୍ଗସ୍ ବିପକ୍ଷରେ ରାଜସ୍ଥାନ ପାଇଁ ଅଧିନାୟକ ଭାବରେ ଖେଳିବେ।

**ଟିମ ଇଣ୍ଡିଆର କାର୍ଯ୍ୟସୂଚୀ ଘୋଷିତ**

# ବାରବାଟୀରେ ଖେଳାଯିବ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍



ନୂଆଦିଲ୍ଲୀ: ଓଡ଼ିଶାର କ୍ରିକେଟ୍ ପ୍ରେମୀଙ୍କ ପାଇଁ ଖୁସି ଖବର। ବାରବାଟୀ ଷ୍ଟାଡିୟମରେ ଖୁବଶୀଘ୍ର ଟି-୨୦ ମ୍ୟାଚ୍ ଦେଖିବାର ସୁଯୋଗ ମିଳିବ। କଟକ ସ୍ଥିତ ବାରବାଟୀ ଷ୍ଟାଡିୟମରେ ଡିସେମ୍ବର ୯ରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ସିରିଜର ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହେବ। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ବୁଧବାର ଏହି କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ୱେଷ୍ଟଇଣ୍ଡିଜ ଓ ଦକ୍ଷିଣ ଆଫ୍ରିକା ଟିମ ଭାରତ ଗସ୍ତରେ ଆସିବେ । କଟକ ବାରବାଟୀରେ ଦକ୍ଷିଣ ଆଫ୍ରିକା ଟିମ ଭାରତ ବିପକ୍ଷରେ ଟି୨୦ ମ୍ୟାଚ ଖେଳିବ। ଡିସେମ୍ବର ୯ରେ ଏହି ମ୍ୟାଚ ଆୟୋଜିତ ହେବ । ଯାହାକୁ ନେଇ ପ୍ରଶଂସକମାନେ ଉତ୍ସାହିତ ଅଛନ୍ତି । ସେହିପରି ଗୌହାଟୀରେ ପ୍ରଥମ ଥର ପାଇଁ ଟେଷ୍ଟ ମ୍ୟାଚ ଖେଳାଯିବ । ୱେଷ୍ଟଇଣ୍ଡିଜ ଟିମ ପ୍ରଥମେ ଏହି ଗସ୍ତରେ ଆସି ୨ଟି ଟେଷ୍ଟ ମ୍ୟାଚ ଖେଳିବ । ଅକ୍ଟୋବର ୨ରୁ ଅହମ୍ମଦାବାଦରେ ପ୍ରଥମ ଟେଷ୍ଟ ଏବଂ ୧୦ରୁ କୋଲକାତା ଦ୍ୱିତୀୟ ଟେଷ୍ଟ ଖେଳାଯିବ।। ଏହି ସିରିଜ ପରେ ଦକ୍ଷିଣ ଆଫ୍ରିକା ଭାରତ ଆସିବ। ଭ୍ରମଣକାରୀ ଦଳ ୩ଟି ଯାକ ଫର୍ମାଟରେ ଏଠାରେ ମ୍ୟାଚ ଖେଳିବ । ଏହି ଗସ୍ତର ଆରମ୍ଭରେ ଦକ୍ଷିଣ ଆଫ୍ରିକା ୨ଟି ଟେଷ୍ଟ ଖେଳିବ । ନଭେମ୍ବର ୧୪ରୁ ନୂଆଦିଲ୍ଲୀରେ ଏବଂ ୨୨ରୁ ଗୌହାଟୀରେ ଏହି ମ୍ୟାଚ ଖେଳାଯିବ । ଏହା ପରେ ନଭେମ୍ବର ୩୦ରେ ପ୍ରଥମ ଦିନିକିଆ ରାଂଚୀରେ ଖେଳାଯିବ । ସିରିଜର ବାକି ୨ଟି ମ୍ୟାଚ ଯଥାକ୍ରମେ ଡିସେମ୍ବର ୩ ଓ ୬ରେ ରାୟପୁର ଏବଂ ବିଶାଖପାଟନମରେ ଆୟୋଜିତ ହେବ । ଦିନିକିଆ ସିରିଜ ପରେ ଉଭୟ ଟିମ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳାଯିବ । ପ୍ରଥମ ଟି୨୦ କଟକରେ ଡିସେମ୍ବର ୯ରେ ଖେଳାଯିବ । ଏହା ପରେ ବାକି ୪ଟି ମ୍ୟାଚ ୧୧, ୧୪, ୧୭ ଓ ୧୯ ଡିସେମ୍ବରରେ ଯଥାକ୍ରମେ ଚଣ୍ଡୀଗଡ, ଧର୍ମଶାଳା, ଲକ୍ଷ୍ମୌ ଓ ଅହମ୍ମଦାବାଦରେ ଆୟୋଜିତ ହେବ ।

## ମୁମ୍ବାଇ ଦଳ ଛାଡ଼ିବେ ଜୟସ୍ୱାଲ



ନୂଆଦିଲ୍ଲୀ: ମୁମ୍ବାଇ ଦଳର ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ମଙ୍ଗଳବାର ମୁମ୍ବାଇ କ୍ରିକେଟ ଆସୋସିଏସନକୁ ଏକ ମେଲ ଲେଖିଥିଲେ। ଇଣ୍ଡିଆନ ଏକ୍ସପ୍ରେସର ରିପୋର୍ଟ ଅନୁଯାୟୀ, ଯଶସ୍ୱୀ ଜୟସ୍ୱାଲ ଖୁବ ଶୀଘ୍ର ମୁମ୍ବାଇ ଦଳ ଛାଡି ଗୋଆ ଦଳରେ ଯୋଗ ଦେବାକୁ ଯାଉଛନ୍ତି। ଏହି ଖବରରେ କ୍ରିକେଟ ପ୍ରେମୀମାନେ ବହୁତ ଆଶ୍ଚର୍ଯ୍ୟ ହୋଇଛନ୍ତି। ୨୩ ବର୍ଷୀୟ ଯଶସ୍ୱୀ ମୁମ୍ବାଇ ଦଳ ପାଇଁ ଖେଳି ଭାରତୀୟ କ୍ରିକେଟ ଦଳରେ ନିଜର ସ୍ଥାନ ସୃଷ୍ଟି କରିଥିଲେ। ଏବେ ହୁଏତ ସେ ପରବର୍ତ୍ତୀ ସିଜିନରେ ଗୋଆର ଅଧିନାୟକ ହୋଇପାରନ୍ତି। ଅଧିନାୟକତ୍ୱ ଯୋଗୁଁ ଯଶସ୍ୱୀ ଏହି ନିଷ୍ପତ୍ତି ନେଇଥିବା ବିଶ୍ୱାସ କରାଯାଉଛି। ପ୍ରକୃତରେ, ଏକ ଏମ୍‌ସିଏ୍ ସୂତ୍ର କହିଛି ଯେ ଯଶସ୍ୱୀ ମୁମ୍ବାଇ କ୍ରିକେଟ ଆସୋସିଏସନରୁ ନୋ-ଅବଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ପାଇଁ ଆବେଦନ କରିଛନ୍ତି ଏବଂ ଗୋଆ ସ୍ଥାନାନ୍ତର କରିବାର କାରଣ ବ୍ୟକ୍ତିଗତ ବୋଲି କହିଛନ୍ତି। ଏହା ୨୩ ବର୍ଷୀୟ ଯଶସ୍ୱୀଙ୍କ ପାଇଁ ଏକ ବଡ଼ ପଦକ୍ଷେପ। ବିଶେଷକରି ଗୋଆ ଦଳ ନକଆଉଟ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଯଶସ୍ୱୀ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ଏବଂ ଘରୋଇ କ୍ରିକେଟରେ ଗୋଆ ଦଳ ପାଇଁ ଖେଳୁଥିବା ସିଦ୍ଧେଶ ଲାଡଙ୍କ ପଦାଙ୍କ ଅନୁସରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିଶ୍ୱାସ କରାଯାଉଛି ଯେ ଯଶସ୍ୱୀଙ୍କ ଏହି ପଦକ୍ଷେପ ତାଙ୍କୁ ଘରୋଇ କ୍ରିକେଟରେ ନିଜର ପ୍ରତିଭାକୁ ଆହୁରି ବଢାଇବା ପାଇଁ ସୁଯୋଗ ଦେଇପାରେ।

## ମହାବୀର ଦେବ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ : ବାବା ସ୍ପୋର୍ଟିଂ ବିଜୟୀ



ବୋଲଗଡ଼ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ୧୩ ଟି ଗ୍ରାମ ଅଧିବାସୀଙ୍କ ମିଳିତ ସହଯୋଗରେ ନାରାୟଣୀପଡ଼ା ସ୍କୁଲ ପଡିଆରେ ଅନୁଷ୍ଠିତ ମହାବୀର ଦେବ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣମେଣ୍ଟ ର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ସରଧାପୁରର ଡାଇମଣ୍ଡ କ୍ଲବକୁ ୨-୧ ଗୋଲ ବ୍ୟବଧାନରେ ହରାଇ ଜଟଣୀ ପୋଡପାଟଣାର ବାବା ସ୍ପୋର୍ଟିଂ ପରବର୍ତ୍ତୀ ରାଉଣ୍ଡ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଖେଳ ପ୍ରଥମାର୍ଦ୍ଧ‌ର ୭ମ ଓ ୧୭ ତମ ମିନିଟରେ ବାବା ସ୍ପୋର୍ଟିଂ ଦୁଇଟି ଗୋଲ ସ୍କୋର କରି ଅଗ୍ରଣୀ ରହିଥିଲା ବେଳେ ଦ୍ୱିତୀୟାର୍ଦ୍ଧ ୩୦ତମ ମିନିଟରେ ଡ଼ାଇମଣ୍ଡ କ୍ଲବ୍ ଗୋଟିଏ ଗୋଲ ସୁଝାଇ ଥିଲା ।ଏହି ମ୍ୟାଚଟିକୁ ରେଫରୀ ଭାବେ ଚିତ୍ତରଞ୍ଜନ ପରିଡ଼ା, ଶରତଚନ୍ଦ୍ର ଛୋଟରାୟ ଓ ଏମ ଏସ ବେଗ ପରିଚାଳନା କରିଥିବା ବେଳେ ମ୍ୟାଚ କମିଶନର ଭାବେ ବୈକୁଣ୍ଠ ମହାପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ ।ଅତିଥି ଭାବେ ବୋଲଗଡ଼ ବିଡ଼ିଓ ଶରତ ମଲ୍ଲିକ,ଧଳାପଥର ସମିତି ସଭ୍ୟ ବିଜୟ କୁମାର ସୁବୁଦ୍ଧି ଓ ସ୍ଥାନୀୟ ସରପଞ୍ଚ ପ୍ରଦୀପ ବାରିକ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚରେ କୁହୁଡ଼ିର ମହାବୀର ସ୍ପୋର୍ଟିଂ ଓ ଠଣାପଲ୍ଲୀ ର ସେଭେନ -୨ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଭାସ୍କର ଚୌଧୁରୀ ସୂଚନା ପ୍ରଦାନ କରିଛନ୍ତି।

# ଅଲ୍ ଇଣ୍ଡିଆ ରେଲୱେ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ୍



କୋଲକାତା: ୫୩ତମ ଅଲ୍ ଇଣ୍ଡିଆ ରେଲୱେ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ୍ ୨୮ ମାର୍ଚ୍ଚରୁ ୩୦ ମାର୍ଚ୍ଚ ପର୍ଯ୍ୟନ୍ତ ଗାର୍ଡେନ୍ ରିଚ୍ ଠାରେ ରେଳବାଇ କ୍ରୀଡା ପ୍ରମୋସନ୍ ବୋର୍ଡର ତତ୍ତ୍ୱାବଧାନରେ ବିଏନ୍‌ଆର୍ ଇଣ୍ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରଶିକ୍ଷକ ଏବଂ ପରିଚାଳକଙ୍କ ସମେତ ମୋଟ ୬୩ ଜଣ ଅଂଶଗ୍ରହଣକାରୀ ଏବଂ ରେଳବାଇ ବୋର୍ଡର ସଦସ୍ୟଙ୍କ ସମେତ ୪୦ ଜଣ ବୈଷୟିକ ଅଧିକାରୀ ଉପସ୍ଥିତ ଥିଲେ। ଏହି ଚାମ୍ପିଅନସିପରେ ସାତଟି ଜୋନାଲ ରେଲୱେ ଅଂଶଗ୍ରହଣ କରିଥିଲେ। ଉଦଘାଟନୀ ଦିନ SERSA/PCPO, SER ର ଉପାଧ୍ୟକ୍ଷ ମହୁଆ ବର୍ମା ଗାର୍ଡେନ୍ ରିଚ୍ ଠାରେ ସମସ୍ତ ଜୋନାଲ ରେଲୱେ ଦଳକୁ ସ୍ୱାଗତ କରିଥିଲେ। ତାଙ୍କ ଭାଷଣରେ, ସେ ମାନସିକ ଏବଂ ଶାରୀରିକ ଦକ୍ଷତା ବିକାଶ ପାଇଁ କ୍ରୀଡାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଅନିଲ କୁମାର ମିଶ୍ର ଏହି ଅବସରରେ ବକ୍ତବ୍ୟ ରଖି ସମାଜ ପ୍ରତି କ୍ରୀଡାର ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ପ୍ରତିଯୋଗିତାକୁ ଖୋଲା ଘୋଷଣା କରିଥିଲେ ଏବଂ ପ୍ରତିଯୋଗୀମାନଙ୍କୁ ଖେଳର ସର୍ବୋତ୍ତମ ଭାବନାରେ ଖେଳ ଖେଳିବାକୁ ଆମନ୍ତ୍ରଣ କରିଥିଲେ। ଏହା ପରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପ୍ରତିନିଧିତ୍ୱ କରୁଥିବା ଜୋନାଲ ରେଳବାଇର ସଦସ୍ୟମାନଙ୍କ ସହିତ ପରିଚୟ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଉଖଡର ପ୍ରଣତି ନାୟକ ବିଚାରକମାନଙ୍କ ଉପରେ ଏକ ସୁବର୍ଣ୍ଣ ଛାପ ଛାଡିଥିଲେ। ପୁରୁଷ ବିଭାଗରେ, ଉତ୍ତର କେନ୍ଦ୍ରୀୟ ରେଳବାଇର ଆଶିଷ କୁମାର, ଦକ୍ଷିଣ ପୂର୍ବ ରେଳବାଇର ଉଜ୍ଜ୍ୱଳ ସି ନାଇଡୁ ଏବଂ ସତ୍ୟଜିତ ମଣ୍ଡଳଙ୍କ ପରି ଅନ୍ତର୍ଜାତୀୟ ଖେଳାଳିମାନେ ଅସାଧାରଣ ଭାବରେ ଭଲ ପ୍ରଦର୍ଶନ କରିଛନ୍ତି। ଦକ୍ଷିଣ ପୂର୍ବ ରେଳବାଇ ଅସାଧାରଣ ଦୃଢ଼ତା ଏବଂ ସ୍ଥିରତା ପ୍ରଦର୍ଶନ କରି ପୁରୁଷ ବର୍ଗରେ ପ୍ରତିଯୋଗିତାର ଦଳ ଚାମ୍ପିଅନ ହୋଇଥିଲା ଏବଂ ତା'ପରେ ଉତ୍ତର ରେଳବାଇ ଏବଂ ଉତ୍ତର କେନ୍ଦ୍ରୀୟ ରେଳବାଇ ସ୍ଥାନ ପାଇଥିଲା। କାର୍ଯ୍ୟକ୍ରମ ୩୦ ମାର୍ଚ୍ଚ, ୨୦୨୫ ରେ ପୁରସ୍କାର ବଣ୍ଟନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଶେଷ ହୋଇଥିଲା। ସମାପନା କାର୍ଯ୍ୟକ୍ରମରେ ଦକ୍ଷିଣ ପୂର୍ବ ରେଳବାଇର ଇଏଗ ଶ୍ରୀ ସୌମିତ୍ର ମଜୁମଦାର ଉପସ୍ଥିତ ଦର୍ଶକଙ୍କ ସହ କଥାବାର୍ତ୍ତା କରି ଦୈନନ୍ଦିନ ଜୀବନରେ କ୍ରୀଡାର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ ପ୍ରତିଯୋଗିତା ତୀବ୍ର ହେବା ଉଚିତ, କିନ୍ତୁ ସୁସ୍ଥ ପରିବେଶ ଏବଂ ପ୍ରକୃତ କ୍ରୀଡାବିତ ମନୋଭାବରେ। ସେ ସଫଳତାର ସହ ଟୁର୍ଣ୍ଣାମେଣ୍ଟ ସମାପ୍ତ କରିବା ପାଇଁ ସମସ୍ତ ପରିଦର୍ଶନକାରୀ ରେଳବାଇ ସଦସ୍ୟଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଥିଲେ।

## ପୁଣି ଦଣ୍ଡିତ ହେଲେ ଖେଳାଳି



ନୂଆଦିଲ୍ଲୀ: ଆଇପିଏଲରେ ଖେଳାଳିମାନେ ଲଗାତାର ଜରିମାନା ଦେବାରେ ଲାଗିଛନ୍ତି। ଏପର୍ଯ୍ୟନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ରିୟାନ ପରାଗଙ୍କୁ ସ୍ଲୋ-ଓଭର ରେଟ୍ ଯୋଗୁଁ ୧୨ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡିଥିଲା। ଏବେ ଲକ୍ଷ୍ମୌ ସୁପରଜାଏଣ୍ଟସ୍ ଲେଗ୍-ସ୍ପିନ୍ ବୋଲର ଦିଗବେଶ ରାଠିଙ୍କୁ ତାଙ୍କ ମ୍ୟାଚ୍ ଫିର ୨୫ ପ୍ରତିଶତ ଜରିମାନା କରାଯାଇଛି। ଏହି ମାମଲା ୧ ଏପ୍ରିଲରେ ଖେଳାଯାଇଥିବା ଲକ୍ଷ୍ମୌ ସୁପରଜାଏଣ୍ଟ୍ସ ଏବଂ ପଞ୍ଜାବ କିଙ୍ଗସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ସହିତ ଜଡିତ। ବାସ୍ତବରେ ଦିଗବେଶ ରାଠି ପଞ୍ଜାବ କିଙ୍ଗସର ଓପନର ପ୍ରିୟାଂଶ ଆର୍ଯ୍ୟଙ୍କୁ ଆଉଟ କରିଥିଲେ। ପ୍ରିୟାଂଶଙ୍କୁ ଆଉଟ୍ କରିବା ପରେ, ଦିଗବେଶ ତାଙ୍କ ପାଖକୁ ଯାଇ ହାତ ଦେଖାଇଲେ ଯେପରି ଏହି ପଞ୍ଜାବ କିଙ୍ଗ୍ସ ବ୍ୟାଟସମ୍ୟାନ୍ ତାଙ୍କ ହିଟ୍ ଲିଷ୍ଟରେ ସାମିଲ ଥିଲେ। ପ୍ରିୟାଂଶ ଜବାବରେ କିଛି ନ କହି ପାଭିଲିୟନ ଫେରିଗଲେ, କିନ୍ତୁ ଦିଗବେଶ ରାଠିଙ୍କୁ ତାଙ୍କ କାର୍ଯ୍ୟ ପାଇଁ ବହୁତ ମୂଲ୍ୟ ଦେବାକୁ ପଡିଛି । ଏହି ପ୍ରକାରର ଅଶୋଭନୀୟ ଆଚରଣ ପାଇଁ ଦିଗବେଶ ରାଠିଙ୍କୁ ସୋସିଆଲ ମିଡିଆରେ ବହୁତ ଟ୍ରୋଲ କରାଯାଇଥିଲା।

**MANAPPURAM ASSET FINANCE LTD.** Regd. Office: Door No. III/105, Opp: Nattika Firka Co -Op Rural Bank, Valapad (P O)-680567 Thrissur Dt Kerala CIN : U65921KL1987PLC004810

ନିଲାମୀ ସୂଚନା

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନୀନ ନିଲାମ ନିମ୍ନଲିଖିତ ଶାଖାରେ ଏବଂ ଧାର୍ଯ୍ୟ ତାରିଖରେ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବକେୟାଦାର ଗ୍ରାହକ ମାନଙ୍କର ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜୀକୃତ ପତ୍ର ଜରିଆରେ ସୂଚିତ କରାଇବା ପରେ ମଧ୍ୟ ସେମାନେ ସେମାନଙ୍କର ଋଣରାଶି ପୈଠ କରିବାରେ ବିଫଳ ହୋଇଛନ୍ତି । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍‌ରେ (www.maafin.in) ପ୍ରଦର୍ଶିତ କରାଯିବ । ଧାର୍ଯ୍ୟ ତାରିଖରେ ନିଲାମ ନକରାଯାଇଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ଆଗାମୀ ଦିନ ମାନଙ୍କରେ ନିଲାମ କରାଯିବ, ଯାହାର ବିଶଦବିବରଣୀ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍‌ରେ ପ୍ରଦର୍ଶିତ କରାଯିବ।
ତାଲିକାଭୁକ୍ତ ସ୍ୱର୍ଣ୍ଣ ଋଣ ଗୁଡିକ ଆମର ନିମ୍ନଲିଖିତ ଶାଖାରେ 15.04.2025 ତାରିଖ ଦିନ ସକାଳ ୧୦ ଘଟିକା ଠାରୁ ନିଲାମ କରାଯିବ।

ବନମାଳିପୁର: 0433560700020562, 20642, ବେଗୁନିଆ :0433800700031589, 31590, 31903, 32083, ବ୍ରହ୍ମଗିରି:0433570700024871, 24898, 24912, 24923, 25016, 25026, 25056, ଚନ୍ଦପୁର: 0433350700126968, 26971, 27103, 27201, 27210, 27231, 27273, 27328, 27331, 27338, 27368, 27369, ଚନ୍ଦ୍ରଶେଖରପୁରଭୁବନେଶ୍ୱର:0431590700066803, 66809, 66814, 66821, 66859, 66868, 66880, 66891, 66913, 66933, 66935, 66973, 66980, 67019, ERASAMA: 0433370700071551, 71554, 71555, 71562, 71569, 71582, 71585, 71603, 71604, 71622, 71623, 71639, 71654, 71655, 71660, 71666, 71689, 71699, 71700, 71711, ଗ୍ରାଣ୍ଡରୋଡ୍‌ପୁରୀ0432000700122680, 22689, 22713, 22749, 22769, କଳାପଥର: 0433820700017131, 17132, 17133, 17142, 17173, 17195, 17254, 17255, 17329, 17343, 17485, 17555, 17591,ଖୋର୍ଦ୍ଧା: 0433050700108498, 8583, 8594, 8654, 8668, 8691, କୁଜାଙ୍ଗ:0433030700089801, 89819, 89873, 89887, 89888, 89889, 89910, 89954, 90043, 90044, 90045, ମାଧୁ ପାଟନା କଟକ0431580700063962, 63963, 63989, 64008, 64038, 64108, 64117, 64127, ମାର୍ଶାଘାଇ:0433680700010453, ନାଚୁନି : 0433810700043878, 43896, 44463, ନିଶ୍ଚିନ୍ତକୋଇଲି: 0433360700020609, 20617, 20627, 20651, 20782, 20793, 20815, ଫୁଲନଖରାକଟକ: 0431800700065412, 65444, 65459, 65460, 65464, 65476, 65496, 65538, 65566, 65575, 65576, 65583, 65604, ରଘୁନାଥପୁର : 0433130700035613, 35674, 35727, 35728, 35761, ରହାମା:0433040700073787, 73822, 73825, 73875, 73876, 73879, 73898, 73947, 73991, 74005, 74027, 74047, 74215, 74219, 74220, 74224, ରଣପୁର: 0433150700095469, 95485, 95555, 95584, 95646, ସଖୀଗୋପାଳପୁରୀ: 0431900700128513, 28539, 28572, 28632, 28652, 28669, ସାମନ୍ତରାପୁର ଭୁବନେଶ୍ୱର : 0431600700071689, 71753

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :- ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/- ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 18005729787 ନମ୍ବରକୁ ଯୋଗାଯୋଗ କରନ୍ତୁ ।
ମାନାପୁରମ୍ ଆସେଟ୍ ଫାଇନାନ୍ସ ଲିମିଟେଡ୍‌ର
କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା





ଆଜିକାଲି ସବୁ ରୋଗର କାରଣ ପାଲଟିଛି ଅନିୟମିତ ଜୀବନଶୈଳୀ। ବ୍ୟସ୍ତବହୁଳ ଜୀବନରେ ଖାଦ୍ୟରେ ଅନିୟମିତତା ଯୋଗୁ କେତେକଙ୍କଠାରେ ସୃଷ୍ଟି ହୋଇଥାଏ ଉଚ୍ଚରକ୍ତଚାପ । ଉଚ୍ଚ ରକ୍ତଚାପ ଦେଖାଯିବାର ଅନେକ କାରଣ ରହିଛି । କାମଚାପ, ମାନସିକ ଚିନ୍ତା, ଅଧିକ ଲୁଣ ଖାଇବା, ଆଲକୋହଲ ସେବନ, ମେଦବହୁଳତା ଆଦି ଯୋଗୁ କେତେକଙ୍କଠାରେ ଉଚ୍ଚ ରକ୍ତଚାପ ଦେଖାଯାଇଥାଏ। ଏହାଯୋଗୁ ରକ୍ତବାହୀ ଧମନୀ ଗୁଡିକ ଉପରେ ଚାପ ପଡ଼େ। ଫଳରେ ହାର୍ଟ ଆଟାକ ଓ ବ୍ରେନ ଷ୍ଟ୍ରୋକର ଆଶଙ୍କା ବଢିଯାଇଥାଏ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ପ୍ରତିଦିନ କଦଳୀ ଖାଇଲେ ସୁଫଳ ମିଳିଥାଏ ବୋଲି ଗବେଷକମାନେ କହିଛନ୍ତି। ଏହାଦ୍ୱାରା ରକ୍ତଚାପ ସ୍ୱାଭାବିକ ଅବସ୍ଥାକୁ ଆସିଥାଏ ବୋଲି ଚିକିତ୍ସକ ପରାମର୍ଶ ଦେଇଥାନ୍ତି। କଦଳୀରେ ଥିବା ପୋଟାସିୟମ ଶରୀରରେ ଥିବା ତରଳ ପଦାର୍ଥ ମଧ୍ୟରେ ସମନ୍ୱୟ ରଖିଥାଏ। ଫଳରେ ରକ୍ତଚାପ ସ୍ୱାଭାବିକ ରୁହେ। ସେହିପରି କଦଳୀ ଖାଇଲେ ରକ୍ତ ଶର୍କରାସ୍ତର ନିୟନ୍ତ୍ରିତ ହୋଇଥାଏ। ଫଳରେ ଡାଇବେଟିସ ହେବାର ଆଶଙ୍କା କମ ହୁଏ। କଦଳୀ ହାର୍ଟଆଟାକ କ୍ଷେତ୍ରରେ ମହୌଷଧୀ ଭଳି କାମ କରିଥାଏ। ଏହା କୋଲେଷ୍ଟରଲସ୍ତରକୁ ସ୍ୱାଭାବିକ କରିଥାଏ।

## ଅସ୍ତ୍ରୋପଚାର ପରେ ଶିକ୍ଷକଙ୍କ ଶରୀରରୁ ବାହାରିଲା ଗଛ

ପିଲାଦିନେ, ଆପଣ ଆପଣଙ୍କ ପରିବାରର ସଦସ୍ୟଙ୍କ ଠାରୁ ଏପରି ଅନେକ କଥା ଶୁଣିଥିବେ ଯେ, ମଞ୍ଜି ଗିଳିଦେଲେ ପେଟରେ ଗଛ ଉଠିବ। କିନ୍ତୁ ଏହା ସତ ନୁହେଁ ବୋଲି ଆପଣ ଜାଣିଥିବେ। କିନ୍ତୁ ଏପରି କ'ଣ ହୋଇପାରେ କି ? ଏପରି ହେବାର କିଛି ସମ୍ଭାବନା ଅଛି କି ? ତେବେ ଆସନ୍ତୁ ଜାଣିବା ମଣିଷ ପେଟରେ ଗଛ ବଢ଼ିପାରିବ ନା ନାହିଁ। ମଞ୍ଜିର ଅଙ୍କୁରୀକରଣ ପାଇଁ ଆବଶ୍ୟକୀୟ ପରିସ୍ଥିତି ଯେପରିକି ଆଲୋକ,



ଅମ୍ଳଜାନ ଏବଂ ପୋଷକ ତତ୍ତ୍ୱ ପେଟରେ ଉପଲବ୍ଧ ନାହିଁ। ପେଟ ଏସିଡ ମଧ୍ୟ ଅଙ୍କୁର ବୃଦ୍ଧିକୁ ବାଧା ଦିଏ। ମାନବ ଶରୀରର ଏକ ପାଚନ ପ୍ରଣାଳୀ ଅଛି ଯାହା ଖାଦ୍ୟକୁ ଭାଙ୍ଗି ଶୋଷଣ କରେ, ଯାହା ଫଳରେ ମଞ୍ଜି ପେଟରେ ନଷ୍ଟ ହୋଇଯାଏ । ଗଛ ବଢ଼ିପାରେ ନାହିଁ। ମଞ୍ଜି ଗଜା ହେବା ପାଇଁ ସମୟ ଆବଶ୍ୟକ କରେ, କିନ୍ତୁ ମଣିଷ ଶରୀରରେ ଖାଦ୍ୟ ମାତ୍ର କିଛି ଘଣ୍ଟା ମଧ୍ୟରେ ହଜମ ହୋଇଯାଏ। ତଥାପି, ଚିକିତ୍ସା ଇତିହାସରେ, ଏପରି ଏକ ମାମଲା ଘଟିଛି ଯେଉଁଠାରେ ମଞ୍ଜି ପେଟରେ ଗଜା ହୋଇନଥିଲା ବରଂ ଫୁସଫୁସରେ ପ୍ରବେଶ କରିଥିଲା। ଏହି ଘଟଣାଟି ଆମେରିକାର ମାସାଚୁସେଟ୍ସରୁ ସାମ୍ନାକୁ ଆସିଛି। ଏହି ସମୟରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଶ୍ୱାସ ନେବାରେ କଷ୍ଟ ହେଉଥିଲା। ଯେତେବେଳେ ସେ ଡାକ୍ତରଙ୍କ ପାଖକୁ ଗଲେ ଏବଂ ତାଙ୍କ ଫୁସଫୁସ ସ୍କାନ କରାଗଲା, ଡାକ୍ତରମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲେ। ତଦନ୍ତରୁ ଜଣାପଡିଲା ଯେ ତାଙ୍କ ପେଟରେ ଏକ ମଟର ଗଛ ବଢ଼ିଥିଲା। ଡାକ୍ତର ଏହାକୁ ଅସ୍ତ୍ରୋପଚାର ମାଧ୍ୟମରେ ବାହାର କରିଥିଲେ।

## ମନ୍ନତର ନବୀକରଣ ପାଇଁ ଆପାର୍ଟମେଣ୍ଟ ବିକିଲେ ଗୌରୀ

ବଲିଉଡ୍‌ର ଷ୍ଟାର୍‌ଦମ୍ପତି ଶାହରୁଖ ଖାନ ଏବଂ ଗୌରୀ ଖାନ। ସେମାନଙ୍କ ଘର ମନ୍ନତକୁ ନବୀକରଣ କରୁଛନ୍ତି। ଗୌରୀ ଏହି ଘରକୁ ଅଧିକ ବିଳାସପୂର୍ଣ୍ଣ କରିବାକୁ ଯାଉଛନ୍ତି। ନବୀକରଣ(ରିନୋବେସନ୍) ପାଇଁ ମନ୍ନତକୁ ଖାଲି କରାଯାଇଛି ଏବଂ କିଙ୍ଗ୍ ଖାନ ତାଙ୍କ ପୂରା ପରିବାର ସହିତ ପାଲି ହିଲରେ ଦୁଇଟି ବିଳାସପୂର୍ଣ୍ଣ ଡୁପ୍ଲେକ୍ସ ଆପାର୍ଟମେଣ୍ଟକୁ ସିଫ୍ଟ ହୋଇଛନ୍ତି। ଶାହାରୁଖ ଏହି ଆପାର୍ଟମେଣ୍ଟକୁ ଜ୍ୟାକି ଭାଗ୍ନାନୀ ଏବଂ ତାଙ୍କ ଭଉଣୀ ଦୀପଶିଖାଙ୍କ ଠାରୁ ଭଡାରେ ନେଇଛନ୍ତି। ହେଲେ ଗୌରୀ ମନ୍ନତର ନବୀକରଣ ପାଇଁ ଏକ ବୁଦ୍ଧିମାନ ପଦକ୍ଷେପ ନେଇଛନ୍ତି। ସେ ତାଙ୍କର ବିଳାସପୂର୍ଣ୍ଣ ଫ୍ଲାଟ ବିକ୍ରି କରିଦେଇଛନ୍ତି। ଏହି ଫ୍ଲାଟକୁ ବିକ୍ରି କରି ଗୌରୀ କୋଟି କୋଟି ଟଙ୍କା ଲାଭ କରିଛନ୍ତି। ଗୌରୀ ଖାନ ମୁମ୍ବାଇର ପଶ୍ ଅଞ୍ଚଳ ଦାଦର ପଶ୍ଚିମରେ ଥିବା ତାଙ୍କର ଫ୍ଲାଟ ବିକ୍ରି କରିଦେଇଛନ୍ତି। ଗୌରୀ ଏହି ବିଳାସପୂର୍ଣ୍ଣ ଫ୍ଲାଟଟି ଅଢେଇ ବର୍ଷ ପୂର୍ବେ କିଣିଥିଲେ। ଏହି ଫ୍ଲାଟ ବିକ୍ରି କରିବା ପରେ ଗୌରୀ କୋଟି କୋଟି ଟଙ୍କା ଲାଭ କରିଛନ୍ତି। ନବୀକରଣ ପାଇଁ ପ୍ରାୟ ଦୁଇ ବର୍ଷ ସମୟ ଲାଗିବ ବୋଲି ଆଶା କରାଯାଉଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଗୌରୀ ତାଙ୍କ ବାନ୍ଦ୍ରା ଘର ମନ୍ନତର ନବୀକରଣ ସମୟରେ ମୁମ୍ବାଇର ଦାଦର ପଶ୍ଚିମ ଅଞ୍ଚଳରେ ଥିବା ବିଳାସପୂର୍ଣ୍ଣ ଆବାସିକ ସମ୍ପତ୍ତି ବିକ୍ରି କରିଥିଲେ। ରିପୋର୍ଟ ଅନୁଯାୟୀ, ସମ୍ପତ୍ତି କାରବାର ମାର୍ଚ୍ଚ ୨୦୨୫ରେ ଆନୁଷ୍ଠାନିକ ଭାବରେ ପଞ୍ଜିକୃତ ହୋଇଥିଲା। ଗୌରୀଙ୍କର ଏହି ଆପାର୍ଟମେଣ୍ଟ କୋହିନୂର ଆଲଟିସିମୋ କୋଠାରେ ଅଛି। ଏହି ପ୍ରକଳ୍ପରେ ୨.୫ ବିଏଚ୍‌କେ, ୩ ବିଏଚ୍‌କେ ଏବଂ ୩.୫ ବିଏଚ୍‌କେ ମଧ୍ୟ ଅଛି। ଏହି ଆପାର୍ଟମେଣ୍ଟଟି ୧୯୮୫ ବର୍ଗଫୁଟ ଅଞ୍ଚଳରେ ନିର୍ମିତ। ଏଥିରେ ଦୁଇଟି ପାର୍କିଂ ସ୍ଥାନ ମଧ୍ୟ ଅଛି। ଗୌରୀ ଏହି ଆପାର୍ଟମେଣ୍ଟକୁ ଅଗଷ୍ଟ ୨୦୨୨ରେ ୮.୫ କୋଟି ଟଙ୍କାରେ କିଣିଥିଲେ। ଗୌରୀ ଏହି ଆପାର୍ଟମେଣ୍ଟକୁ ୩.୧ କୋଟି ଟଙ୍କା ଲାଭ ସହିତ ବିକ୍ରି କରିଛନ୍ତି। ଏହା ୧୧.୬୧ କୋଟି ଟଙ୍କାରେ ବିକ୍ରି କରିଛନ୍ତି।



## ନାଁ ବଦଳାଇ ପାରନ୍ତି ଅଲ୍ଲୁ ଅର୍ଜୁନ

ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ଲୋକପ୍ରିୟତା ଏବେ ଶୀର୍ଷରେ ରହିଛି। ବକ୍ସ ଅଫିସରେ 'ପୁଷ୍ପା ୨' ଫିଲ୍ମ ସୁପର ଡୁପର ହିଟ୍ ହେବା ପରେ ତାଙ୍କୁ ନେଇ ଚର୍ଚ୍ଚା ଲାଗିରହିଛି। ତେବେ ନିକଟରେ ଅଲ୍ଲୁ ନିଜର କୌଣସି ଫିଲ୍ମ ପାଇଁ ନୁହେଁ, ବରଂ ଅନ୍ୟ ଏକ କାରଣ ପାଇଁ ଚର୍ଚ୍ଚାରେ ଅଛନ୍ତି। 'କୋଇମୋଇ' ଏବଂ 'ସିନେ ଜୋଶ'ର ରିପୋର୍ଟ ଅନୁଯାୟୀ, ଅଲ୍ଲୁ ତାଙ୍କ ନାମ ସାମାନ୍ୟ ବଦଳାଇବାକୁ ନେଇ ଏବେ ଚିନ୍ତା କରୁଛନ୍ତି। ଜଣେ ଅଙ୍କ ଜ୍ୟୋତିଷଙ୍କ ପରାମର୍ଶ ଆଧାରରେ ଅଲ୍ଲୁ ନିଜ ନାମର ଇଂଲିଶ ସ୍ପେଲିଂକୁ ବଦଳାଇବା ସହ ୨ଟି ଇଂଲିଶ ଆଲ୍‌ଫାବେଟ 'ୟୁ' ଏବଂ ୨ଟି ଇଂଲିଶ ଆଲ୍‌ଫାବେଟ 'ଏନ୍'କୁ କିପରି ଯୋଡ଼ାଯିବ ସେନେଇ ଚିନ୍ତା କରୁଛନ୍ତି। ଅଲ୍ଲୁ ନିଜର ସଫଳତାକୁ ଆହୁରି ବଢ଼ାଇବା ସହ ତାଙ୍କ କ୍ୟାରିୟରକୁ ଅଧିକ ମଜଭୁତ କରିବା ପାଇଁ ନିଜ ନାମର ସ୍ପେଲିଂକୁ ବଦଳାଇବାକୁ ଚିନ୍ତା କରୁଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ତେବେ ଉକ୍ତ ରିପୋର୍ଟ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଅଲ୍ଲୁ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ଦେଇନାହାନ୍ତି। ଆଗାମୀ ଦିନରେ ଅଲ୍ଲୁଙ୍କୁ ଏଟଲିଙ୍କ ନିର୍ଦ୍ଦେଶିତ 'ଏଏ୨୨' ଫିଲ୍ମରେ ଦେଖିବାକୁ ମିଳିବ। ଆସନ୍ତା ୮ରେ ଅଲ୍ଲୁଙ୍କ ଜନ୍ମଦିନ ଅବସରରେ ଉକ୍ତ ଫିଲ୍ମରେ ତାଙ୍କ ଲୁକ୍ ଉପରୁ ପରଦା ଉଠିପାରେ ବୋଲି ସିନେ ସମୀକ୍ଷକମାନେ କଳ୍ପନାଜଳ୍ପନା ପ୍ରକାଶ କରିଛନ୍ତି।



## ଆୟୁର୍ବେଦିକ ଚିକିତ୍ସାରେ ମାଟି ସ୍ନାନ

ଗ୍ରୀଷ୍ମ ଋତୁରେ ମାଟିରେ ସ୍ନାନ କରିବା ଏକ ପ୍ରାଚୀନ ଆୟୁର୍ବେଦିକ ଚିକିତ୍ସା। ଏହାକୁ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ମାଟିରେ ଥିବା ଖଣିଜ ପଦାର୍ଥ ଶରୀରକୁ ବିଷମୁକ୍ତ କରିବା ସହିତ ଚର୍ମକୁ ସଫା କରିବାରେ ସହାୟକ ହୋଇପାରେ। ଆଜିକାଲିର ସମୟରେ, ରାସାୟନିକ ଦ୍ରବ୍ୟ ବଦଳରେ ମାଟିରେ ଗାଧୋଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରେ। ଏହା କେବଳ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ନୁହେଁ, ବରଂ ଆପଣଙ୍କ କେଶ ଏବଂ ଚର୍ମ ପାଇଁ ମଧ୍ୟ ଅନେକ ଲାଭ ପ୍ରଦାନ କରେ।



ମାଟିରେ ଅନେକ ପ୍ରାକୃତିକ ଉପାଦାନ ରହିଛି, ଯାହା ଆମ ଶରୀରରୁ କ୍ଷତିକାରକ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିପାରେ। ପ୍ରକୃତରେ, ଯେତେବେଳେ ଆମେ କାଦୁଅରେ ଗାଧୋଇଥାଉ, ଏହା ଶରୀରରେ ଥିବା ଅପରିଷ୍କାର ପଦାର୍ଥକୁ ଶୋଷିତ କରି ଚର୍ମର ଛିଦ୍ରଗୁଡ଼ିକୁ ଖୋଲିଦିଏ। ଏହା ଶରୀରକୁ ବିଷମୁକ୍ତ କରିଥାଏ ଏବଂ ଚର୍ମକୁ ସତେଜ କରିଥାଏ। ମାଟି ଆପଣଙ୍କ ଚର୍ମ ପାଇଁ ଏକ ପ୍ରାକୃତିକ ସ୍କ୍ରବର ଭାବରେ କାମ କରେ, ଯାହା ମୃତ ଚର୍ମ କୋଷଗୁଡ଼ିକୁ ଦୂର କରିବାରେ ସାହାଯ୍ୟ କରିପାରେ। ଏହା ଚର୍ମର ରଙ୍ଗକୁ ଉନ୍ନତ କରିଥାଏ। ଏହା ଚର୍ମକୁ ଅଧିକ ନରମ କରିଥାଏ। ଏହା ସହିତ, ମାଟି ଚର୍ମରୁ ଅତିରିକ୍ତ ତେଲ ଏବଂ ମଇଳା ସଫା କରିପାରିବ। ମାଟିରେ ପ୍ରାକୃତିକ ପ୍ରଦାହ-ବିରୋଧୀ ଗୁଣ ଅଛି, ଯାହା ଶରୀରରେ ପ୍ରଦାହ ଏବଂ ଯନ୍ତ୍ରଣାକୁ କମ କରିପାରେ। କେବଳ ଏତିକି ନୁହେଁ, ଚର୍ମରେ କୁଣ୍ଡାଇ ହେବା ଏବଂ ଜଳାପୋଡ଼ା ହେବା ଭଳି ସମସ୍ୟାକୁ ମଧ୍ୟ ଏହା ସାହାଯ୍ୟରେ ଦୂର କରାଯାଇପାରିବ। ଗ୍ରୀଷ୍ମ ଋତୁରେ ଥଣ୍ଡା କାଦୁଅରେ ଗାଧୋଇବା ଦ୍ୱାରା ଶରୀର ଥଣ୍ଡା ହୋଇଥାଏ, ଯାହା ଶରୀରରେ ହେଉଥିବା ଜଳାପୋଡ଼ାକୁ ଶାନ୍ତ କରିଥାଏ। ମାଟିରେ ସ୍ନାନ କରିବା ଦ୍ୱାରା ଆପଣଙ୍କ ଶରୀରର ଥକାପଣ ଦୂର ହୋଇପାରିବ। ଏହା ଶରୀରକୁ ଗଭୀର ଭାବରେ ଆରାମ ଦିଏ। ଯଦି ଆପଣ ନିୟମିତ ଭାବରେ ମାଟି ସ୍ନାନ କରନ୍ତି, ତେବେ ଏହା ମାଂସପେଶୀକୁ ଆରାମ ଦେଇପାରିବ ଏବଂ ମନକୁ ଶାନ୍ତ କରିପାରିବ। ଏହା ଏକ ପ୍ରକାରର ପ୍ରାକୃତିକ ଚିକିତ୍ସା, ଯାହା ଚାପ ଏବଂ ଚିନ୍ତାକୁ ହ୍ରାସ କରିପାରିବ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଖଡ଼ିଛୁଆଁ ଓ ବିଦ୍ୟାଳୟ ପ୍ରବେଶ ପାଇଁ ସଚେତନତା ରଥର ଶୁଭାରମ୍ଭ ହୋଇଛି। ବୁଧବାର ଏହି ରଥକୁ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଶୁଭାରମ୍ଭ କରିଥିଲେ। ଏହି ରଥ ୨ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ବ୍ଲକର ୩୧ଟି ପଞ୍ଚାୟତ ପରିକ୍ରମା କରି ପିଲାମାନେ କିପରି ବିଦ୍ୟାଳୟ ଯିବେ ସେ ନେଇ ଅଭିଭାବକମାନଙ୍କୁ ସଚେତନ କରାଯିବ। ଏହି ରଥ ଶୁଭାରମ୍ଭ ବେଳେ ବିଡିଓ ନିରଂଜନ ବାରିକ, ବ୍ଲକ ଶିକ୍ଷାଧିକାରିଣୀ ସୂର୍ଯ୍ୟଶିଖା ମହାନ୍ତି, ଏବିଇଓ ଦାମୋଦର ଜେନା, ଲକ୍ଷ୍ମୀପ୍ରିୟା ମାଝୀ, ସିଆରଏସ ହାଇସ୍କୁଲ ପ୍ରଧାନ ଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର, ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ରମାକାନ୍ତ ଦାସ, ସଂଗଠନ ସମ୍ପାଦକ ଶ୍ରୀନାଥ ମଲିକ, ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣେଶ୍ୱରୀ ସାହୁ, ରଶ୍ମିରେଖା ସୂତାର, ବନଜ୍ୟୋତ୍ସ୍ନା ପରିଡ଼ା, ହିମାନୀ ମଲ୍ଲିକ, ରଶ୍ମିତା ମଣ୍ଡଳ, ଶିକ୍ଷକ ପ୍ରଫୁଲ୍ଲ ସାହୁ, ଶ୍ରୀକାନ୍ତ ପାତ୍ର, ଶିକ୍ଷା କର୍ମଚାରୀ ପଞ୍ଚାନନ ଗୋଚ୍ଛାୟତ, ସିଆରସିସି ଶିବବ୍ରତ ମିଶ୍ର, ଦେବବ୍ରତ ଶତପଥି, ଚନ୍ଦନ ପାତ୍ର, ସସ୍ମିତା ମଂଜରୀ ନାୟକ, କେଶବ ସାହୁ, ଚନ୍ଦ୍ରଶେଖର ମୁଦୁଲି, ଲକ୍ଷ୍ମୀକାନ୍ତ ପଣ୍ଡା, ପ୍ରଭାକର ମଲ୍ଲିକ, ମାନସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ ଦିବସ ପାଳିତ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଅପ୍ରେଲ ମାସ ୧ ତାରିଖ, ଉତ୍କଳ ଦିବସ ଅବସରରେ ଉତ୍କଳର ମଉଡମଣି ଗୋପବନ୍ଧୁ ଦାସଙ୍କ ସେବା ହିଁ ପରମ ଧର୍ମକୁ ପାଥେୟ କରି କୋଷ୍ଠା ଗ୍ରାମର ଗାନ୍ଧିବାଦୀ ସମାଜ ସେବୀ ତଥା ବନବିହାରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପରିଚାଳକ ବରିଷ୍ଠ ନାଗରିକ ହରିଶ୍ ଦତ୍ତ (ହରିଶ୍ ଭାଇ)ଙ୍କ ପରାମର୍ଶ କ୍ରମେ ଉତ୍କଳ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଚିତ୍ରଡା ନିବାସୀ ଜାତି ଧର୍ମ ଉର୍ଦ୍ଧରେ ଥିବା ସେବାଧର୍ମୀ ଯୁବକ ଅମୀର ଖାଁଙ୍କ ଦ୍ୱାରା ଗଠିତ ଗୋପବନ୍ଧୁ ସେବା ସଙ୍ଗଠନ କାର୍ଯ୍ୟସୂଚୀ ଆରମ୍ଭ କରି କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସୂତି ମା'ମାନଙ୍କୁ ଓ ପୁରୁଷ ବିଭାଗରେ ଚିକିତ୍ସାଧିନ ରୋଗୀ ମାନଙ୍କୁ ଫଳ, ବିସ୍କୁଟ ପାଉଁରୁଟି ଆଦି ବଣ୍ଟନ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡା. ଅମୀୟ କୁମାର ମହାନ୍ତି, ମୁଖ୍ୟ ନର୍ସ ସେବତୀ ବେହେରା, ଶୁଭସ୍ମିତା, ସଙ୍ଗିତା ବେହେରା ଏବଂ ସେବା ସଂଘର ସଦସ୍ୟ ବିଶ୍ୱରଞ୍ଜନ ସି, ଚନ୍ଦ୍ରମୋହନ ନାଏକ, ସୁବୋଧ ବେହେରା, ହରେକୃଷ୍ଣ ମହାନ୍ତି, ରାଜୁ ପାତ୍ର ଓ ଅନ୍ୟାନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ସମସ୍ତ ରୋଗୀମାନଙ୍କୁ ହରିଶ ଭାଇ ଖାଦ୍ୟ ବଣ୍ଟନ କରିଥିଲେ।

## ତପନ ଆଚାର୍ଯ୍ୟଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା




ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ କପାସି ପଞ୍ଚାୟତ ତାଂପଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ତପନ ଆଚାର୍ଯ୍ୟଙ୍କୁ ବିଦ୍ୟାଳୟ ପରିସରରେ ବିଦାୟ ସମ୍ବର୍ଦ୍ଧନା କରାଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଭ୍ୟ ତଥା ବରିଷ୍ଠ କଂଗ୍ରେସ ନେତା ରବୀନ୍ଦ୍ର କୁମାର ମଲିକ ଓ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡା. ସନ୍ତୋଷ କୁମାର ରାଉତ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନାୟକ, ପ୍ରାକ୍ତନ ଶିକ୍ଷା ମଣ୍ଡଳ ଅଧିକାରିଣୀ ପ୍ରତିମା ମହାନ୍ତି, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅନନ୍ତ ନାରାୟଣ ସିଂ ଓ ଶିକ୍ଷାବିଦ ଦିଲୀପ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଜଣେ ଆଦର୍ଶ ଛାତ୍ରବତ୍ସଳ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ ଆଚାର୍ଯ୍ୟଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଚାର୍ଯ୍ୟଙ୍କୁ ବରିଷ୍ଠ ଗଣିତ ଶିକ୍ଷକ ଭାବେ କାର୍ଯ୍ୟ କରିଥିବା ଗୋପୀନାଥ ଜୀଉ ହାଇସ୍କୁଲର ପ୍ରାକ୍ତନ ଛାତ୍ର ଯୋଗଦେଇ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିନତା ଜେନା ସଭାପତିତ୍ୱ କରିଥିବା ବେଳେ ଶିକ୍ଷାବିତ ଜ୍ୟୋତିରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ସଂଗଠନ ଛାତ୍ର ଯୁବ ବିକାଶ ପରିଷଦ (ସି.ଭି.ପି.)ର ମୁଖ୍ୟ ସରୋଜ କୁମାର ସ୍ୱାଇଁ, ବାପୁଜୀ ମହାରଣା, ମୁଖ୍ୟ ବକ୍ତବ୍ୟ ଦେଇଥିବା ବେଳେ, ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଆଚାର୍ଯ୍ୟଙ୍କୁ ଆବେଗଭରା ବିଦାୟ ଦେଇଥିଲେ।

# ଶିକ୍ଷା ସଚେତନତା ରଥର ଶୁଭାରମ୍ଭ

## ଜିଲ୍ଲାସ୍ତରୀୟ 'ପ୍ରବେଶ ଉତ୍ସବ' ଏବଂ 'ଖଡି ଛୁଆଁ' କାର୍ଯ୍ୟକ୍ରମ

ବାରିପଦା, (ଭାସ୍କର ନ୍ୟୁଜ୍): ସମଗ୍ର ଶିକ୍ଷା, ମୟୂରଭଞ୍ଜ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ 'ପ୍ରବେଶ ଉତ୍ସବ' ଏବଂ 'ଖଡ଼ିଛୁଆଁ କାର୍ଯ୍ୟକ୍ରମ-୨୦୨୫' ଓ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ ଶୁଳିଆପଦା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡଡେଙ୍କିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି 'ପ୍ରବେଶ ଉତ୍ସବ' ଏବଂ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମର ପ୍ରମୁଖ ଅଂଶୀଦାର ଭାବରେ ଜାତୀୟ ଶିକ୍ଷାନୀତି -୨୦୨୦ ଆଧାରରେ ନୂଆ ଭାବେ ଖୋଲିଥିବା ଶିଶୁ ବାଟିକାରେ ପ୍ରବେଶ ନିମନ୍ତେ ନାମ ଲେଖା ପାଇଁ ୫+ ବର୍ଷ ବୟସର ସମସ୍ତ ପିଲା, ବିଦ୍ୟାଳୟର ଛାତ୍ରଛାତ୍ରୀ, ପିତାମାତା, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଗୋଷ୍ଠୀ ସଦସ୍ୟ, ଶିକ୍ଷକ/ ଶିକ୍ଷୟିତ୍ରୀ, ଶିକ୍ଷା ବିଭାଗର କର୍ମକର୍ତ୍ତା, ଜିଲ୍ଲାସ୍ତରୀୟ ଅଧିକାରୀ, ଗଣ ମାଧ୍ୟମର ସଦସ୍ୟ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ମାନ୍ୟବର ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀଯୁକ୍ତ ହେମକାନ୍ତ ସୟ, ପୂର୍ବତନ ବିଧାୟକ ଶୁଳିଆପଦା କାନ୍ଦରା ସୋରେନ, ମୟୂରଭଞ୍ଜ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ



ମୟୂରଭଞ୍ଜ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ନିହାରିକା ମହାନ୍ତି, ଶୁଳିଆପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପମା ଘୋଷ, ଶୁଳିଆପଦା ତହସିଲଦାର ନାରାୟଣ ହେମ୍ବ୍ରମ, ଶୁଳିଆପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଳତୀ ଟୁଡୁ, ସ୍ଥାନୀୟ ସରପଞ୍ଚ ଓ ୱାର୍ଡ ମେମ୍ବର ପ୍ରମୁଖ ଯୋଗଦାନ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ ଓ ଦୀପ୍ତି ନାଏକ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମନ୍ତ୍ରୀ ତାଙ୍କ ଉଦ୍‌ବୋଧନରେ ପ୍ରତ୍ୟେକ ଶିଶୁର ଶିକ୍ଷା ଅଧିକାର ସୁନିଶ୍ଚିତ କରିବା ନିମନ୍ତେ ସରକାର ସଂକଳ୍ପ ବଦ୍ଧ ଏବଂ ସମସ୍ତଙ୍କୁ ଶିକ୍ଷା ସ୍ରୋତରେ ସାମିଲ ହେବା ନିମନ୍ତେ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ ମୟୂରଭଞ୍ଜ ତାଙ୍କ ଅଭିଭାଷଣରେ ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ସହିତ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଓ ଜିଲ୍ଲାପାଳ ୪୦ ଜଣ ଶିଶୁଙ୍କର ଖଡ଼ିଛୁଆଁ କରାଇ ବିଦ୍ୟାଳୟ ଶିକ୍ଷାକୁ ପ୍ରବେଶ କରାଇଥିଲେ। ପ୍ରତ୍ୟେକ ଶିଶୁକୁ ଏକ ଶିକ୍ଷା କିଟ ଓ ଶିଶୁ ବାଟିକା ପୁସ୍ତକ ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ଅବସରରେ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ଏକ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇ ଥିଲା। ସଭା ଶେଷରେ ଶୁଳିଆପଦା ବ୍ଲକ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ଅନ୍ୟାନ୍ୟ ବ୍ଲକ ମାନଙ୍କରେ ମଧ୍ୟ 'ପ୍ରବେଶ ଉତ୍ସବ' ଏବଂ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମ-୨୦୨୫ ଓ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ଏହି କ୍ରମରେ ବିଧାୟକ ରାଇରଙ୍ଗପୁର ଜଲେନ ନାଏକ ବହଳଦା ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଶିଙ୍ଗୀ, ତିରିଂ ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରତନସାହି, ରାଇରଙ୍ଗପୁର ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡଗାଁ ଠାରେ 'ପ୍ରବେଶ ଉତ୍ସବ' ଏବଂ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମ-୨୦୨୫ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଧାୟକ ସାରସକଣା ଭାଦବ ହାଁସଦା ଈଶ୍ୱର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ଖେରଣା ଠାରେ, ବିଧାୟକ ବାରିପଦା ପ୍ରକାଶ ସୋରେନ ଖୁଣ୍ଟା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କନ୍ହେଇବନ୍ଧ ଠାରେ 'ପ୍ରବେଶ ଉତ୍ସବ' ଏବଂ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମ-୨୦୨୫ ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହିଭଳି ଭାବରେ ଅନ୍ୟ ବ୍ଲକ ମାନଙ୍କରେ ମଧ୍ୟ ଜିଲ୍ଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ସଭ୍ୟ ଓ ସଭାପତି, ବ୍ଲକ ଅଧିକାରୀ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଅଛି।

## ଝିଅକୁ ପିଟି ସଂଜ୍ଞାହୀନ କରି ବାପାର ଆତ୍ମହତ୍ୟା

ଚାନ୍ଦବାଲି, (ଭାସ୍କର ନ୍ୟୁଜ୍): ଘରୋଇ କଳିରୁ ଝିଅକୁ ପିଟିପିଟି ସଂଜ୍ଞାହୀନ କରି ଝିଅକୁ ଘରେ ପକାଇ ଦେଇ ବାପା ଘର ଠାରୁ କିଛି ଦୂରରେ ଏକ ଗଛରେ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ଏମିତି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବାଂଶଡା ଥାନା ଘଣ୍ଟେଶ୍ୱର ଫାଣ୍ଡି ଅଧିନ ମଣିପୁର ଜେନା ସାହି ଗ୍ରାମରେ ରସୁରେନ୍ଦ୍ର ଜେନା ବୁଧବାର ଦ୍ୱିପ୍ରହରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ନିଜ ଝିଅ ଗୀତାଞ୍ଜଳି ଜେନାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ବାପା ଉତ୍ତକ୍ତ ହୋଇ ନିଜ ଝିଅକୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ପରେ ଝିଅ ସଂଜ୍ଞାହୀନ ହୋଇ ଝିଅ ପଡ଼ିଯିବା ପରେ ବାପା ଘର ପାଖରେ ଥିବା ଏକ ଗଛରେ ରାଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ଗ୍ରାମବାସୀ ଖବର ପାଇ ପହଞ୍ଚି ଦେଖିବା ବେଳକୁ ଅଷ୍ଟମ ଶ୍ରେଣୀର ଝିଅ ଗୀତାଞ୍ଜଳି ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡି ରହିଛି। ଗ୍ରାମବାସୀ ପ୍ରଥମେ ୧୦୮କୁ ଫୋନ କରି ଡ଼ାକିବ ସହିତ ଝିଅକୁ ମେଡିକାଲ ସ୍ଥାନାନ୍ତର କରିବା ସହିତ ପୋଲିସକୁ ଫୋନ କରିଥିଲେ। ଅନ୍ୟପଟେ ବାପାକୁ ଖୋଜିବାକୁ ଗଲା ବେଳକୁ ବାପା ଘର ଠାରୁ କିଛି ଦୂରରେ ଥିବା ଏକ ଗଛରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

## କୃଷ୍ଣପ୍ରଶାଦ ଅଞ୍ଚଳରେ ଲଜ୍ୟା

କୃଷ୍ଣପ୍ରଶାଦ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ଥାନା ଅଞ୍ଚଳରେ ଘଟିଛି ଏକ ଲଜ୍ୟାକର ଘଟଣା। କୃଷ୍ଣପ୍ରଶାଦ ବ୍ଲକ ଅଲଣ୍ଡା ପାଟଣା ବାଲିଗୋଠ ଠାରେ ଚାଲିଥିବା ପାରିକୁଦ ମହୋତ୍ସବ ଦୁଇ ଦିନ ଧରି ଚାଲିଥିବା ବେଳେ ମଙ୍ଗଳବାର ଉଦ୍‌ଯାପନ ରାତିରେ ମହୋତ୍ସବ ଯାତ୍ରା ଦେଖିବାକୁ ଯାଇ ରାତି ୧୨ ସମୟରେ ମୋରଡା ବାଉରୀ ପଲ୍ଲୀ ଗ୍ରାମର ଛଦ୍ମ ନାମ ମାଳାଟି ଦାସ ୨୫ବର୍ଷ ନାମକ ମହିଳା ଫେରୁଥିଲେ। ସେହି ସମୟରେ ସେହି ଗ୍ରାମର ଜଣେ ୬୦ବର୍ଷ ବୃଦ୍ଧ ମାଳିଆ ମାଝୀ ମହିଳାଙ୍କୁ ବଟେଶ୍ୱର ମନ୍ଦିର ନିକଟରେ ପାଇ ଦୁଷ୍କର୍ମ କରିଥିବା ବେଳେ କୃଷ୍ଣପ୍ରଶାଦ ଥାନାରେ ଜୈନିକ ମହିଳା ଅଭିଯୋଗ କରିଥିଲେ। କୃଷ୍ଣପ୍ରଶାଦ ଥାନା ଏକ ସ୍ୱତନ୍ତ୍ର ଟିମ ଅଭିଯୋଗକୁ ଭିତ୍ତିକରି ମୁଖ୍ୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା କୃଷ୍ଣପ୍ରଶାଦ ଥାନାରୁ ସୂଚନା ମିଳିଛି।

## ଶିଶୁ ବାଟିକା ଶୁଭାରମ୍ଭ

ମୁରିବାହାଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ତେନ୍ତୁଲୀଖୁଣ୍ଟି ପଞ୍ଚାୟତ ଅନ୍ତର୍ଗତ ଗୁଞ୍ଜିତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଶିଶୁ ବାଟିକା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଞ୍ଜିତରା ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଶିଶୁ ବାଟିକାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସିଆରସିସି ସୁଧୀର କୁମାର ନାଗ ଯୋଗଦେଇ ଉତ୍ସାହିତ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂକୀର୍ତ୍ତନ, ଶଙ୍ଖ ଘଣ୍ଟ ବାଦ୍ୟ ସହିତ ଶିଶୁ ଓ ପିତାମାତାମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଥମେ ଶିଶୁ ମାନଙ୍କ ପାଦ ଧୋଇ ଶିଶୁମାନଙ୍କୁ ଫୁଲ ଚନ୍ଦନ ଦେବା ସହିତ ସିଲେଟ ଦେଇ ଖଡ଼ି ଛୁଆଁ କାର୍ଯ୍ୟକ୍ରମ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସମସ୍ତ ଶିଶୁମାନଙ୍କୁ ଖଡ଼ି ଛୁଆଁ କାର୍ଯ୍ୟକ୍ରମ କରି ଉତ୍ସାହିତ କରିଥିଲେ। ପ୍ରଥମ ଦିନରେ ୧୫ ଜଣ ଶିଶୁ ଙ୍କୁ ଖଡ଼ିଛୁଆଁ କରିବା ସହ ବିଦ୍ୟାଳୟ ରେ ନାମ ଲେଖା ଯାଇଥିଲା। ଏହି ଅବସରରେ ଶିକ୍ଷକ ଶିକ୍ଷୟିତ୍ରୀ ସଫଳା ମିଶ୍ର, ଜୟମାଳିନୀ ପଟ୍ଟନାୟକ, ଗୌର ଚନ୍ଦ୍ର ଭୋଇ, ପ୍ରିୟଦର୍ଶିନୀ ସ୍ୱାଇଁ, ନୀଳମଣି ଦୀପ, ପରିଚାଳନା କମିଟି ସଦସ୍ୟ ସଦସ୍ୟା, ଅଭିଭାବକ ଅଭିଭାବିକା ପ୍ରମୁଖ ଉପସ୍ଥିତ ଥିଲେ।

## ଓଲଟିଲା ସ୍କୁଲ ଭ୍ୟାନ୍, ୩ ଆହତ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମଦ୍ୟପ ଡ୍ରାଇଭର ଯୋଗୁଁ ଭାରଶ୍ୟାମ ହରାଇ ରାସ୍ତା ଉପରେ ଓଲଟି ପଡିଲା ସ୍କୁଲ ଭ୍ୟାନ। କରଞ୍ଜିଆ ଚଢେଇଭୋଳ ରାସ୍ତାର ଭଅଁରା ନିକଟରେ ଓଲଟିଲା ଓଡ଼ି ୦୯ ଏଚ ୧୦୫୬ ନମ୍ବର ସ୍କୁଲ ଭ୍ୟାନ, କରଞ୍ଜିଆ ବିବେକାନନ୍ଦ ପବ୍ଲିକ ସ୍କୁଲର ଭ୍ୟାନଟି ସ୍କୁଲ ଛୁଆଙ୍କୁ ନେଇ ଆସୁଥିବା ବେଳେ ଭଅଁରା ନିକଟରେ ଓଲଟି ପଡିବା ଫଳରେ ଗାଡ଼ିରେ ଥିବା ୧୦ରୁ ଅଧିକ ଛାତ୍ରଙ୍କ ମଧ୍ୟରୁ ୨ ଛାତ୍ର ଓ ଗାଡ଼ି ହେଲପର ଆହତ ହୋଇ ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହୋଇ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଠାରେ ଚିକିତ୍ସିତ ହୋଉଛନ୍ତି। ଡ୍ରାଇଭର ଦୁର୍ଘଟଣା ଘଟାଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡିଛି। ତେବେ ସ୍କୁଲ ଗାଡ଼ିଟି ଦ୍ରୁତ ଗତିରେ ଆସୁଥିବା ବେଳେ ଏକ ବୁଲାଣି ନିକଟରେ ଭାରଶ୍ୟାମ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ଏ ସମ୍ବନ୍ଧରେ ଖବର ପାଇ କରଞ୍ଜିଆ ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଥିବା ଦେଖିବାକୁ ମିଳିଛି। ଅନ୍ୟ ପଟେ ଏଇ ଘଟଣା ପରେ ସ୍ଥାନୀୟ ଲୋକେ କରଞ୍ଜିଆ ଚଢେଇଭୋଳ ରାସ୍ତା ଅବରୋଧ କରିବା ସହିତ ଡ୍ରାଇଭର ପ୍ରଚୁର ମଦ ପିଇ ଦ୍ରୁତଗତିରେ ଗାଡ଼ି ଚଳାଉ ଥିବା ସହ ହମ୍ପସ ମଧ୍ୟ ମାନୁ ନଥିବା ପ୍ରତ୍ୟେକ ଦର୍ଶୀ ଗ୍ରାମବାସୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ତେଣୁ ଆହତ ଛାତ୍ରଛାତ୍ରୀଙ୍କ ଚିକିତ୍ସା କରିବା ସହିତ ମଦ୍ୟପ ଡ୍ରାଇଭରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ହମ୍ପସ ନିର୍ମାଣ ଓ ଆହତ ଶିଶୁ ମାନଙ୍କ ଚିକିତ୍ସା ନିମତେ ସରକାରୀ ସହାୟତା ଦାବିରେ ରାସ୍ତା ଅବରୋଧ କରିଥିଲେ, ତେବେ ଘଟଣାକୁ କରଞ୍ଜିଆ ଥାନା ପୋଲିସ ଗୁରୁତର ସହିତ ନେଇ ଅଧିକ ତଦନ୍ତ ଆରମ୍ଭ କରୁଥିବା ସହ ରାସ୍ତା ରୋକ କରିଥିବା ଗ୍ରାମ ବାସୀଙ୍କ ସହିତ ବୁଝାମଣା କରୁଥିବା ବେଳେ ଗ୍ରାମବାସୀ ତାଙ୍କ ଜିଦରେ ଅଟଳ ଥିବା ଦେଖାଯାଇଥିଲା। କରଞ୍ଜିଆ ଉପଜିଲ୍ଲାପାଳ ଆହତ ୨ଛାତ୍ରଙ୍କୁ ଚିକିତ୍ସା ପାଇଁ ରେଡ଼କ୍ରସ ପାଣ୍ଠିରୁ ୫ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ରୋକ ହୋଟିଥିଲା। ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ କରଞ୍ଜିଆ ସହରରେ ଥିବା ବିଭିନ୍ନ ସ୍କୁଲମାନଙ୍କରେ ଲାଗିଥିବା ଗାଡିଗୁଡ଼ିକର ଫିଟନେସ ସହିତ କୌଣସି ବୈଧ କାଗଜପତ୍ର ନ ଥାଇ ଏପରି ବିପଦ ସଂକୁଳ ଅବସ୍ଥାରେ ବହୁ ସମୟରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଗାଡ଼ି ସିଟ ତୁଳନାରେ ବହୁତ ଅଧିକ ଠେଲି ପେଲି ଛାତ୍ରଛାତ୍ରୀଙ୍କୁ ଗାଡ଼ିରେ ନେବାଆଣିବା କରୁଥିବାରୁ ଏହାର ବିଧିବଦ୍ଧ ତଦନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ହୋଇ ପଡିଛି। ଏହା ସହିତ କରଞ୍ଜିଆ ଉପଖଣ୍ଡ ରେ ଯେତିକି ସ୍କୁଲ ରହିଚି ସମସ୍ତ ସମସ୍ତ ଙ୍କ ଗାଡି ଗୁଡିକ ଯାଞ୍ଚ କରିବା ପାଇଁ ଅଞ୍ଚଳ ବାସି ଦାବି କରିଛନ୍ତି।

## ଅଟିଜିମ୍ ସଚେତନତା ଦିବସ ପାଳିତ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ପବ୍ଲିକ୍ ୱେଲଫେୟାର ଅର୍ଗାନାଇଜେସନ୍ ଦ୍ୱାରା ପରିଚାଳିତ ସେଟର ଫର ଅଟିଜିମ୍ ଅନୁଷ୍ଠାନ ଦ୍ୱାରା ବୁଧବାର ଦିନ ତଳଅଣ୍ଟିଆ ବେହେରା ସାହି ସ୍ଥିତ ସଂଗଠନର ପ୍ରଶାସନିକ ଭବନ ଠାରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଯାଇଛି। ୩୦ରୁ ଉର୍ଦ୍ଧ୍ୱ ଅଟିଜିମ୍ ଶିଶୁ ତଥା ସେମାନଙ୍କର ଅଭିଭାବକ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତାମାନ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ତତ୍ ସହିତ ଅଭିଭାବକମାନଙ୍କୁ ଅଟିଜିମ୍ ସମ୍ବନ୍ଧରେ ସଚେତନତା ସୃଷ୍ଟି ନିମନ୍ତେ ନ୍ୟାସନାଲ ଟ୍ରଷ୍ଟ ଦ୍ୱାରା ବିଶେଷଜ୍ଞ ମାନଙ୍କ ପ୍ରଦତ୍ତ ଭିଡ଼ିଓକୁ ପ୍ରଦର୍ଶିତ କରାଯାଇଥିଲା ଏବଂ ପରିଶେଷରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପିପିଡ଼ବ୍ଲ୍ୟୁଓର ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରୁଥିବା ବେଳେ ସାଧାରଣ ସମ୍ପାଦକ ଗଗନ ବିହାରୀ ଦାସ, ସ୍ପିଚ୍ ଥେରାପିଷ୍ଟ ପ୍ରମୋଦ କୁମାର ପ୍ରଧାନ, ଅକୁପେସନାଲ ଥେରାପିଷ୍ଟ ତପସ୍ୱିନୀ ରଥ, ସ୍ୱତନ୍ତ୍ର ଶିକ୍ଷିକା ସୌମ୍ୟାଦର୍ଶିନୀ ପ୍ରଧାନ ଉପସ୍ଥିତ ରହି ଅଟିଜିମ୍‌ର ଚିକିତ୍ସା ସମ୍ବନ୍ଧରେ ସବିଶେଷ ତଥ୍ୟ ଅଭିଭାବକମାନଙ୍କୁ ଜଣାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଗୀତିନନ୍ଦା ପଟ୍ଟନାୟକ, ଲିଲି ବଳ, ସ୍ମିତହସ ନାୟକ, ଜୟଶ୍ରୀ ବେହେରା, ଆଇ. ସାଇ କ୍ରିଷ୍ଣା ଆଦି ପରିଚାଳନା କରୁଥିଲେ।

## କଣିହାଁରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ



କଣିହାଁ, (ଭାସ୍କର ନ୍ୟୁଜ୍): ବୁଧବାର ଠାରୁ ୫ ତାରିଖ ପର୍ଯ୍ୟନ୍ତ ବ୍ଲକରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଜାତୀୟ ଶିକ୍ଷା -୨୦୨୦ ଅନୁସାରେ ବ୍ଲକର ସମସ୍ତ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ଠାରୁ ଶିଶୁବାଟିକା ଶ୍ରେଣୀ ଖୋଲିବା ସହ ପ୍ରାକ ପ୍ରାଥମିକ ଶିକ୍ଷା ପାଇଁ ୫ରୁ ୬ ବର୍ଷ ବୟସର ପିଲାମାନେ ଶିଶୁବାଟିକା ଶ୍ରେଣୀରେ ନାମ ଲେଖାଇଛନ୍ତି। ସେପ୍ଟେମ୍ବର ୧ତାରିଖ ସୁଦ୍ଧା ଯେଉଁ ପିଲାଙ୍କର ବୟସ ୬ବର୍ଷ କିମ୍ବା ଅଧିକ ହୋଇଥିବ ସେମାନେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରବେଶ ଉତ୍ସବକୁ ଅଧିକ ସ୍ମରଣୀୟ ଓ ସଫଳ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରୟାସ କରାଯାଉଛି। ସର୍ବସାଧାରଣଙ୍କ ସଚେତନତା ଉଦ୍ଦେଶ୍ୟରେ ବ୍ଲକ ପ୍ରଶାସନ ତରଫରୁ ପ୍ରତ୍ୟେକ ଗ୍ରାମ, ଗ୍ରାମପଞ୍ଚାୟତ ଓ ସଦର ମହକୁମାରେ ଶିକ୍ଷା ସଚେତନତା ରଥ ଭ୍ରମଣ କରି ପ୍ରଚାର ପାଇଁ ବିଧିବଦ୍ଧ ବ୍ୟବସ୍ଥା କରାଯାଇଛି। ଏହି ସମୟରେ ବ୍ଲକର ସମସ୍ତ ବିଦ୍ୟାଳୟ ଗୁଡିକରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କ ନାମଲେଖା ସୁନିଶ୍ଚିତ କରାଯିବ। କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପଂଚାୟତ ସମିତିର ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ୯ନମ୍ବର ଜୋନର ଜିଲ୍ଲାପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ବିଧାୟକ ପାଲଲହଡାଙ୍କ ପ୍ରତିନିଧି ନୃସିଂହ ବରାଳ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରିୟରଞ୍ଜନ ପ୍ରଧାନ, ସହକାରୀ ଶିକ୍ଷା ଗୋଷ୍ଠୀ ଅଧିକାରୀ ମଙ୍ଗୁଲୁ ଚରଣ ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ସୁଜନ କୁମାର ସାହୁ, ସମାଜସେବୀ ନିର୍ମଳ କୁମାର ସାହୁ ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ନୂତନ ଥାନା ଅଧିକାରୀଙ୍କ ନିଯୁକ୍ତି

ସୋରଡ଼ା, (ଭାସ୍କର ନ୍ୟୁଜ୍): ସୋରଡ଼ା ଥାନାର ନୂତନ ଥାନା ଅଧିକାରୀ ଭାବେ ସୁନୀଲ କୁମାର ପ୍ରଧାନ କାର୍ଯ୍ୟରେ ଯୋଗା ଦେଇଛନ୍ତି। ଏହା ପୂର୍ବରୁ ଥିବା କାର୍ଯ୍ୟରତ ଥାନା ଅଧିକାରୀ ସୁଧୀର କୁମାର ସାହୁଙ୍କୁ ଛତ୍ରପୁର ଗଞ୍ଜାମ ଜିଲ୍ଲା ଏସ. ପି. ଅଫିସକୁ ବଦଳି କରାଯାଇଛି ଏସ. ପି. ଅଫିସରେ ଥିବା କାର୍ଯ୍ୟରତ ସୁନୀଲଙ୍କ ସୋରଡ଼ା ଥାନାକୁ ବଦଳି କରାଯାଇଛି। ପ୍ରଧାନ ଏଥି ପୂର୍ବରୁ ବହୁ ଜିଲ୍ଲାମାନଙ୍କରେ ଏସ.ଆଇ. ଭାବେ କାମ କରୁଥିଲେ। ସାକ୍ଷାତକାରରେ ପ୍ରଧାନ କହିଛନ୍ତି ସେ ଆଇନ ଶୃଙ୍ଖଳା, ଚୋରାମଦ, ସଡକ ସୁରକ୍ଷା, ନିରାପଦା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି। ତାଙ୍କୁ ସ୍ଥାନୀୟ ଜନ ସାଧାରଣ ମା କାଳୁଣି ଦେବି, ଘରୋଇ ବସ ମିଳିତ ସଂଘ, ବ୍ୟବସାୟିକ ସଂଘ, ପ୍ରେସ କ୍ଲବ, ଦେବୀ ଅନୁଷ୍ଠାନ, ଏନ.ଜି.ଓ. ଶଶୀଭୁଷଣ ଯୁବକ ସଂଘ ତରଫରୁ ସ୍ୱାଗତ କରାଯାଉଛି। ସରକାରି ବିଦେଶି ମଦ ଦୋକାନ ଅବସ୍ଥିତ ଥିଲେ ମଧ୍ୟ ଅଞ୍ଚଳରେ ଏବଂ ସହରର ପ୍ରାୟ ହୋଟେଲ, ଜନ ଗହଳି ସ୍ଥାନରେ ନକଲି ମଦର ବନ୍ୟା ଅବାଧରେ ଚାଲିଥିବାରୁ ତା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୋରଡ଼ା ପ୍ରେସ କ୍ଲବର ଆଡଭାଇଜର ଆରାପଲି ସାରଥୀ ଦାବି କରିଛନ୍ତି।

## ମନରେଗାରେ ଆଉ ଏକ ଅନିୟମିତତା ଅଭିଯୋଗ

କେନ୍ଦୁଝର, (ଭାସ୍କର ନ୍ୟୁଜ): ସାହାରପଡା ବ୍ଲକ ଅନ୍ତର୍ଗତ ଖଜିରାପାଟ ପଞ୍ଚାୟତର ପଡିଆପସି ଗ୍ରାମରେ ଗତ ୨୦୨୨/ ୨୩ ଆର୍ଥିକ ବର୍ଷରେ କାଜୁ ଜଙ୍ଗଲଠାରୁ ଡଙ୍ଗାଘାଟ ପର୍ଯ୍ୟନ୍ତ ଏକ ରାସ୍ତା କାମ



ହେବାକୁ ୮ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର ହୋଇ ମନରେଗା ଯୋଜନାରେ ଏହି ଉନ୍ନୟନ କାମ କରାଯିବାର ଯୋଜନା ଥିଲା। ଗ୍ରାମବାସୀଙ୍କ କହିବା କଥା ଗତ ବର୍ଷ କାଜୁ ଜଙ୍ଗଲଠାରୁ ମାତ୍ର ୧ଶହ ମିଟର ପାଖାପାଖି ରାସ୍ତାରେ ମାଟି ପଡିଥିଲା, ଏବେ ଆଉ କାମ ହୋଇନାହିଁ। କିନ୍ତୁ ୮ଦିନ ତଳେ ଏକ ସୂଚନା ଫଳକ ତିଆରି ହୋଇଛି। ସେଥିରେ ୨୦୨୨/୨୩ ଆର୍ଥିକ ବର୍ଷ ମଧ୍ୟ ଲେଖା ହେବା ସହ ଆଠ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ମଧ୍ୟ ଲେଖାଯାଇଛି। କେବେ ଆରମ୍ଭ କେବେ ଶେଷ ତାହା କିଛି ଲେଖା ହୋଇନାହିଁ। ସେଠାରେ ଏତେ ପରିମାଣରେ ଲଟା ବୁଦା ହୋଇଛି ଯେ ରାସ୍ତା ଥିବା ଭଳି ମଧ୍ୟ ଜଣା ପଡୁନାହିଁ। ଲୋକଙ୍କ କହିବା ଅନୁଯାୟୀ ଗତବର୍ଷ ଯେତିକି ମାଟି ପଡିଥିଲା ତାହା ଆଠ ଲକ୍ଷ ଟଙ୍କାର ଖର୍ଚ୍ଚ ହେବନାହିଁ। ଗତବର୍ଷର କାମ ଏବର୍ଷ କାହିଁକି ସୂଚନା ଫଳକ ଲେଖା ହେଲା ସାଧାରଣ ଜନତାଙ୍କୁ ସନ୍ଦେହ ହେଉଛି। ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଅନାସ୍ଥା ପ୍ରସ୍ତାବରେ ପଦବୀ ହରାଇଲେ ସଙ୍ଗୀତା

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ବୁଧବାର ବ୍ୟାସନଗର ପୌରପାଳିକାରେ ବିଜେଡ଼ି ପୌରଧକ୍ଷା ସଙ୍ଗୀତା ପିଙ୍ଗୁଆଙ୍କ ବିରୁଦ୍ଧରେ ଅନାସ୍ଥା ପାଇଁ ଆଜି ଭୋଟ ଗ୍ରହଣ କରାଯାଇଛି। ବିଜେଡ଼ି ପାରିଷଦ ମାନେ କିଛି ଦିନ ତଳେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ ଆଜି କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ ନନ୍ଦ ନିର୍ବାଚନ ଦାୟିତ୍ୱ ଥିବା ବେଳେ ଅନାସ୍ଥା ଭୋଟ୍‌ରେ ପାରିଷଦ ମାନେ ଭୋଟ ଦେଇଛନ୍ତି। ଏହି ଅନାସ୍ଥା ଭୋଟରେ ୨୦ ଜଣ ପାରିଷଦ ଭୋଟ ଦେଇଥିବା ବେଳେ ଅନାସ୍ଥା ସପକ୍ଷରେ ୨୦ ରୁ ୨୦ ପାରିଷଦ ଭୋଟ ଦେଇଛନ୍ତି। ପୌରାଧକ୍ଷା ବିଜେଡ଼ିର ହୋଇଥିବା ବେଳେ ବିଜେଡ଼ି ୧୮ ପାରିଷଦ ଅନାସ୍ଥା ସପକ୍ଷରେ ଭୋଟ ଦେଇଥିବା ବେଳେ ୩ କଂଗ୍ରେସ ପାରିଷଦ ମଧ୍ୟ ଭୋଟ ଦେଇଛନ୍ତି। ଏହି ଅନାସ୍ଥାରେ ବିଜେଡ଼ି ନିଜର ପୌରାଧକ୍ଷାଙ୍କୁ ହରାଇଛି ଏଥିରୁ ସ୍ପଷ୍ଟ ଜଣାପଡୁଛି କୋରେଇରେ ବିଜେଡି ରେ ବିରାଟ ଫାଟ ଦେଖା ଦେଇଛି। ବିଜେଡ଼ି ଅଧକ୍ଷାଙ୍କୁ ହରାଇ ବିଜେଡ଼ି ଖୁସୀ ହେଉଛି।

## ବଜ୍ରାଘାତରେ ଜଣେ ମୃତ

ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକରେ ବିଭିନ୍ନ ସ୍ଥାନରେ ଘଡ ଘଡି ସହ କାଳ ବୈଶାଖୀ ବର୍ଷା ହୋଇଥିଲା। ଏହି ସମୟରେ ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଚାଗାଁ ଗ୍ରାମର ହରିଚନ୍ଦ୍ର ଖୁରାଙ୍କ ବଜ୍ରାଘାତ ରେ ମୃତ୍ୟୁ ହୋଇଛି। ସେ ପ୍ରତିଦିନ ଭଳି ନିକଟସ୍ଥ ପଡିଆକୁ ଗାଈ ଚରାଇବାକୁ ଯାଇ ଥିଲେ। ତେବେ ଗାଈ ଚରେଇବା ବେଳେ ଏହି ଅଘଟଣ ଘଟି ଥିବା ଜଣା ପଡିଛି। ବଜ୍ରାଘାତ ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ତେନ୍ତୁଳିଖୁଣ୍ଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ନିଆ ଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ପଠାଯାଇଥିଲା। ହରିଚନ୍ଦ୍ର ଖୁରାଙ୍କ ବୟସ ପ୍ରାୟ ୫୨ ହୋଇଥିବା ବେଳେ ତାଙ୍କ ଗୋଟିଏ ପୁଅ ଦୁଇ ଜଣ ଝିଅ ଅଛନ୍ତି।

## ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ସହ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ

ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍): ଓଡ଼ିଶାରେ ବିଜେପି ସରକାର ଗଠନ ହେଲା ପରେ ଓଡିଆ ଅସ୍ମିତା କୁ ପ୍ରାଧାନ୍ୟ ଦେଇ ଆସିଥିବା ଦେଖାଦେଇଛି। ପ୍ରତ୍ୟେକ ଓଡ଼ିଆଙ୍କ ସ୍ୱାଭିମାନ, ସଂସ୍କୃତି ପରମ୍ପରା ଓ ଅସ୍ମିତାକୁ ନେଇ ପ୍ରେରଣାର ପକ୍ଷ ପାଳନ ପାଇଁ ୧ ଏପ୍ରିଲ୍ ଠାରୁ ୧୪ ଏପ୍ରିଲ୍ ପର୍ଯ୍ୟନ୍ତ ଓଡ଼ିଆ ପର୍ବ ହେଉ ଆମ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ, ନୃତ୍ୟ, ସଙ୍ଗୀତ ଓ ସଂସ୍କୃତିର ଉତ୍ସବକୁ ଓଡ଼ିଆ ପକ୍ଷ ପାଳନ କରିବା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏପ୍ରିଲ୍ ମାସର ପ୍ରଥମ ଦିନ ରେ ସମଗ୍ର ଓଡ଼ିଶାରେ ଓଡ଼ିଶା ଦିବସ ମହା ସମାରୋହରେ ପାଳନ ହୋଇଥିବା ବେଳେ ଆଜି ଏପ୍ରିଲ୍ ମାସର ଦ୍ୱିତୀୟ ଦୀନରେ ଶିଶୁ ବାଟିକାର ଶୁଭାରମ୍ଭ ସହ ସ୍କୁଲ ପିଲାଙ୍କ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ସମସ୍ତ ସ୍କୁଲ ସ୍ତରରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା






ପୁରୁଷୋତ୍ତମପୁର ଏନ୍‌ଏସି ରେ ଏହି କାର୍ଯ୍ୟକ୍ରମକୁ ପାଳନ କରାଯାଇଛି। କନକ ଓ ସିଆରସିସି ହେମନ୍ତ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ନଗର ପାଳ କୃଷ୍ଣ ଚନ୍ଦ୍ର ପଣ୍ଡା, ବିଡ଼ିଓ ଶରତ କୁମାର ପାତ୍ର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା କାର୍ଯ୍ୟକାରି ତହସିଲଦାର ଗୋବିନ୍ଦ ଦନସେନା, କିଶୋର ଚନ୍ଦ୍ର ବେହେରା,ବିଇଓ, ସୃଷ୍ଟୀ ପୂର୍ଣ୍ଣିମା ସର୍ଦ୍ଦାର, ନରସିଂହ ଦାସ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ଯୁଧିଷ୍ଠିର ସାହୁ, ଅଙ୍ଗନୱାଡ଼ି ସୁପର ଭଇଜର ମମତା ମହାନ୍ତି, ଏବିଇଓ ରଜ କିଶୋର ସାହୁ ଯୋଗ ଦେଇ ସଭିଏଁ ସ୍କୁଲ ଯିବା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସେପଟ୍ଟେମ୍ବର ଏକ ୨୦୨୫ ସୁଦ୍ଧା ପାଞ୍ଚ ବର୍ଷରୁ ଛବର୍ଷର ପିଲା ଶିଶୁ ବାଟିକା ଓ ଛ ବର୍ଷରୁ ଅଧିକ ବୟସର ପିଲା ପ୍ରଥମ ଶ୍ରେଣୀରେ ନାମ ଲେଖିବା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସରକାରଙ୍କ ତରଫରୁ ମାଗଣାରେ ଶିଶୁ ବାଟିକା କିଟ୍ ୭ ଜଣ ଶିଶୁ ବାଟିକା ପିଲାଙ୍କୁ ଅତିଥି ମାନେ ବଣ୍ଟନ କରିଥିଲେ। ସଭିଏଁ ସ୍କୁଲ ଯିବା ସଚେତନତା ରଥକୁ ଉଦଘାଟନ କରିଥିଲେ। ସଚେତନତା ରଥ ପୁରୁଷୋତ୍ତମପୁର ବ୍ଲକର ସମସ୍ତ ସ୍କୁଲ କୁ ଭ୍ରମଣ କରିବ। ଏଥିରେ ସମସ୍ତ ସିଆରସିସି, ସ୍କୁଲ ଅଭିଭାବକ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପାଳନ କରିଥିଲେ।

## ଜିଲ୍ଲାସ୍ତରୀୟ 'ପ୍ରବେଶ ଉତ୍ସବ ଓ ଖଡିଛୁଆଁ' କାର୍ଯ୍ୟକ୍ରମ

# ଛୋଟପିଲାଙ୍କୁ କିଟ୍ ବାଣ୍ଟିଲେ ଜିଲ୍ଲାପାଳ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ବିଦ୍ୟାଳୟକୁ ପ୍ରଥମ କରି ଆସୁଥିବା କୋମଳମତି ଶିଶୁମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନିମନ୍ତେ ରାଜ୍ୟ ଶିକ୍ଷାବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମକୁ କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ୍ ପ୍ରକାଶ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ତା'ସହିତ ଛୋଟ ଛୋଟ ପିଲାମାନଙ୍କୁ ଖଡିଛୁଆଁ କିଟ୍ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏପ୍ରିଲ ଦୁଇ ତାରିଖ ଦିନ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଭବାନୀପାଟଣା ସହରର ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଏକ ଚିତ୍ତାକର୍ଷକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ତଥା, ସମଗ୍ର ଶିକ୍ଷା କଳାହାଣ୍ଡି ଜିଲ୍ଲା ପ୍ରକଳ୍ପ ସଂଯୋଜକ ରାଧାକାନ୍ତ ଛତ୍ରିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ପାଓ୍ୱାର ସଚିନ୍ ପ୍ରକାଶ ଉପସ୍ଥିତ ଥିଲାବେଳେ ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ୍, ଜିଲ୍ଲାସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଭବାନୀପାଟଣା ବ୍ଲକ ଶିକ୍ଷା ଅଧିକାରୀ ଆଚାରୀ ଶବର ସ୍ୱାଗତ ଭାଷଣ ଦେବା ସହ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏଭଳି ଏକ ସୁନ୍ଦର ପରିବେଶ ମଧ୍ୟରେ କୁନିକୁନି ପିଲାମାନଙ୍କୁ ପାଠ ପଢିବା ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି କରିଥିବାରୁ ଜିଲ୍ଲାପାଳ ସନ୍ତୋଷ ପ୍ରକାଶ କରି ଆୟୋଜକ ଜିଲ୍ଲା ସମଗ୍ର ଶିକ୍ଷା, କଳାହାଣ୍ଡିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ସଚିନ୍ ପ୍ରକାଶ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଛତ୍ରି ମିଳିତ ଭାବେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ଖଡିଛୁଆଁ କିଟ୍ ପ୍ରଦାନ କରିଥିଲେ। ଶେଷରେ ସମଗ୍ର ଶିକ୍ଷା କଳାହାଣ୍ଡିର ଶୈକ୍ଷିକ ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଛୋଟଛୋଟ ପିଲାମାନଙ୍କୁ ଅଧିକ ଆକର୍ଷିତ କରିବା ପାଇଁ ବିଦ୍ୟାଳୟ ପରିସରରେ ସାକ୍ଷରତା ଷ୍ଟେସନ ଓ ସଂଖ୍ୟାଜ୍ଞାନ ଷ୍ଟେସନ ଖୋଲାଯାଇଥିଲା। ଏହି ଅବସରରେ ଅଧିକ ସଚେତନତା ସୃଷ୍ଟି ନିମନ୍ତେ ଜିଲ୍ଲାପାଳ ସବୁଜ ପତାକା ଦେଖାଇ ଏକ ଖଡିଛୁଆଁ ରଥର ଶୁଭ ଉଦ୍‌ଘାଟନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବାପାଇଁ ଏବିଇଓ, ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ଉତ୍କଳ ଦିବସ ପାଳିତ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ୯୦ ବର୍ଷରେ ପାଦ ଥାପିଲା ଆମ ରାଜ୍ୟ ଓଡ଼ିଶା। ପ୍ରତି ଓଡ଼ିଆଙ୍କ ପାଇଁ ଏହା ଏକ ଗୌରବର ଦିନ। ୧୯୩୬ ମସିହା ଏପ୍ରିଲ ମାସ ୧ ତାରିଖ ଓଡ଼ିଆ ଜାତିର ଗର୍ବ ଓ ଗୌରବ ବହନ କରୁଥିବା ଏହି ତାରିଖଟିକୁ ଉତ୍କଳ ଦିବସ ଭାବେ ପାଳନ କରିଆସୁଛି ସମ୍ପୂର୍ଣ୍ଣ ରାଜ୍ୟ। ଏହି ପରିପ୍ରେକ୍ଷୀରେ ଧର୍ମଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ମଙ୍ଗଳବାର ୯୦ ତମ ଓଡିଶା ଦିବସ ବା ଉତ୍କଳ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଧର୍ମଗଡ ଧ୍ୱମାନ ଚକମା ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ ପ୍ରତାପ କିଶୋର ମୁଣ୍ଡ, ସମ୍ମାନୀତ ଅତିଥି ଭାବେ ଧର୍ମଗଡ ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କି, ଡେପୁଟି କଲେକ୍ଟର ଚୋଡ଼ଗଙ୍ଗ ପ୍ରଧାନ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୁଞ୍ଜବିହାରୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ଓଡିଶାର ମହାପୁରୁଷ ମାନଙ୍କର ଫଟୋ ଚିତ୍ରରେ ଅତିଥି ମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଜାତୀୟ ସଂଗୀତ ଗାନ କରାଯାଇଥିଲା । ଅତିଥି ମାନେ ଓଡିଶା ଦିବସ ବିଷୟରେ ଓ ଓଡିଶା ବରପୁତ୍ର ମାନଙ୍କ ତ୍ୟାଗ ଓ ବଳିଦାନ ବିଷୟରେ ନିଜ ନିଜ ଅଭିଭାଷଣ ପ୍ରଦାନ କରିଥିଲେ। ପଞ୍ଚାୟତ ମହାବିଦ୍ୟାଳୟ ପ୍ରଧ୍ୟାପକ ମାଧବ ଲହକଲ ମଞ୍ଚ ପରିଚାଳନା କରିଥିବା ବେଳେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଲିସ ପ୍ରତିଷ୍ଠା ଦିବସ ପାଳିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଭବାନୀପାଟଣା ରିଜର୍ଭ ପୋଲିସ ପଡ଼ିଆ ଠାରେ କଳାହାଣ୍ଡି ଏସ ପି ନାଗରାଜ ଦେବର କେଣ୍ଡାଙ୍କ ଅଧ୍ୟକ୍ଷତାରେ ୯୦ ତମ ପୋଲିସ ପ୍ରତିଷ୍ଠା ଦିବସ ଏକ ଚିତ୍ତାକର୍ଷକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଅଛି। ଏହି ଦିନରେ ରାଜ୍ୟରେ ପ୍ରତିଷ୍ଠା ହୋଇଥିଲା ରାଜ୍ୟର ସୁରକ୍ଷା ବାହିନୀ ଓଡ଼ିଶା ପୋଲିସ ବିଭାଗ। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ପୋଲିସ ପକ୍ଷରୁ ୯୦ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ସ୍ଥାନୀୟ ରିଜର୍ଭ ପଡ଼ିଆ ଠାରେ ପାଳିତ ହୋଇଥିବା ବେଳେ, ଏଥିରେ ସୁରକ୍ଷା ବାହିନୀର ପୋଲିସ, ଟ୍ରାଫିକ ନିୟନ୍ତ୍ରଣ ପୋଲିସ,ରିଜର୍ଭ ବାଟାଲିୟନ ପୋଲିସ ଆଦି ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ନାଗରାଜ ଦେବର କେଣ୍ଡା ଉପସ୍ଥିତ ରହି ଆୟୋଜିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିବାବେଳେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ପାଓ୍ୱାର ସଚିନ୍ ପ୍ରକାଶ ଯୋଗଦେଇ ନିଜ ମାଟି ପାଇଁ ସଭିଏଁ ଏକାଠି ହୋଇ କାମ କରିବା ସହିତ ଜିଲ୍ଲାର ବିକାଶ ପାଇଁ ସମସ୍ତଙ୍କ ଇଚ୍ଛା ଶକ୍ତି ବୃଦ୍ଧି କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପୋଲିସ କର୍ମଚାରୀମାନଙ୍କୁ ଏସ୍ ପି ସମ୍ବର୍ଦ୍ଧିତ କରିଥିଲେ ।

# ଭଗବାନ ଝୁଲେଲାଲଙ୍କ ପବିତ୍ର ଜୟନ୍ତୀ ପାଳିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ପୂଜ୍ୟ ସିନ୍ଧି ପଞ୍ଚାୟତ ପକ୍ଷରୁ ଆନନ୍ଦ ଉଲ୍ଲାସ ମଧ୍ୟରେ ଭଗବାନ ଝୁଲେଲାଲଙ୍କ ଜୟନ୍ତୀ ୩୦ତାରିଖ ରବିବାର ଦିନ ହିନ୍ଦୁ ନବବର୍ଷ ଉପଲକ୍ଷେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ସହରର ଷ୍ଟେଚ୍ୟୁ ଛକ ଠାରେ ସମାଜ ପକ୍ଷରୁ ପଥଚାରୀ ମାନଙ୍କୁ ଥଣ୍ଡା ସରବତ୍ ବିତରଣ କରାଯାଇଥିଲା। ସ୍ଥାନୀୟ ମନ୍ଦାର ବଗିଚାପଡା ଠାରେ ଥିବା ସିନ୍ଧି ପଞ୍ଚାୟତ ଭବନଠାରେ ଭଗବାନ ଝୁଲେଲାଲଙ୍କ ପୂଜାର୍ଚ୍ଚନା ନୀତିକାନ୍ତିର ସହ ଶେଷ ହେବା ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସେଦିନ ସଂଧ୍ୟା ସମୟରେ ସମାଜର ସମସ୍ତ ପରିବାରର ପୁରୁଷ ମହିଳା ଶ୍ରଦ୍ଧାଳୁ ଭକ୍ତମାନଙ୍କର ଏକ ବିଶାଳ ଶୋଭାଯାତ୍ରା ଦାଣ୍ଡିଆ ନୃତ୍ୟର ତାଳେ ତାଳେ ସହର ପରିକ୍ରମା କରିଥିଲା। ସମାଜ ପକ୍ଷରୁ ଶୋଭାଯାତ୍ରା ସମୟରେ ସର୍ବସାଧାରଣଙ୍କୁ ପ୍ରସାଦ ବିତରଣ କରାଯାଉଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ ସିନ୍ଧି ସମାଜର କର୍ମକର୍ତ୍ତା, ସଦସ୍ୟ ତଥା ଯୁବଗୋଷ୍ଠୀ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଦୁଇ ବାଇକ ଆରୋହୀ ଗୁରୁତର

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ଡୁମେରଗୁଡା ପଞ୍ଚାୟତ ମୂଖିଗୁଡା ନିକଟରେ ଭାରସାମ୍ୟ ହରାଇ ଦୁଇ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ଦୁଇ ବାଇକ ଆରୋହୀ ହେଉଛନ୍ତି କେରମୁଣ୍ଡା ଗ୍ରାମର ବିଦ୍ୟା ଗହୀର (୨୭) ଏବଂ ଗୋବିନ୍ଦ ବାଗ। ବାଇକ ଯୋଗେ ନିଜ ଗାଁକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାରେ ବିଦ୍ୟା ଗହୀରଙ୍କ ନାକ ଛିଣ୍ଡି ଯାଇ ଅଧିକ ଗୁରୁତର ଥିବାରୁ ଧର୍ମଗଡରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।



## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ କେଗାଁ ସହକାରୀ ଶିକ୍ଷକ ସୁଧୀର ନାୟକ ଓ କିରାଣୀ ବେଣୁଧର ପୁଟେଲଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ପାଳିତ ହୋଇଯାଇଛି। ଉକ୍ତ ସମ୍ବର୍ଦ୍ଧନା ସଭାରେ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସୁଧୀର ନାୟକ ଓ ବେଣୁଧର ପୁଟେଲଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ଏଥିରେ ବିଦ୍ୟାଳୟର ସହ ଶିକ୍ଷକ ଶରତ ସାହୁ, ସୁରଥ ତାଣ୍ଡି, ଅର୍ଜୁନ ରଣା, ଦୁର୍ବାଦଳ ଭୋଇ, ଲୋପାମୁଦ୍ରା ସାହୁ, ଖେଳ ଶିକ୍ଷକ କ୍ଷୀରୋଦ କୁମାର ସାହୁ, ପିଅନ କୃତିବାସ ମାଝୀ, ଦେବର୍ଷି ଚଳାନ, ହଳଧର ସାହୁ, ସ୍କୁଲ ପରିଚାଳନା କମିଟି ସମସ୍ତ ସଭ୍ୟ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ଦୁଇ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଉକ୍ତ ସମୟ ମଧ୍ୟରେ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ମଧ୍ୟରେ ଦୀର୍ଘଦିନ ଧରି ଯେଉଁ ସମ୍ପର୍କ ଗଢି ଉଠିଥିଲା ସେ ବିଷୟରେ ଆଳାପ ଆଲୋଚନା କରି ସ୍ମୃତି ତାଜା କରିଥିଲେ। ସେତେବେଳେ ସ୍କୁଲରେ ଭାବ ବିହ୍ୱଳ ପରିବେଶ ଦେଖା ଦେଇଥିଲା।

# ଜିଲ୍ଲାସ୍ତରୀୟ ୯୦ତମ ଓଡିଶା ଦିବସ ପାଳିତ






ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲାସ୍ତରୀୟ ୯୦ତମ ଓଡିଶା ଦିବସ-୨୦୨୫ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରେ ପ୍ରଭାତ ଫେରି ଅନୁଷ୍ଠିତ ହୋଇଥିଲା। ସକାଳ ଘ.୭.୩୦ ମି. ସମୟରେ ସ୍ଥାନୀୟ ପୌରପାଳିକା କାର୍ଯ୍ୟାଳୟ ନିକଟରେ ଅବସ୍ଥାପିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ପୌରପାଳିକା ଅଧ୍ୟକ୍ଷ ବିଷ୍ଣୁଚନ୍ଦ୍ର ପ୍ରଧାନ, ନିର୍ବାହୀ ଅଧିକାରୀ ପୌରପାଳିକା ଚିନ୍ମୟ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ରହି ସାମୂହିକ ଭାବେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ହଲ ଠାରେ ସାଧାରଣ ସଭା, ପୁରସ୍କାର ବିତରଣ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ଦୟାମୟ ପାଢୀ, ଭାରପ୍ରାପ୍ତ କୁଳପତି ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭବାନୀପାଟଣା, କଳାହାଣ୍ଡି, ଡଃ ନିବେଦିତା ନାଥ, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଡକ୍ଟର ଉମେଶଚନ୍ଦ୍ର ଶତପଥି ଯୋଗଦେଇ ଓଡିଶା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ବିଶେଷକରି ଛାତ୍ରଛାତ୍ରୀମାନେ, ଯୁବପିଢ଼ି, ଓଡ଼ିଆ ବହି ପଢିବା, ଲେଖିବା ପ୍ରତି ଆଗ୍ରହ ସୃଷ୍ଟି କରିବା, ଓଡ଼ିଆ ବହି ସଂଗ୍ରହ କରି ନିଜଘରେ ରଖିବା ଓଡ଼ିଆ ଭାଷା ସାହିତ୍ୟର ପ୍ରସାର ପ୍ରଚାର ଓ ବିକାଶ ପାଇଁ ଯତ୍ନବାନ୍ ହେବା ପାଇଁ ଅତିଥି ମାନେ ଆହ୍ୱାନ ଦେଇଥିଲେ। ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନ ଅବସରରେ ଉଚ୍ଚବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାର ଟ୍ରଫି ସହ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡି ଡି ପ୍ଲାନିଂ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ନୃସିଂହ ଚରଣ ପଟନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ, ରୂପସିଂ ରାଉତ, ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ। ସରସ୍ୱତୀ ଶିଶୁମନ୍ଦିର ବ୍ରଜବିହାରର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତରେ ବନ୍ଦେ ଉତ୍କଳ ଜନନୀ ବନ୍ଦନା ପରିବେଷଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ନିଆଲ ପରିଚାଳନା କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ ବିଭାଗରେ ଦୁର୍ନୀତିର ଗନ୍ଧ, ଜଙ୍ଗଲ ନିର୍ମାଣ ନାରେ ହରିଲୁଟ୍

- ସରକାରୀ ଅନୁଦାନ ଲୁଟ ପାଇଁ ଅଜବ କାରସାଦି
- ମଲା ଗଛରେ ପାଣି ଦେଉଛି ବନବିଭାଗ
- କାମ ବନ୍ଦ କଲେ ବନ ସୁରକ୍ଷା ସମିତିର କର୍ମକର୍ତ୍ତା
- ଅଭିଯୋଗ କଲେ ଧମକ ଦେଉଛନ୍ତି ବନାଞ୍ଚଳ ଅଧିକାରୀ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : ସାଇନବୋର୍ଡରେ ଲେଖାଯାଇଛି ୨୫ ହେକ୍ଟର ଜଙ୍ଗଲରେ କାମ୍ପା ଯୋଜନାରେ ହୋଇଛି ବୃକ୍ଷରୋପଣ। ଲଗାଯାଇଛି ୧୨ ହଜାର ୫୦୦ ଚାରାଗଛ। ଆଉ ଗଛଗୁଡିକୁ ବଞ୍ଚାଇବାକୁ ଟ୍ୟାଙ୍କର ଲଗାଇ ଦିଆଯାଉଛି ପାଣି। ଏପରି କହୁଛି ବନବିଭାଗ। କିନ୍ତୁ ପାଖରୁ ଦେଖିଲେ ସବୁ ଓଲଟା। କାରଣ ବୋର୍ଡରେ ଯାହା ଲେଖାଯାଇଛି ତାହା ସତ ନୁହେଁ। ୧୨ ହଜାର ୫୦୦ ଗଛ ଲାଗିଥିବା ଜାଗାରେ ଦଶଟି ଗଛ ବି ଦେଖିବା ମୁସ୍କିଲ। ଯେଉଁ ଜଙ୍ଗଲରେ ଦଶଟି ଗଛ ବି ଦେଖିବାକୁ ମିଳୁନି, ସେଇଠି ବୋର୍ଡ କହୁଛି ୨୫ ହେକ୍ଟର ଜଙ୍ଗଲରେ ଗଛ ଲଗାଯାଇଛି ବୋଲି। କେବଳ ସେତିକି ନୁହେଁ, ମଲା ଗଛ ଗୁଡ଼ିକରେ ଟ୍ୟାଙ୍କର ଲଗାଇ ଦିଆଯାଉଛି ପାଣି। ଦୁଇଦିନ ହେଲା ମଲା ଗଛରେ ଟ୍ୟାଙ୍କର ଲଗାଇ ପାଣି ଦିଆଯାଉଥିବାବେଳେ ଆଜି ଏହାକୁ ବିରୋଧ କରିଛନ୍ତି ବନ ସୁରକ୍ଷା ସମିତିର କର୍ମକର୍ତ୍ତା। ଏଭଳି ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ବନାଞ୍ଚଳ ତଥା ସିକେରକୁପା ସେକ୍ସନ, ପାଣିମୁଣ୍ଡା ବିଟ ରାମଚନ୍ଦ୍ରପୁର ଗ୍ରାମ୍ୟ ଜଙ୍ଗଲରେ। ରାମଚନ୍ଦ୍ରପୁର ଗ୍ରାମ୍ୟ ଜଙ୍ଗଲରେ କାମ୍ପା ଯୋଜନାରେ ଗଛ ଲାଗିଛି ବୋଲି ବନବିଭାଗ କହୁଥିବାବେଳେ ସେଇ ୨୫ ହେକ୍ଟର ଅଞ୍ଚଳରେ ପଚିଶଟି ବି ଗଛ ନାହିଁ। ସେହିପରି ସପ୍ତାହେ ପୂର୍ବରୁ ବନବିଭାଗର ଅବହେଳା ଯୋଗୁଁ ଜଙ୍ଗଲରେ ନିଆଁ ଲାଗିଥିବାବେଳେ ଏବେ ସେଇ ନିଆଁକୁ ବାହାନା କରୁଛି ବନବିଭାଗ। ସରକାରୀ ଅନୁଦାନକୁ ଲୁଟ କରିବାକୁ ଏଇ ବାହାନାରେ ମଲାଗଛରେ ପାଣି ଦିଆଯାଉଥିବା ଦେଖି ବିରୋଧ କରିଛନ୍ତି ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ଗ୍ରାମବାସୀ। ତେବେ ଲୋକଙ୍କ ବିରୋଧ ପରେ ନିଜ କାରସାଦି ଧରା ପଡିଯିବା ଭୟରେ ଅଭିଯୋଗକାରୀଙ୍କୁ ଧମକ ଦେଇଛନ୍ତି ବନାଞ୍ଚଳ ଅଧିକାରୀ। ଏପରିକି ସାଧାରଣ ଲୋକଙ୍କୁ ପୋଲିସ କେସର ଭୟ ଦେଖାଇଛନ୍ତି ଫରେଷ୍ଟର ଓ ଫରେଷ୍ଟ ଗାର୍ଡ। ସୂଚନାନୁଯାୟୀ, ଯେଉଁ ଜଙ୍ଗଲକୁ ନେଇ ଲୋକେ ବନବିଭାଗ ନାଁରେ ଅଭିଯୋଗ କରୁଛନ୍ତି ସେଇ ଜଙ୍ଗଲରେ କେବଳ କାମ୍ପା ଯୋଜନାର ବୋର୍ଡ ଲାଗିଛି ସତ କିନ୍ତୁ ମନରେଗା ସମେତ ଅନ୍ୟ ଯୋଜନାରେ ମଧ ବୃକ୍ଷରୋପଣ, ପରିଚାଳନା କରାଯାଇଥିବା ଦର୍ଶାଇ ଲକ୍ଷଲକ୍ଷ ଟଙ୍କା ହରିଲୁଟ ହୋଇଥିବା ଅଭିଯୋଗ ହେଉଛି। ସେହିପରି ଜଙ୍ଗଲ ନିଆଁ ରୋକିବାକୁ ଆଉ ସଚେତନ କରିବାକୁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଆସୁଥିବାବେଳେ ସେସବୁକୁ ଚଳୁ କରିଦେଇଛନ୍ତି ବନବିଭାଗର ଅଧିକାରୀ ଓ କର୍ମଚାରୀମାନେ। ଏବେ ଲୋକଙ୍କ ଆଗରେ ଚୋରି ଧରା ପଡିଯିବା ପରେ ସେମାନେ ଧମକ ଚମକ ଦେବା ଆରମ୍ଭ କରିଛନ୍ତି। ଏହାକୁ ନେଇ ଜନ ଅସନ୍ତୋଷ ବଢୁଥିବାବେଳେ ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ସ୍ଥାନିୟ ଲୋକେ ଏହି ମହାଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ଫରେଷ୍ଟ ଗାର୍ଡ ଲକ୍ଷ୍ମୀ ପାଢୀଙ୍କୁ ପଚାରିବାରୁ ମୁଁ କିଛି ଜାଣିନି, ଉପରିସ୍ଥ ଅଧିକାରୀଙ୍କୁ ପଚାରନ୍ତୁ ବୋଲି କହିଥିବାବେଳେ ଫରେଷ୍ଟର ଭାଗିରଥୀ ନାଏକଙ୍କୁ ପଚାରିବାରୁ, ଲୋକେ ଯାହା କରୁଛନ୍ତି କରନ୍ତୁ, ଆମକୁ ଫରକ ପଡ଼ିବନି ବୋଲି ରୋକଠୋକ ଶୁଣାଇଦେଇଛନ୍ତି।

## ରାଶିଫଳ

ଗୁରୁବାର, ୦୩ ଏପ୍ରିଲ ୨୦୨୫



**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ଆପଣ ସାମାଜିକ ସ୍ତରରେ ସମ୍ମାନ ପାଇବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବ। ନୂତନ କାମ ପାଇବେ।



**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆଇନଗତ ପ୍ରତିବନ୍ଧକ ସାମ୍ନା କରି ପାରନ୍ତି, ବ୍ୟସ୍ତ ହୁଅନାହିଁ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ଚିନ୍ତା ରହିବ। ବ୍ୟବସାୟ ଭଲ କରିବ।



**ମିଥୁନ:** ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଅଧସ୍ତନମାନଙ୍କ ସହାୟତା ପାଇବେ। ଟଙ୍କା ପାଇବା ସହଜ ହେବ। ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ।



**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ। ପତି-ପତ୍ନୀଙ୍କଠାରୁ ସମର୍ଥନ ପାଇବେ। ଯାତ୍ରା ଚିତ୍ତାକର୍ଷକ ହେବ। ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି। ରୋଜଗାର ବୃଦ୍ଧି ପାଇବ। ଚାକିରିର ପଦୋନ୍ନତି ସମ୍ଭବ। ଟଙ୍କା ପାଇବା ସହଜ ହେବ। ଉତ୍ସାହର ସହିତ କାମ କରିବାକୁ ସମର୍ଥ ହେବେ। ଭଲ ଖବର ଗ୍ରହଣ କରାଯିବ।



**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ। ଆପଣ ଉତ୍ସାହଜନକ ସୂଚନା ପାଇବେ। ଆତ୍ମ ସମ୍ମାନ ରହିବ । ରିସ୍କ ନେବାକୁ ସାହସ କରିବେ। ଅନାବଶ୍ୟକ ଖର୍ଚ୍ଚ ହେବ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଶାନ୍ତି ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ବିପଦ ଆସିପାରେ।



**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା। ଅଂଶୀଦାରମାନଙ୍କ ସହଯୋଗ ମିଳିବ। ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ। ପ୍ରଗତିର ରାସ୍ତା ପକ୍କା ହେବ। ରୋଜଗାର ବୃଦ୍ଧି ପାଇବ।



**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ, ଯନ୍ତ୍ରଣା ଦେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ବିବାଦକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ, ଦୁଃଖ ଆସିପାରେ। ଅଂଶୀଦାରମାନଙ୍କ ସହିତ ମତ ପାର୍ଥକ୍ୟ ହୋଇପାରେ। ଶାରୀରିକ ଆରାମ ମିଳିବ।



**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ। ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇ ପାରିବ। ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ। ଜୀବନ ଖୁସି ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ। ମନଧ୍ୟାନ ଦେଇ କାର୍ଯ୍ୟ କରନ୍ତୁ। ଚାକିରିରେ କୈଣସି ନୂତନ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଲଜ୍ଜିତ ହୁଅନ୍ତୁ ନାହିଁ। ଶତ୍ରୁମାନେ ପରାସ୍ତ ହେବେ।



**ଧନୁ:** ଖରାପ ଖବର ଗ୍ରହଣ କରାଯାଇପାରେ। ଉତ୍ସାହର ଅଭାବ ରହିବ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ଦୌଡ଼ ଅଧିକ ହେବ। ଘର-ପାରିବାରିକ ଚିନ୍ତାଧାରା ରହିବ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ।



**ମକର:** ଲାଭ ସୁଯୋଗ ଆସିବ। ଅଫିସରେ ଚାକିରିର ସୁଖ ଦେଖାଇବ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ । ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ। ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ। ଆଇନଗତ ପ୍ରତିବନ୍ଧକ ହଟାଯିବ।



**କୁମ୍ଭ:** ବାଣିଜ୍ୟର ଲାଭ ଅଛି । ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ । ଆପଣ କଠିନ ପରିଶ୍ରମର ଫଳ ପାଇବେ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ଉଚ୍ଚ ପଦାଧିକାରୀମାନେ ଖୁସି ହେବେ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଉତ୍ସାହ ବୃଦ୍ଧି ପାଇବ। ଆୟର ନୂତନ ମାଧ୍ୟମ ମିଳିବ। ରୋଜଗାର ସହଜ ହେବ। ଘର ବାହାରେ ସୁଖ ମିଳିବ।



**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। ସତସଙ୍ଗର ଲାଭ ହେବ। ତୀର୍ଥଯାତ୍ରା ଯୋଜନା କରାଯିବ। ଅନାବଶ୍ୟକ ଖର୍ଚ୍ଚ ହେବ। ସରକାରୀ ସହାୟତା ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ବିରୋଧୀମାନେ ସକ୍ରିୟ ରହିବେ। ପୁଂଜି ବିନିଯୋଗ ଶୁଭ ହେବ। ଆପଣଙ୍କର ନିଜସ୍ୱ ବୁଦ୍ଧି ବ୍ୟବହାର କରନ୍ତୁ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯